R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୨୦
ତିଥି : ପଞ୍ଚମୀ
୧୮ ମେ' ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

# ସମୟ

समय SAMAYA


ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 220
18 May 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ

## କୋଭିଡ୍ କମାଇଛି ଆୟୁଷ



ନୂଆଦିଲ୍ଲୀ, ୧୭।୫ : କୋଭିଡ୍ ପରେ ସମଗ୍ର ବିଶ୍ୱରେ ମାନବ ସମାଜର ଆୟୁଷ ସୀମା ୧.୮ ବର୍ଷ ହ୍ରାସ ହୋଇଛି । ୨୦୧୯ରୁ ୨୦୨୧ ମଧ୍ୟରେ ଯେଉଁ କୋଭିଡ୍ ଲହର ଆସିଥିଲା, ତାହାର ପ୍ରଭାବ ପଡ଼ିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହ୍ୟୁ)ର ସ୍ୱାସ୍ଥ୍ୟ ପରିସଂଖ୍ୟାନ ୨୦୨୫ ରିପୋର୍ଟରେ ପ୍ରକାଶ ପାଇଛି ।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଅବସାଦ ଓ ଉତ୍କଣ୍ଠା ଲୋକଙ୍କ ମଧ୍ୟରେ ବୃଦ୍ଧି ପାଉଥିବାରୁ ଲୋକଙ୍କ ଆୟୁ ସୀମା ବିଶ୍ୱସ୍ତରରେ ପ୍ରାୟ ୬ ସପ୍ତାହ କମ ହୋଇଛି । ବିଶେଷକରି ଏହି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଏଭଳି ଘଟିଛି । ତେବେ ଏଥିନେଇ ମଧୁମେହ, କ୍ୟାନ୍‌ସର ଓ ହୃଦ୍‌ଘାତ ଭଳି ଅସୁସ୍ଥତା ବୃଦ୍ଧି ପାଇଛି । ଏହି ରିପୋର୍ଟରେ ସ୍ୱାସ୍ଥ୍ୟ ନେଇ ଏକ ଫେଣ୍ଟାଫେଣ୍ଟି ଚିତ୍ର ରହିଛି । ଯାହାହେଉଛି ୧.୪ ବିଲିଅନରୁ ଅଧିକ ଲୋକ ଟବାକୋ ବ୍ୟବହାର କମ୍ କରିବା, ଉନ୍ନତମାନର ବାୟୁ, ଭଲ ପାଣି ଓ ପରିମଳ ବ୍ୟବସ୍ଥା ଯୋଗୁ ସୁସ୍ଥ ଜୀବନ ଯାପନ କେତେକ ସ୍ଥାନରେ କରୁଛନ୍ତି । ତେବେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଦ୍ରୁତଗତିରେ ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ । ମାତ୍ର ୪୩୧ରୁ ଅଧିକ ନିୟୁତ ଲୋକ ଭଲ ସ୍ୱାସ୍ଥ୍ୟ ସେବା ପାଉଛନ୍ତି । ସେମାନଙ୍କ ପାଖରେ ଆର୍ଥିକ ପ୍ରତିବନ୍ଧକ ନାହିଁ । ମାତ୍ର ୬୩୭ ନିୟୁତ ଲୋକ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବାରେ ସୁରକ୍ଷା ପାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟସେବା ଲକ୍ଷ୍ୟ ହ୍ରାସ ହୋଇଥିଲେ ହେଁ ଏବେ ବି ସ୍ୱାସ୍ଥ୍ୟ ବ୍ୟବସ୍ଥା ଚିନ୍ତାଜନକ ବୋଲି ହ୍ୟୁ କହିଛି । ସେହିଭଳି ରିପୋର୍ଟରେ ଶିଶୁ ମୃତ୍ୟୁ ବେଶ୍ ଚିନ୍ତାଜନକ ଭାବେ ଉଲ୍ଲେଖ କରାଯାଇଛି । ୨୦୦୦ରୁ ୨୦୨୩ ମଧ୍ୟରେ ଶିଶୁ ମୃତ୍ୟୁ ୪୦% ହ୍ରାସ ପାଇଥିଲେ ମଧ୍ୟ ଏବେବି ଦୈନନ୍ଦିନ ୫ ମୃତ୍ୟୁ ଘଟୁଛି । ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ନଆସିବା, ପ୍ରଶିକ୍ଷଣ କର୍ମଚାରୀ ନଥିବା ଟିକାକରଣ ସଠିକ ଭାବେ ହୋଇ ନଥିବାରୁ ନିରାପଦ ଭାବେ ଶିଶୁ ଜନ୍ମ ହେଉନାହାନ୍ତି । ରିପୋର୍ଟରେ (୯ ପୃଷ୍ଠାରେ)

### ପୁଣି ପଲଟିଲେ ଟ୍ରମ୍ପ

## ଭାରତ-ପାକ୍ ମଧ୍ୟରେ ପରମାଣୁ ଯୁଦ୍ଧ ରୋକିଛି



ନୂଆଦିଲ୍ଲୀ, ୧୭।୫ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ୟୁଟର୍ଣ୍ଣ ମାରିଛନ୍ତି । ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି କରାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି ସେ ପୁଣି ଥରେ ଦାବି କରିଛନ୍ତି । ଏକ ୱେବ୍‌ସାଇଟ୍‌କୁ ସାକ୍ଷାତକାରରେ କହିଛନ୍ତି ଯେ ଭାରତ-ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ସ୍ଥିତିକୁ ରୋକିବାରେ ବଡ଼ ଭୂମିକା ଗ୍ରହଣ କରିଛି । ତେବେ ପରୋକ୍ଷ ଭାବେ ଭାରତ ସରକାରଙ୍କ ପକ୍ଷରୁ ଏକ ବିବୃତିରେ ଟ୍ରମ୍ପ ଓ ଆମେରିକାର ପ୍ରଶାସନର ଅସ୍ତ୍ର ବିରତିରେ କୌଣସି ଭୂମିକା ଥିବା ନେଇ ଅସ୍ୱୀକାର କରାଯାଇଥିଲା ।

ପୁଣି ଥରେ ଟ୍ରମ୍ପ ଏଭଳି ଦାବି କରି ଆଉ ଏକ ବିବାଦ ସୃଷ୍ଟି କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଏତେ ତୀବ୍ର ହୋଇଥିଲା ଯେ ପରବର୍ତ୍ତୀ ପଦକ୍ଷେପ 'ଏନ୍' ଶବ୍ଦ ଅର୍ଥାତ ପରମାଣୁ ଯୁଦ୍ଧ ହୋଇପାରିଥାନ୍ତା । ଦୁଇ ଦେଶ ମଧ୍ୟରେ ବିବାଦ ଅନେକ ତୀବ୍ର ଆଡ଼କୁ ଗତି କରୁଥିଲା । ପରମାଣୁ ଯୁଦ୍ଧ ଯଦି ହୋଇଥାନ୍ତା, ସମସ୍ତେ ଜାଣିଛନ୍ତି ଏହା କେତେ ଭୟଙ୍କର । ଯଦି ସେ ହସ୍ତକ୍ଷେପ କରି ନଥାନ୍ତେ, ତେବେ ପରିସ୍ଥିତି ଆହୁରି ଖରାପ ହୋଇପାରିଥାନ୍ତା । ତେବେ ଟ୍ରମ୍ପଙ୍କ ଏହି ବକ୍ତବ୍ୟକୁ ପୂର୍ବରୁ ବୈଦେଶିକ ମନ୍ତ୍ରଣାଳୟ ନିର୍ଦ୍ଦେଶ ରଣଧିର ଜୟସ୍ୱାଲ୍ ଖଣ୍ଡନ କରିଥିଲେ । ସେ କହିଥିଲେ, ଜାମ୍ମୁ-କାଶ୍ମୀର ସହ ଜଡ଼ିତ ସମସ୍ୟାଗୁଡ଼ିକର ସମାଧାନ କେବଳ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ହେବ । ଭାରତୀୟ ସେନା ସ୍ପଷ୍ଟ କରିଛି ଯେ ଦୁଇ ଦେଶର ଡିଜିଏମ୍‌ଓ ମଧ୍ୟରେ ଆଲୋଚନା ପରେ ସହମତି ପ୍ରକାଶ ପାଇଥିଲା । ଏଥିରେ କୌଣସି ଦ୍ୱିତୀୟ ପକ୍ଷରୁ ହସ୍ତକ୍ଷେପ ହୋଇ ନଥିଲା । ପହଲଗାମ୍‌ରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଆକ୍ରମଣ କରିଥିଲେ । ଏହାପରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଜୈସ-ଇ- ମହମ୍ମଦ, (୯ ପୃଷ୍ଠାରେ)

### ଓସିଏସସି ମୁଖ୍ୟ ପରୀକ୍ଷା ଚାଲିବ

## ବିନା ଅନୁମତିରେ ପ୍ରକାଶ ପାଇବନି ଚୂଡ଼ାନ୍ତ ତାଲିକା



କଟକ, ୧୭।୫ (ସବ୍ୟୁ) : ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷା-୨୦୨୩ ମୁଖ୍ୟ ପରୀକ୍ଷା ଚାଲିବା କୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ଏହି ପରୀକ୍ଷା ଚାଲିବାକୁ ଓପିଏସସିକୁ ଅନୁମତି ଦେଇଛନ୍ତି । ତେବେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ଚୟନ ତାଲିକା ପ୍ରକାଶ୍ ଉପରେ ରୋକ୍ ଲଗାଇଛନ୍ତି । ଯଦିଓ ଏହି ପରୀକ୍ଷା ଚାଲିବ କିନ୍ତୁ ଅଦାଲତଙ୍କ ବିନା ଅନୁମତିରେ ପ୍ରାର୍ଥୀଙ୍କ ଚୟନ ପ୍ରକ୍ରିୟାର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇ ପାରିବନି ବୋଲି ହାଇକୋର୍ଟ ଅନ୍ତରୀଣ ଆଦେଶରେ ସ୍ପଷ୍ଟ କରିଛନ୍ତି ।

ଅପରପକ୍ଷେ ଏହି ଆଦେଶ କପି ପାଇବାର ସପ୍ତାହକ ମଧ୍ୟରେ ଆବେଦନକାରୀ ଓପିଏସ୍‌ସିକୁ ସ୍ମାରକପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ମାରକପତ୍ର ପାଇବାର ଦୁଇ ସପ୍ତାହ ମଧ୍ୟରେ ଓପିଏସ୍‌ସି ଏହା ଉପରେ ଏକ ନିଷ୍ପତ୍ତି ନେବାସହ ଆବେଦନକାରୀଙ୍କୁ ଏହାର ଗୋଟେ ସପ୍ତାହ ମଧ୍ୟରେ ନିଷ୍ପତ୍ତି ସଂକ୍ରାନ୍ତରେ ଅବଗତ କରିବ । ଚନ୍ଦ୍ର ଶେଖର ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଓପିଏସ୍‌ସିକୁ ଏହା ଉପରେ ଜବାବ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । (୯ ପୃଷ୍ଠାରେ)

### ସର୍ବଦଳୀୟ ପ୍ରତିନିଧି ଦଳ ବିଶ୍ୱରେ ଖୋଲିବେ ପାକିସ୍ତାନ ମୁଖା

## ଶଶି ଥରୁରଙ୍କ ଲାଗି କଂଗ୍ରେସ-ବିଜେପି ବିବାଦ




ନୂଆଦିଲ୍ଲୀ,୧୭।୫ : ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରକୁ ପାକିସ୍ତାନର ଆତଙ୍କବାଦୀ ସଂଗଠନକୁ ପ୍ରୋତ୍ସାହନ ସମ୍ପର୍କରେ ଅବଗତ କରାଇବା ଲାଗି ଭାରତ ସରକାରଙ୍କର କୁଟନୈତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ବିଭିନ୍ନ ଦଳର ସାଂସଦମାନଙ୍କୁ ଚୟନ କରାଯାଇଛି । କଂଗ୍ରେସ ସାଂସଦ ଶଶି ଥରୁର୍‌ଙ୍କୁ ଅପରେସନ ସିନ୍ଦୂର କୁଟନୀତି ସମ୍ପର୍କରେ ବିଶ୍ୱକୁ ଅବଗତି କରାଇବା ପାଇଁ ସରକାର ବାଛିଛନ୍ତି । ମାତ୍ର ଏହାକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି ।

କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ଅନୁରୋଧ କ୍ରମେ ୪ ସାଂସଦଙ୍କ ନାମ ପ୍ରଦାନ କରାଯାଇଥିଲା । ଆନନ୍ଦ ଶର୍ମା, ଗୌରବ ଗୋଗେଇ, ସୟଦ ନାସୀର ହୁସେନ ଓ ରାଜା ବ୍ରାର୍‌ଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ନାମ ପଠାଇବାକୁ ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ ଓ ରାହୁଲ ଗାନ୍ଧିଙ୍କୁ ଅନୁରୋଧ କରିଥିଲେ । ମାତ୍ର ସରକାର ଯେଉଁ ସାଂସଦଙ୍କ ନାମ ମନୋନୀତ କରିଛନ୍ତି ସେଥିରେ ଶଶି ଥରୁର୍ ଅଛନ୍ତି । ଏହାକୁ ନେଇ ଏବେ ଉଭୟ କଂଗ୍ରେସ ଓ ବିଜେପି ମଧ୍ୟରେ ବିବାଦ ଦେଖାଦେଇଛି । କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ କଂଗ୍ରେସରେ ରହିବା ଓ କଂଗ୍ରେସର ହେବା ପଛରେ ଆକାଶ ଓ ମାଟିର ପାର୍ଥକ୍ୟ ରହିଛି । ଯେଉଁ ନାମକୁ ସରକାର ଚୟନ କରିଛନ୍ତି, ସେ ଦଳ ସହ ଆଲୋଚନା କରିନାହାନ୍ତି । ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ପ୍ରଶ୍ନ କରିଛନ୍ତି ଯେ କାହିଁକି ଶଶି ଥରୁର୍‌ଙ୍କ ନାମ ଦଳ ପ୍ରସ୍ତାବ ଦେଲା ନାହିଁ ? ଏହା ଅସହିଷ୍ଣୁତା ନା ଅସୁରକ୍ଷିତର ମନୋଭାବ ? ବିଜେପିର ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି ଯେ ଯେଉଁମାନେ ଭାରତ ସପକ୍ଷରେ କହିବେ ସେ ବି ଯଦି ତାଙ୍କ ଦଳର ହୁଅନ୍ତି, ରାହୁଲ ଗାନ୍ଧି କାହିଁକି ସେମାନଙ୍କୁ ଗ୍ରହଣ (୯ ପୃଷ୍ଠାରେ)

### କଂକ୍ରିଟ ବଢ଼ିବା ସହ ଆର୍ଦ୍ରଭୂମି ନଷ୍ଟ ପ୍ରଭାବ

## ରାଜଧାନୀରେ ନିଷ୍କ୍ରିୟ କାଳବୈଶାଖୀ

ଭୁବନେଶ୍ୱର, ୧୭।୫ (ସବ୍ୟୁ) : ବିଗତ ତିନିରୁ ଚାରି ଦିନ ଧରି ଦୈତ୍ୱନଗରୀ ଭୁବନେଶ୍ୱର ଓ କଟକର ଉପକୂଣ୍ଠ ନୟାଗଡ ଏବଂ ବାଙ୍କୀ ତଥା ଆଠଗଡ, ଢେଙ୍କାନାଳ ଏବଂ ସଂଲଗ୍ନ ଯାଜପୁର ଅଞ୍ଚଳରେ ଶକ୍ତିଶାଳୀ କାଳବୈଶାଖୀର ପ୍ରଭାବ ତାଣ୍ଡବ ରଚୁଥିବା ବେଳେ ଦୈତ୍ୱ ସହର ନିକଟତର ହେବା ବେଳକୁ ସତେ ଯେମିତି ଶକ୍ତିହୀନ ହୋଇପଡୁଛି । ଏହି ଶକ୍ତିଶାଳୀ କାଳବୈଶାଖୀ ପ୍ରଭାବରେ ଗତ କିଛି ଦିନ ହେବ ଏହି ଦୁଇ ସହରବାସୀ ଗରମ-ଗୁଳୁଗୁଳିରେ ସିଝୁଥିଲେ । କାଳବୈଶାଖୀ ପ୍ରଭାବରେ ବର୍ଷା ଏମାନଙ୍କ ପାଇଁ ସାତ ସପନ ପାଲଟିଛି ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ କହିଛନ୍ତି, ସହରଗୁଡ଼ିକର କଙ୍କ୍ରିଟ ସରଞ୍ଜନା, ଆଦ୍ରଭୂମି ନଷ୍ଟ ପ୍ରଭାବରେ ଏହା ଏକ ସ୍ଥାନୀୟ ଉଷ୍ମ ଦୀପ ଭାବରେ କାର୍ଯ୍ୟ କରେ । ବାୟୁମଣ୍ଡଳୀୟ ପରିସ୍ଥିତିକୁ ବ୍ୟାହତ କରେ । ଝଡ଼ ଆଚରଣକୁ ପ୍ରଭାବିତ କରେ । ଏହା ସହର ପାଖକୁ ଆସିବା କିମ୍ବା ଅତିକ୍ରମ କରିବା ସମୟରେ ଝଡ଼ ବିଭାଜିତ ଓ ଦୁର୍ବଳ କିମ୍ବା ଦିଗ ପରିବର୍ତ୍ତନ କରିଥାଏ । ଦିନକୁ ଦିନ ରାଜଧାନୀ ଭୁବନେଶ୍ୱର ସହ କଟକରେ ସହରୀକରଣରେ ବ୍ୟାପକତା ସହ ଆଦ୍ରଭୂମି ନଷ୍ଟ, ଜଙ୍ଗଲ ନଷ୍ଟ ଆଦି ବଢୁଥିବାରୁ ଆଗାମୀ ଦିନ ଓ (୯ ପୃଷ୍ଠାରେ)

## ପିସିସି ରାଜ୍ୟ ପଦାଧିକାରୀ ଘୋଷଣା

### ୭ ଉପସଭାପତି, ୧୦ ସାଧାରଣ ସମ୍ପାଦକ, ୧୨ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର, ୧୭।୫ (ସବ୍ୟୁ) : ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟ ପଦାଧିକାରୀ ଚୟନ କରାଯାଇଛି । କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେଙ୍କ ଅନୁମୋଦନ କ୍ରମେ ଏହି କର୍ମକର୍ତ୍ତା ଚୟନ କରାଯାଇଥିବା ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ପିସିସି ସଭାପତି ଭାବେ ଭକ୍ତ ଚରଣ ଦାସ ନିଯୁକ୍ତି ପାଇବା ପରେ ଏ ପର୍ଯ୍ୟନ୍ତ ରାଜ୍ୟ ପଦାଧିକାରୀ ଚୟନ କରାଯାଇନଥିଲା । ଆଜି ଏହାର ତାଲିକା ପ୍ରକାଶ ପାଇଛି । ସିଦ୍ଧାର୍ଥ ସ୍ୱରୂପ ଦାଶଙ୍କୁ କୋଷାଧ୍ୟକ୍ଷ କରାଯାଇଥିବାବେଳେ ତାରା ପ୍ରସାଦ ବାହିନୀପତି, ରମେଶ ଜେନା, ସନ୍ତୋଷ ସିଂହ ସାଲୁଜା, ଦେବାଶିଷ ପଟ୍ଟନାୟକ, ସିଏସ୍ ରାଜନ ଏକ୍କା, ଲଲାଟେନ୍ଦୁ ମହାପାତ୍ର ଓ ସସ୍ମିତା ବେହେରାଙ୍କୁ ଉପସଭାପତି କରାଯାଇଛି । ସେହିଭଳି ଅଶୋକ ଦାସ ଓ ପ୍ରଫୁଲ୍ଲ (୯ ପୃଷ୍ଠାରେ)

### ୫୫ ଦିନରେ ଆସିଲା ପକ୍ସୋ କୋର୍ଟ ରାୟ

## ଦୋଷୀକୁ ୨୫ ବର୍ଷ ଜେଲ୍

ଝାରସୁଗୁଡ଼ା, ୧୭।୫ (ସବ୍ୟୁ) : ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନରେ ଦୁଇ ଜଣ ନାବାଳକଙ୍କ ସହିତ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଜଣେ ଅଭିଯୁକ୍ତ ଅଜିତ ନାଗ (୨୫)କୁ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଦୈରାଜଜ ପୂଜା ଷଡ଼ଙ୍ଗୀ ୨୫ ବର୍ଷ ସଶ୍ରମ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ପିଡୀତ ଦୁଇ ନାବାଳକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା ଲେଖାଏଁ ସରକାରଙ୍କ ପକ୍ଷରୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ ଗତ ମାର୍ଚ୍ଚ ମାସ ୨୨ ତାରିଖ ଦିନ ସ୍ଥାନୀୟ ତେଲେନପାଲି ଶାସ୍ତ୍ରୀନଗର ଅଞ୍ଚଳରେ ଅଜିତ ନାଗ ସେହି ଅଞ୍ଚଳର ଦୁଇଜଣ ନାବାଳକ ସହିତ ଓପିଏମ ସୁଇମିଂପୁଲ ପଛପଟ ଶୁନଶାନ୍ ସ୍ଥାନକୁ ଡାକି ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲା। ଏସମ୍ପର୍କରେ ଦୁଇ ଜଣ ନାବାଳକ ତାଙ୍କ ପରିବାରର ଅଭିଭାବକ ମାନଙ୍କୁ ଘଟଣା ସମ୍ପର୍କରେ ଅବଗତ କଲା ପରେ ପରିବାର ପକ୍ଷରୁ ଗତ ମାର୍ଚ୍ଚ ମାସ ୨୩ ତାରିଖ ଦିନ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ବ୍ରଜରାଜନଗର ଥାନା ଆଇଆଇସି ଧବଳେଶ୍ୱର ସାହୁ (୯ ପୃଷ୍ଠାରେ)

### ବିଜେଡି ରାଜନୈତିକ ବ୍ୟାପାର କମିଟି ପ୍ରଥମ ବୈଠକ

## ଜାତୀୟ ସୁରକ୍ଷା, ରାଜନୈତିକ ସ୍ଥିତି ନେଇ ପ୍ରସ୍ତାବ

ଭୁବନେଶ୍ୱର, ୧୭।୫ (ସବ୍ୟୁ) : ବିଜୁ ଜନତା ଦଳ ରାଜନୈତିକ ବ୍ୟାପାର କମିଟିର ବୈଠକ ଆଜି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜାତୀୟ ସୁରକ୍ଷା, ରାଜ୍ୟ ରାଜନୈତିକ ପରିସ୍ଥିତି ଓ ଦଳର ସାଙ୍ଗଠନିକ ବ୍ୟାପାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହିତ ରାଜ୍ୟରେ ୨୦୧୫ ରୁ ୨୦୨୪ ମଧ୍ୟରେ ବିଜୁ ଜନତା ଦଳ ସରକାର ସମୟରେ ଶିଳ୍ପ ବିକାଶ କ୍ଷେତ୍ରରେ ଘଟିଥିବା ଉଲ୍ଲେଖନୀୟ ସଫଳତା ପାଇଁ ବୈଠକରେ ସନ୍ତୋଷ ପ୍ରକାଶ କରାଯାଇଥିଲା । ବୈଠକରେ ନିମ୍ନୋକ୍ତ ପ୍ରସ୍ତାବ ଗୃହିତ କରାଯାଇଥିଲା ।

୨୨ ଅପ୍ରେଲ ୨୦୨୫ ରେ ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ବ୍ୟକ୍ତିମାନଙ୍କ ଅମର ଆତ୍ମା ପ୍ରତି ବୈଠକରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା ଏବଂ ସେମାନଙ୍କର ଶୋକସନ୍ତପ୍ତ ପରିବାର ମାନଙ୍କୁ ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା ।

ଅପରେସନ ସିନ୍ଦୁରର ସଫଳତା ପାଇଁ ଭାରତୀୟ ସେନାବାହିନୀର ଅତୁଳନୀୟ ଦକ୍ଷତା, ସାହସ ଓ ପରାକ୍ରମର ଉଚ୍ଚ ପ୍ରଶଂସା କରାଯାଇଥିଲା । ଦେଶର ସୁରକ୍ଷା ପାଇଁ ସେନା ବାହିନୀର ଶୌର୍ଯ୍ୟ ବିଶ୍ୱ ଦରବାରରେ ଭାରତକୁ ଗୌରବାନ୍ୱିତ କରିଛି । ବିଜୁ ଜନତା ଦଳ ଭାରତୀୟ ସେନା ପାଇଁ ଗର୍ବିତ । ରାଜ୍ୟର ରାଜନୈତିକ ପରିସ୍ଥିତି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିରେ ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ବୈଠକରେ ଉଦ୍ବେଗ ପ୍ରକାଶ ପାଇଥିଲା । ବିକାଶ କ୍ଷେତ୍ରରେ ବର୍ତ୍ତମାନ (୯ ପୃଷ୍ଠାରେ)

### ଦଳୀୟ କାର୍ଯ୍ୟକ୍ରମକୁ ନେଇ ଶଶି-ଭୁପିନ୍ଦରଙ୍କ ଅସନ୍ତୋଷ

ଭୁବନେଶ୍ୱର, ୧୭।୫ (ସବ୍ୟୁ) : ବିଜେଡିର ନେତା ଭୁପିନ୍ଦର ସିଂ ଓ ଶଶି ଭୂଷଣ ବେହେରା ଦଳୀୟ କାର୍ଯ୍ୟକ୍ରମକୁ ନେଇ ପୁଣି ଅସନ୍ତୋଷ ପ୍ରକାଶ କରିଛନ୍ତି । ରାଜନୈତିକ ବ୍ୟାପାର କମିଟିର ପ୍ରଥମ ବୈଠକ ହେବା ପୂର୍ବରୁ ସେମାନେ ଦଳୀୟ ସଂଗଠନର ପରିଚାଳନା ନେଇ ପ୍ରଶ୍ନ ଉଠାଇଛନ୍ତି । ରାଜନୈତିକ ବ୍ୟାପାର କମିଟିରେ ଯେଉଁମାନେ ଦଳକୁ ବିଭିନ୍ନ ସ୍ଥାନରେ ଆରମ୍ଭ କରିଥିଲେ ସେମାନଙ୍କୁ ରଖାଗଲାନାହିଁ । ତାଙ୍କ ନାଁ କାହିଁକି କମିଟିରେ ରହିଲା ନାହିଁ ସେକଥା ଯିଏ କମିଟି କରୁଥିଲେ ସେମାନେ କହିପାରିବେ । ଆମେ ବରିଷ୍ଠ ନେତାମାନେ ଦଳର ଭବିଷ୍ୟତ ନେଇ ଆଲୋଚନା କରିଥିଲୁ । ନିର୍ବାଚନ ସମୟରେ ଲୋକ ନବୀନ ପଟ୍ଟନାୟକଙ୍କୁ ଖୋଜୁଥିଲେ, ସେଥିରେ ବ୍ୟତିକ୍ରମ ଦେଖିଲେ ତେଣୁ ଦଳ ହାରିଗଲା ବୋଲି ସେ ପ୍ରଶ୍ନ କରିଛନ୍ତି । ବିରୋଧୀ ଦଳ ଭାବେ ବିଜେଡି ଆଗ୍ରେସିଭ୍ ହୋଇପାରୁନାହିଁ । (୯ ପୃଷ୍ଠାରେ)

## ଶୃଙ୍ଖଳିତ ରଥଯାତ୍ରା, ସ୍ନାନଯାତ୍ରାକୁ ଗୁରୁତ୍ୱ



ପୁରୀ, ୧୭।୫ (ସବ୍ୟୁ) : ଆସନ୍ତା ଜୁନ ୧୧ ତାରିଖରେ ପୁରୀରେ ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ନୀତି । ସେହିପରି ଜୁନ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ଅନୁଷ୍ଠିତ ହେବ । ଏନେଇ ଆସନ୍ତା ୨୧ ତାରିଖରେ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଆଗାମୀ ସ୍ନାନଯାତ୍ରା ଓ ରଥଯାତ୍ରା ନେଇ ସମସ୍ତ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯିବ । ତେବେ ଏହି ବୈଠକ ଅବ୍ୟ ବ୍ୟହୀତ ପୂର୍ବରୁ ଶନିବାର ଦିନ ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ବାଡଗ୍ରାହୀ ଓ ଦଇତାପତି ନିଯୋଗ ସମେତ ପୂଜାପଣ୍ଡା ନିଯୋଗ ସହିତ ଏକ ଗୁରୁତ୍ୱପୂର୍ଣ୍ଣ (୯ ପୃଷ୍ଠାରେ)



## ବାରମ୍ବାର ବଦଳୁଛି କି ମନ

ମୁଡ୍ ସୁଇଂ ବା ବାରମ୍ବାର ମନ ପରିବର୍ତ୍ତନ କାରଣରୁ ଅନେକ ସମୟରେ ସମସ୍ୟା ଦେଖାଦେଇଥାଏ । ଏହା ହେବା ଦ୍ୱାରା ଗୋଟିଏ ସମୟରେ ମନ ଭଲ ରହୁଥିବାବେଳେ ସଙ୍ଗେସଙ୍ଗେ ମନ ପୁଣି ଖରାପ ହୋଇଯାଇଥାଏ । ଏହି ସମୟରେ ମନର ସ୍ଥିତି ପରଖିବା କଷ୍ଟ ହୋଇପଡେ । ମହିଳାଙ୍କ କ୍ଷେତ୍ରରେ ଏହା ଋତୁସ୍ରାବ ପୂର୍ବରୁ ବେଶି ଦେଖିବାକୁ ମିଳିଥାଏ । ତେବେ ଦୈନନ୍ଦିନ ଜୀବନରେ କିଛି ପରିବର୍ତ୍ତନ କରିବା ଦ୍ୱାରା ଏଥିରୁ ମୁକ୍ତି ମିଳିପାରିବ । ଆସନ୍ତୁ ଜାଣିବା ସେହିଭଳି କିଛି ଟିପ୍ସ ବିଷୟରେ ।

**ଶୋଇବା ଠିକ ରଖନ୍ତୁ–** ମୁଡ୍ ସୁଇଂର ସବୁଠାରୁ ପ୍ରମୁଖ କାରଣ ହେଲା ଶୋଇବା ସମୟରେ ଏପଟସେପଟ ହେବା । ସବୁବେଳେ ଚେଷ୍ଟା କରନ୍ତୁ କିଭଳି ୮ଘଣ୍ଟା ଶୋଇବେ । ସେହିଭଳି ଶୋଇବା ସମୟକୁ ମଧ ଜଗନ୍ତୁ । ଗୋଟିଏ ସମୟରେ ଶୋଇବାକୁ ଚେଷ୍ଟା କରନ୍ତୁ ।

**ଷ୍ଟ୍ରେସ୍ ଫ୍ରି ରୁହନ୍ତୁ–** ଶରୀରେ ବେଳେବେଳେ ହର୍ମୋନାଲ ଇନ୍‌ବାଲାନ୍ସ ଦେଖିବାକୁ ମିଳିଥାଏ, ଯେଉଁକାରଣରୁ ମୁଡ୍ ସୁଇଂ ହେବାର ଆଶଙ୍କା ବଢିଥାଏ । ତେଣୁ ଏହାକୁ ମ୍ୟାନେଜ୍ କରିବା ପାଇଁ ସବୁବେଳେ ଷ୍ଟ୍ରେସ୍ ଫ୍ରି ରୁହନ୍ତୁ । ଷ୍ଟ୍ରେସ୍ ଫ୍ରି ରହିବା ପାଇଁ ଯୋଗ, ବ୍ୟାୟାମ ଆଦିର ସାହାଯ୍ୟ ନେଇପାରିବେ ।

**କଫି ପିଇବା କମାନ୍ତୁ–** କଫିରେ ଥିବା କ୍ୟାଫେନ୍ ଆମ ଶରୀର ପାଇଁ ଭଲ ହୋଇନଥାଏ । ଏହା ମୁଡ୍ ସୁଇଂ କରାଇବାରେ ସାହାଯ୍ୟ କରିଥାଏ । ତେଣୁ କଫି ଠାରୁ ଦୂରେଇ ରୁହନ୍ତୁ । ସେହିଭଳି ଋତୁସ୍ରାବ ସମୟରେ ଯେତେପାରିବେ କଫିଠୁ ଦୂରରେ ରୁହନ୍ତୁ । ଏହା ସେହିସମୟରେ ଭଲ ହୋଇନଥାଏ । ସେହିଭଳି ଏହି ଦିନମାନଙ୍କରେ ପାଣି ଅଧିକ ପିଅନ୍ତୁ ।

**ପୋଷଣର ଧ୍ୟାନ ରଖନ୍ତୁ–** ଏହି ସମୟରେ ପୋଷଣର ଧ୍ୟାନ ରଖନ୍ତୁ । ଯେପରି ଖାଦ୍ୟରେ ସବୁପ୍ରକାରର ପୋଷକ ତତ୍ୱ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଭିଟାମିନ ଡି, କ୍ୟାଲସିୟମ, ମ୍ୟାଗ୍ନେସିଅମ ଆଦି ଅଧିକ ମାତ୍ରାରେ ଖାଆନ୍ତୁ । ଏହାଦ୍ୱାରା ଆପଣ ଫ୍ରେସ୍ ଓ ଆକ୍ଟିଭ ରହିବେ ।






## ଏଚ୍‌ଆଇଭି ଟୀକା ସଚେତନତା ଦିବସ

ପ୍ରତିବର୍ଷ ମେ’ ୧୮ ତାରିଖରେ ପାଳିତ ହୋଇଥାଏ ଏଚ୍‌ଆଇଭି ଟୀକା ସଚେତନତା ଦିବସ । ଏହି ଦିବସର ମୂଳ ଉଦ୍ଦେଶ୍ୟ ଏଡ୍ସ ବା ଏଚ୍‌ଆଇଭିର ଟୀକା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା । ୧୯୯୭ ମସିହାରେ ଏହି ଦିବସ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ୧୯୯୮ରେ ଏହାକୁ ପ୍ରଥମଥର ପାଇଁ ପାଳନ କରାଯାଇଥିଲା । ଏହି ଦିନ ବିଭିନ୍ନ ସ୍ଥାନରେ ଏଚ୍‌ଆଇଭି କଣ ଏହାକୁ କିଭଳି ନିଜ ପାଖରୁ ଦୂରେଇ ରଖିବେ ସେନେଇ ଏହି ଦିବସରେ ଆଲୋଚନା ହୋଇଥାଏ । ତେବେ ଆଜି ପର୍ଯ୍ୟନ୍ତ ଏଚ୍‌ଆଇଭିର କୌଣସି ଭ୍ୟାକ୍‌ସିନର ଉଦ୍ଭାବନ ହୋଇ ପାରିନାହିଁ, କିନ୍ତୁ ଏହି ଦିନରେ ଲୋକଙ୍କୁ ଏଚ୍‌ଆଇଭି ସମ୍ପର୍କରେ ଅବଗତ କରାଇବା ଏବଂ ଏହାର ଟୀକା କଣ ପାଇ ପ୍ରସ୍ତୁତ ହୋଇପାରୁନାହିଁ ସେ ସମ୍ପର୍କରେ ବୁଝାଯିବା ମୂଳ ଉଦ୍ଦେଶ୍ୟ ହୋଇଥାଏ । ଅନେକ ବର୍ଷଧରି ଏଚ୍‌ଆଇଭିର ଟୀକା ପ୍ରସ୍ତୁତି ପାଇଁ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି । ଅନେକ ଥର ଟ୍ରାଏଲ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ସଫଳତା ମିଳି ପାରିନାହିଁ ।



## ବାପାଙ୍କୁ ମାରିଥିଲେ ଆତଙ୍କୀ

ଲଞ୍ଚବକ୍ସରେ ନିଜର ଅଭିନୟ ପାଇଁ ନିମ୍ରିତ କୌର ଇଣ୍ଟରନ୍ୟାସନାଲ ଷ୍ଟାର ପାଲଟିଥିଲେ । ଏଥିରେ ତାଙ୍କର ଓ ଦିବଙ୍ଗତ ଅଭିନେତା ଇରଫାନ୍ ଖାନ୍‌ଙ୍କ ଅଭିନୟକୁ ସମସ୍ତେ ପ୍ରଶଂସା କରିଥିଲେ । ତେବେ ନିମ୍ରିତଙ୍କ ବ୍ୟକ୍ତିଗତ ଜୀବନରେ ଏଭଳି ଅନେକ ସଙ୍ଘର୍ଷ ରହିଛି ଯାହାକୁ ସେ ଆଜି ବି ଭୁଲି ପାରିନାହାନ୍ତି, ଏନେଇ ଏକ ସାକ୍ଷାତକାରରେ ସେ ପ୍ରକାଶ କରିଛନ୍ତି । ଏଥିରେ ସବୁଠାରୁ ଦୁଃଖଦ ଥିଲା ତାଙ୍କ ବାପାଙ୍କର ମୃତ୍ୟୁ । ତାଙ୍କ ବାପା ମେଜର ଭୁପେନ୍ଦ୍ର ସିଂ ସେନା ଅଧିକାରୀଥିଲେ, ଯାହାଙ୍କୁ ବୀରତା ପାଇଁ ସୂର୍ଯ୍ୟଚକ୍ର ସମ୍ମାନରେ ଭୂଷିତ କରାଯାଇଥିଲା । ୧୯୯୪ରେ କାଶ୍ମୀରରେ ତାଙ୍କ ବାପାଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇଥିଲେ, ସେହି ସମୟରେ ନିମ୍ରିତ ତାଙ୍କ ଭଉଣୀ ଓ ମା ସେହି ସ୍ଥାନରେ ଉପସ୍ଥିତ ଥିଲେ । ଆତଙ୍କୀମାନେ ତାଙ୍କ ବାପାଙ୍କ ବଦଳରେ କିଛି ଆତଙ୍କବାଦୀଙ୍କୁ ଛାଡିବାକୁ ଦାବି କରିଥିଲେ । ହେଲେ ସାତ ଦିନ ଭିତରେ ହିଁ ଆତଙ୍କବାଦୀମାନେ ତାଙ୍କ ବାପାଙ୍କୁ ଗୁଳିମାରି ହତ୍ୟା କରିଦେଇଥିଲେ । ନିମ୍ରିତଙ୍କୁ ସେତେବେଳେ ମାତ୍ର ୧୧ ବର୍ଷ ହୋଇଥିଲା । ଏହି ଘଟଣାର ଖୁବ ଗଭୀର ପ୍ରଭାବ ତାଙ୍କ ଜୀବନରେ ପଡିଲା ଏବଂ ସେ ସମୟ ପୂର୍ବରୁ ମାନସିକ ସ୍ତରରେ ବଡ ହୋଇଗଲେ । ସେହି ଦୁଃଖ ତାଙ୍କର ଏବେ ବି ରହିଛି ।

## ସୋସିଆଲ କୋଟ୍ସ



“ ‘ଡିଅର ଜିନ୍ଦେଗୀ’ ଫିଲ୍ମ ଅନେକଙ୍କ ପାଇଁ ପ୍ରେରଣା ସାଜିଛି । ଏଥିରେ ଶାହରୁଖଙ୍କ ଚରିତ୍ର ପାଇଁ ଲୋକମାନେ ବର୍ତ୍ତମାନ ଥେରାପିକୁ ଅଧିକ ଗୁରୁତ୍ୱର ସହ ନେଉଛନ୍ତି ।

ଗୌରୀ ସିନ୍ଦେ, ନିର୍ଦ୍ଦେଶକ



“ ରଣବୀରଙ୍କ ଠାରୁ ଭଲ ଆକ୍ଟର କେହି ନାହାନ୍ତି । ‘ଆନିମଲ୍’ ଫିଲ୍ମରେ ତାଙ୍କ ଅଭିନୟ ଦେଖିବା ପରେ ତାଙ୍କ ପାଦ ଛୁଇଁବାକୁ ଇଚ୍ଛା ହେଉଥିଲା ।

ସନ୍ଦୀପ ରେଡ୍ଡି, ନିର୍ଦ୍ଦେଶକ



“ ଖୁବ ଜଲ୍‌ଦି ଖାହରୁଖଙ୍କ ସହିତ ଫିଲ୍ମ କରିବି । ମୋତେ ଏକ ଶାହରୁଖଙ୍କ ଫିଲ୍ମ ଅଫର ହୋଇଛିଓ। ଶୀଘ୍ର ଏହା ଉପରେ କାମ ଆରମ୍ଭ ହେବ ।

ସଲମାନ ଖାନ୍, ଅଭିନେତା



## ଖାଲି ବସିବାର ପ୍ରତିଯୋଗିତା

ପ୍ରତିଯୋଗିତାର ଅର୍ଥ କୌଣସି କାର୍ଯ୍ୟ କରିବା ପାଇଁ କିଛି ପ୍ରତିଯୋଗୀକଙ୍କ ଭିତରେ ଲଢେଇ । ହେଲେ ଦକ୍ଷିଣ କୋରିଆରେ ଏକ ଭିନ୍ନ ପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳୁଛି । ଏଥିରେ ପ୍ରତିଯୋଗୀଙ୍କୁ କିଛି ନକରିବାର ପ୍ରତିଯୋଗିତା କରିବାର ଅଛି । ଏହି ୟୁନିକ ପ୍ରତିଯୋଗିତାର ନାଁ ସ୍ପେସ ଆଉଟ କମ୍ପିଟିସନ । ଏହି ପ୍ରତିଯୋଗିତାର ୧୧ତମ ସଂସ୍କରଣ ମେ ୧୧ରେ ଆୟୋଜନ କରାଯାଇଛି । ଏହି ପ୍ରତିଯୋଗିତା ପାଇଁ ସବୁବେଳେ ଅନେକ ପ୍ରତିଯୋଗି ଆବେଦନ କରନ୍ତି । ଏଥିରେ ୯୦ ମିନିଟ୍ ପାଇଁ ପ୍ରତିଯୋଗୀଙ୍କୁ ଏକା ରହିବାକୁ ହୋଇଥାଏ । ସେମାନେ ଫୋନ୍ ଧରିପାରିବେନି, କାହାସହ କଥା ହୋଇପାରିବେନି କିମ୍ବା ଶୋଇ ପାରିବେନି । ସେହିଭଳି ପ୍ରତିଯୋଗୀଙ୍କ ହାର୍ଟ ବିଟ୍‌କୁ ମଧ ଟ୍ରାକ କରାଯାଇଥାଏ । ବିଜେତାଙ୍କୁ ଏହି ହାର୍ଟ ବିଟ୍‌ର ରେକର୍ଡ ଓ ଉପସ୍ଥିତ ଦର୍ଶକଙ୍କର ଭୋଟ ମାଧମରେ ଚୟନ କରାଯାଇଥାଏ । ଏଥିରେ ପିଲା ଠାରୁ ବୟସ୍କ ସମସ୍ତେ ଭାଗ ନେଉଥିବାର ଦେଖିବାକୁ ମିଳେ ।

୧୮୪୮– ଜର୍ମାନୀରେ ପ୍ରଥମ ନ୍ୟାସନାଲ ଆସେମ୍ବ୍ଲିର ଉଦ୍‌ଘାଟନ ।
୧୯୧୨– ପ୍ରଥମ ଭାରତୀୟ ଫିଚର ଫିଲ୍ମ ‘ଶ୍ରୀ ପୁଣ୍ଡାଲିକ୍’ର ରିଲିଜ୍ ।
୧୯୭୪– ରାଜସ୍ଥାନର ପୋଖରାନରେ ପ୍ରଥମ ଭୂମିଗତ ପରମାଣୁ ପରୀକ୍ଷା କରି ପରମାଣୁ ଶକ୍ତିସମ୍ପନ୍ନ ଦେଶ ହେଲା ଭାରତ ।
୨୦୦୬– କରଭୁକ୍ତ ହେଲେ ନେପାଳ ନରେଶ ।
୨୦୦୮– ଭାରତୀୟ ଲେଖକ ଇନ୍ଦ୍ରା ସିହ୍ନା କବିତା ‘ଆନିମଲ ପିପୁଲ’ ପାଇଁ କମନୱେଲ୍‌ଥ ସମ୍ମାନରେ ସମ୍ମାନିତ ।
୨୦୧୭– ବଲିଉଡ୍ ଅଭିନେତ୍ରୀ ରିମା ଲାଗୁଙ୍କ ଜନ୍ମ ।

## ଟଙ୍କା ମିଳୁଥିବା ହାଟ

ହାଟ ପରମ୍ପରା ଖୁବ ପୁରାତନ ଯାହା ଆଜି ବି ବଞ୍ଚି ରହିଛି । ଆଜି ବି ଏଭଳି କିଛି ହାଟ ରହିଛି ଯାହା ନିଜର ସ୍ୱତନ୍ତ୍ରତା ପାଇଁ ପରିଚିତ । ତେବେ ହାଟରେ ସାଧାରଣତଃ ପଇସା ଦିଆଯାଇ ତା ବଦଳରେ ସାମଗ୍ରୀ କିଣା ଯାଇଥାଏ, କିନ୍ତୁ ଏଭଳି ଏକ ହାଟ ରହିଛି ଯେଉଁଠି ପଇସା ବିକ୍ରି ହୋଇଥାଏ । ଆଫ୍ରିକାର ସୋମାଲିଲାଣ୍ଡରେ ଅନ୍ୟ ସାମଗ୍ରୀ ଭଳି ନୋଟର ବଣ୍ଡଲ ବିକ୍ରି ହୋଇଥାଏ । ଏହା ପଛରେ ଖୁବ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । ସୂଚନା ଅନୁସାରେ ଏହି ସ୍ଥାନରେ ସୋମାଲିଲାଣ୍ଡ ସିଲିଂ ମୁଦ୍ରାର ପ୍ରଚଳନ ରହିଛି, ଯାହାର ଏହି ସ୍ଥାନ ବାହାରେ କୌଣସି ମୂଲ୍ୟ ନାହିଁ । ଏଠାରେ ଗୋଟିଏ ଡଲାର ମୂଲ୍ୟ ୯ହଜାର ସିଲିଂ, ଯାହାର ଅର୍ଥ ଗୋଟିଏ ଡଲାରର ସାମଗ୍ରୀ କିଣିବାକୁ ତୁମକୁ ବ୍ୟାଗ ଭର୍ତ୍ତି ନୋଟ ଦେବାକୁ ପଡିବ । ତେଣୁ ଲୋକମାନେ ଏଠାରେ ଅଧିକ ମାତ୍ରାରେ ନୋଟ କିଣିଥାଆନ୍ତି ଯାହା ସେମାନଙ୍କର ହାଟରେ ବିକ୍ରି ହୋଇଥାଏ । ତେବେ ବର୍ତ୍ତମାନ ଏଠାରେ ଏହି ସମସ୍ୟାର ସମାଧାନ ଅନ୍‌ଲାଇନ୍ ପେମେଣ୍ଟ କରିଛି । ସମସ୍ତେ ଏଠାରେ ଅନଲାଇନ୍ ପେମେଣ୍ଟ ମୋଡକୁ ଆପଣାଉଛନ୍ତି, ଏପରିକି ଏଠାରେ ଭିକାରି ମଧ ସ୍ମାର୍ଟଫୋନ୍ ସହିତ ଅନ୍‌ଲାଇନ ପେମେଣ୍ଟ ମୋଡକୁ ବ୍ୟବହାର କରୁଛନ୍ତି ।





ଅଭିନେତ୍ରୀ କାଜଲ ଅଗ୍ରୱାଲଙ୍କୁ ନିତେଶ ତିୱାରୀଙ୍କର ରାମାୟଣ ଫିଲ୍ମରେ ମନ୍ଦୋଦରୀ ଭୂମିକାରେ ଦେଖିବାକୁ ମିଳିବ । ଏହି ଚରିତ୍ରକୁ ନେଇ ଖୁବ ଉତ୍ସାହିତ ଅଛନ୍ତି କାଜଲ । ଏଥିରେ ସେ ସୁପରଷ୍ଟାର ୟଶଙ୍କର ପତ୍ନୀଙ୍କ ଭୂମିକାରେ ନଜର ଆସିବେ । ମାଇଥୋଲୋଜିକାଲ ଚରିତ୍ର ଖୁବ ଚାଲେଞ୍ଜିଂ ହୋଇଥାଏ ଏବଂ ଏଭଳି ଚାଲେଞ୍ଜିଂ ରୋଲ ପାଇ ସେ ଖୁବ ଖୁସି ଥିବା ସାକ୍ଷାତକାରରେ ପ୍ରକାଶ କରିଛନ୍ତି । କାଜଲ ଏହାରି ଭିତରେ ସୁଟିଂ ମଧ ଆରମ୍ଭ କରିସାରିଥିବା ଜଣା ପଡିଛି । ଏହି ଚରିତ୍ରଟି ଖୁବ ଗମ୍ଭୀର ଅଟେ ତେଣୁ କାଜଲଙ୍କ ଉପରେ ପ୍ରେସର ରହିଛି ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି । ଅନେକ ହିରୋଇନ୍‌ଙ୍କ ଉପରେ ଆଲୋଚନା ହେବା ପରେ କାଜଲଙ୍କୁ ଚୟନ କରାଯାଇଥିବା ଜଣା ପଡିଛି । ମେକର୍ସଙ୍କର କାଜଲଙ୍କ ଉପରେ ପୂର୍ଣ୍ଣ ଭରସା ରହିଛି ବୋଲି ମେକର୍ସଙ୍କ ପକ୍ଷରୁ ମତ ଦିଆଯାଇଛି । ଏହି ଫିଲ୍ମକୁ ଦୁଇଟି ଭାଗରେ ପ୍ରସ୍ତୁତ କରାଯାଉଛି, ଯାହାର ପ୍ରଥମ ଭାଗ ୨୦୨୬ ଓ ଦ୍ୱିତୀୟ ଭାଗ ୨୦୨୭ରେ ରିଲିଜ୍ କରାଯିବ ବୋଲି ସୂଚନା ରହିଛି । ଏଥିରେ ରଣବୀର କପୁରଙ୍କୁ ରାମ ଓ ସାଇ ପଲ୍ଲବୀଙ୍କୁ ସୀତା ଭୂମିକାରେ ଦେଖିବାକୁ ମିଳିବ ।

## ମନ୍ଦୋଦରୀ ଭୂମିକାରେ କାଜଲ

## ନିଆଁ ଲିଭାଇବାକୁ ଯାଇ ରାସ୍ତାରେ ଓଲଟିଲା ଦମକଳ ଗାଡି

ବାହାନଗା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅଞ୍ଚଳରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଘରେ ନିଆଁ ଲାଗିଥିବାର ଖବର ପାଇ ରାସ୍ତା ରେ ଦମକଳ ଗାଡି ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟି ପଡିବାରୁ ଗାଡ଼ିରେ ଥିବା କର୍ମଚାରୀ ଆହତ ହେବା ସହିତ ନିଆଁ ଲିଭାଇବା କାର୍ଯ୍ୟ ଅଧୁରା ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଖନ୍ତାପଡ଼ା ଥାନା ଅଧୀନ ନିମିକି ସଡ଼କ କାନକଟା ନିକଟରେ। ଖନ୍ତାପଡ଼ା ଥାନା ତୁଣ୍ଡୁରା ଗ୍ରାମର ବିଶ୍ୱାଳ ସାହିର ଶରତ ଚନ୍ଦ୍ର ବିଶ୍ୱାଳଙ୍କ ଘରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଏହି ଖବର ପାଇ ବାହାନଗା ବ୍ଲକ ଛକ ଦମକଳ କେନ୍ଦ୍ର ଏକ ନିଆଁଲିଭା ଗାଡି କର୍ମଚାରୀ ମାନଙ୍କୁ ନେଇ ବାହାରି ଥିଲା।ରାସ୍ତା ରେ ଆସୁଥିବା ବେଳେ କାନକଟା ନିକଟରେ ଏକ ବଙ୍କା ରାସ୍ତା ରେ ଗାଡିଟି ସମ୍ପୂର୍ଣ ଓଲଟି ପଡିଥିଲା। ଗାଡି ଭିତରେ ଥିବା ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ଙ୍କୁ ସ୍ଥାନୀୟ ଲୋକ ବାହାର କରି ଗୋପାଳପୁର ସ୍ୱାସ୍ଥକେନ୍ଦ୍ର କୁ ପଠାଇଥିଲେ। ଦୀର୍ଘ ସମୟ ଧରି ରାସ୍ତା ରେ ଦମକଳ ଗାଡି ଟି ପଡ଼ିଥିବା ବେଳେ ପରେ ପାଖରେ ଥିବା ଗଦରେ ମେରାଇନ କମ୍ପାନୀରୁ ଏକ କ୍ରେନ ଆସି ଗାଡିକୁ ଉଠାଇଥିଲା।

### ଲିଙ୍ଗିପୁର ତ୍ରିରଙ୍ଗା ଯାତ୍ରାରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ

## ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ

ଭୁବନେଶ୍ୱର, (ସବ୍ୟୁ): ଅପରେସନ୍ ସିନ୍ଦୁର'ର ସଫଳତା ପାଳନ ଅବସରରେ ଭୁବନେଶ୍ୱର ଲିଙ୍ଗିପୁର ପଞ୍ଚାୟତରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀ ଲିଙ୍ଗିପୁର ପଞ୍ଚାୟତର ନୂଆଗାଁ ଛକଠାରୁ ଝାଡୁମଲ୍ଲୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ସହିତ ପ୍ରାୟ ୨ କିଲୋମିଟର ଅଞ୍ଚଳ ଶୋଭାଯାତ୍ରା କରିଥିଲେ । ଦେଶବ୍ୟାପୀ ଚଳିତ ମାସ ୧୭ ଓ ୧୮ ତାରିଖରେ ପଞ୍ଚାୟତ ସ୍ତରରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହେଉଛି । ଶୋଭାଯାତ୍ରାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅପରେସନ୍ ସିନ୍ଦୁର'ର ସଫଳତା ପରେ ଏହି ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ । ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହେବେନାହିଁ ।



ଆମ ଜାତୀୟ ପତାକା ତ୍ରିରଙ୍ଗା ହେଉଛି, ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୁକସାକ୍ଷୀ ।

ସେ ପୁଣି କହିଥିଲେ, ଆମର ସେନାବାହିନୀର ବୀର ଜବାନମାନେ ଆମ ମା'ମାନଙ୍କର ଓ ଭଉଣୀମାନଙ୍କର ସିନ୍ଦୁରର ମର୍ଯ୍ୟାଦା ରଖିଛନ୍ତି, ସେଥିପାଇଁ ମୁଁ ସେମାନଙ୍କୁ ସଲାମ୍ କରୁଛି । ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଆମେ ସବୁ ଭାରତୀୟ ନିରାପଦ । ମୋଦୀଜୀ କହିଛନ୍ତି ପ୍ରତ୍ୟେକ ଭାରତୀୟ ଶାନ୍ତି ଓ ସୁରକ୍ଷା ସହିତ ରହିବା ପାଇଁ ଭାରତବର୍ଷ ଶକ୍ତିଶାଳୀ ହେବା ଜରୁରୀ, ଆବଶ୍ୟକ ପଡ଼ିଲେ ଆମ ପାଇଁ ଶକ୍ତି ପ୍ରଦର୍ଶନ ମଧ ଜରୁରୀ ଏବଂ ମୋଦୀଜୀ ଏହାକୁ ଅପରେସନ୍ ସିନ୍ଦୁର'ରେ ପ୍ରମାଣିତ କରି ଦେଖାଇଛନ୍ତି । ଅପରେସନ୍ ସିନ୍ଦୁର ଆଜି ସାରା ଦେଶକୁ ଆତଙ୍କବାଦ ବିରୋଧୀ ବାର୍ତ୍ତା ଦେଇଛି । ଏହା ମାଧ୍ୟମରେ ସାରା ବିଶ୍ୱକୁ ଭାରତ ଶିଖାଇ ଦେଇଛି ଯେ, ଆତଙ୍କବାଦ ଗତିବିଧି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ମଧ ଆମେ ଆପଣେଇପାରୁ ।

ସେ ପୁଣି କହିଥିଲେ ଯେ, ଆଜି ଦେଶର ସମସ୍ତ ରାଜନୈତିକ ଦଳ ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଏକଜୁଟ୍ ହୋଇଛନ୍ତି । ଶତ୍ରୁର ପ୍ରତ୍ୟେକ ଆହ୍ୱାନର ଉଚିତ ଜବାବ ଦେବାପାଇଁ ଆମ ସେନାବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ତ୍ରିରଙ୍ଗା ଯାତ୍ରା ଆମ ସମସ୍ତଙ୍କୁ ଦେଶପ୍ରେମରେ ବାନ୍ଧି ରଖିବାକୁ ଉଦ୍ବୁଦ୍ଧ କରିଛି । ଆମେ ସମସ୍ତେ ଏକାଠି ହୋଇ ମିଳିମିଶି କାମ କଲେ ଜୀବନର ସମସ୍ତ କଠିନ ପରିସ୍ଥିତିକୁ ଦୂର କରିପାରିବା । ଏହି ଶୋଭାଯାତ୍ରାରେ ଏକାମ୍ର ବିଧାୟକ ବାବୁ ସିଂହ, ବିଜେପି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବ୍ଲକ୍ ଅଧକ୍ଷା ନିରୂପମା ସାହୁ, ସ୍ଥାନୀୟ ସରପଞ୍ଚ କ୍ଷୀରୋଦ ପ୍ରଧାନ, ସମାଜ ସେବୀ ତଥା ରାଜନେତା ଜଗନ୍ନାଥ ପ୍ରଧାନ, ସମାଜସେବୀ ଦିଲ୍ଲୀପ ମହାନ୍ତିଙ୍କ ସମେତ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ ।

## ସ୍ୱାମୀ ନିଷ୍ପତ୍ତି ନେବାକୁ ଅକ୍ଷମ ଥିଲେ ସ୍ତ୍ରୀ ହିଁ ତାର ସବୁଠୁ ଭଲ ଅଭିଭାବକ: ହାଇକୋର୍ଟ

କଟକ,(ସବ୍ୟୁ): ଯେତେବେଳେ ଜଣେ ସ୍ୱାମୀ କୋମା ଅବସ୍ଥାରେ ରହିଥିବେ, କୌଣସି ନିଷ୍ପତ୍ତି ନେବାକୁ ଅକ୍ଷମ ଥିବେ ବା ନିଜେ କୌଣସି କାମ କରିବାକୁ ଅକ୍ଷମ ଥିବେ ସେଭଳି ସମୟରେ ପତ୍ନୀଙ୍କ ବ୍ୟତିତ ଅନ୍ୟ କେହି ସ୍ୱାମୀଙ୍କର ଜଣେ ଭଲ ଅଭିଭାବକ ହୋଇପାରିବେ ନାହିଁ । ଜଣେ ପତ୍ନୀ ହିସାବରେ ସେ ସ୍ୱାମୀଙ୍କ ସହ ଜୀବନର ସବୁ ସୁଖଦୁଃଖ ବାଣ୍ଟିଛନ୍ତି । ସମସ୍ତ ଦାୟିତ୍ୱରେ ବୋଝକୁ ମଧ ବୋହିଛନ୍ତି । ସ୍ୱାମୀଙ୍କର ସମସ୍ତ ସ୍ୱପ୍ନକୁ ପୂରଣ ପାଇଁ ତାଙ୍କ ସହ ପାଦରେ ପାଦ ମିଶାଇ ଚାଲିଛନ୍ତି । ଏପରିସ୍ଥଳେ ସ୍ୱାମୀଙ୍କ ଅଭିଭାବକ ଭାବେ ପତ୍ନୀଙ୍କର ନିଯୁକ୍ତି କେବଳ ଆଇନଗତ ଆବଶ୍ୟକତା ନୁହେଁ ଏହା ନୈତିକ ଏବଂ ସାମାଜିକ ଦାୟିତ୍ୱ ମଧ । ତେଣୁ ଜଣେ ପତ୍ନୀ ସ୍ୱାମୀଙ୍କର ଆଇନଗତ ଅଭିଭାବକ ହୋଇପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି ।

ଇପାରୀ ବ୍ୟବସାୟିକ ସାମ୍ରାଜ୍ୟର ମୁଖ୍ୟ ସୁରେଶ କୁମାର ଇପାରୀ ଦୀର୍ଘଦିନ ଧରି ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଥିବା ଯୋଗୁ ତାଙ୍କ ବ୍ୟବସାୟିକ କାର୍ଯ୍ୟ ଚାଲି ପାରୁନାହିଁ । ଏପରିସ୍ଥଳେ ତାଙ୍କ ପତ୍ନୀ ଇପାରୀ ସୁଷମା ସ୍ୱାମୀଙ୍କ ସାମ୍ରାଜ୍ୟ ସମ୍ଭାଳିବା ସହ ସମସ୍ତ କାରବାର ଚଳାଇ ରଖିବା ଲାଗି ତାଙ୍କୁ ଆଇନଗତ ଅଭିଭାବକ ଭାବେ ନିଯୁକ୍ତି ଦେବାକୁ ପ୍ରାର୍ଥନା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ମାମଲାର ରାୟ ପ୍ରକାଶ କରି ଇପାରୀ ସୁଷମାଙ୍କୁ ତାଙ୍କ ସ୍ୱାମୀଙ୍କ ଆଇନଗତ ଅଭିଭାବକ ଭାବେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଇପାରୀ ସୁଷମା ତାଙ୍କ ସ୍ୱାମୀଙ୍କ ପକ୍ଷରୁ ବ୍ୟକ୍ତିଗତ, ଅର୍ଥନୈତିକ, ଆଇନଗତ, ସ୍ୱାସ୍ଥ୍ୟଗତ, ବ୍ୟବସାୟୀକ ସାମ୍ରାଜ୍ୟ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ବ୍ୟାଙ୍କ୍ ଏବଂ ଅନ୍ୟ ସମସ୍ତ ସଂସ୍ଥା ଇପାରୀ ସୁଷମାଙ୍କୁ ସେମାନଙ୍କ କାର୍ଯ୍ୟଲାଗି ସ୍ୱୀକୃତି ଦେବେ ବୋଲି ହାଇକୋର୍ଟ ଆଦେଶରେ ଉଲ୍ଲେଖ କରିଛନ୍ତି ।

ସୁରେଶ କୁମାର ଇପାରୀ ୨୦୨୪ ଫେବ୍ରୁଆରୀ ୨ ତାରିଖରୁ କୋମା ଅବସ୍ଥାରେ ରହିଛନ୍ତି । ତାଙ୍କର ଚିକିତ୍ସା ହରିୟାଣାର ମେଦାନ୍ତ ହସ୍ପିଟାଲ ଠାରୁ ଆରମ୍ଭ କରି ବିଶାଖାପାଟଣାସ୍ଥିତ ଆପୋଲୋ ହସ୍ପିଟାଲ ପର୍ଯ୍ୟନ୍ତ ସବୁଠି ହୋଇସାରିଛି । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ନହେବାରୁ ସେ ଏବେ କଟକସ୍ଥିତ ତାଙ୍କ ବାସଭବନରେ ଡାକ୍ତରଙ୍କ ଚିକିତ୍ସାରେ ରହିଛନ୍ତି । ଏପରିସ୍ଥଳେ ତାଙ୍କ ଅଧୀନରେ ରହିଥିବା ବହୁ ବ୍ୟବସାୟୀକ ସାମ୍ରାଜ୍ୟ କାର୍ଯ୍ୟ ପରିଚାଳନାରେ ସମସ୍ୟା ଦେଖାଦେଇଥିବାରୁ ତାଙ୍କ ପତ୍ନୀ ଇପାରୀ ସୁଷମା ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ତାଙ୍କୁ ତାଙ୍କ ସ୍ୱାମୀଙ୍କ ଆଇନଗତ ଅଭିଭାବକ ବା ଗାର୍ଡିଆନ୍ ଘୋଷଣା କରିବା ଲାଗି ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ବିଭିନ୍ନ ଦିଗକୁ ବିଚାରକୁ ନେଇ ସୁଷମା ଇପାରୀଙ୍କୁ ତାଙ୍କ ସ୍ୱାମୀଙ୍କ ଆଇନଗତ ଗାଡ଼ିଆନ ଭାବେ ଘୋଷଣା କରିଛନ୍ତି । ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ସୌମ୍ୟ ଶେଖର ପରିଡ଼ା ଏହି ମାମଲା ପରିଚାଳନା କରୁଥିଲେ ।

## ମହାପ୍ରସାଦ ଟେବୁଲ ଚେଆରରେ ନ ବସି ଭୂମିରେ ବସି ସେବନ କରନ୍ତୁ : ଶ୍ରୀମନ୍ଦିର ପ୍ରଶାସନ

ପୁରୀ, (ସବ୍ୟୁ): ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଶନିବାର ସମସ୍ତ ଭକ୍ତଙ୍କୁ ପରମ୍ପରାରୁ ବିଚ୍ୟୁତ ନ ହୋଇ ମହାପ୍ରସାଦ ସେବନ କରିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରାଯାଇଛି । ହୋଟେଲରେ ଡାଇନିଂ ଟେବୁଲରେ ବସି ଲୋକମାନେ ମହାପ୍ରସାଦ ସେବନ କରୁଥିବା ଜନିତ ଏକ ଭିଡିଓ ଭାଇରଲ ହେବା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଉଦ୍ଦେଶ୍ୟରେ ନିବେଦନ କରାଯାଇଛି । ଜୋତା ଏବଂ ଚପଲ ପିନ୍ଧି ଲୋକମାନେ ଡାଇନିଂ ଟେବୁଲରେ ବସି ମହାପ୍ରସାଦ ସେବନ କରୁଥିବା ଭିଡିଓ ମନ୍ଦିର ସେବାୟତ ଏବଂ ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛିଛ ପୁରୀର ଏକ ହୋଟେଲରେ କେତେକ ଲୋକମାନେ ମହାପ୍ରସାଦ ସେବନ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହୋଇଥିଲା । ମହାପ୍ରସାଦ ଡାଇନିଂ ଟେବୁଲରେ ନୁହେଁ ବରଂ ପାରମ୍ପାରିକ ଭାବରେ ଭୂମିରେ ବସି ସେବନ କରାଯାଏ । ଟ୍ୱିଟ୍ କରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ନିବେଦନ କରାଯାଇଛି । ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ଅନ୍ନ ବ୍ରହ୍ମ ରୂପେ ପୂଜିତ । ଭୂମିରେ ବସି ମହାପ୍ରସାଦ ସେବନର ବିଧି ଅନାଦି କାଳରୁ ରହିଆସିଛି । ତେଣୁ ଡାଇନିଂ ଟେବୁଲରେ ମହାପ୍ରସାଦ ସେବନରୁ ବିରତ ରହିବାକୁ ନିବେଦନ କରାଯାଇଛି ।

## ଶୌଚାଳୟରେ ପଡ଼ି ମହିଳା ମୃତ

ବାଲିପାଟଣା ,(ସବ୍ୟୁ) : ଶନିବାର ବାଲିପାଟଣା ଥାନା ମଝିହରା ଗ୍ରାମପଞ୍ଚାୟତ ମୁଣ୍ଡହଣା ଦଳିତ ସାହିରେ ଏକ ଅଘଟଣ ଘଟିଛି। ଗ୍ରାମର ସରୋଜ ଭୋଇଙ୍କ ପତ୍ନୀ ସ୍ୱର୍ଣ୍ଣଲତା ଭୋଇ ( ୨୬ )ଙ୍କର ଶୌଚାଳୟରେ ପଡ଼ି ମୃତ୍ୟୁ ହୋଇଛି। ସକାଳ ପ୍ରାୟ ୫ ଟାରେ ଶୌଚ ଲାଗି ଘର ଶୌଚାଳୟକୁ ଯାଇଥିଲେ ଅସାବଧାନତା ବଶତଃ ସେ ସେଠାରେ ତଳେ ପଡି ଯାଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ନେଇ ଯାଇଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିପାଟଣା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ଶାଶୁ ଘର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତ ମହିଳା ଗର୍ଭବତୀ ଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି ।

### ନୂତନ ଶୀତଳ ଭଣ୍ଡାର ୮୨ ଉଦ୍ୟୋଗୀ ଆବେଦନ

## ଆଗ୍ରହୀ 'ଗୋ ସୁଗମ' ପୋର୍ଟାଲରେ ଆବେଦନ କରିପାରିବେ

ଭୁବନେଶ୍ୱର(ସବ୍ୟୁ): କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ କୃଷି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ଶୀତଳ



ଭଣ୍ଡାର ଆସୋସିଏସନ ସଦସ୍ୟ ଏବଂ ଶୀତଳ ଭଣ୍ଡାର ସ୍ଥାପନ ନିମିତ୍ତ ଇଛୁକ ଉଦ୍ୟୋଗୀଙ୍କ ମଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ଉଦ୍ୟୋଗୀଙ୍କ ସହିତ ରାଜ୍ୟ ସରକାରଙ୍କ ନୂତନ ଶୀତଳ ଭଣ୍ଡାର ନୀତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ରାଜ୍ୟର ଅଦ୍ୟାବଧି ୨୫ ଗୋଟି ଜିଲ୍ଲାର ୮୨ ଜଣ ଆଗ୍ରହୀ ଉଦ୍ୟୋଗୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ମୋ ସୁଗମ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତ । ଖୁବଶୀଘ୍ର ଏହା ଉପରେ ପ୍ରକ୍ରିୟା ଆରମ୍ଭ କରାଯିବ ।

ସରକାରଙ୍କ ଏହି ପଦକ୍ଷେପ ଯାହା ଭବିଷ୍ୟତରେ ସରକାରଙ୍କ ଏହି ନୀତିକୁ ଆହୁରି ସହଜ ଏବଂ ସରଳ କରାଯାଇପାରିବ । ଉଦ୍ୟୋଗୀମାନଙ୍କ ସକରାତ୍ମକ ପରାମର୍ଶକୁ ଆଗାମୀ ଦିନରେ କାର୍ଯ୍ୟକାରୀ କରିବା ନେଇ ଆଗାମୀ ଦିନରେ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ସହ କୃଷି ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷି ଉଦ୍ୟୋଗୀ ମାନେ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଶୀତଳ ଭଣ୍ଡାର ଆସୋସିଏସନର ସଦସ୍ୟବୃନ୍ଦ ସରକାରଙ୍କ ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସହିତ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ । ପ୍ରମୁଖ ଶାସନ ସଚିବ ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ସମସ୍ତ ଯୋଗ୍ୟ ଉଦ୍ୟୋଗୀମାନଙ୍କୁ ବିଭାଗ ତରଫରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ପ୍ରମୁଖ ଶାସନ ସଚିବ ଡ଼ ପାଢ଼ୀ କହିଛନ୍ତି । ଏଥି ସହିତ ସରକାରୀ ଆର୍ଥିକ ସହାୟତା ଉପଲବ୍ଧ କରିବା ପାଇଁ ଉଦ୍ୟୋଗୀ ମାନଙ୍କୁ ଅବିଳମ୍ବେ ମୋ ସୁଗମରେ ଆବେଦନ କରିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଅଛି ।

## ସଡ଼କ ଦୁର୍ଘଟଣା : ୩ ଗୁରୁତର

କରଞ୍ଜିଆ /ଠାକୁରମୁଣ୍ଡା, (ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ୫୩ ନମ୍ବର ରାଜ୍ୟ ରାଜପଥ କେନ୍ଦୁଜୁଆଣି ଶିଶୁମନ୍ଦିର ନିକଟରେ ସଡ଼କ ଦୁର୍ଘଟଣାରେ ୩ ଗୁରୁତର ହୋଇଛନ୍ତି। । ଗୁରୁତରଙ୍କୁ ପ୍ରଥମେ କରଞ୍ଜିଆ ଚିକିତ୍ସାଳୟ ଏବଂ ପରେ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୧୨ ଟା ସମୟରେ କଟକରେ ରହୁଥିବା କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପଡିଆପଶି ଗାଁର ରାମନାଥ ପଣ୍ଡା(୮୦) ଓ ତାଙ୍କ ସ୍ତ୍ରୀ କବିତା ପଣ୍ଡା(୭୦) ଓ ଚାଳକ ଜିତେନ୍ଦ୍ର ବେହେରା (୬୬) ସହ ନିଜ କାରରେ କରଞ୍ଜିଆ ଆସୁଥିଲେ। ଗୁରୁତର ଆହତ ରମାକାନ୍ତ ପଣ୍ଡା ଓ କବିତା ପଣ୍ଡା ଉଭୟ ସ୍ୱାମୀ ସ୍ତ୍ରୀ, ନିଜ ଶଶୁର ଘର କରଞ୍ଜିଆକୁ ଆସୁଥିଲେ । ଆସନ୍ତାକାଲି ରବିବାର କେନ୍ଦୁଝର ରେ ନିଜ ସମ୍ପର୍କୀୟ ଙ୍କ ଶ୍ରାଦ୍ଧ ବାର୍ଷିକ ରେ ଯୋଗ ଦେଇଥାନ୍ତେ । ମାତ୍ର ଆଉ ୨୫ କିମି ପରେ କରଞ୍ଜିଆ ପହଞ୍ଚିବାକୁ ଥିବାବେଳେ କେନ୍ଦୁଜିଆଣୀରେ ଏଭଳି ମର୍ମନ୍ତୁଦ ଦୁର୍ଘଟଣର ଶିକାର ହୋଇଥିଲେ। ଠାକୁରମୁଣ୍ଡା ଥାନା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରୀ ରଖିଛନ୍ତି।

## ରାଷ୍ଟ୍ର ନିର୍ମାଣରେ ଏନସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ : ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): ରାଷ୍ଟ୍ର ନିର୍ମାଣରେ ଏନ.ସି. ସି.ର ଭୂମିକା ଗୁରୁତ୍ୱପୂର୍ଣ ବୋଲି ରାଜ୍ୟପାଳ ଡ଼.ହରି ବାବୁ କମ୍ଭମପାଟି କହିଛନ୍ତି । ଚଳିତ ମଇ ୧୭




ତାରିଖ ଦିନ ଓଡିଶା ଏନସିସି ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଓୟୁଏଟି ପ୍ରେକ୍ଷାଳୟରେ ଆୟୋଜିତ ସେମିନାରକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଏନସିସି ଏକ ସକ୍ରିୟ ଯୁବ ଆନ୍ଦୋଳନ ଭାବରେ ଉଭା ହୋଇଛି, ଯାହା ଶୃଙ୍ଖଳା, ଚରିତ୍ର ଗଠନ ଏବଂ ନିଃସ୍ୱାର୍ଥପର ସେବା ମାଧ୍ୟମରେ ଦାୟିତ୍ୱବାନ ନାଗରିକ ଏବଂ ଦେଶର ଭବିଷ୍ୟତକୁ ଗଠନ କରୁଛି । ଦେଶ ଗଠନରେ ଏନସିସି ଏକ ଶକ୍ତି ଗୁଣାଙ୍କ ଶୀର୍ଷକ ବିଷୟ ବସ୍ତୁ ରଖାଯାଇ ସେମିନାର ଆୟୋଜନ କରାଯାଇଥିବାରୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ଏହା ଜାତୀୟ ସୁରକ୍ଷା, ସାମାଜିକ ଏବଂ ସାଂସ୍କୃତିକ ଅବଦାନ, ଯୁବ ବିକାଶ, ଡିଜିଟାଲ ଉପକରଣ ବ୍ୟବହାର ଉପରେ ଅଧିକ ପର୍ଯ୍ୟବେସିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଏନସିସି କିପରି ଅଧିକ ଶକ୍ତିଶାଳୀ ରାଷ୍ଟ୍ର ଗଠନରେ ଯୋଗଦାନ ଦିଏ ସେ ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରିଥିଲେ । ମହିଳା ସଶକ୍ତିକରଣ, ଜନଜାତି, ଗ୍ରାମୀଣ ଓ ସହରାଞ୍ଚଳର ଯୁବକମାନଙ୍କୁ ସାମିଲ କରି ରାଜ୍ୟର ସମାଶେୀ ବିକାଶ ଲକ୍ଷ ସାଧିତ କରିବା ପାଇଁ ଏନସିସିର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏନସିସି ଅଧିକାରୀ ଓ କ୍ୟାଡେଟମାନଙ୍କର ଉତ୍ସର୍ଗୀକୃତ ସେବା ଏବଂ ଶକ୍ତି ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ସେମାନଙ୍କର ପ୍ରତିବଦ୍ଧତା ଦେଶର ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି ସେମିନାର ଓଡ଼ିଶାରେ ଏନସିସି ଆନ୍ଦୋଳନକୁ ଅଧିକ ସୁଦୂରପ୍ରସାରୀ କରିବ ଏବଂ ଜାତୀୟ ପ୍ରଗତିରେ ଏକ ଅର୍ଥପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଥିଲେ ଔ ଏନସିସି ଓଡ଼ିଶାର ନିର୍ଦ୍ଦେଶକ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ସମେତ ଏନସିସି ଏବଂ ସେନାର ବରିଷ୍ଠ ଅଧିକାରୀ ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ ।

## ବାଲି ଭାରିଯାନ ଚଳାଚଳକୁ ବିରୋଧ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ବରୁଣ୍ଡାଇ ରାସ୍ତାରେ ପ୍ରତ୍ୟେହ ବାଲି ଭାରିଯାନ ଶହ ଶହ ସଂଖ୍ୟାରେ ଯାତାୟତ ହେଉଛି । ସଠିପୁର ଠାରୁ ବରୁଣ୍ଡାଇ ମଧ୍ୟରେ ପ୍ରାୟ ୩୦ଟି ସ୍ଥାନରେ ବେଆଇନ ଚାନ୍ଦା ଆଦାୟ କରାଯାଉଛି । ଯେହେତୁ ବେଆଇନ ଭାରୀଯାନ ଚାଲୁଛି ସେମାନେ ଚାନ୍ଦା ଦେଇ ଯାତାୟତ କରୁଛନ୍ତି । ହେଲେ ଚାନ୍ଦାକୁ କେନ୍ଦ୍ର କରି ଚାଳକ ଓ ଚାନ୍ଦା ଆଦାୟକାରୀଙ୍କ ମଧ୍ୟରେ ମାରପିଟ ଓ ଗାଡି ଭଂଗାରୁଜା ହେବାରୁ ପାଣିକୋଇଲି ଥାନାରେ ୨ଟି ମାମଲା ରୁଜୁ ହୋଇଛି । ଏହି ଦୁଇ ମାମଲାରେ ୮ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି । ଫଳରେ ରାସ୍ତାରେ ଚାନ୍ଦା ଆଦାୟ ବନ୍ଦ ରହିଛି । ରାସ୍ତା କାମ ଚାଲୁଥିବା ବେଳେ ବର୍ଷା ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇଛି ।

### ମଶାଣିଚଣ୍ଡି ମନ୍ଦିର ସମ୍ପାଦକ ନରସିଂହ ବେହେରାଙ୍କୁ ହତ୍ୟା

## ୩ କୋର୍ଟ ଚାଲାଣ, ଭୁଜାଲି, ଚାପଡ଼, କଟୁରି ଜବତ

ପୁରୀ (ସବ୍ୟୁ): ଗତ ୧୬ ତାରିଖ ରାତ୍ରିରେ ସ୍ଥାନୀୟ ଗୋଖାସାହି ଛକ ନିକଟରେ ଘଟି ଥିବା ମଶାଣି ଚଣ୍ଡି ମନ୍ଦିର ସମ୍ପାଦକ ନରସିଂହ ଓରଫ କୁନା ବେହେରା ହତ୍ୟା ମାମଲାରେ ବାସେଳୀ ସାହି ଥାନା ପୋଲିସ୍ ଆଜି ଜଣେ ନାବାଳକ ସମେତ ତିନି ଜଣ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛିଛ ଗିରଫ ହୋଇ ଅପରାଧିମାନେ ହେଲେ ବାଦଲ ଓରଫ କାର୍ତ୍ତିକ ବେହେରା(୨୦), ମାଟିତୋଟା ତୃତିୟ ଲେନ, ବିଷ୍ଣୁ ଭୋଇ(୪୦), ମାର୍କଣ୍ଡେଶ୍ୱର ସାହି, ମଶାଣିଚଣ୍ଡୀ ଛକ ଓ ତାର ନାବାଳକ ପୁତ୍ର ଅଟନ୍ତି । ପୋଲିସ ଅଭିଯୁକ୍ତଙ୍କ ଠାରୁ ହତ୍ୟା କାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଭୁଜାଲି, କଟୁରି ଚାପଡ଼ ଆଦି ଜବତ କରିଛି । ଏହି ହତ୍ୟାକାଣ୍ଡ ମୁଖ୍ୟ ମଶାଣିଚଣ୍ଡି ମନ୍ଦିର ପରିସରରେ ଥିବା ନଡିଆ ଚୋରି ଘଟଣା ଓ ପ୍ରତିଶୋଧ ପରାୟଣକୁ ନେଇ ଘଟିଛି । ପୋଲିସ ସୂଚନା ମୁତାବକ ମୃତ କୁନା ଓରଫ ନରସିଂହ ବେହେରା ମଶାଣିଚଣ୍ଡି ମନ୍ଦିର କମିଟିର ସମ୍ପାଦକ ଅଟନ୍ତି । ମନ୍ଦିର ପରିସରରେ ଥିବା ବଗିଚାରେ କେତେକ ନଡ଼ିଆ ଗଛ ରହିଛି । ଅଭିଯୁକ୍ତ ବିଷ୍ଣୁ ଭୋଇ ଗତ କିଛି ଦିନ ତଳେ ନଡ଼ିଆ ଗଛଗୁଡ଼ିକରୁ ନଡ଼ିଆ ଚୋରି କରି ନେଉ ଥିଲା । ଏନେଇ କୁନା ଅଭିଯୁକ୍ତ ବିଷ୍ଣୁକୁ କାହିଁକି ନଡ଼ିଆ ଚୋରି କରୁଛୁ ବୋଲି ତାଗିଦ୍ କରିଥିଲେ । ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । କୁନା ଅଭିଯୁକ୍ତ ବିଷ୍ଣୁଙ୍କୁ ଦୁଇ ଚାପଡ ମାରି ଥିଲେ । ଏନେଇ ବିଷ୍ଣୁ ଘରେ ତାର ପୁଅକୁ କହି ଥିଲା । ବିଷ୍ଣୁ ଭୋଇ ନାବାଳକ ପୁତ୍ର ତାର ବାପାକୁ କାହିଁକି ବାଡେଇଲେ ବୋଲି ନରସିଂହକୁ ପଚାରି ଥିଲାଛ ନରସିଂହ ଉତଖିପ୍ତ ହୋଇ ବିଷ୍ଣୁ ଭୋଇ ନାବାଳକ ପୁତ୍ରକୁ ଟେକି କି କଚି ଦେଇ ଥିଲେ । ଏନେଇ ବିଷ୍ଣୁ ପୁତ୍ର ଘରେ କହି ଥିଲା । ଯାହା ଫଳରେ ବିଷ୍ଣୁ ଭୋଇ ମନରେ ରାଗ ସୃଷ୍ଟି ହୋଇ ଥିଲା । ପ୍ରତିଶୋଧ ନେବା ପାଇଁ ବିଷ୍ଣୁ ଓ ପୁତ୍ର ମାନେ ଷଡ଼ଯନ୍ତ୍ର କରି ଥିଲେ ।

କୁନା ଓରଫ ନରସିଂହ ରାତିରେ ଘର ବାରଣ୍ଡାରେ ଶୋଇ ଥିବା ବେଳେ ବିଷ୍ଣୁ, ନାବାଳକ ପୁତ୍ର ଓ କାର୍ତ୍ତିକ ହାତରେ ଲଙ୍କା ଗୁଣ୍ଡ ପ୍ୟାକେଟ ଓ ମାରଣାସ୍ତ୍ର ଧରି ତାର ଘରକୁ ଯାଇ ଥିଲେ । କୁନାଙ୍କୁ ଶୋଇବାରୁ ଉଠାଇ ଥିଲେ । ସେ କିଛି ବୁଝିବା ପୂର୍ବରୁ ତାଙ୍କର ମୁହଁକୁ ଲଙ୍କା ଗୁଣ୍ଡ ପକାଇ ଥିଲେ । ଅଭିଯୁକ୍ତ ମାନେ କୁନାଙ୍କ ଶରୀର ବିଭିନ୍ନ ସ୍ଥାନକୁ ମାରଣାସ୍ତ୍ରରେ ଅତି ନିର୍ମମ ଭାବେ ଆକ୍ରମଣ କରି ଥିଲେ । ଫଳରେ କୁନାର ବେକ୍, ପିଠି, ହାତ, ଗୋଡ଼, ପେଟ ଅନ୍ୟାନ୍ୟ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ଥିଲା । ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ଟଳି ପଡ଼ିଥିଲେ । ପର୍ଯ୍ୟାପ୍ତ ରକ୍ତ ସ୍ରାବ ଓ କ୍ଷତ ଯୋଗୁଁ ଘଟଣା ସ୍ଥଳରେ କୁନାଙ୍କର ମୃତ୍ୟୁ ଘଟି ଥିଲା । ଏନେଇ କୁନା ସାନ ଭାଇ ମିନ କେତନ ବାସେଳୀ ସାହି ଥାନାରେ ଏକ ଲିଖିତ ଏତଲା ଦାଏର କରି ଥିଲେ । ଅଭିଯୋଗ ମୁତାବକ ବାସେ ଳି ସାହି ଥାନା ଆଇଆଇସି ବିକ୍ରମ କେଶରୀ ଜେନା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲେ । ମୃତ କୁନାଙ୍କ ଶବ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ଥିଲେ । ଆଜି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

### କମିଶନରେଟ୍ ପୋଲିସ

## ମହିଳା ଶିଶୁ ଡେସ୍କ : ନାମ ଅଛି କାମ ନାହିଁ

ଭୁବନେଶ୍ୱର, (ସବ୍ୟୁ) : କଟକ -ଭୁବନେଶ୍ୱର ରେ କମିଶନରେଟ୍ ପୋଲିସ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଦିନଠାରୁ ମହିଳା -ଶିଶୁ ଡେସ୍କ ନାମ ଅଛି ହେଲେ ତାହା କିଛି କାମ କରୁନାହିଁ। ମହିଳା -ଶିଶୁ ଡେସ୍କର ମୌଳିକ କାର୍ଯ୍ୟ ଯାହା ତାହା ଆଦୌ ହେଉନାହିଁ। ବିଭିନ୍ନ ଥାନା ମାନଙ୍କରେ ମହିଳା -ଶିଶୁ ଡେସ୍କ କେବଳ ନାମକରଣରେ ସୀମିତ ରହିଛି। ଯେଉଁଠି ଥାନା ଆଧୁନୀକରଣ ଯୋଜନାରେ ବଡ କୋଠା ନିର୍ମାଣ ହୋଇଛି ସେଠାରେ ଗୋଟିଏ ସ୍ୱତନ୍ତ୍ର ଗୃହ ରହିଛି। ସେହି ଗୃହ ସାମ୍ନାରେ ମହିଳା -ଶିଶୁ ଡେସ୍କ ଲେଖା ହୋଇଛି। ଅନ୍ୟ କେତେକ ଥାନାର ଗୋଟିଏ ଟେବୁଲ୍ ଉପରେ ମହିଳା -ଶିଶୁ ଡେସ୍କ ଲେଖା ଥିବା କାଠ ଫଳକଟିଏ ପଡିଥିବା ଦେଖିବାକୁ ମିଳୁଛି।

ମହିଳାଙ୍କ ପାଇଁ ଥାନାରେ ସ୍ୱତନ୍ତ୍ର ବ୍ୟବସ୍ଥା ଓ ଶିଶୁମାନଙ୍କ ପାଇଁ ସେହିପରି ନିଆରା ବ୍ୟବସ୍ଥା କରାଯିବା ପାଇଁ ଆଧୁନୀକରଣ ଯୋଜନାରେ ଟଙ୍କା ଆସୁଛି। ଯେଉଁଠି ୩/୪ ମହଲା ବିଶିଷ୍ଟ ନୂଆ ଥାନା ହୋଇଛି ସେଠାରେ ଶିଶୁମାନଙ୍କ ପାଇଁ ଗୋଟିଏ ଘରେ ଖେଳନା ଓ ଦୋଳି ପ୍ରଭୃତି ଲାଗିଥିବା ଦେଖିବାକୁ ମିଳୁଛି।




ହେଲେ ତାହା ଆଦୌ କାର୍ଯ୍ୟକାରୀ ହେଉନାହିଁ। କେଉଁଠି ମହିଳା -ଶିଶୁ ଡେସ୍କ ଲେଖା ଥିବା ଗୃହରେ ତାଲା ପଡିଛି ତ ଆଉ କେଉଁଠି ମହିଳା -ଶିଶୁ ଡେସ୍କ ଲେଖାଥିବା ଘରେ ଅନ୍ୟକାମ ହେଉଛି। ବାସ୍ତବରେ ମହିଳା ଓ ଶିଶୁମାନଙ୍କ ପାଇଁ ଜଣେ ମହିଳା ଅଫିସର ଓ ଅନ୍ୟ ଜଣେ କନେଷ୍ଟବଳ ନିୟୋଜିତ ରହିବା କଥା । ଯେଉଁ ଅନୁସାରେ ଡିସିଓ (ଡାଏରୀ ଚାର୍ଜ ଅଫିସର)ଙ୍କ ଡ୍ୟୁଟି ହେଉଛି ସେମାନଙ୍କ ଡ୍ୟୁଟି ମଧ ସେହି ଅନୁସାରେ ହେବା କଥା। ଭୁବନେଶ୍ୱରରେ ମୈତ୍ରୀ ବିହାର, ଚନ୍ଦ୍ରଶେଖର ପୁର, ଇନ୍ଫୋସିଟି, ନନ୍ଦନକାନନ, ଚନ୍ଦକା, ଭରତପୁର, ଇନ୍ଫୋଭାଲି, ତମାଣ୍ଡୋ, ଜଟଣୀ, ଖଣ୍ଡଗିରି, ନୂଆପଲ୍ଲୀ, ସହୀଦନଗର, ଖାରବେଳନଗର, କ୍ୟାପିଟାଲ୍, ଏୟାରଫିଲ୍ଡ, ଏୟାରପୋର୍ଟ, ଶ୍ରୀଲିଙ୍ଗରାଜ, ଧଉଳି, ମଞ୍ଚେଶ୍ୱର, ବରଗଡ, ପାହାଳ, ବାଲିଅନ୍ତା, ବାଲିପାଟଣା, ଲକ୍ଷ୍ମୀସାଗର ଓ ସାଇବର ଥାନା ପ୍ରଭୃତିରେ ମହିଳା -ଶିଶୁ ଡେସ୍କ ଲେଖା ରହିଛି। ଅଫିସର ନାହାଁନ୍ତି କିମ୍ବା ଥାନାକୁ ଆସୁଥିବା ମହିଳା -ଶିଶୁମାନଙ୍କ କଥା ସ୍ୱତନ୍ତ୍ର ଭାବେ ବିଚାର କରାଯାଉନାହିଁ।

ଥାନାକୁ ଆସୁଥିବା ମହିଳା ଓ ଶିଶୁମାନେ ଡିସିଓଙ୍କ ପାଖରେ ତାଙ୍କ ଅଭିଯୋଗ କହୁଛନ୍ତି। ସେଠାରେ ସାଧାରଣ ଅଭିଯୋଗକାରୀ ରହୁଥିବାରୁ ତାଙ୍କ କଥା ସ୍ୱତନ୍ତ୍ର ଭାବେ ବିଚାର କରାଯାଇ ପାରୁ ନାହିଁ। ଜଣେ ଆଇଆଇସିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଭିନ୍ନ ମତ ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ ମହିଳା ଓ ଶିଶୁମାନଙ୍କ କଥା ଡିସିଓ ବୁଝୁଛନ୍ତି। କାରଣ ମହିଳା ଓ ଶିଶୁମାନଙ୍କୁ ସବୁ କ୍ଷେତ୍ରରେ ପ୍ରାଥମିକତା ଦିଆଯାଉଛି। ଯେପରି ମହିଳା ଥାନା ଥିଲେ ମଧ ଯେଉଁ ଥାନା ଅଞ୍ଚଳରେ ବଳାତ୍କାର ଘଟଣା ଘଟୁଛି ସେହି ଥାନା ଅଞ୍ଚଳରେ ମାମଲା କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପୀଡିତାଙ୍କୁ ନ୍ୟାୟ ଦିଆଯାଉଛି। ସେ କ୍ଷେତ୍ରରେ ଆଇଆଇସି ପୀଡିତାଙ୍କୁ କଣ ମହିଳା ଥାନାକୁ ଯିବାକୁ କହୁଛନ୍ତି କି ? କୌଣସି ମହିଳାଙ୍କୁ ଯଦି କେହି ମାଡ ମାରୁଛନ୍ତି ସେ କଥା ମଧ ସାଧାରଣ ଡିସିଓ ଚୌକିରେ ବିଚାର କରାଯାଉଛି।

ସେହିପରି ଶନିବାର ଗୋଟିଏ ଥାନାର ଜଣେ ଡିସିଓଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ କର୍ମଚାରୀ ଅଭାବରୁ ଡିସିଓଙ୍କ ପାଖରେ ଜଣେ ଜରୁରୀକାଳୀନ ଅଫିସର ରହିବା କଥା, ହେଲେ ତାହା ସମ୍ଭବ ହେଉନାହିଁ। ୧୦ ଜଣ ଅଫିସର ଆବଶ୍ୟକ ଥିବା ସ୍ଥାନରେ ୩/୪ ଜଣ ଅଫିସରଙ୍କୁ ନେଇ କାମ କରାଯାଉଛି। ସେହିପରି ଅନ୍ୟ କର୍ମଚାରୀ ଅଭାବରୁ ଥାନାରେ ଠିକ୍‌ଭାବେ ସେଣ୍ଟ୍ରିକାର୍ଯ୍ୟ ହୋଇପାରୁନାହିଁ। ଅପରାଧ ବିଶେଷଜ୍ଞଙ୍କ ମତରେ ଯେତେ ସମସ୍ୟା ଥିଲେ ମଧ ଥାନାମାନଙ୍କରେ ମହିଳା -ଶିଶୁ ଡେସ୍କ ସର୍ବଦା ଆଲର୍ଟ ରହିବା କଥା।








ଲିଙ୍ଗିପୁରରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ପୂର୍ବ ବିଜ୍ଞପ୍ତି ଆଧାରରେ ଆସିପାରିବନି ଅନାସ୍ଥା

କଟକ,(ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ପୂର୍ବ ବିଜ୍ଞପ୍ତି ଆଧାରରେ ହୋଇପାରିବନି ଅନାସ୍ଥା ଭୋଟ୍ । ଅନାସ୍ଥା ଭୋଟ୍ ପ୍ରକ୍ରିୟା ସଂପର୍କିତ କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି । ଏଥିସହ ହାଇକୋର୍ଟର ସିଙ୍ଗଲ୍ ଜଜ୍ ପୂର୍ବରୁ ଯେଉଁ ଆଦେଶ ଦେଇଥିଲେ ତାକୁ ମଧ୍ୟ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ବିରୋଧୀଙ୍କୁ ଝଟ୍କା ଲାଗିଛି । ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ସମେତ ୨୨ଜଣ ସଦସ୍ୟଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ମହାକାଳପଡ଼ା ବୃକ୍ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ୍ ପାଇଁ ୪୨ଜଣ ସଦସ୍ୟ ପ୍ରସ୍ତାବ ଆଣିଥିଲେ । ଗତ ଏପ୍ରିଲ ୫ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଗତ ହେବ ବୋଲି କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା । ହଠାତ୍ ଅନାସ୍ଥାର ଠିକ୍ ଗୋଟେ ଦିନ ପୂର୍ବରୁ ଅର୍ଥାତ ୪ ତାରିଖରେ ୯ଜଣ ସଦସ୍ୟ ଅସୁସ୍ଥ ଥିବା ଦର୍ଶାଇ ଏହାକୁ ସ୍ଥଗିତ ରଖିବା ପାଇଁ ନୋଟିସ୍ କରାଯାଇଥିଲା । ଏଥିପାଇଁ ଅନ୍ୟ ଏକ ଦିନ ଧାର୍ଯ୍ୟ କରାଯିବ ବୋଲି କୁହାଯାଇଥିଲା । ଏହି ବିଜ୍ଞପ୍ତିକୁ ଚାଲେଞ୍ଜ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣିକିଆ ବିଚାରପତି ଗତ ୬ତାରିଖରେ ମାମଲାର ରାୟ ପ୍ରକାଶ କରି ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରି ଦେଇଥିଲେଛ ରିକ୍ୟୁଜେସନ୍ ଆଧାରରେ ଅନାସ୍ଥା ଭୋଟ୍ ପାଇଁ ଆଉ ଏକ ଦିନ ଧାର୍ଯ୍ୟ କରିପାରିବାର କ୍ଷମତା

### ବିଜ୍ଞପ୍ତି ରଦ୍ଦ କଲେ ହାଇକୋର୍ଟ

ଉପ ଜିଲ୍ଲାପାଳଙ୍କର ରହିଛି ବୋଲି ଅଦାଲତ ରାୟ ଦେଇଥିଲେ ।

ଜଣିକିଆ ବିଚାରପତିଙ୍କ ଏହି ଆଦେଶ ବିରୋଧରେ ଆବେଦନକାରୀମାନେ ରିଟ୍ ଅପିଲ୍ରେ ପୁଣି ହାଇକୋର୍ଟକୁ ଆସିଥିଲେଛ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ୯ଜଣ ସଦସ୍ୟ ଅସୁସ୍ଥ ହୋଇଛନ୍ତି ବୋଲି ଦର୍ଶାଯାଇ ଅନାସ୍ଥାକୁ ବନ୍ଦ କରାଯିବା ପଛରେ ପ୍ରତିପକ୍ଷଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛିଛ ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ଯଦିଓ ୯ ଜଣ ସଦସ୍ୟ ଯୋଗ ନଦେଇପାରିବା କାରଣରୁ ଅନାସ୍ଥାକୁ ସ୍ଥଗିତ ରଖାଗଲା କିନ୍ତୁ ଏହା ପଛର କାରଣ ସଂକ୍ରାନ୍ତରେ କିଛି ବି' ଅବଗତ କରାଯାଇନାହିଁ । ଏହା ପଛରେ କିଛି ମନ୍ଦ ଉଦ୍ଦେଶ୍ୟ ଥିବା କଥାକୁ ଅସ୍ୱୀକାର କରାଯାଇ ପାରିବନାହିଁ । ବିଭାଗୀୟ ଅଧିକାରୀ ଏ ଦିଗରେ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ନିଶ୍ଚିତ ଭାବେ ସବୁ ଦୃଷ୍ଟିରୁ ସ୍ୱଚ୍ଛ ତଥା ନିରପେକ୍ଷତା ହେବା ଆବଶ୍ୟକ । ଯଦି ଅଧିକାରୀଙ୍କ ପଦକ୍ଷେପରେ କୌଣସି ପ୍ରକାର ମନ୍ଦ ଉଦ୍ଦେଶ୍ୟ ରହୁଥାଏ ତାହେଲେ ଅଦାଲତ ହସ୍ତକ୍ଷେପ କରିବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ଏପ୍ରିଲ ୪ ତାରିଖରେ ଉପଜିଲ୍ଲାପାଳଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିକୁ ରଦ୍ଦ କରିବା ସହ ଜଣିକିଆ ବିଚାରପତିଙ୍କ ଆଦେଶକୁ ମଧ୍ୟ ଖାରଜ କରି ଦେଇଛନ୍ତି । ତେବେ ପ୍ରତିପକ୍ଷ ଚାହିଁଲେ ସାନି ପ୍ରସ୍ତାବ ଆଗତ କରିପାରିବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଥିଲେ ।

## କଳାପଥର ଚୋରି ରୋକିବାକୁ କ୍ରସର ଗୁଡ଼ିକ ପାଇଁ

# ରାଜ୍ୟ ସରକାରଙ୍କ ନୂଆ ଏସ୍‌ଓପି : ହେଲେ ଯାଜପୁର ଜିଲ୍ଲାରେ ଖଣି ଚୋରିକୁ ଲଗାମ ନାହିଁ

ଚଣ୍ଡିଖୋଲ,(ସବ୍ୟୁ.): ହଜାର ହଜାର କୋଟି ଟଙ୍କାର ଗ୍ରାନାଇଟ କଳାପଥର ଚୋରି ରୋକିବାକୁ ରାଜ୍ୟ ସରକାର ଇତିମଧ୍ୟରେ ନୂଆ ଏସ୍.ଓ.ପି. ଜାରି କରିଛନ୍ତି । ଖଣି ଖାଦାନ ରହିଥିବା ଜିଲ୍ଲା ଗୁଡିକରେ ଟ୍ୟାକ୍ସଫୋର୍ସ ଗଠନକରି ପଥର ଚୋରିକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପଥରଚୋରୀ ରୋକିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଏହି ନିର୍ଦ୍ଦେଶ ନାମାରେ କୁହାଯାଇଛି । ଉକ୍ତ ଏସଓପି ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଯାଜପୁର ଜିଲ୍ଲାରେ ବ୍ୟାପକ ଭାବେ ଚାଲିଆସିଥିବା କଳାପଥର ଚୋରି ପ୍ରକ୍ରିୟାରେ ରୋକ ଲାଗିପାରିବ ବୋଲି ରାଜ୍ୟ ସରକାର ଆଶାବ୍ୟକ୍ତ କରିଛନ୍ତି । ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ସଚିବ ଦୌଲତ ଚନ୍ଦ୍ରକାର ପଠାଇ ଥିବା ତାଙ୍କ ପତ୍ର ସଂଖ୍ୟା ୪୨୦୬/୦୫.୦୫.୨୦୨୫ରେ କଳାପଥର ବ୍ୟବହାର କରୁଥିବା କ୍ରସର୍ ଗୁଡ଼ିକ ଏହି ଏସ୍.ଓ.ପି ର ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧ ବୋଲି କୁହାଯାଇଛି । ସର୍ତ୍ତାବଳୀ ଅନୁସାରେ କ୍ରସର୍ ୟୁନିଟ୍ ବସାଇବା ପୂର୍ବରୁ ମାଲିକମାନେ ସମସ୍ତ ବିଭାଗ ଠାରୁ ଅନୁମତି ହାସଲ କରିବା ସହ ୧୪ ଏମ୍.ଏସ୍ ସିଷ୍ଟମ୍ ଦ୍ୱାରା ଇ- ଟ୍ରାଞ୍ଜିଟ୍ ପାସ୍ ଉପଲବ୍ଧ କରିବେ! ପ୍ରତ୍ୟେକ ଦିନ ଖଣିରୁ କେତେ ପରିମାଣର ପଥର ଆଣିଛନ୍ତି ଓ କେତେ ପରିମାଣର ଉତ୍ପାଦନ କରାଯାଇଛି ତାହାର ସମସ୍ତ ତଥ୍ୟ ସି- ଫର୍ମରେ ଉଲ୍ଲେଖ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । କେବଳ ସେତିକି ନୁହେଁ ଏହି ସି - ଫର୍ମକୁ ପ୍ରତି ମାସର ପ୍ରଥମ ସପ୍ତାହରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିବା ସଙ୍ଗେସଙ୍ଗେ କ୍ରସର ୟୁନିଟ୍ ଗୁଡ଼ିକ ତାଙ୍କର ସମସ୍ତ ରିପୋର୍ଟ ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉଲ୍ଲେଖ କରିବାକୁ



ନିର୍ଦ୍ଦେଶ ରହିଛି । ଏହି ରିପୋର୍ଟ ଓ ଖାତାକୁ ଜିଲ୍ଲା ଟାକ୍ସଫୋର୍ସ ଯେକୌଣସି ଦିନ ଯାଞ୍ଚ୍ କରିପାରିବେ ବୋଲି କୁହାଯାଇଛି । କ୍ରସର ୟୁନିଟରେ ଗଚ୍ଛିତଥିବା କଳାପଥର ଓ ଉତ୍ପାଦିତ ମାଲକୁ ମଧ୍ୟ ନିୟମିତ ଯାଞ୍ଚ୍ କରାଯିବା ସହ କ୍ରସର ଗୁଡ଼ିକ ପରିବେଶ ପ୍ରଦୂଷଣ ନିୟମକୁ କଡାକଡି ଭାବେ ପାଳନ କରୁଛନ୍ତି କି ନାହିଁ ତାହାର ଯାଞ୍ଚ କରାଯିବ ବୋଲି କୁହାଯାଇଛି । କ୍ରସର ଗୁଡ଼ିକର ପ୍ରବେଶ ପଥରେ ଏକମାତ୍ର ଗେଟ୍ ର୍ନିମାଣ ହେବ ଓ ଏହି ଗେଟ୍ ଏବଂ କ୍ରସର ୟୁନିଟ୍ ଭିତରେ ସି.ସି କ୍ୟାମେରା ଲଗଯିବା ସହିତ ସି.ସି କ୍ୟାମେରାର ସମସ୍ତ ତଥ୍ୟ ସଂଗ୍ରକ୍ଷିତ କରି ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି! ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଆବଶ୍ୟକସ୍ତଳେ ଜିଲ୍ଲା ଟାକସ୍ ଫୋର୍ସ ଅଧିକ ନିୟମ ଲାଗୁ କରିପାରିବେ ବୋଲି ମଧ୍ୟ ନିର୍ଦ୍ଦେଶ ନାମାରେ ଉଲେଖ ରହିଛି । କ୍ରସର ୟୁନିଟ୍ ଗୁଡ଼ିକ ସରକାରଙ୍କର ଏହି ଏସ୍.ଓ.ପି ପାଳନ ନକଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ତତକ୍ଷଣାତ ଆଇନକୁ ମାନି ନଥିବା କ୍ରସର ଓ ପଥରଖଣି ଗୁଡିକୁ ତୁରନ୍ତ ବନ୍ଦ କରିବାକୁ ଜିଲ୍ଲାପାଳ ଓ ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କୁ ଦାୟିତ୍ୱ ନିର୍ଦ୍ଦେଶ ଦିଆଯାଇଛି । ଦୀର୍ଘ ବର୍ଷ ଧରି ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବିଛାଖଣ୍ଡି, ରାହାଡପୁର, ବାଘୁଆ, ଆରୂହା, ଚଢ଼େଇଧରା ଓ ଡ଼ଙ୍କାରୀ ପ୍ରଭୃତି ପାହାଡର ଅନେକ କଳାପଥର ଖଣି ଗୁଡିକରୁ ବ୍ୟାପକ ପଥର ଚୋରି ଚାଲିଛି । ଏବେ ଏହିସବୁ ପାହାଡ଼ ଗୁଡ଼ିକରୁ କୋଟିକୋଟି ମେଟ୍ରିକ ଟନ ପଥର ଚୋରା ଚାଲାଣ ହେଉଥିବାରୁ ଏହି ପାହାଡ ନିଜର ଅସ୍ଥିତ୍ୱ ହରାଇବାକୁ ବସିଛି । ହେଲେ ପାହାଡରୁ ଯେଉଁ ପରିମାଣରେ ପଥର ଉତ୍ତୋଳନ ହେଉଛି ସରକାର ସେହି ପରିମାଣର ରାଜସ୍ୱ ପାଉନାହାନ୍ତି । ଧର୍ମକୁ ଆଖିଠାର ସଦୃଶ ଲିଜଧାରୀ ମାନେ ମାତ୍ର କିଛି ପରିମାଣର ପଥର ଉଠାଇବାକୁ ଚୁକ୍ତି ସ୍ୱାକ୍ଷରକରି ସହି ପରିମାଣର ରାଜସ୍ୱ ପୈଠ କରୁଥିଲେ ମଧ୍ୟ ଚୁକ୍ତି ଖିଲାପକରି ଲକ୍ଷଲକ୍ଷ ଟନର ଅଧିକ ପଥର ଚୋରା ଚାଲାଣ କରୁଛନ୍ତି । ଏହିକଥା ଜାଣି ମଧ୍ୟ ଜିଲ୍ଲା ପ୍ରଶାସନ, ପୋଲିସ ଓ ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ ମେନେରାଲ) ନିରବଦ୍ରଷ୍ଟା ସାଜିଛନ୍ତି । ଯେଉଁଥି ପାଇଁ ଖଣିରୁ ପଥରଚୋରୀ ବଢିବଢି ଚାଲିଛି । ଖଣିରୁ ପଥରଚୋରି ରୋକିବା ପାଇଁ କ୍ରସର ୟୁନିଟ ପରି ଖଣି ଲିଜଧାରୀଙ୍କ ପାଇଁ କଠୋର ନିୟମ ଲାଗୁ କରାଯିବା ସହ ନିୟମିତ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯିବାର ଆବଶ୍ୟକତା ରହିଛି ।

## ଯୁବ ସମାଜସେବୀ ମନୋଜଙ୍କ ଦେହାନ୍ତ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧାର ଜଣେ ଜଣା ଶୁଣା ଯୁବ ସମାଜ ସେବି ତଥା ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ମନୋଜ କୁମାର ହରିଚନ୍ଦନଙ୍କ ୫୨ ବର୍ଷ ବୟ ସରେ ଦେହାନ୍ତ ଘଟିଛି । ସ୍ୱର୍ଗତ ମନୋଜ କିଛିଦିନ ହେବ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲ ସମେତ ଘରେ ରହି ଚିକିତ୍ସିତ ହେଉଥିଲେ । ଶୁକ୍ରବାର ଭୋର ୩ : ୩୦ ଟାସମୟରେ ସାଗୁଆନ ବଗିଚା ସ୍ଥିତ ନିଜ ବାସ ଭବନରେ ତାଙ୍କର ଦେହାନ୍ତ ହୋଇଥିଲା । ମନୋଜଙ୍କ ମୃତ୍ୟୁ ଖବର ପାଇ ତାଙ୍କ ବାସଭବନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ , ସର୍ବେଶ୍ୱର ପ୍ରଧାନ ,ମନୋଜ କୁମାର ବାରିକ, ପ୍ରକାଶ କୁମାର ଦାସ ରାଜେନ୍ଦ୍ର ସିଂହ, ଗୋଶାଳାର ପ୍ରତିଷ୍ଠାତା ରାଧା ମୋହନ ପ୍ରଧାନ ସାମ୍ବାଦିକ ଲଳିତ ମୋହନ ମହାପାତ୍ର, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ସମାଜସେବୀ ପ୍ରମୁଖ ମର ଶରୀର ନିକଟରେ ପହଞ୍ଚି ଶେଷ ଦର୍ଶନ କରି ଆମର ଆତ୍ମାର ସଦଗତି କାମନା କରିବା ସହିତ ପରିବାରକୁ ସମବେଦନା ଜଣାଇଥିଲେ । ସୂଚନା ଯୋଗ୍ୟ ମନୋଜ ଖୋର୍ଦ୍ଧା ଓଏଭର୍ଣ



କୋଅପେରେଟିଭ ସୋସାଇଟିର ପୂର୍ବତନ ସମ୍ପାଦକ ସ୍ୱର୍ଗତ ଦୁଖୀଶ୍ୟାମ ହରିଚନ୍ଦନଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ । ଦୁଃଖଦ ସମୟରେ ତାଙ୍କ ମର ଶରୀର ନିକଟରେ ମାଆ ସୁଶୀଳା ,ପତ୍ନୀ ବବିତା,ତିନି ଭାଇ ସରୋଜ, ନିରୋଜ, ନିକୁଞ୍ଜ, ପୁଅ ରୁଦ୍ର ନାରାୟଣ ପୁତୁରା ଆଦିତ୍ୟ ଝିଅ ମଧୁସ୍ମିତା ଜ୍ୱାଇଁ ସତନ ,ଶଢୁ ତଥା ସମାଜ ସେବି ଯୋଗେଶ ପ୍ରଧାନଙ୍କ ସମେତ ବନ୍ଧୁ ବାନ୍ଧବ ଓ ନିଜ ପୈତୃକ ଗ୍ରାମ କଦଳିବାଡି ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମର ଶରୀର ନିକଟରେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ସ୍ଥାନୀୟ ବରୁଣେଇସ୍ଥିତ ହାଡ ଗାଡ଼ିଆ ମଶାଣିରେ ମନୋଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ରୁଦ୍ର ମୁଖାଗ୍ନି ଦେଇଥିଲେଛ ସେ ଜଣେ ଅତ୍ୟନ୍ତ ମେଳାପି, ମିଷ୍ଟଭାସି,ପରୋପକାରୀ, ଏବଂ ଜଣା ଶୁଣା ସମାଜସେବୀ ଥିବା ବେଳେ ଠେଙ୍ଗାହାଟ ଦଶଦୋଳ ପୂଜା କମିଟି, ମା ଗୋଷ୍ଟେଶ୍ୱରୀ ରାମ ଚରିତ ମାନସ ପରିଷଦ, ଗୋଷ୍ଟେଶ୍ୱରୀ କ୍ଲବର ବରିଷ୍ଠ ସଦସ୍ୟ ଭାବେ ପରିଚିତ ଥିଲେ ।

## ବିଗ୍ରହମାନଙ୍କ ପହଣ୍ଡି ସମୟରେ ରଥ ଉପରେ ମୋବାଇଲ ଫୋନ ବ୍ୟବହାର ନିଷିଦ୍ଧ

ପୁରୀ (ସବ୍ୟୁ): ଚଳିତ ବର୍ଷ ରଥ ଯାତ୍ରା ସମୟରେ ରଥ ଉପରେ ମହାପ୍ରଭୁଙ୍କ ପହଣ୍ଡି ସମୟରେ ମୋବାଇଲ ଫୋନ ବ୍ୟବହାର ନିଷିଦ୍ଧ କରା ଯାଇଛି । ଏହି ନିଷ୍ପତି ଆଜି ଶ୍ରୀମନ୍ଦିର କାର୍ଯ୍ୟା ଲୟ ଠାରେ ଅନୁଷ୍ଠିତ ବାଡ଼ଗ୍ରାହୀ, ଦଇତାପତି ନିଯୋଗ ଓ ପୂଜାପଣ୍ଡା ନିଯୋଗ ସହିତ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରା ଯାଇଛି । ଗତବର୍ଷ ବିଗ୍ରହ ମାନଙ୍କ ଆଡପ ମଣ୍ଡପ ବିଜେ ଦିନ ବଡ ଠାକୁର ବଳଭଦ୍ର ଚାର ଉପରେ ପଡି ଯାଇ ଥିଲେ । ଯାହା ଫଳରେ ପହଣ୍ଡି ନୀତି ସଂପାଦନ କରୁ ଥିବା ଦଇତା ପତି ସେବକ ମାନେ ଆହତ ହୋଇ ଥିଲେ । ଯାହାକୁ ନେଇ ସାରା ଦେଶରେ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଥିଲା । ଏହି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଇ ଆଜିର ବୈଠକରେ ଆଲୋଚନା ହୋଇ ଥିଲା । ରଥ ଯାତ୍ରା ଓ ବିଗ୍ରହ ମାନଙ୍କ ପହଣ୍ଡି ବିଜେ ନୀତି ଯେପରି ଶୃଙ୍ଖଳିତ ଭାବେ ସମାପନ ହେବ ସେ ନେଇ ପ୍ରଶ୍ନ ଉଠିଥିଲା । ଏଣୁ ନୀତିକାନ୍ତି ଓ ପହଣ୍ଡି ସୁରୁଖୁରୁରେ ଶୃଙ୍ଖଳିତ ଭାବେ କରିବା ନେଇ ଚଳିତ ବର୍ଷ ନୀତି ର୍ନିଘଣ୍ଟ ପୂର୍ବରୁ ଦୁଇ ପ୍ରମୁଖ ନିଯୋଗ ସହିତ ଆଲୋଚନା କରାଯାଇଅଛି । ପହଣ୍ଡି ସମୟରେ ମୋବାଇଲ ବ୍ୟବହାର କଟକଣା ସହ ର୍ନିଦ୍ଧିଷ୍ଟ ସଂଖ୍ୟକ ସେବକଙ୍କୁ ନେଇ ପହଣ୍ଡି କରାଯିବାକୁ ଆଜି ବୈଠକରେ ଆସିଥିବା ପ୍ରସ୍ତାବ ଉପରେ ଧ୍ୟାନ ଦିଆଯିବ ବୋଲି ଜିଲ୍ଲାପାଳ ମତ ରଖିଛନ୍ତି । ତେବେ ଶୃଙ୍ଖଳିତ ତ୍ରୁଟି ଶୂନ୍ୟ ରଥଯାତ୍ରା କରିବା ନେଇ ଆଜି ଉଭୟ ନିଯୋଗର କର୍ମକର୍ତ୍ତା ମାନେ ପ୍ରଶାସନଙ୍କୁ ସହଯୋଗ କରିବେ ବୋଲି ମତ ରଖିଛନ୍ତି । ବିଶ୍ୱ ନିୟନ୍ତାଙ୍କ ଘୋଷଯାତ୍ରା ସୁରୁଖୁରୁରେ ସମାପନ ନେଇ ଆଜି ବୈଠକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଥିବା ଜଣାପଡ଼ିଅଛି ।

## ସିବିଏସ୍‌ସି ଦଶମ ବୋର୍ଡ଼ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସିଆଳିଆର ସଫଳତା

ଖୋର୍ଦ୍ଧା, (ସବ୍ୟୁ) : ସିବିଏସ୍‌ସି ଦଶମ ବୋର୍ଡ଼ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏଥିରେ ଖୋର୍ଦ୍ଧା ବ୍ଲକ ଅଧିନସ୍ଥ ସିଆଳିଆ ଠାରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ହୋଇଛି । ସମସ୍ତ ଛାତ୍ରଛାତ୍ରୀ ନିଜର କଠିନ ପରିଶ୍ରମ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନ ବଳରେ ଏହି କୃତିତ୍ୱ ହାସଲ କରିଛନ୍ତି । ଛାତ୍ର ଆୟୁଷ ଆର୍ଯ୍ୟାନ୍ ସାହୁ ୯୬.୬ ଶତକଡ଼ା ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଯୁଗ୍ମ ଭାବେ ପ୍ରତିକ୍ଷା ପ୍ରିୟଦର୍ଶିନୀ ୯୬.୪ ଶତକଡ଼ା ଓ ସ୍ମୃତି ରଞ୍ଜନ ଦାସ୍ ୯୬.୪ ଶତକଡ଼ା ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ତୃତୀୟ ଭାବରେ ସୁଚିତ୍ରା ସାହୁ ୯୫.୪ ଶତକଡା ରଖିଛନ୍ତି । ୭୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩ ଜଣ ୯୦ ରୁ ୧୦୦ ଶତକଡା ମଧ୍ୟରେ ନିଜର ସ୍ଥାନ ବଜାୟ ରଖି ସଫଳ ହୋଇପାରିଛନ୍ତି । ଇତି ଅବସରରେ ବିଦ୍ୟାଳୟରେ ଅଧକ୍ଷା ଶ୍ରୀମତୀ ସୁଜାତା ଚକ୍ର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜ୍ଞାପନ କରିବା ସହ ସମସ୍ତ ଅଭିଭାବକ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏ ବର୍ଷର ଫଳାଫଳ ବିଦ୍ୟାଳୟ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି ଏବଂ ଏହା ଆଗାମୀ ବର୍ଷ ମାନଙ୍କରେ ଜାରି ରହିବ ବୋଲି ଆଶା ପ୍ରକଟ କରିଛନ୍ତି ।



ଆୟୁସ ଆରୟାନ୍ ସାହୁ | ପ୍ରତିଖା ପ୍ରିୟଦର୍ଶିନୀ | ସ୍ମୃତି ରଞ୍ଜନ ଦାଶ | ସୁଚିତ୍ରା ସାହୁ

### ଟାଲି ସଲ୍ୟୁସନ ପକ୍ଷରୁ ଟାଲିପ୍ରାଇମ ୬.୦ ସଂସ୍କରଣର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ବିଜ୍‌ନେସ୍ ଅଟୋମେଶନ ସଫ୍ଟୱେୟାର ପ୍ରଦାତା ଟାଲି ସଲ୍ୟୁଶନ୍ସ ପ୍ରାଇଭେଟ ଲିଃ ପକ୍ଷରୁ କନେକ୍ଟେଡ ବ୍ୟାଙ୍କିଙ୍ଗ ଅନୁଭୂତି ମାଧ୍ୟମରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ ପାଇଁ ଆର୍ଥିକ ପରିଚାଳନାକୁ ସରଳ ଓ ବାଧାମୁକ୍ତ କରିବା ପାଇଁ ଟାଲିପ୍ରାଇମ ୬.୦ର ଶୁଭାରମ୍ଭ କରାଯାଇଛି। ଏହି ଅତ୍ୟାଧୁନିକ ଅପ୍‌ଗ୍ରେଡ ବ୍ୟବସାୟ ଓ ଆକାଉଂଟାଂଟଙ୍କ ପାଇଁ ବ୍ୟାଙ୍କ ସମନ୍ୱୟ, ବ୍ୟାଙ୍କିଙ୍ଗ ଅଟୋମେଶନ ଓ ଆର୍ଥିକ ପରିଚାଳନାକୁ ବୈପ୍ଳବିକ କରିଛି। ଇ-ଇନ୍‌ଭଏସିଂ, ଇ-ୱେ ବିଲ୍ ଜେନେରେଶନ ଓ ଜିଏସ୍‌ଟି କମ୍ପ୍ଲିଆନ୍ସ ଭଳି କନେକ୍ଟେଡ ସର୍ଭିସ ପ୍ରଦାନ କରିବା କ୍ଷେତ୍ରରେ ନିଜର ବିଶେଷଜ୍ଞତାକୁ ଉପଯୋଗ କରି ଟାଲି, ଇଂଟିଗ୍ରେଟେଡ ବ୍ୟାଙ୍କିଙ୍ଗ କ୍ଷମତା ସହ ଏସ୍‌ଏମଇଗୁଡିକୁ ସଶକ୍ତ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି।

## ବିଶ୍ୱ ପାଳନ କଲା ୧୨ତମ ଆର୍ଟ ଅଫ୍ ଗିଭିଂ ଦିବସ

ଭୁବନେଶ୍ୱର, (ସବ୍ୟୁ): ସମଗ୍ର ବିଶ୍ୱରେ ଆଜି ପାଳିତ ହୋଇଛି ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ । ଓଡ଼ିଶାର ସମସ୍ତ ଜିଲ୍ଲା ସମେତ ୩୫ଟି ସହର, ଭାରତର ବିଭିନ୍ନ ସହର ସହ ବିଶ୍ୱର ପ୍ରାୟ ୧୨୦ଟି ଦେଶର ୩୫୦ଟି ସ୍ଥାନରେ ୧୨ତମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଛି । ଭାରତର ୨୯ଟି ରାଜ୍ୟ, ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୩୫ଶହ ସ୍ଥାନରେ ଏବଂ ୨ଶହ ସହର ସମେତ ଓଡ଼ିଶାର ୩୦ଟି ଜିଲ୍ଲା, ୩୫ଟି ପ୍ରମୁଖ ସହର, ୩ଶହରୁ ଊର୍ଦ୍ଧ୍ୱ ବ୍ଲକ୍, ୫ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର ୧୦ ହଜାର ସ୍ଥାନରେ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ସଭା ସମିତି କରାଯାଇ ଆର୍ଟ୍ ଅଫ୍ ଗିଭିଂର ବାର୍ତ୍ତା ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା ।

ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ୨୦୧୩ ମସିହା ମେ ୧୭ ତାରିଖଠାରୁ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ



କରାଯାଇଥିବା 'ଆର୍ଟ ଅଫ୍ ଗିଭିଂ' ପ୍ରୟାସ ଏବେ ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି । ସମସାମୟିକ ଆବଶ୍ୟକତା ଓ ଆବେଗ ଆଧାରରେ ପ୍ରତିବର୍ଷ 'ଆର୍ଟ ଅଫ୍ ଗିଭିଂ'ର ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଥାଏ । ଚଳିତବର୍ଷର ବିଷୟବସ୍ତୁ ଥିଲା ନେବରଗୁଡ୍ (ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ) । ମୁଷ୍ଟିମେୟ ଅଂଶଗ୍ରହଣ କାରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ କାୟା ବିସ୍ତାର କରିଚାଲିଛି । ଦେଶରୁ ମହାଦେଶକୁ ବ୍ୟାପିଛି । ଲକ୍ଷ ଲକ୍ଷ ବ୍ୟକ୍ତି ସାମିଲ ହୋଇଛନ୍ତି । ଜାତି, ଧର୍ମ, ବୟସ, ଲିଙ୍ଗ, ଜନ୍ମସ୍ଥାନ ର୍ନିବିଶେଷରେ ଏହି ଦିନଟି ସମସ୍ତଙ୍କ ପାଇଁ ଆଶା, ଖୁସି ଓ ମାନବିକତାର ଦିବସ ରୂପେ ପ୍ରତୀୟମାନ ହୋଇଛି । ମେ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି ଖୁସିର ପକ୍ଷ । ଏହି ଅବସରରେ 'ଆର୍ଟ ଅଫ୍ ଗିଭିଂ' ର ଅନୁଗାମୀମାନେ ସେମାନଙ୍କ ପଡ଼ୋଶୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଖୁସି ବାଣ୍ଟିବା ସହ 'ଆର୍ଟ ଅଫ୍ ଗିଭିଂ' ର ବାର୍ତ୍ତା ପ୍ରଚାର କରିଥିଲେ ।

ଏହି ଅବସରରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀ ଓ ଶୁଭେଚ୍ଛୁ ମାନଙ୍କୁ ଧନ୍ୟବାଦ ଜଣାଇ 'ଆର୍ଟ ଅଫ୍ ଗିଭିଂ' ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ୨୦୧୩ ମେ ୧୭ତାରିଖରେ ଯେଉଁ ବୀଜ ବପନ କରାଯାଇଥିଲା, ତାହା ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଲୋକମାନେ ଏହାକୁ ଗ୍ରହଣ କରିଛନ୍ତି । ଏହା ଲୋକଙ୍କ ମଧ୍ୟରେ ଏତେ ଆଦୃତ ହୋଇଛି ଯେ, ସମଗ୍ର ବିଶ୍ୱରେ ବିଶେଷ କରି ଭାରତ ଏବଂ ଓଡ଼ିଶାର ଲୋକମାନେ ଏହାକୁ ଏକ ପର୍ବ ଭାବରେ ପାଳନ କରୁଛନ୍ତି । ଏହା ଦ୍ୱାରା ସମାଜରେ ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ, ବନ୍ଧୁତା ଓ ଭଲପାଇବା ଆହୁରି ଦୃଢ଼ୀଭୂତ ହେବା ସହ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

## ଡ଼. ଦେବସ୍ମିତା ଶର୍ମାଙ୍କ ସ୍ୱାମୀକୁ ମିଳିଲା ଆଗୁଆ ଜାମିନ

କଟକ,(ସବ୍ୟୁ): ପାରିବାରିକ ବିବାଦ ଘଟଣାରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡ. ଦେବସ୍ମିତା ଶର୍ମାଙ୍କ ସ୍ୱାମୀ ରାହୁଲ୍ ପ୍ରତାପ ରାୟଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ୍ ମିଳିଛି । ଶ୍ରୀମତୀ ଶର୍ମା, ରାହୁଲ୍ ରାୟଙ୍କ ନାମରେ ଆଳି ଥାନାରେ ଏତଲା ଦେଇଥିଲେ । ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ସେ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ଆଗୁଆ ଜାମିନ୍ ପ୍ରଦାନ କରିଛନ୍ତି । ଏଥିସହ ଅଦାଲତ କେତେକ ସର୍ତ୍ତ ମଧ୍ୟ ଧାର୍ଯ୍ୟ କରିଛନ୍ତି । ଆବେଦନକାରୀ ଶ୍ରୀ ରାୟ ତଦନ୍ତରେ ସହଯୋଗ କରିବେ । ତଦନ୍ତକାରୀ ଅଧିକାରୀଙ୍କ ଆବଶ୍ୟକତା ସମୟରେ ଥାନାରେ ହାଜର ହେବେ । ସେ ଶ୍ରୀମତୀ ଶର୍ମାଙ୍କୁ କୌଣସି ଭାବେ ଭୟଭୀତ କରିବେ ନାହିଁ କିମ୍ବା ଧମକଚମକ ଦେବେ ନାହିଁ । ପ୍ରତ୍ୟେକ ଶୁଣାଣିରେ ସେ ଟ୍ରାଏଲ୍ କୋର୍ଟରେ ଉପସ୍ଥିତ ହେବେ । ଯୌତୁକ ଆକାରରେ ଯାହା ସେ ନେଇଛନ୍ତି ତାହାକୁ ଫେରସ୍ତ ପାଇଁ ପଦକ୍ଷେପ ନେବେ ବୋଲି ହାଇକୋର୍ଟ ସର୍ତ୍ତ ଧାର୍ଯ୍ୟ କରିଛନ୍ତି । ଏଥିରୁ ଯଦି କୌଣସି ସର୍ତ୍ତସେ ଉଲଂଘନ କରନ୍ତି ତାହେଲେ ତାଙ୍କ ଆଗୁଆ ଜାମିନ୍ ଖାରଜ ହେବ ବୋଲି,ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ଡ. ଦେବସ୍ମିତା ଶର୍ମା ଏବଂ ତାଙ୍କ ସ୍ୱାମୀ ରାହୁଲ ରାୟଙ୍କ ମଧ୍ୟରେ ପାରିବାରିକ ବିବାଦ ଦେଖା ଦେଇଥିଲା । ଏହାକୁ ନେଇ ଦେବସ୍ମିତା ଶର୍ମା ଆଳି ଥାନାରେ ଏତଲା ଦେଇଥିଲାଛ ଏହି ଘଟଣାରେ ଶ୍ରୀ ରାୟଙ୍କ ପରିବାର ଲୋକେ ହାଇକୋର୍ଟରୁ ୨୦୨୪ ଅକ୍ଟୋବର ୩୦ ତାରିଖରୁ ହାଇକୋର୍ଟରୁ ଆଗୁଆ ଜାମିନ୍ ନେଇ ସାରିଛନ୍ତି । ଶ୍ରୀ ରାୟ ଆଗୁଆ ଜାମିନ୍ ଆବେଦନ କରି ଦର୍ଶାଇଥିଲେ ଯେ, ସେ ଜଣେ ସରକାରୀ କର୍ମଚାରୀ । ତେଣୁ ସେ କୁଆଡ଼େ ଖସିଯିବାର ଆଶଙ୍କା ନାହିଁ । ଅପରପକ୍ଷରେ ଶ୍ରୀମତୀ ଶର୍ମାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଆବେଦନକାରୀ ଯେଉଁ ଯୌତୁକ ସାମଗ୍ରୀ ନେଇଛନ୍ତି ବାରମ୍ବାର କହିବା ସତ୍ତ୍ୱେ ତାହାକୁ ଫେରାଉ ନାହାନ୍ତି । ଆହୁରିମଧ୍ୟ ଶ୍ରୀ ରାୟ ତାଙ୍କ ପ୍ରତି ଖରାପ ବ୍ୟବହାର ମଧ୍ୟ କରିଥିଲେ । ତେଣୁ ତାଙ୍କ ଆଗୁଆ ଜାମିନ୍ ଆବେଦନକୁ ଖାରଜ ପାଇଁ ପ୍ରାର୍ଥନା କରିଥିଲେ । ଉଭୟପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ଶ୍ରୀ ରାୟଙ୍କୁ ଆଗୁଆ ଜାମିନ୍ ପ୍ରଦାନ କରିଛନ୍ତି ।

## ବିଜେପିର ରାଣୀ ଅହଲ୍ୟା ବାଈ ହୋଲକରଙ୍କ ଜୟନ୍ତୀ ପାଳନ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବିଜେପି ପକ୍ଷରୁ ବାରିପଦା ସ୍ଥିତ ଷ୍ଟାଡିୟମ ସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷ ପରିସରରେ ପୁଣ୍ୟ ଶ୍ଲୋକ ରାଣୀ ଅହଲ୍ୟାବାଇ ହୋଲକରଙ୍କ ଜିଲ୍ଲାସ୍ତରୀୟ ୩୦୦ତମ ଜୟନ୍ତୀ ପାଳନ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ରାଣୀ ଅହଲ୍ୟାବାଇ ହୋଲକରଙ୍କ ଗୁଣାତ୍ମକ ଆତ୍ମଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହିତ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନେ ତାଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲାସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍, ଉଦଳା ପୌରପାଳିକା ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରାଣୀ ଅହଲ୍ୟାବାଇଙ୍କ ଗୁଣଗାନ କରିଥିଲେ । ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ମହାନ୍ତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ପରେଶ ଚନ୍ଦ୍ର ମହାନ୍ତି, ସୁମନ ସିଂ, ଶୋଭାବତୀ ଓତା, ପ୍ରାଣକୃଷ୍ଣ ବେରା, କୁମାର ମଙ୍ଗଳମ, ପାୟଲ ରାୟ, ସରୋଜିନୀ କିସ୍କୁ, କାଳୀଚରଣ ନାଏକ, ଶିରିଷ ଚନ୍ଦ୍ର ମହାନ୍ତ, ଶ୍ରୀଧର ବେହେରା, ବୈଦ୍ୟନାଥ ମହାନ୍ତଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ଜିଲ୍ଲା ପଦାଧିକାରୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟଅତିଥିଙ୍କ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟରେ ଘୋଷଣା ହୋଇଥିବା ୮ଜଣ ନୂତନ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପରେ ଅପରେସନ୍ ସିନ୍ଦୁରକୁ ସଫଳତା ର ସହକାରେ ମୁକାବିଲା କରିଥିବା ସେନା ମାନଙ୍କୁ ସମ୍ମାନ ଜଣାଇ ଏବଂ ତିନି ସେନାଧ୍ୟକ୍ଷ ଓ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ଷ୍ଟାଡିୟମ ଠାରୁ ବାଲେଶ୍ୱର ଗୋଲେଇ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା କରାଯାଇଥିଲା । ଏହି ତ୍ରିରଙ୍ଗା ଯାତ୍ରାରେ ରାଜ୍ୟ ସରକାରଙ୍କ ଆଇନ୍ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସାରସକଣା ବିଧୟାକ ଭାଦବ ହାଁସଦାଃ, ବାଙ୍ଗିରିପୋଷି ବିଧାୟକିକା ସୁଶ୍ରୀ ସଞ୍ଜଳି ମୁର୍ମୁ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଓ ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ ପ୍ରମୁଖ ସାମିଲ ହୋଇଥିଲେ ।

## ଚାଞ୍ଚଲ୍ୟ: ପ୍ରେମିକ ଓ ତା'ର ସହଯୋଗୀ ସହ ମିଶି ମା'କୁ ହତ୍ୟା

# ଦୁଇ ଗିରଫ, ପାଳିତା ନାବାଳିକା ଝିଅ ଅଟକ



ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଜିଲ୍ଲାରେ ଏକ ଅଭାବନୀୟ ତଥା ଚାଞ୍ଚଲ୍ୟକର ଘଟଣା ଘଟିଛି। ପାରଳାଖେମୁଣ୍ଡି ସହରରେ ପ୍ରେମିକା ଓ ପ୍ରେମିକର ଅନ୍ୟ ଜଣେ ସହଯୋଗୀ ସହ ୩ ଜଣ ମିଶି ମାଙ୍କୁ ନିର୍ମମ ଭାବେ ଜଣେ ନାବାଳିକା ହତ୍ୟା କରିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି ।

ଘଟଣାରୁ ପ୍ରକାଶ, କିଛି ବର୍ଷ ତଳେ ସହରର ରାସ୍ତାକଡ଼ରେ ଅନାଥ ଭାବେ ପଡିଥିବା ଏକ ୩ ଦିନର କନ୍ୟାକୁ କୋଳେଇ ଆଣି ଅତି ସରାଗରେ ଲାଳନ ପାଳନ କରିଥିଲେ ଜଣେ ମାଆ । କନ୍ୟାର ଉତ୍ତମ ଶିକ୍ଷାଦାନ ପାଇଁ ସୁଦୂର ଭୁବନେଶ୍ୱର ଛାଡ଼ି ଝିଅ ସହ ପାରଳାଖେମୁଣ୍ଡିକୁ ଆସି ମା ଓ ନାବାଳିକା ଏକ ଭଡ଼ା ରହୁଥିଲେ । ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠପଢାଇ ଉଚ୍ଚଶିକ୍ଷିତା କରିବାକୁ ମା' ଆଶା କରିଥିଲେ । ହେଲେ ଝିଅର ପ୍ରେମ ସବୁକିଛି ଓଲଟପାଲଟ କରିଦେଲା । ପ୍ରେମିକ ଓ ତାର ସହଯୋଗୀ ସହ ମିଶି ମା'କୁ ହତ୍ୟା କଲା ପାଳିତା ନାବାଳିକା ଝିଅ । ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ଗଜପତି ଜିଲା ପାରଳାଖେମୁଣ୍ଡି ସହର ତେଲି ଶୁଣ୍ଢି ସାହିରେ। ଘଟଣାଟି ଗତ ୨୯ ତାରିଖରେ ଘଟିଥିଲେ ମଧ୍ୟ ନାବାଳିକା କନ୍ୟାର ଇନଷ୍ଟାଗ୍ରାମ ଚାଟରୁ ଗୁରୁବାର ଦିନ ଏହି ଘଟଣା ଲୋକଲୋଚନକୁ ଆସିଛି।

ସୂଚନା ମୁତାବକ, ପାଠ ପଢିବା ପାଇଁ ଭୁବନେଶ୍ୱରରୁ ଆସି ଝିଅ ସହ ଭଡ଼ା ଘରେ ୪ ବର୍ଷ ହେଲା ରହୁଥିଲେ ମା' ରାଜଲକ୍ଷ୍ମୀ କର। ପାରଳାଖେମୁଣ୍ଡି କେନ୍ଦ୍ରୀୟ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ପାଠ ପଢୁଥିଲେ ନାବାଳିକା ଏହି ପାଳିତା କନ୍ୟା । ସ୍ଥାନୀୟ ଜଣେ ଯୁବକଙ୍କ ସହ ସେ ପ୍ରେମରେ ପଡି ଅନୈତିକ କାମ କରୁଥିଲା କୌଣସି ମତେ ପ୍ରେମିକ ସହ ନାବାଳିକା ଝିଅର ଅନୈତିକ ସମ୍ପର୍କ ଜାଣିବା ପରେ ପ୍ରତିବାଦ କରିଥିଲା ମା' ରାଜଲକ୍ଷ୍ମୀ। ଏଥିରେ ବିବ୍ରତ ହୋଇ ପ୍ରେମିକ ସହ ମିଶି ମା'କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ର ରଚିଥିଲା ଅଭିଯୁକ୍ତ ନାବାଳିକା ଝିଅ। ପ୍ରଥମେ ଖାଦ୍ୟରେ ନିଶା ବଟିକା ଦେଇ ଅଚେତ କରାଇବା ପରେ ପ୍ରେମିକ ଓ ଜଣେ ସହଯୋଗୀ ସହ ମିଶି ମୁହଁରେ ତକିଆ ଦେଇ ଶ୍ୱାସରୁଦ୍ଧ କରି ଗତମାସ ୨୯ ତାରିଖରେ ମା'କୁ ହତ୍ୟା କରିଥିବା ଜଣାପଡ଼ିଛି। ମା'ର ମୃତ୍ୟୁ ପରେ ଯୋଜନାବଦ୍ଧ ଭାବେ ହୃଦଘାତରେ ମୃତ୍ୟୁ ବରଣ କରିଥିବା ଦର୍ଶାଇ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ମୃତ ଶରୀରକୁ ଭୁବନେଶ୍ୱର ନେଇ ପରିବାର ଓ ସମ୍ପର୍କୀୟଙ୍କ ସହଯୋଗରେ ଶେଷକୃତ୍ୟ ସମ୍ପନ୍ନ କରିଥିଲା ଝିଅ। ପରବର୍ତ୍ତୀ ସମୟରେ ବିଭିନ୍ନ ମାଧ୍ୟମରେ ପ୍ରେମିକ ସହ ଯୋଗାଯୋଗରେ ରହିଥିବା ବେଳେ ଝିଅ ଓ ପ୍ରେମିକର ବାର୍ତ୍ତାଳାପରୁ ପରିବାର ଲୋକଙ୍କ ସନ୍ଦେହ ଉପୁଜିଥିଲା। ପରେ ଏହାକୁ ନେଇ ଉଭୟଙ୍କ ସୋସିଆଲ ମିଡ଼ିଆ ଇନଷ୍ଟାଗ୍ରାମ ଚାଟରୁ ସନ୍ଦେହ ଘନୀଭୂତ ହୋଇଥିଲା। ପରେ ଘଟଣାର ତଦନ୍ତ ପୁଲିସକୁ ଅନୁରୋଧ କରିଥିଲେ ପରିବାର । ପୁଲିସ ଘଟଣାର ତଦନ୍ତ କରି ଉଭୟଙ୍କୁ ଅଟକ ରଖୁଛି । ଅଧିକ ତଦନ୍ତ ପାଇଁ ଅଭିଯୁକ୍ତ ଝିଅକୁ ହତ୍ୟା ଘଟାଇ ଥିବା ଘରକୁ ନେଇ ଘଟଣାର ଦୃଶ୍ୟ ପୁନରାବୃତ୍ତି କରିଛି ପାରଳାଖେମୁଣ୍ଡି ପୋଲିସ ।

ଗଜପତି ଏସପିଙ୍କ ସୂଚନା ମୁତାବକ ପ୍ରଥମେ ଝିଅର ମା ରାଜଲକ୍ଷ୍ମୀ ଙ୍କୁ ମାରିବା ପୂର୍ବରୁ ତାଙ୍କୁ ସୁଚିନ୍ତିତ ଭାବେ ଖାଇବାରେ ନିଶା ବଟିକା ଦିଆ ଯାଇଥିଲା ପରେ ସେ ଅଚେତ ହେବାର ଜାଣି ପାରି ଘରର ବାରିପଟୁ ଘର ଭିତରେ ପ୍ରେମିକ ଓ ତାର ସହଯୋଗୀ ଘର ଭିତରେ ପ୍ରବେଶ କରିଥିଲେ ।

ଅଚେତ ରାଜଲକ୍ଷ୍ମୀଙ୍କର ଗୋଡ ଦୁଇଟିକୁ ଦିନେଶ ଧରିଥିଲା ବେଳେ ନାବାଳିକା ଝିଅ ତାଙ୍କର ଦୁଇ ହାତକୁ ଜାବୁଡ଼ି ଧରିଥିଲା ଏବଂ ଗଣେଶ ତକିଆ ତାଙ୍କ ମୁହଁରେ ଦେଇ ମାଡିବସି ତାଙ୍କୁ ହତ୍ୟା କରିଥିବା କହିଛନ୍ତି । ମୃତ ମହିଳା ରାଜଲକ୍ଷ୍ମୀ କରଙ୍କ ଭବନେଶ୍ୱରସ୍ଥିତ ଆଇ ଆର ସି ଭିଲେଜ ରହୁଥିବା ଭାଇ ଶିବ ପ୍ରସାଦ ମିଶ୍ର ମେ ୧୪ ତାରିଖରେ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଲିଖିତ ଭାବେ ରିପୋର୍ଟ ଦେବା ପରେ କେସ ନଂ ୯୮/୧୪- ୫-୨୫, ୟୁ/ଏସ୧୨୩/ ୧୦୩(୨)/୨୩୮/୩୦୫/୩(୫) (ବିଏନଏସ) ରେ ମକଦ୍ଦମା ରୁଜୁ କରାଯାଇ ରାଜଗୁରୁ ସାହି ବାସିନ୍ଦା ଗଣେଶ ରଥ (୨୧), ଓଡ଼ିଆ ପାରଳା ସାହିର ଦିନେଶ ସାହୁ (୨୦)ଦୁଇ ଜଣଙ୍କୁ ଗିରଫ କରାଯାଇ ଥିବା ବେଳେ ସେମାନଙ୍କ ଠାରୁ ପୋଲିସ ୨.୭ ତୋଲା ସୁନା ଗହଣା, ୩ଟି ସ୍ମାର୍ଟ ମୋବାଇଲ, ଦୁଇଟି ତକିଆ ଜବତ କରି ତଦନ୍ତ ଜାରି ରଖିଥିବା ବିଷୟ ଗଜପତି ଏସପି ଯତୀନ୍ଦ୍ର କୁମାର ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି, ଏସ ଡି ପି ଓ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରବଳ ତାତିରେ ଜନଜୀବନ ଅସ୍ତବ୍ୟସ୍ତ

ବୁଗୁଡା, (ସବ୍ୟୁ) : ଏଇ କିଛି ଦିନ ହେବ ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ଗତ ତିନ ହେଲା ତାପମାତ୍ରା ୪୦ ଡିଗ୍ରୀରୁ କମୁନଥିବାରୁ ବୁଗୁଡା ଅଞ୍ଚଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସକାଳ ୮ଟାରୁ ଗରମ ଅନୁଭବର ଆରମ୍ଭ ହୋଇ ମଧ୍ୟାହ୍ନ ଓ ଅପରାହ୍ନ ବେଳକୁ ଅସହ୍ୟ ହୋଇପଡୁଛି । ପ୍ରବଳ ତାତି ଯୋଗୁଁ ଅଂଶୁଘାତର ଭୟ ଘାରୁଛି । ରାସ୍ତାଘାଟ ଶୁନଶାନ ହୋଇପଡୁଛି । କୌଣସି ଜରୁରୀ କାମରେ ଯେ କେହି ଘରୁ ବାହାରିଲେ ବାଧ ହୋଇ ପାଣି ବୋତଲ ସହ ମୁଣ୍ଡରେ ଗାମୁଛା ବାନ୍ଧି କିମ୍ବା ଛତା ଧରିବାକୁ ପଡୁଛି । ଗରମରୁ ତ୍ରାହି ପାଇବା ପାଇଁ ଲୋକେ ଟିକେ ବର୍ଷାକୁ ଚାତକ ଭଳି ଚାହିଁ ବସିଥିଲେ ହେଁ ତାହାର ଦେଖା ମିଳୁନି । ବେଳେ ବେଳେ ପାଗ ମେଘୁଆ ରହିଲେ ମଧ ଅସହ୍ୟ ଗୁଳୁଗୁଳି ଅନୁଭୂତ ସାଙ୍ଗକୁ ଶରୀର ଝାଳେଇ ଯାଉଛି । ଅନ୍ୟପକ୍ଷରେ ବାହାର ଗରମରୁ ରକ୍ଷା ପାଇବା ପାଇଁ ଘରେ ରହିଲେ ମଧ୍ୟ ଘନ ଘନ ବିଦ୍ୟୁତ କାଟ ଯୋଗୁଁ କଲବଲ ହେବାକୁ ପଡୁଛି । ତେବେ ତାତିରୁ ତ୍ରାହି ମିଳୁ ନଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

## ସାମୁହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

ଭଞ୍ଜନଗର, (ସବ୍ୟୁ) :ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଢ଼ିହପଢାଳ ଠାରେ ସାମୁହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍ଘାଟିତ ହୋଇଯାଇଛି । ଏହି କାର୍ଯ୍ୟଶାଳାରେ ରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନ ର ସଭାପତି ଡ.କମ୍ବୁପାଣି ସାମନ୍ତ ଯୋଗ ଦେଇ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଜ୍ୟୋତିରଂଜନ ବିଷୋୟୀ,ଯୁଗ୍ମ ସମ୍ପାଦକ ଗଙ୍ଗାଧର ଦାଶ, ଦକ୍ଷିଣ ପୂର୍ବ ସମ୍ଭାଗ ସମ୍ପାଦକ ଦୀପକ କୁମାର ମହାରଣା ,ପୂର୍ବତନ ସମ୍ପାଦକ ପଦ୍ମନାଭ ପ୍ରଧାନ, କନ୍ଧମାଳ ଜିଲ୍ଲା ନିରୀକ୍ଷକ ପଦ୍ମନାଭ ସାମଲ,ଉପସଭାପତି ଆଦିତ୍ୟ ପ୍ରଧାନ,ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ଇତ୍ୟାଦି ମଞ୍ଚାସିନ ଥିଲେ।ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟ ସମସ୍ତ ନିମନ୍ତ୍ରିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସଭାପତି ଡ଼. ସାମନ୍ତ ନିଜର ସୁନ୍ଦର ବକ୍ତବ୍ୟ ମାଧ୍ୟମ ରେ ସମସ୍ତ ପ୍ରଶିକ୍ଷାର୍ଥୀ ଗୁରୁଜୀ ଗୁରୁମାଙ୍କୁ ମାର୍ଗଦର୍ଶନ କରିଥିଲେ । ଏହା ପରେ ନିମନ୍ତ୍ରିତ ଅତିଥି ଅଧିକାରୀ ସ୍ଥାନୀୟ ବିଦ୍ୟାଳୟ ର ଦୁଇଟି ସ୍ମାର୍ଟ ବୋର୍ଡ ର ଶୁଭ ଉଦ୍ଘାଟନ କରିଥିଲେ।୧୧ଟି ଶିଶୁ ମନ୍ଦିରରୁ ୧୫୬ ଜଣ ଗୁରୁଜୀ ଗୁରୁମା ପ୍ରଶିକ୍ଷାର୍ଥୀ ଭାବେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

## ଆଇନ୍, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମୟୂରଭଞ୍ଜ ଗସ୍ତ

# ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ କଲେ ସମୀକ୍ଷା



ବାରିପଦା, (ସବ୍ୟୁ) : ଆଜି ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ, ଓଡିଶା ସରକାର ପୃଥ୍ୱୀରାଜ ହରିଚନ୍ଦନ ମୟୂରଭଞ୍ଜ ଜିଲ୍ଲାକୁ ୨ଦିନିଆ ଗସ୍ତରେ ଆସି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକ ସଭା ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ସାରସକଣା ବିଧାୟକ ଭାଦବ ହାଁସଦା, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁଙ୍କ ସମେତ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗ ଦେଇଥିଲେ। ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାରେ ପୂର୍ତ୍ତ ବିଭାଗର ୨ଟି ଡିଭିଜନ ଯଥା ବାରିପଦା ଓ ରାଇରଙ୍ଗପୁର, ଏନ୍‌ଏଚ୍ ଏବଂ ଏନ୍‌ଏଚ୍-ଏ ଆଇ ଅଧିନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଯଥା ରାସ୍ତା, ପୋଲ, ଗୃହ ନିର୍ମାଣ ଇତ୍ୟାଦି ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଯେଉଁ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ବା ସମ୍ପୂର୍ଣ୍ଣ ହେବାରେ ଯାହା ଯାହା ପ୍ରତିବନ୍ଧକ ଅଛି ସେ ସମ୍ପର୍କରେ ଆଲୋଚନା କରାଯାଇ ଏହାର କିପରି ସମାଧାନ ହେବ ସେ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଏଥିସହିତ ଜିଲ୍ଲାରେ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଗୁଡିକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଯେଉଁ ଗ୍ରାମ୍ୟ ସଡ଼କ ଗୁଡିକ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବାକୁ ଅଛି, ତୁରନ୍ତ ତାହାର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ମାନ୍ୟବର ପରାମର୍ଶ ଦେଇଥିଲେ।

ଜିଲ୍ଲାରେ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରିତାର ଅଗ୍ରଗତି ନେଇ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହ ଲୋକଙ୍କ ମୌଳିକ ଆବଶ୍ୟକତା ଗମନାଗମନର ସୁବିଧା ପାଇଁ ଦାୟିତ୍ୱର ସହିତ ପ୍ରକଳ୍ପ କାର୍ଯ୍ୟ ଗୁଡିକ ଧାର୍ଯ୍ୟ ସମୟ ଅବଧି ଭିତରେ ସମ୍ପୂର୍ଣ୍ଣ କରାଇବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସଚିବ ରାମଚନ୍ଦ୍ର ସୋରେନ, ଅତିରିକ୍ତ ଜିଲ୍ଲାପାଳ ନେତ୍ରା ନନ୍ଦ ମଲ୍ଲିକ, ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ବାରିପଦା ପୂର୍ତ୍ତ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ରୋହନ ରୟ, ରାଇରଙ୍ଗପୁର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ସୁମିତ କୁମାର ସାହୁ, ରାଇରଙ୍ଗପୁର ଡିଭିଜନର ଏସଡିଓ ଶ୍ୟାମ ସୁନ୍ଦର ହେମ୍ବ୍ରମଙ୍କ ସମେତ ଭଦ୍ରକ ପୂର୍ତ୍ତ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ ଏନ୍‌ଏଚର ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ପୃଷ୍ଟି, ପିଡିଏନ୍ ଏଚ ଏ ଆଇ ର ପ୍ରତିନିଧିଙ୍କ ସମେତ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆତଙ୍କ ବାଦ ବିରୁଦ୍ଧରେ ଭାରତୀୟ ସେନାବାହିନୀଙ୍କ ଅପରେସନ ସିନ୍ଦୁରର ସଫଳତା ପାଇଁ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରାରେ ମାନ୍ୟବର ମନ୍ତ୍ରୀ ବୃନ୍ଦ, ସାଂସଦ ଓ ବିଧାୟକ ବୃନ୍ଦ ଯୋଗ ଦେଇଥିଲେ।

## ଓଭରବ୍ରିଜ ତଳୁ ୩ ବୋମା ଉଦ୍ଧାର

ବ୍ରହ୍ମପୁର,(ସବ୍ୟୁ) : କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳ ଜେଲରୋଡରୁ ୩ଟି ଜୀବନ୍ତ ବୋମା ଠାବ ହୋଇଛି ୧ ଆଜି ସନ୍ଧ୍ୟାରେ ଏହି ଓଭରବ୍ରିଜ ତଳେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ନିକଟରେ ୩ଟି ବୋମା ରଖାଯାଇଥିବା ସ୍ଥାନୀୟ ଲୋକେ ଦେଖିବା ପରେ ବୈଦ୍ୟନାଥପୁର ଥାନାକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ଘଟରାର ତଦନ୍ତ କରିଥିଲା । ବୋମାଗୁଡ଼ିକ ଜୀବନ୍ତ ହୋଇଥିବାରୁ ସେଗୁଡିକୁ ନିଷ୍କ୍ରିୟ କରିବାକୁ ବମ ସ୍କ୍ୱାର୍ଡର ସହାୟତା ଲୋଡାଯାଇଥିଲା । ତେବେ ସନ୍ଧ୍ୟାରେ ଜଣେ ଯୁବକ ଏକ ବାଇକରେ ଆସି ୩ଟି ବୋମା ଟ୍ରାନ୍ସଫର୍ମର ନିକଟରେ ରଖି ଚାଲି ଯାଇଥିବା ଶୁଣିବାକୁ ମିଳୁଛି । ଯୁବକ ଜଣଙ୍କ କେଉଁ ଉଦ୍ଦେଶ୍ୟରେ ଏଠାରେ ବୋମା ରଖିଥିଲେ ତାହା ଜଣାପଡି ନାହିଁ । ପୁଲିସ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଜାରି ରଖିଛି ।

## ଲଜ୍ ଭିତରେ ଆକ୍ରମଣ : ସୁନା ଅଳଙ୍କାର ଲୁଟ୍

ବ୍ରହ୍ମପୁର,(ସବ୍ୟୁ) : ଟାଉନ ଥାନା ଅନ୍ତର୍ଗତ ଅର୍ବାନ ବ୍ୟାଙ୍କ ରୋଡ ଠାରେ ଥିବା ଏକ ଲଜ ଭିତରେ ପଶି ସେଠାରେ ରହିଥିବା ୩ ଜଣ ଲୋକଙ୍କୁ ସଙ୍ଗବଦ୍ଧ ଭାବେ ଆକ୍ରମଣ କରି ସେମାନଙ୍କ ସୁନା ଅଳଙ୍କାର ଲୁଟି କରି ନେଇଛନ୍ତ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ସିସି ଟିଭି ଫୁଟେଜ ଜରିଆରେ ଘଟଣାର ତଦନ୍ତ କରୁଛ। ସୂଚନା ପ୍ରକାରେ, ବାବାଜୀତୋଟା ସାହିର ରାମଚନ୍ଦ୍ର ବେହେରା ଓ ତାଙ୍କ ୨ ଜଣ ସାଙ୍ଗ ପ୍ରଥମ ବିଷୋୟୀ ଓ ସୋମନାଥ ବିଷୋୟୀ ଶୁକ୍ରବାର ରାତିରେ ଏକ ଭୋଜିରେ ଯୋଗଦେବା ପରେ ଉକ୍ତ ଲଜରେ ରହିଥିଲେ । ସେହି ଲଜ ଭିତରେ ୧୦ ଜଣ ଅପରିଚିତ ବ୍ୟକ୍ତିଙ୍କ ସହ ତାଙ୍କର କୌଣସି କାରଣକୁ ନେଇ ମୁହାଁମୁହିଁ ହୋଇଥିଲା।ଏହାପରେ ଉକ୍ତ ଯୁବକମାନେ ରାମଚନ୍ଦ୍ର ଓ ତାଙ୍କ ୨ ସାଙ୍ଗଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ସୁନା ଚେନ ଓ ମୁଦି ଲୁଟି ନେଇ ଯାଇଛନ୍ତି। ପୋଲିସ ଉକ୍ତ ଲଜର ମ୍ୟାନେଜର ଓ ଷ୍ଟାଫଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରୁଛି।

## ୫୪ଲକ୍ଷ ଚିଟ୍‌ଫଣ୍ଡ ଟଙ୍କା ଠକେଇ : ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,(ସବ୍ୟୁ): ଚିଟ୍ ଫଣ୍ଡ ଗଠନ କରି ୧୪ ଜଣଙ୍କର ପ୍ରାୟ ୫୪ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ବଡ଼ ବଜାର ଥାନା ପୁଲିସ ।ଗିରଫ ଅଭିଯୁକ୍ତ ଜଣକ ହେଲେ ଶାସ୍ତ୍ରୀନଗର ୫ମ ଲାଇନ ଖଉଡ଼ା କ୍ୟାଲଣ ମଣ୍ଡପ ନିକଟରେ ରହୁଥିବା କେ ସାତୀଶ ବାବୁ (୩୬) ବୋଲି ତଦନ୍ତ ତଦନ୍ତଅଧିକାରୀ ସସ୍ମିତା ବେହେରା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ବଡବଜାର ଥାନା ଅନ୍ତର୍ଗତ ରାଉତପେଣ୍ଠ ସାହିର ଗୌରହରି ମହାରଣାଙ୍କ ସମେତ ମୋଟ ୧୪ ଜଣ ନିଜ ଭିତରେ ଚିଟ୍ ଫଣ୍ଡ କରି ସେହି ଅଞ୍ଚଳର ଜଣେ କେ କାଶୀ ରାଓଙ୍କ ପାଖରେ ଟଙ୍କା ଜମା ରଖୁଥିଲେ । କାଶୀଙ୍କ ପୁଅ ତଥା ଅଭିଯୁକ୍ତ କେ ସାତୀଶ ବାବୁ ଜମାକାରୀଙ୍କ ଠାରୁ ନିୟମିତ ଭାବେ ଟଙ୍କା ସଂଗ୍ରହ କରୁଛନ୍ତି । ହେଲେ କିଛି ମାସ ହେବ କାଶୀ ଲୋକଙ୍କ ଠାରୁ ଆଦାୟ ହୋଇଥିବା ପ୍ରାୟ ୫୪ ଲକ୍ଷ ଟଙ୍କା କରି କେଉଁଆଡେ ନେଇ ଫେରାର ହୋଇଯାଇଛନ୍ତି । ଟଙ୍କା ବିଷୟରେ ଅଭିଯୁକ୍ତ ସାତୀଶଙ୍କୁ ପଚାରିଲେ ସେ ଧମକ ଦେଉଥିବା ନେଇ ଗୌରହରି ୨୦୨୪ ମାର୍ଚ୍ଚ ୧୭ ତାରିଖରେ ବଡବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଅନୁସାରେ ପୁଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ କରିଥିଲା ।ତଦନ୍ତ ବେଳେ ଅଭିଯୁକ୍ତ ବାପା ଓ ପୁଅ ଫେରାର ହୋଇଯାଇଥିଲେ । ଶୁକ୍ରବାର ଅଭିଯୁକ୍ତ ସାତିଶକୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଅଭିଯୁକ୍ତଙ୍କ ବାପା ଏଯାବତ ଫେରାର ରହିଥିବା ଜଣାପଡିଛି।

## ପିଆରଏମ୍ ମେଡିକାଲ କଲେଜ ହସ୍ପିଟାଲରେ ସିଟି ସ୍କାନ୍ ମେସିନ୍ ଅଚଳ

# ରୋଗୀ ହନ୍ତସନ୍ତ : ମାସାଆର୍ମୀ ଦେବ ଧାରଣା

ବାରିପଦା, (ସବ୍ୟୁ) : ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସପିଟାଲରେ ସିଟି ସ୍କାନ୍ ମେସିନ୍ ଖରାପ୍ ହୋଇଥିବା ଯୋଗୁଁ ରୋଗୀ ହନ୍ତସନ୍ତ ହେଉଥିବା ନେଇ ମାସାଆର୍ମୀ ପକ୍ଷରୁ ଅଭିଯୋଗ କରାଯାଇଛି । ଦୁଇତିନି ଦିନ ହେବ ସିଟି ସ୍କାନ୍ ମେସିନ୍ ଖୋରାପ୍ ହୋଇଥିବା ଯୋଗୁଁ ସିଟି ସ୍କାନ୍ ପାଇଁ ଆସୁଥିବା ରୋଗୀ ମାନେ ସିଟି ସ୍କାନ୍ କରି ନପାରି ହୋଇରାଣ ହେଇ ଫେରୁଛନ୍ତି । ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସପିଟାଲରୁ ସିଟି ସ୍କାନ୍ ମେସିନ୍ ଅବସ୍ଥିତ ଥିବା ଗୃହକୁ ରୋଗୀ ଆସିବା ପାଇଁ ସରକାର ବ୍ୟାଟେରୀ ଚାଳିତ ଗାଡି ବ୍ୟବସ୍ଥା କରିଥିଲେ ।

କିନ୍ତୁ ବର୍ତମାନ ବ୍ୟାଟେରୀ ଚାଳିତ ଗାଡି ନଥିବାରୁ ସିଟି ସ୍କାନ୍ ଗୃହ ଓ ଆଲ୍‌ଟ୍ରା ସାଉଣ୍ଡ ଗୃହକୁ ଆସିବା ପାଇଁ ରୋଗୀ ବହୁତ ହୋଇରାଣ ହେଉଛନ୍ତି ଏବଂ ଡାକ୍ତର ମାନେ ମଧ୍ୟ ତାଙ୍କର ଡ୍ୟୁଟି ସମୟ ସରିବା ପର୍ଯ୍ୟନ୍ତ ହସପିଟାଲରେ ଉପସ୍ଥିତ ରହୁ ନାହାନ୍ତି । କିଛି ସମୟ ରୋଗୀ ଦେଖି ଦେଇକି ନିଜର ପ୍ରାଇଭେଟ କ୍ଲିନିକରେ ବସି ରୋଗୀ ଦେଖିବାର ନଜିର ରହୁଥିବା ଅଭିଯୋଗ କରିଛି ମାସାଆର୍ମୀ । ତେଣୁ ଏସବୁ ଅବ୍ୟବସ୍ଥା ତୁରନ୍ତ ଦୁର କରିବା ପାଇଁ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ସିଡିଏମ୍‌ଙ୍କୁ ଯୋଗଯୋଗ କରି ୨୪ ଘଣ୍ଟା ଭିତରେ ସିଟି ସ୍କାନ୍ ମେସିନ୍ ମରାମତି କରିବା ସହିତ ଉପରୋକ୍ତ ଅବ୍ୟବସ୍ଥାକୁ ଠିକ୍ କରି ଲୋକ ମାନଙ୍କୁ ଉଚିତ୍ ସେବା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି । ଅନ୍ୟଥା ଆସନ୍ତା ସୋମବାର ଦିନ ସିଡିଏମଙ୍କ ଚ୍ୟାମ୍ବର୍ ସମ୍ମୁଖରେ ଧାରଣା ଦିଆଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ମାରାଣ୍ଡି ଚେତାବନୀ ଦେଇଛନ୍ତି ।

## ରାସ୍ତାକଡ଼ରେ ଜମୁଛି ତାଳସଜ ବେପାର

ବୁଗୁଡ଼ା ,(ସବ୍ୟୁ): ବୁଗୁଡ଼ା ସହର ଏବଂ ଏହାର ଆଖପାଖ କେତେକ ଅଞ୍ଚଳରେ ଏଇ କିଛି ଦିନ ହେଲା ତାପମାତ୍ରାର ହ୍ରାସବୃଦ୍ଧି ଘଟୁଥିଲେ ହେଁ ଗରମ ଓ ଗୁଳୁଗୁଳିରୁ ନିସ୍ତାର ମିଳୁନଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଅସହ୍ୟ ଟାଣ ଖରାରୁ ରକ୍ଷା ପାଇବା ପାଇଁ ଅଞ୍ଚଳବାସୀ ଓ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ନାନା ଉପାୟ ଅବଲମ୍ବନ କରୁଛନ୍ତି । ସେହି ଅନୁସାରେ ଲୋକଙ୍କ ଖାଇବା ଓ ପିଇବାରେ ଚାହିଦାରେ ମଧ୍ୟ କିଛିଟା ପରିବର୍ତ୍ତନ ଘଟିଛି । ଲୋକେ ପେଟ ଥଣ୍ଡା ରଖୁଥିବା ଖାଦ୍ୟ ସାମଗ୍ରୀ ଖାଇବାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ରାସ୍ତାକଡରେ ପସରା ମେଲାଇ ବସିଥିବା ତାଳସଜ ବେପାରୀଙ୍କ ନିକଟରେ ଲୋକମାନେ ଭିଡ ଜମାଉଥିବାର ଦେଖିବାକୁ ମିଳୁଛି। ପେଟ ଥଣ୍ଡା ରଖିବା ପାଇଁ ଲୋକେ ତାଳସଜ ଖାଇବା ପ୍ରତି ଅଧିକ ଆକୃଷ୍ଟ ହେଉଥିବା ପରିଲକ୍ଷିତ ହେଉଛି । ଲୋକଙ୍କ ଚାହିଦା ମୁତାବକ ରାସ୍ତା କଡରେ ତାଳସଜ ବେପାର ମଧ୍ୟ ଖୁବ୍ ଜମୁଛି। ତାଳ ଗୋଟା ୧୦ ରୁ ୧୫ ଟଙ୍କାରେ ବିକ୍ରି ହେଉଛି। ତେଣୁ, ତାଳସଜ ବେପାରୀ ଭଲ ଲାଭ ପାଇ ଉତ୍ସାହିତ ଥିବା ଦେଖିବାକୁ ମିଳୁଛି।

## ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦା, (ସବ୍ୟୁ) : ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି । ଅତିଥି ଭାବେ ଯୋଗଦେଇ ପୂର୍ବତନ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ଆଜୀବନ ସଦସ୍ୟା ପ୍ରୀତିନନ୍ଦା କାନୁନଗୋ, ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ଓ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିବା ସହ ଯୁବ ଖେଳାଳି ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ବରିଷ୍ଠ ସଦସ୍ୟ ଗଦାଧର ବେହେରା ଉପସ୍ଥିତ ଥିଲେ । ଉଦଘାଟନୀ ମ୍ୟାଚରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ-ଇ କମ୍ବାଇଣ୍ଡ ସ୍କୁଲ-ଏ କୁ ୧୧୧ ରନରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଇ ଟିମ ୩୦ ଓଭରରେ ୬ଟି ୱିକେଟ ହରାଇ ୨୪୦ ରନ ସଂଗ୍ରହ କରିଥିଲେ ।

ଦଳ ପକ୍ଷରୁ ଚନ୍ଦନ କୁମାର ସିଂ ୯୬, ଅଭିଷେକ ଶର୍ମା ୪୬ ଓ ସତ୍ୟମ ସୁନ୍ଦର ସେନାପତି ୩୧ ରନ କରିଥିବା ବେଳେ ବିପକ୍ଷ ଦଳର ମନ୍ଥନ ସାନ୍ତରା ୩ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଏ ଟିମ ୨୦.୨ ଓଭରରେ ସମସ୍ତ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ ଅବିନାଶ ଦାସ ୫୨ରନ କରିଥିବାବେଳେ ବିପକ୍ଷ ଦଳର ଆଦିତ୍ୟ ଦାସ ଓ ଲଳିତ ମହାପାତ୍ର ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଚନ୍ଦନ କୁମାର ସିଂ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । ବିଭିନ୍ନ ବିଦ୍ୟାଳୟରେ ୭ମ ରୁ ୧୦ ଶ୍ରେଣୀରେ ପଢୁଥିବା ଛାତ୍ରମାନଙ୍କୁ ନେଇ ଗଠିତ ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ୧୩ଦିନ ଧରି ଅନୁଷ୍ଠିତ ହେବା ସହିତ ଚଳିତ ମାସ ୨୯ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

## ୨୬ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଦଶମ କୃତି ଛାତ୍ରୀଙ୍କ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ୨୬ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୦ମ ଶ୍ରେଣୀ ବାର୍ଷିକ ପରୀକ୍ଷା-୨୦୨୫ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସମ୍ବର୍ଦ୍ଧନା ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ହେମକାନ୍ତ ସୟ ଯୋଗ ଦେଇ କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ, କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ ।

ନିଜ ଜୀବନରେ ଲକ୍ଷ ସ୍ଥିର କରିବା, ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଉଦ୍ୟମ ଜାରିରଖିବାକୁ ପଡିବ । ଜିଲ୍ଲାପାଳ ନିଜେ ଅଙ୍ଗେ ନିଭାଇଥିବା ବିଫଳତା ଓ ସଫଳତାର ମନ୍ତ୍ର ଛାତ୍ରୀମାନଙ୍କ ସହ ମତ ବିନିମୟ କରିଥିଲେ । କୃତି ଛାତ୍ରୀମାନେ ନିଜ ଜୀବନର ଲକ୍ଷ କଣ ପ୍ରକାଶ କରିଥିଲେ । ଭାରତର ରାଷ୍ଟ୍ରପତି ମହାମହିମ ଦ୍ରୌପଦି ମୁର୍ମୁଙ୍କ ଇଚ୍ଛାମୁତାବକ ପାଣ୍ଠି ରୁ ୭୮ ଜଣ ଛାତ୍ରୀଙ୍କୁ (ପ୍ରତି କେଜିବିଭି ର ଦଶମ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ୩ଜଣ ଛାତ୍ରୀଙ୍କୁ) ଟ.୧୦,୦୦୦/- ଲେଖାଏ ଅର୍ଥରାଶି ପ୍ରଦାନ କରାଗଲା । ଉକ୍ତ ଅର୍ଥରାଶି ଛାତ୍ରୀମାନେ ନିଜର ଉଚ୍ଚ ଶିକ୍ଷା ନିମନ୍ତେ ଖର୍ଚ୍ଚ କରିବେ । ମୋଟ୍ ଟ.୭,୮୦,୦୦୦ ଟଙ୍କା ଛାତ୍ରୀଙ୍କ ଜମାଖାତାକୁ ପ୍ରେରଣ କରାଗଲା । ସମ୍ବର୍ଦ୍ଧନା ଉତ୍ସବରେ ମୟୂରଭଞ୍ଜ ଜିଲ୍ଲ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଛାତ୍ରୀମାନଙ୍କ ଉତ୍ତରତ୍ତର କାମନା କରିବା ସହିତ ଭଲ ପାଠ ପଢିବା, ସୃଙ୍ଖଳିତ ଛାତ୍ରୀ ହେବା ସହିତ ଗୁଣବତୀ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ବିକାଶ ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଜିଲ୍ଲାର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ପରିଚାଳନା କରିଥିଲେ ଏବଂ ଶଶୀଧର ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ମୋଟ୍ ୭୮ଜଣ କେ.ଜି.ବି.ଭି. ଛାତ୍ରୀ, ୨୬ଜଣ ପ୍ରଧାନଶିକ୍ଷକ ଓ ୱାର୍ଡେନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସମଗ୍ର ଶିକ୍ଷା ମୟୂରଭଞ୍ଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ରାଜନୀତି ସରଗରମ
# ୩୦ରେ ହେବ ପୁନର୍ବାର ବ୍ଲକ ଅଧ୍ୟକ୍ଷା ଅନାସ୍ଥା ଭୋଟ

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଆଗତ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ସ୍ୱତନ୍ତ୍ର ବୈଠକ ଓ ଆବଶ୍ୟକ ହେଲେ ଭୋଟ ଗ୍ରହଣ ଆସନ୍ତା ୩୦ତାରିଖରେ କରାଯିବା ପାଇଁ କଟକସଦର ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ପୁର୍ନବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ପଞ୍ଚାୟତ ସମିତି ଆଇନ ଧାରା ୪୬ବି(୨) ଅନୁଯାୟୀ ଅର୍ପିତ କ୍ଷମତା ବଳରେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ପୂର୍ବ ନିର୍ଦ୍ଧାରିତ ଗତ ୧୩ତାରିଖରେ ଘୃଣିତ ଥିବା ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ସ୍ୱତନ୍ତ୍ର ବୈଠକ ଓ ଭୋଟଙ୍କୁ ଆସନ୍ତା ୩୦ତାରିଖ ଶୁକ୍ରବାର ଦିବା ୧୧ଘଟିକାରେ କରାଯିବା ପାଇଁ ଧାର୍ଯ୍ୟ ହୋଇଛି । ଏବେ ତାରିଖ ଘୋଷଣା ହେବା ପରେ ବ୍ଲକ ଅଞ୍ଚଳରେ ରାଜନୀତି ସରଗରମ ହେବାରେ ଲାଗିଛି । ଏଥର ଅନାସ୍ଥା ପ୍ରସ୍ତାବ ବୈଠକ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ସଭା ଗୃହରେ ହେବା ପାଇଁ ସ୍ଥିର ହୋଇଛି । ଏହି ବୈଠକରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ ସଭାପତିତ୍ୱ କରି ଏହାକୁ ପରିଚାଳନା ଓ ନିୟନ୍ତ୍ରଣ କରିବା ସହ ବିବରଣୀଙ୍କୁ ଲିପିବଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ କଟକ ସଦର ତହସିଲଦାର ଦେବଦତ୍ତଙ୍କୁ ପ୍ରଧାନ ପ୍ରତିନିଧି ଭାବେ ଏହି ବୈଠକର ପରିଚାଳନା ଓ ନିୟନ୍ତ୍ରଣ ରୂପେ ରଖାଯାଇଛି । ଏହି ଦିନ ୧୧ ଟାରୁ ୧୨ଟା ପର୍ଯ୍ୟନ୍ତ ସ୍ୱତନ୍ତ୍ର ବୈଠକ କରାଯିବା ପରେ ଆବଶ୍ୟକ ସ୍ଥଳେ ଦିବା ୧୨.୩୦ ରୁ ୨.୩୦ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ଏବଂ ଦିବା ୩ଟା ସମୟରେ ଏହାର ଗଣତି କରାଯିବାକୁ ସମୟ ଧାର୍ଯ୍ୟ କରାଯାଇ ଉପଜିଲ୍ଲାଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏ ସଂକ୍ରାନ୍ତରେ ଦୁଇ ଜଣ ସାଂସଦ ,ଦୁଇ ଜଣ ବିଧାୟକ ଓ ୮୨ଜଣ ସରପଞ୍ଚ, ସମିତିସଭ୍ୟ ସଭ୍ୟା ମାନଙ୍କୁ ପତ୍ର ଦ୍ୱାରା ଜଣାଇ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଏହି ବ୍ଲକର ୩୧ଜଣ ସରପଞ୍ଚ, ସମିତିସଭ୍ୟ ସଭ୍ୟା ମାନେ କଟକସଦର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବିପତ୍ରକୁ ବିଚାର କରାଯାଇ ଅନାସ୍ଥା ସଂକ୍ରାନ୍ତ ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

# ଚାନ୍ଦୋଳ ବଜାରରେ ବିଜେପିର ତ୍ରିରଙ୍ଗା ଯାତ୍ରା




ଡେରାବିଶ,(ସବ୍ୟୁ) : ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଭାରତ ପକ୍ଷରୁ ପାକିସ୍ତାନ ବିପକ୍ଷରେ ହୋଇଥିବା 'ଅପରେସନ୍ ସିନ୍ଦୁର' ଅଭିଯାନ ସଫଳତା ଓ ସଫଳତା ପାଇଁ ଆଜି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରା ଚାନ୍ଦୋଳ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ବଜାର ପରିକ୍ରମା କରିଥିଲା । ପାଟକୁରା ନିର୍ବାଚନ ମଣ୍ଡଳୀ ନେତା ତଥା ବିଜେପି ରାଜ୍ୟ ମୁଖପାତ୍ର ଦେବେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଯାତ୍ରାରେ ବିଜେପିର ପୂର୍ବତନ ଜିଲ୍ଲା ଉପସଭାପତି ସ୍ନାତକ ମହାନ୍ତି, ଚାନ୍ଦୋଳ ମଣ୍ଡଳ ସଭାପତି ତାପସ କୁମାର ନାୟକ, ଜିଲ୍ଲା ପ୍ରତିନିଧି ଲଲାଟେନ୍ଦୁ ଖୁଂଟିଆ, ଚାନ୍ଦୋଳ ପଂଚାୟତର ପ୍ରମୁଖ ଶରତ କୁମାର ମଲିକ, ମୁକୁନ୍ଦପୁରର ଅଜୟ କୁମାର ସାହୁ, ଦାନପୁରର ଅମରେନ୍ଦ୍ର ରଥ, ହରିଅଙ୍କର ସତ୍ୟବ୍ରତ ପରିଡ଼ା, ଖମୋଳର ସୁଜିତ କୁମାର ସ୍ୱାଇଁ, ଯଅଁରାବାରିମୂଳର ଜୟନ୍ତ ନାୟକଙ୍କ ସମେତ ସୁମନଙ୍କ ସାହୁ, ବିଶ୍ୱଜିତ ଭୂୟାଁ, ବିଶ୍ୱକେତନ ନାୟକ, ନିତ୍ୟାନନ୍ଦ ମଲ୍ଲିକ, ଭଞ୍ଜନ କୁମାର ମହାନ୍ତି ପ୍ରମୁଖ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇ ଅତଙ୍କୀସ୍ଥାନ ପାକିସ୍ତାନ ପକ୍ଷରୁ ଭାରତର ନିରୀହ ପର୍ଯ୍ୟଟକ ଙ୍କୁ ହୋଇଥିବା ଆକ୍ରମଣକୁ ତିବ୍ର ନିନ୍ଦା କରିଥିଲେ । ଏଥିସହ ଭାରତ ପକ୍ଷରୁ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଆରମ୍ଭ କରାଯାଇଥିବା ଅପରେସନ୍ ସିନ୍ଦୁରକୁ ସ୍ୱାଗତ କରିବା ସହ ଦୃଢ଼ ସମର୍ଥନ ମଧ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୀମାନ୍ତରେ ଭାରତମାତା ପାଇଁ ଉତ୍ସର୍ଗୀକୃତ ବୀର ଯବାନମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ନାରା ଦେଇଥିଲେ । ଏଥିରେ ପାଟକୁରା ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ କର୍ମୀଙ୍କ ସହ ସ୍ଥାନୀୟ ଅଂଚଳବାସୀ ମଧ୍ୟ ସାମିଲ ହୋଇଥିଲେ ।

## ଭାଇବୋହୂଙ୍କୁ ଦୁଷ୍କର୍ମ ଉଦ୍ୟମ
# ଦେଢଶୂର କୋର୍ଟ ଚାଲାଣ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅଧୀନ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଂଚାୟତ ଶଂଖଚିଲା ଗୁଣ୍ଡୁସାହିରେ ଏକ ଅଭାବନୀୟ ଘଟଣା ଘଟିଛି । ଭାଇବୋହୂକୁ ଦେଢ଼ଶୁରଙ୍କ ଦୁଷ୍କର୍ମ କରିବା ଉଦ୍ୟମ ମହଂଗା ପଡ଼ିଛି । ଶେଷରେ ଦେଢ଼ଶୁରଙ୍କୁ ଜେଲ ଯିବାକୁ ପଡ଼ିଛି । ଶଙ୍ଖଚିଲା ଗୁଣ୍ଡୁସାହିର ଜଣେକ ମହିଳା ଥାନାରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ମହିଳାଙ୍କ ସ୍ୱାମୀ ଘରେ ଅନୁପସ୍ଥିତିର ସୁଯୋଗରେ ତାଙ୍କ ଦେଢ଼ଶୁର କୁନି ଗୁରୁ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲା । ଭାଇବୋହୂ ଜଣକ ଏହାକୁ ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ଟଣାଘୋଷରା ଓ ଠେଲାପେଲା ହୋଇଥିଲା । ଭାଇବୋହୂର ପାଟି ଶୁଣି ଅନ୍ୟମାନେ ଆସିବାରୁ ତାର ସହାଡ଼ିବାକୁ ଆସିଥିବା କୁନି ପଳେଇ ଦେଇଥିଲା । ତାକୁ ଜୀବନ୍ତ ମାରି ଦେବାକୁ ଧମକ ଦେଇଥିଲା । ଫଳରେ ସ୍ୱାମୀ କାମକୁ ଚାଲିଗଲା ପରେ ମହିଳା ଜଣକ ନିଜକୁ ସୁରକ୍ଷିତ ମନେ କରିପାରୁ ନାହାଁନ୍ତି । ଏ ନେଇ ସେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରିବା ସହ ଆଜି ଅଭିଯୁକ୍ତ ଦେଢ଼ଶୁର କୁନିକୁ ଗିରଫ କରି ଅଦାଲତ ଚାଲାଣ କରିଛି ।

# ଆଦିବାସୀ ଗ୍ରାମରେ ପାଳିଲେ ୪୯ତମ ଜନ୍ମଦିନ

ଦାନଗଦି, (ସବ୍ୟୁ) : ଆଧୁନିକ ଯୁଗରେ ଜନସାଧାରଣ ସେମାନଙ୍କର ଜନ୍ମ ଦିନ ବିଭିନ୍ନ ମନ୍ଦିର ଦେବସ୍ଥାନ ଓ ବଡ଼ବଡ଼ ହୋଟେଲରେ ପାଳନ କରାଯାଉଥିବାର ଦେଖାଯାଇଥାଏ । କିନ୍ତୁ ସମାଜରେ ଏଭଳି ବ୍ୟକ୍ତି ଅଛନ୍ତି ଯେ କି ନିଜର ଜନ୍ମ ଦିନ ଅତ୍ୟନ୍ତ ନିପଟ ଆଦିବାସୀ ଗ୍ରାମରେ ପାଳନ କରୁଥିବା ଦେଖିବାକୁ ମିଳିଥିଲା । କଳିଙ୍ଗନଗର ଅଂଚଳର ସମାଜସେବୀ ସୁକୁମାର ଜେନା ତାଙ୍କର ଜନ୍ମଦିନ ଶନିବାର ଦିନ ଦାନଗଦୀ ବ୍ଲକ ଶାଳିଜଙ୍ଗା ପଂଚାୟତର ବାଳିଆପାଳ ଗ୍ରାମର ଆଦିବାସୀ ସାହି ଢେଙ୍କିଶାଳ ଠାରେ ପାଳିତ ହୋଇଯାଇଛି । କଳିଙ୍ଗନଗର ରଙ୍ଗମଞ୍ଚ ର ସେ ଜଣେ ବହୁତ ଭଲ କଳାକାର । କଳା ଜଗତରେ ସେ ବେସ୍ ପରିଚିତ । ଗଲା ବର୍ଷ ମୋ ହସରେ ତୁ ମୋ ଲୁହରେ ତୁ ନାଟକରେ ରଙ୍ଗ ନାନୀ କ୍ୟାରେକ୍ଟରର ଲାକା ଲାକା ଡାଇଲଗ ଦର୍ଶକ ମନକୁ ବେଶ ଛୁଇଁଚି । ସେ ଜଣେ ପରାଉପକାରୀ ମଣିଷ ଟିଏ । ସେ ତାଙ୍କର ୪୯ ବର୍ଷ ମଧ୍ୟରେ ଜନମଙ୍ଗଳ ପାଇଁ ୬୩ଥର ରକ୍ତ ଦାନ କରିସାରିଲେଣି । ପ୍ରତିବର୍ଷ ବର୍ଷା ଦିନେ ଲୋକଙ୍କୁ ଛତା, ଶୀତଦିନେ ଗରିବ ଲୋକମାନଙ୍କୁ କମ୍ବଳ ବଣ୍ଟନ କରିଥାନ୍ତି । ସେ ପ୍ରତିବର୍ଷ ତାଙ୍କର ଜନ୍ମଦିନ ଗରିବ ପିଲା ଏବଂ ଅନାଥ ଆଶ୍ରମ ରେ କରିଥାନ୍ତି । ଚଳିତ ବର୍ଷ ମଧ୍ୟ ଢ଼ିଙ୍କିଶାଳ ଆଦିବାସୀ ଗ୍ରାମର ନାବାଳକ ଶିଶୁଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧାମାନଙ୍କ ଗହଣରେ କେକ୍ କାଟିଥିଲେ । ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କ ପାଇଁ ମିଠା, କେକ୍, ବିସ୍କୁଟ, କଦଳୀ, କୋଲଡ୍ରିଙ୍କ୍ସ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଂଚଳର ବିଶିଷ୍ଟ ବ୍ୟକ୍ତି ସତ୍ୟବ୍ରତ ଶତପଥୀ, ଜୟପ୍ରକାଶ ସାହୁ, ମଧୁ ସୁଦନ ସାହୁ, ସାମ୍ବାଦିକ କପିଳେନ୍ଦ୍ର ମହାନ୍ତ, ବିଜୟ ରଶ୍ମୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବଡଚଣାରେ ଚମ୍ପାଦେବୀ ଓ ଭୀମସେନ ଟ୍ରଷ୍ଟ ଉଦ୍‌ଘାଟିତ



ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଶାନ୍ତିପୁରର ଶତାୟୁ ପୁରୁଷ ସ୍ୱର୍ଗତ ଭୀମସେନ ସେଠୀଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଉତ୍ସବ ଓ ଚମ୍ପା ଦେବୀ ଚାରିଟେବୁଲ ଟ୍ରଷ୍ଟର ଶୁଭ ଉଦଘାଟନ ଉତ୍ସବ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡ଼ିଶା ଟ୍ରେଜେରୀ ଓ ଯାଞ୍ଚ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକ ହରପ୍ରିୟା ପାଣିଗ୍ରାହୀ ଯୋଗଦେଇ ଟ୍ରଷ୍ଟକୁ ଉଦଘାଟନ କରିଥିଲେ । ମୁଖ୍ୟ ଏଥିରେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରାକ୍ତନ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ପଦ୍ମନାଭ ରାଉତ,ସରପଞ୍ଚ ମୀନକେତନ ସେଠୀ, ସମିତି ସଭ୍ୟ ରବିନ୍ଦ୍ର ସେଠୀ. ପ୍ରାକ୍ତନ ଶିକ୍ଷକ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଉପେକ୍ଷିତ ବୃଦ୍ଧବୃଦ୍ଧା ଓ ବରିଷ୍ଠ ନାଗରିକଙ୍କୁ ସହାୟତା ପାଇଁ ଏହି ଟ୍ରଷ୍ଟ କାର୍ଯ୍ୟ କରିବ ବୋଲି କହିଥିଲେ । ଏଥିସହ ଶିକ୍ଷାବି଼.ସମାଜ ସଂସ୍କାରକ. ଖ୍ୟାତିସମ୍ପନ୍ନ ବ୍ୟକ୍ତି ମାନଙ୍କୁ ଯଥୋଚିତ ସମ୍ମାନ ଦେବା, ଅନାଥ ପିଲାମାନଙ୍କୁ ଥଇଥାନ ସହିତ ଗୋଶାଳା ନିର୍ମାଣ ନିମନ୍ତେ ଏହି ଟ୍ରଷ୍ଟ ପ୍ରୋତ୍ସାହିତ କରିବ ବୋଲି ସୂଚନା ଦିଆଯାଇଥିଲା । ଏଥିରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ କାଞ୍ଚନବାଳା ଦାସ, ମହେନ୍ଦ୍ର ଶାନ୍ତି, ଆଇନଜୀବି ଜ୍ୟୋତିଶଙ୍କର ମହାପାତ୍ର ଓ ବସନ୍ତ ସେଠୀ. ବିଶ୍ୱନାଥ ସେଠୀ. ସୁସିନୀ ସେଠୀ. ଅଭିମନ୍ୟୁ ନାୟକ ଓ ସୁଶାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଉତ୍ସବରେ ଶ୍ରେଷ୍ଠ ମା ଭାବେ ହେମଲତା ବେହେରା,ଆଦର୍ଶ ଶିକ୍ଷକ ଭାବେ କୁଳମଣି ସାହୁ, ଶ୍ରେଷ୍ଠ ଗୃହିଣୀ ଭାବେ ସତ୍ୟଭାମା ଦେଓ ଓ ପୂଜ୍ୟ ପୂଜାର ପୂଜାରୀ ଭାବେ ଅଧ୍ୟାପକ ବିଜୟକେତନ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମର କେତନ ଲେଙ୍କା. ବିଜୟ କୁମାର କବି. ବୈକୁଣ୍ଠନାଥ ସେଠୀ.ଭାଗବାନ ପଣ୍ଡା. ସୁରେଶ ଚନ୍ଦ୍ର ସାହାଣୀ. ଭାଗ୍ୟଧର ସାହୁ.ସୈନିକ ରାମଚନ୍ଦ୍ର ସାମଲ. ଦେବାନନ୍ଦ ସାମଲ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଆଇନଜୀବୀ ଦେବରାଜ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସଲିଳରାଜ ନନ୍ଦନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# କଳିଙ୍ଗ ଆବାସିକ ସ୍କୁଲରେ ନୀଳ ସରସ୍ୱତୀଙ୍କ ପୂଜା

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟରେ ସଙ୍କଟ ମୋଚନ ପ୍ରଭୁ ମହାବୀରଙ୍କର ମେଳା, ବିଦ୍ୟାଦାତ୍ରୀ ମା ନୀଳ ସରସ୍ୱତୀଙ୍କ ପୂଜା ଓ ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଗତ ସୋମବାର ଦିନ ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ଦିନ ସଙ୍କଟମୋଚନ ପ୍ରଭୁ ମହାବୀରଙ୍କ ମେଳା ଓ ନୀଳସରସ୍ୱତୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା । ବୁଧବାର ଦିନ ପ୍ରତ୍ୟୁଷରେ ଗୀତାଯଜ୍ଞ ଆରମ୍ଭ କରାଯାଇ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତୀ କରାଯାଇଥିଲା । ଏହି ଧର୍ମୀୟ ପୂଜା ଓ ଯଜ୍ଞରେ ବିଦ୍ୟାଳୟର ମନୋଜ କୁମାର ପ୍ରଧାନ ସପତ୍ନିକ କର୍ତାକର୍ତା ଭାବରେ କାର୍ଯ୍ୟ ନିର୍ବାହ କରିଥିବା ବେଳେ କାର୍ଯ୍ୟକ୍ରମକୁ ଉଭୟ କ୍ୟାମ୍ପସର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି ଓ ଅନିଲ କୁମାର ଦାସ, ଶିକ୍ଷକ ହରେକୃଷ୍ଣ ମହାନ୍ତି, ସବ୍ୟସାଚୀ ମିଶ୍ର, ଅବିନାଶ ପଲାଇ, ଦୁର୍ଗା ପ୍ରସାଦ ପଣ୍ଡା, ସୌମେନ୍ଦ୍ର ଭୂୟାଁ, ଅଶୋକ କୁମାର ବେହେରା, ବିଶ୍ୱଜିତ ସ୍ୱାଇଁ, ଅନନ୍ତ କୁମାର ମଲିକ, ଶିକ୍ଷୟିତ୍ରୀ ମଧୁସ୍ମିତା ପଲାଇ, ପ୍ରିୟଙ୍କା ନାୟକ, ଦମୟନ୍ତୀ ସ୍ୱାଇଁ, ସୋନିକା ଦାସ, ଅନିତା ପ୍ରଧାନ, କାଜଲ ବେହେରା, ବିଜୟଲକ୍ଷ୍ମୀ ପାତ୍ର, ରାଜଲକ୍ଷ୍ମୀ ରଥ, ଲିପିକା ପ୍ରଧାନ, ଅଙ୍କିତା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ସେମାନଙ୍କର ଅଭିଭାବକ, ସ୍ଥାନୀୟ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

# ଲୁଣା ନଦୀ ପୁବଂଶ ସେତୁ ଦୁର୍ବଳତାର ଯାଞ୍ଚ କଲେ କେନ୍ଦ୍ରୀୟ ଦଳ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କଟିକଟା ଜୟପୁର ମୁଖ୍ୟ ରାସ୍ତାର ଅସୁରେଶ୍ୱର ପୁବଂଶ ଠାରେ ଲୁଣା ନଦୀ ଉପରେ ଥିବା ସେତୁ ଦୁର୍ବଳତାକୁ ନେଇ କେନ୍ଦ୍ରୀୟ ଦଳ ଯାଞ୍ଚ ପ୍ରକିୟା ଆରମ୍ଭ କରିଛନ୍ତି । ଏହି ପୋଲଟିକୁ ବିଗତ ୩୬ବର୍ଷ ତଳେ ତତ୍କାଳୀନ କଂଗ୍ରେସ ସରକାର ୧୯୮୯ ମସିହାରେ ନିର୍ମାଣ କରିଥିଲେ । ଦୀର୍ଘ ବର୍ଷ ହେବ ଏହି ସେତୁ ଉପରେ ଦୈନିକ ଶହ ଶହ ସଂଖ୍ୟାରେ ଭାରିଯାନ ଯାତାୟତ କରୁଥିବାରୁ ଏହି ସେତୁଟି ଦୁର୍ବଳ ସ୍ଥିତିକୁ ଚାଲିଆସିଛି । ଯାହାଦ୍ୱାରା ଉକ୍ତ ସେତୁର ବିଭିନ୍ନ ସ୍ଥାନରେ ଛୋଟବଡ଼ ଫାଟ ସୃଷ୍ଟି ହୋଇଥିଲାବେଳେ ଗୋଟିଏ ବଡ଼ ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଥିଲା । ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଶନିବାର ଦିନ ପୂର୍ତ୍ତ ବିଭାଗ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦୁଇ ଗୋଟି ତଦନ୍ତକାରୀ ଦଳ ଆସି ପୋଲର ଦୁର୍ବଳତାକୁ ପରୀକ୍ଷା ନିରୀକ୍ଷା କରି ଯାଞ୍ଚ କରିଛନ୍ତି ।

# ପ୍ରଭାବଶାଳୀଙ୍କ କବ୍‌ଜାରୁ ମୁକ୍ତ ହେବ ସରକାରୀ ଜମି

କେନ୍ଦ୍ରାପଡା,(ସବ୍ୟୁ) :ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ବସୁନ୍ଧରା ଯୋଜନା ଲାଗୁ କରିବା ପାଇଁ ଭୂମିହୀନ ପରିବାର ର ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ କରିବା ଓ ଜିଲ୍ଲାରେ କେତେ ସରକାରୀ ଜମି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଛି ତାହାକୁ ଉଦ୍ଧାର କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଛି । ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଦଖଲରେ ରଖିଥିବା ସରକାରୀ ଜମିକୁ ମୁକ୍ତ କରାଯିବାକୁ ସମସ୍ତ ତହସିଲଦାର ମାନଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଜିଲ୍ଲା ମଧ୍ୟରେ ଥିବା ବିଭିନ୍ନ ବାଲି ସୈରାତ ରୁ ବାରମ୍ବାର ବାଲି ଚୋରୀ ସମେତ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣର ଚାଲାଣରେ ଅଙ୍କୁଶ ଲାଗିପାରୁ ନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇ ଥିଲା । ବାଲି ଚୋରା ଚାଲାଣକାରୀ ମାନେ ତଳ ସ୍ତରର କର୍ମଚାରୀ ମାନଙ୍କୁ ହାତ କରି ଅବାଧରେ ଦୈନିକ ଶହ ଶହ ହାଇୱା ବୋଝେଇ କରି କୋଟି କୋଟି ଟଙ୍କା ମୁନାଫା କମାଇବା ସହ ରାଜସ୍ୱ ହାନୀ ଘଟାଉ ଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରି ଗାଡି ଜବତ ଓ ଜରିମାନା ଆଦାୟ କରିବାକୁ ନିଷ୍ପତି ନିଆଯାଇଛି ।

# ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ଅଧିକ୍ଷଣ ଯନ୍ତ୍ରୀ

ମହାକାଳପଡ଼ା, (ସବ୍ୟୁ) : ଶୁକ୍ରବାର ଜଳ ସମ୍ପଦ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ପାଟକୁରା ଉପଖଣ୍ଡ ଅଧୀନ ଓସ୍ତର ସେକ୍ସନ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିବାର ଜଣାପଡିଛି । ମହାକାଳପଡ଼ା ବ୍ଲକ ଅଞ୍ଚଳ ଓସ୍ତର ଜଳ ସମ୍ପଦ ସେକ୍ସନର ରୋମିତ ଠାରୁ ସାମନ୍ତ ସିଂହାରପୁର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ନିମ୍ନମାନର ନେଇ ବିଭିନ୍ନ ଗଣମାଧ୍ୟମ ଖବର ପ୍ରକାଶ ପାଇଥିଲା । ଗଣମାଧ୍ୟମରୁ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଜାଣିବା ପରେ ଅଧିକ୍ଷଣ ଯନ୍ତ୍ରୀ ବରାନ୍ୱିତ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ୬କୋଟିରୁ ଉର୍ଦ୍ଧ୍ୱ ଅଟକଳ ବ୍ୟୟ ରେ ୭କିମି ୫୦୦ମିଟର ନଦୀବନ୍ଧ ପିଚୁ କାର୍ଯ୍ୟ ର ମାନ ପରଖିଛନ୍ତି । ଅଧିକ୍ଷଣ ଯନ୍ତ୍ରୀ ସେକ୍ସନ ଅଧିକାରୀ ଶାରଦା ସାହୁ ଓ ଅନ୍ୟ ଅଧସ୍ତନ କର୍ମଚାରୀଙ୍କୁ ସାଥିରେ ଧରି ସମ୍ପୂର୍ଣ୍ଣ ସମ୍ପାଦିତ ପ୍ରକଳ୍ପ କାର୍ଯ୍ୟ ପରଖିଛନ୍ତି । ଅନୁଧ୍ୟାନ କାଳରେ ରାସ୍ତା କାର୍ଯ୍ୟ ନେଇ ହେଉଥିବା ଅଭିଯୋଗ ଆଧାରରେ ପ୍ରକଳ୍ପ କାର୍ଯ୍ୟର ସ୍ଥିତି ପରଖି ଫେରିଥିବାର ଜଣାପଡିଛି । କାର୍ଯ୍ୟ ନିର୍ବାହୀ ଏଜେନ୍ସିକୁ ଗୁଣବତ୍ତା କାର୍ଯ୍ୟ ସମ୍ପାଦନ ସହିତ ବିଭାଗୀୟ ଅଧିକାରିଙ୍କୁ ପ୍ରକଳ୍ପ କାର୍ଯ୍ୟ ଉପରେ ତୀକ୍ଷଣ ଦୃଷ୍ଟି ରଖିବାକୁ ସୂଚନା ଦେଇଥିଲେ । ରାସ୍ତା ପିଚୁ ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହିଁ ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତା ସ୍ଥାୟିତ୍ୱରେ ବେଶ ସହାୟ ହୋଇଥାଏ ବୋଲି ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି ।

# ପ୍ରହ୍ଲାଦ ହେଲେ ବିଧାୟକଙ୍କ ରସୁଲପୁର ବ୍ଲକ ପ୍ରତିନିଧି

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକର ବରିଷ୍ଠ ସମାଜସେବୀ ବାଗ୍ମୀ ବିଜେପି ନେତା ପ୍ରହ୍ଲାଦ ପଣ୍ଡା କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ରସୁଲପୁର ବ୍ଲକ ପ୍ରତିନିଧି ପାଇଁ ମନୋନୀତ ହୋଇଛନ୍ତି । ଏ ସଂକ୍ରାନ୍ତରେ



ପତ୍ର ମାଧ୍ୟମରେ ରସୁଲପୁର ବି ଡି ଓ ଙ୍କୁ ଅବଗତ କରାଯାଇଛି । ରାଜନୀତିରେ ଦୀର୍ଘ ବର୍ଷର ପରିପୂର୍ଣ ଅଭିଜ୍ଞତା ଥିବା ଶ୍ରୀ ପଣ୍ଡା ଜଣେ ସୁସଂଗଠକ ଭାବେ ରସୁଲପୁର ବ୍ଲକ ଅଂଚଳରେ ସୁପରିଚିତ । ରସୁଲପୁର ବ୍ଲକରେ ଦଳୀୟ ସଂଗଠନକୁ ସୁଦୃଢ କରିବା ସହିତ ସବୁ ବର୍ଗ ର ଲୋକଙ୍କୁ ନେଇ କାମ କରିବା, ସବୁ ସମସ୍ୟା ସମାଧାନ ଦିଗରେ ବିଧାୟକଙ୍କ ନିର୍ଦେଶ ଅନୁଯାଇ କାର୍ଯ୍ୟ କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

# ଧର୍ମଶାଳା ପୁଲିସ ପକ୍ଷରୁ ସଚେତନା କାର୍ଯ୍ୟକ୍ରମ




ଧର୍ମଶାଳ,(ସବ୍ୟୁ) : ଧର୍ମଶାଳା ଥାନା ପୁଲିସ ପକ୍ଷରୁ ନୂତନ ଭାବେ ପ୍ରଣୀତ ଆଇନ୍ ଏବଂ ନିଶା ନିବାରଣ ସଂପର୍କରେ ଏକ ସଚେତନା କାର୍ଯ୍ୟକ୍ରମ ଜାରକା ସ୍ଥିତ ଜେନିଥ୍ ଯୁକ୍ତ ଦୁଇ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ନୂତନ ଭାବେ ପ୍ରଣୀତ ଆଇନ୍ ସଂପର୍କ ରେ ଅବଗତ କରାଇଥିଲେ। ପୁର୍ବରୁ ଥାନା ରେ ଆଇନ ଅନୁଯାୟୀ ଯେକୌଣସି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଥିଲା ପରେ କୋର୍ଟରେ ଏହାର ବିଚାର କରାଯାଇ ତାଙ୍କୁ ଛଡ଼ା ଯାଉଥିଲା । ଯାହା ଫଳରେ ସାଧାରଣ ଲୋକମାନେ ଏଥିରେ ଅସୁବିଧାର ସମ୍ମୁଖୀନ ହେଉଥିଲେ , ଏବେ ପ୍ରଦତ ଦଫା ଗୁଡ଼ିକରେ ୭ବର୍ଷ ରୁ କମ୍ ସଜା ହେଉଥିବା ମାମଲାରେ ଅଭିଯୁକ୍ତକୁ ଗିରଫ କରାନଯାଇ ତାଙ୍କୁ ଆଇନ୍ ଅନୁଯାୟୀ ନୋଟିସ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି ଭଳି ବିଭିନ୍ନ ପ୍ରକାର ନୂତନ ପ୍ରଣୀତ ଆଇନ୍ ସମ୍ପର୍କରେ ବୁଝାଇ କହିଥିଲେ। ଅଜି କାଲି କିଶୋର ବୟସର ଛାତ୍ରଛାତ୍ରୀମାନେ କୁସଙ୍ଗରେ ପଡି ନିଶା ଖାଇବା ସହିତ ବିପଥଗାମୀ ହୋଇଯାଉଛନ୍ତି । ଏହି ନିସା ନିବାରଣରୁ କିଭଳି ଦୁରରେ ରହି ଏକ ଆଦର୍ଶ ଜୀବନ ଯାପାନ କରିପାରିବେ ସେ ନେଇ ଅତିଥିମାନେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ଚେୟାରମାନ୍ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ଏସ ଆଇ ରମାକାନ୍ତ ନାୟକ, ଏସ ଆଇ କୈଳାସ ଭଦ୍ର, ଏଏସଆଇ ବିଜୟ ବେହେରା ଓ ଅନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ପଂଚାୟତ ରେ ଏହି ସଚେତନତା କାର୍ଯକ୍ରମ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ରେଳ ଧାରଣାରେ ଅଟକିଗଲା ହାଇୱା

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ପାଖର ନିକଟରେ ଆଜି ଭୋର ସମୟରେ ଲେବୁଲକ୍ରସିଂରେ ଯାଉଥିବା ଏକ ଚିପ୍ସ ବୋଝେଇ ହାଇୱା ଗାଡି ହଠାତ ଖରାପ ହୋଇଯିବାରୁ ରେଳ ଧାରଣାରେ କିଛି ସମୟ ଅଟକି ରହିଥିଲା । ତେବେ ରେଳବିଭାଗ କର୍ମଚାରୀ ଙ୍କ ତତ୍ପରତା ଯୋଗୁଁ ଏକ ବଡଧରଣର ବିପଦ ଟଳିଯାଇଛି । ସୂଚନା ମୁତାବକ ଧର୍ମଶାଳା ବ୍ଲକର ହରିଦାସପୁର – ଗଡମଧୁପୁର ରେଳ ଷ୍ଟେସନ ମଧ୍ୟସ୍ଥ ପାଖର ଲେବଲ୍ କ୍ରସିଂ ଉପରେ ଆଜି ଭୋର୍ ସମୟ ରୁ ଏକ ଚିପ୍ସ ବୋଝେଇ ହାଇୱା ପାସ କରୁଥିବା ସମୟରେ ରେଳ ଧାରଣା ଉପରେ ଖରାପ ହୋଇଯାଇଥିଲା । ଫଳରେ ହାଇୱା ଗାଡିଟି ସେଠାରେ ଅଟକି ରହିଥିଲା । ଖବର ପାଇ ରେଳ ବିଭାଗ କର୍ମଚାରୀ ଓ ଟ୍ରକ ମାଲିକ ଘଟଣା ସ୍ଥଳରେ ପହଁଚି ରେଳ ଧାରଣାରେ ଅଟକିଥିବା ହଇୱାରୁ ଚିପ୍ସ ଅନଲୋଡ କରି ଗାଡିକୁ ରେଳଧାରଣାରୁ ହଟାଇଥିଲେ । ଏଥିସହ ରେଳଧାରଣାରେ ବିଛେଇ ହୋଇ ପଡିଥିବା ଚିପ୍ସ କୁ ତୁରନ୍ତ ହଟାଇ ଦେଇଥିଲେ। ହାଇୱା ଗାଡିଟି ସେଠାରେ ଅଟକି ରହିଥିବା ବେଳେ ଉକ୍ତ ପଥ ଦେଇ ଆସୁଥିବା ଟ୍ରେନକୁ ବିଭିନ୍ନ ଜାଗାରେ ଅଟକାଇ ଦିଆଯାଇଥିଲା ।

# ଗ୍ରାମସଭା ସମୀକ୍ଷା ବୈଠକରେ ସାମାଜିକ ସଚେତନତା

ସାଲେପୁର,(ସବ୍ୟୁ) : ଲୋକେ ଜାଣିବେ ନିଜ ଅଧିକାରଛ ନିଜ ଅଧିକାର ନେଇ ସେମାନେ ରଖିବେ ମତ। ଲୋକଙ୍କ ମତକୁ ଜନପ୍ରତିନିଧି ଦେବେ ଗୁରୁତ୍ୱ । ସରକାରୀ କର୍ମଚାରୀ ମଧ୍ୟ ନିଜ ଦାଇତ୍ୱକୁ ପାଳିବେ ସଠିକ ଢଙ୍ଗରେ। ସବୁ ଯୋଜନା ସମ୍ପର୍କରେ ଜାଣିବେ ସମାଜର ତଳ ସ୍ତରରେ ଥିବା ଲୋକେ। ଲୋକ ଓ ସରକାରଙ୍କ ମଧ୍ୟରେ ରହିବନି ଯୋଜନାର ଦୂରତ୍ୱ ଏଭଳି ମହତ ଉଦ୍ଦେଶ୍ୟ ନେଇ ସାଲେପୁର ବ୍ଲକରେ ସାମାଜିକ ସମୀକ୍ଷକ ମନ୍ଦାକିନୀ ନନ୍ଦଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରେ ଚାଲିଛି ସାମାଜିକ ସମୀକ୍ଷା। ଏନେଇ ବ୍ଲକ ଅନ୍ତର୍ଗତ ଭୀମଦାସପୂର୍ ପଞ୍ଚାୟତରେ ଗତ ମେ ୧ତାରିଖରୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଭିଆରପି ବିଜୟଲକ୍ଷ୍ମୀ ବେହେରାଙ୍କ ଦ୍ୱାରା ଚାଲିଥିଲା ସାମାଜିକ ସମୀକ୍ଷା। ଓଡ଼ିଶା ସୋସାଇଟି ଫର୍ ସୋସିଆଲ ଅଡିଟ ଆକାଉଣ୍ଟାବିଲିଟି ଆଣ୍ଡ ଟ୍ରାନ୍ସପରେନ୍ସି (ଓଏସଏସଏ ଏଟି) ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଆଜି କରାଯାଇଥିଲା ଗ୍ରାମସଭା । ଗ୍ରାମସଭାରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ କୁମାର ନାୟକ ସଭାପତିତ୍ୱ କରିଥିଲେଛ ସାମାଜିକ ସମୀକ୍ଷା



ବୈଠକରେ ଏଡିଇଓ ଦୈତାରୀ ସାମଲ, ପିଇଓ ସମାପିକା ମହାନ୍ତି, ସରପଞ୍ଚ ନଳିନୀପ୍ରଭା ନାୟକ ଯୋଗଦେଇଥିଲେ। ଲୋକେ କିଭଳି ଜାତୀୟ ଖାଦ୍ୟସୁରକ୍ଷା ଆଇନ, ମନରେଗା, ଜବକାର୍ଡର ସୁଫଳ ପାଇବେ ସେନେଇ ସେମାନେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଭିଆରପି ଭାରତୀ ପ୍ରଧାନ, ଭିଆରପି ରଶ୍ମିତା ଜେନା,ଭିଆରପି ଅନିତା ସ୍ୱାଇଁ ସହଯୋଗ କରିଥିଲେ । ସ୍ଥାନୀୟ ଗ୍ରାମବାସୀମାନେ ଗ୍ରାମସଭାରେ ସାମିଲ ହୋଇ ସରକାରୀ ଯୋଜନାର ସଫଳତା ନେଇ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ।

# ସନ୍ତୋଷ କରଙ୍କୁ କଳିଙ୍ଗ ଗୌରବ ସମ୍ମାନ

ରାଜକନିକା,(ସବ୍ୟୁ) : ରାଜକନିକା ବ୍ଲକର ଯୁବ ସମାଜସେବୀ ଭାବେ ଜଣାଶୁଣା ବରୁଣାଡିହା ଗ୍ରାମର ସନ୍ତୋଷ କୁମାର କର ଙ୍କୁ କଳିଙ୍ଗ ଗୌରବ ସମ୍ମାନ –୨୦୨୫ ରେ ସାମ୍ମନିତ କରାଯାଇଛି । ଭୁବନେଶ୍ୱର ସ୍ଥିତ ଏକ ବୈଦୁତିକ ଗଣମାଧ୍ୟମ ର ସମାବର୍ତ୍ତନ ଉତ୍ସବରେ ଶ୍ରୀ କରଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମାନପତ୍ର ଓ ଉପଢୌକନ ଦେଇ ସାମ୍ମନିତ କରିଥିଲେ । ସମାଜ ସେବା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଥିବାରୁ ଅଞ୍ଚଳରେ ସବୁ ମହଲରୁ ତାଙ୍କୁ ଅଭିନନ୍ଦନ ମିଳୁଛି ।

# ପଡୋଶୀ ରାଷ୍ଟ୍ର ଉତ୍ତମ ହେଲେ ବିଶ୍ୱରେ ଶାନ୍ତିପ୍ରତିଷ୍ଠା ହୋଇପାରିବ



ରଘୁନାଥପୁର,(ସବ୍ୟୁ) : ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ମା କ୍ଷେତ୍ରପାଳି ମନ୍ଦିର ପରିସରରେ ଆଜି ଦ୍ୱାଦଶ ତମ ଆର୍ନ୍ତଜାତୀୟ ଆର୍ଟ ଅଫ ଗିଭିଙ୍ଗ ଉତ୍ସବ କିଟ୍ ପରିବହନ ନିର୍ଦ୍ଦେଶକ ଦିଲ୍ଲିପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଆଗାମୀ ଓଡିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ ଯୋଗଦେଇ ପ୍ରତ୍ୟେକ ରାଷ୍ଟ୍ରର ପଡୋଶୀ ରାଷ୍ଟ୍ର ଉତ୍ତମ ପଡୋଶୀ ଦେଶ ହେଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ସେହିଭଳି ପଡୋଶୀ ଲୋକମାନଙ୍କ ସହିତ ଉତ୍ତମ ପଡୋଶୀ ହେଲେ ସମାଜରେ ଭାଇଚାରା ସୁଦୃଢ ହେବା ସହିତ ସୁସ୍ଥ ସମାଜ ଗଢି ଉଠିବ ଏବଂ ସମାଜରୁ କଳହ, ମନମାଳିନ, ଗାଁ ଗାଁ ମଧ୍ୟରେ ସୁସମ୍ପର୍କ ସୁସମ୍ପର୍କ ଗଢି ଉଠି ଗ୍ରାମରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ। ଏଥିରେ କିମ୍ସର ଜେନେରାଲ ମ୍ୟାନେଜର ଅଶୋକ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଚ୍ୟୁତ ସାମନ୍ତଙ୍କର ଏଭଳି ଐତିହାସିକ ପଦକ୍ଷେପରେ ଭାଗ ନେଲେ ନିବେଦନ କରିଥିଲେ। ଏହି ଉତ୍ସବରେ କିଟ୍‌ର ଅଧ୍ୟାପକ ଚନ୍ଦନ କୁମାର ରାଉତ ଯୋଗଦେଇ ପଡୋଶୀ ମାନଙ୍କର ଦୁଃଖସୁଖରେ ଭାଗ ନେଇ ସେମାନଙ୍କର ବିପଦ ଆପଦରେ ସହାୟତାର ହାତ ବଢାଇଲେ ଉତ୍ତମ ପଡୋଶୀ ହୋଇପାରିବ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦିଲ୍ଲିପ କୁମାର ମହାପାତ୍ର, ରାଷ୍ଟ୍ରପ୍ରତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବାବାଜୀ ଚରଣ ସାହୁ, ଅଭୟ କୁମାର ସ୍ୱାଇଁ, ଗଣେଶ୍ୱର ଓଝା, ପ୍ରିୟବ୍ରତ ସ୍ୱାଇଁ, ଶରତ କୁମାର ଜେନା, ରମେଶ ଚନ୍ଦ୍ର ପଣ୍ଡା, ସସ୍ମିତା ଦାସ, ନବକିଶୋର ସେନାପତି, ବଳରାମ ରାଉତ, ପ୍ରମୁଖ ଯୋଗଦେଇ ଆର୍ଟ ଅଫ ଗିଭିଙ୍ଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସ୍ଥାନୀୟ ୪–୫ ଟି ଗ୍ରାମର ଶହ ଶହ ଲୋକମାନେ ଯୋଗଦେଇ ପ୍ରସାଦସେବନ କରିଥିଲେ। ସେହିପରି ଗୋଠିଣା ଗ୍ରାମରେ ଅଶୋକ କୁମାର ନାୟକଙ୍କ ଦ୍ୱାରା ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସନ୍ଧ୍ୟା ରାଉତ, ମୁକ୍ତାର ଅଲ୍ଲି ଖାଁ, ଅକ୍ଷୟ କୁମାର ସାହୁ, ଶିକ୍ଷକନେତା ଦେବାଶିଷ ବେହେରା, ଶିକ୍ଷକନେତା କୁଶ ମଲ୍ଲିକ, ବସନ୍ତ ସ୍ୱାଇଁ, ସାମ୍ବାଦିକ ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ଅଜୟ ବାରିକ ପ୍ରମୁଖ ଯୋଗଦେଇ ଆର୍ଟ ଅଫ ଗିଭିଙ୍ଗର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ପଡୋଶୀ ଜମି ବଦ୍ୟୁତ ତାର ସଂସ୍ପର୍ଶରେ ଚାଷୀଙ୍କ ମୃତ୍ୟୁ : ରାସ୍ତାରୋକ



ବାଙ୍କୀ,(ସବ୍ୟୁ) : ଶନିବାର ସକାଳୁ ଅଭାବନୀୟ ଘଟଣା ଘଟିଛି। ପଡୋଶୀ ଜମି ବଦ୍ୟୁତ ତାର ସଂସ୍ପର୍ଶରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। କ୍ଷତି ପୂରଣ ଦାବିରେ ସ୍ଥାନୀୟ ବାସୀ ରାସ୍ତାରୋକ କରିଥିବା ବେଳେ ପ୍ରତିଶୃତି ମିଳିଲା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି।

ବାଙ୍କୀ ଥାନା ଅନ୍ତର୍ଗତ କୁଶପଙ୍ଗି ଗ୍ରାମର ଗନ୍ଧର୍ବ ଘଡ଼େଇ ନାମକ ଜଣେ ଚାଷୀ ପ୍ରତି ଦିନ ଭଳି ସକାଳେ ନିଜ ଧାନ ଜମିକୁ ଯିବା ବେଳକୁ ପଡ଼ୋଶୀ ଜମିର ଚାଷୀ ତାର ବାଡରେ ବିଦ୍ୟୁତ ସଂଯୋଗ କରିଥିବାରୁ ସେହି ତାର ଗନ୍ଧର୍ବଙ୍କ ଶରୀରରେ ବାଜିବା ମାତ୍ରେ ଘଟଣା ସ୍ଥଳରେ ହିଁ ଛଟପଟ ହୋଇ ମୃତ୍ୟୁ ବରଣ କରିଥିଲେ। ଫଳରେ କ୍ଷତି ପୂରଣ ଦାବି ସହିତ ବିଦ୍ୟୁତ୍ ସଂଯୋଗ କରିଥିବା ଚାଷୀଙ୍କୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁଶପଙ୍ଗି ଗ୍ରାମର ଶତାଧିକ ଲୋକ କଟକ ବାଙ୍କୀ ରାସ୍ତାରେ ଧାରଣା ଦେଇଥିଲେ। ଯାହା ଦ୍ୱାରା କି କଟକ-ବାଙ୍କୀ ରାସ୍ତାରେ ଶହ ଶହ ଗାଡି ଅଟକି ରହିଥିଲା।

ଘଟଣା ସ୍ଥଳରେ ବାଙ୍କୀ ଥନା ଆଇ,ଆଇ, ସି, ଦିଲ୍ଲିପ କୁମାର ମର୍ଦ୍ଦରାଜସିଂହ ଭୁଁୟା, ଏସ ଡ ପି ଓ ବାଳକୃଷ୍ଣ କଅଁର, ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା ପହଞ୍ଚି ରେଡକ୍ରସ ତରଫରୁ ସହାୟତା ପ୍ରଦାନ କରା ଯିବା ସହିତ ଯାହାଙ୍କ ପାଇଁ ଜୀବନ ଯାଇଛି ତଦନ୍ତ କରାଯାଇ ବିଦ୍ୟୁତ ସଂଯୋଗ କରିଥିବା ବ୍ୟକ୍ତି ଅଭିଯୁକ୍ତ ଙ୍କୁ ଗିରଫ କରାଯିବାର ପ୍ରତିଶୃତି ମିଳିବାରେ ଧାରଣା ପ୍ରତ୍ୟାହୃତ ହୋଇଛି। ଗମନା ଗମନ ସ୍ୱାଭାବିକ ଭାବେ ଆରମ୍ଭ ହୋଇଛି। ଜଣେ ଗରିବ ଚାଷୀଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

### ଅଗ୍ନିବୀର ନିଯୁକ୍ତିରେ ଦୁର୍ନୀତି ମାମଲା

## ଆଣ୍ଡାମାନ ଓ ନିକୋବରରୁ ଆଉ ଜଣେ ନୌସେନା ଅଧିକାରୀ ଗିରଫ



ବାଲୁଗାଁ ,(ସବ୍ୟୁ) : ଭାରତୀୟ ନୌସେନା ଚିଲିକା ଶାଖା ପ୍ରଶିକ୍ଷଣ କେନ୍ଦ୍ରରେ ଅଗ୍ନିବୀର ପଦବୀରେ ନିଯୁକ୍ତି ଦୁର୍ନୀତି ମାମଲାରେ ବାଲୁଗାଁ ପୋଲିସ ଆଣ୍ଡାମାନ ଓ ନିକୋବର ସ୍ଥିତ ଆଇ ଏନ ଏସ କେଶରୀରୁ ଆଉ ଜଣେ ନୌ ସେନା ଅଧିକାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଗୁଞ୍ଜୁ କୁମାର (୨୩), ଘର ବିହାର ରାଭେଲଗଞ୍ଜ ଥାନା ପାହୀୟାନ ଗ୍ରାମରେ ବୋଲି ଜଣାପଡିଛି । ପୂର୍ବରୁ ପୋଲିସ ଏହି ମାମଲାରେ ଜଣେ ପୂର୍ବତନ ସେନା ଅଧିକାରୀଙ୍କ ସମେତ ୪ ଜଣଙ୍କୁ ଗିରଫ କରିଥିଲା ।ସୂଚନା ଥାଉକି, ୨୦୨୪ ନଭେମ୍ବରରେ ଆଇଏନ ଏସ ଚିଲିକାରେ ଅଗ୍ନିବୀର ପଦବୀ ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ଅଭିଯୁକ୍ତମାନେ ସହାୟତା ଆଳ ଦେଖାଇ ପ୍ରଶିକ୍ଷାର୍ଥୀ ମାନଙ୍କ ଠାରୁ ଜଣକେ ପିଛା ୩୦ ହଜାରରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରିଥିଲେ ।

ଏହି ଦୁର୍ନୀତି ଜଣାପଡିବା ପରେ ଆଇ ଏନ ଏସ ଚିଲିକା ପ୍ରଶିକ୍ଷଣ ବିଭାଗ ଲ୍ୟୁଟିନାଣ୍ଟ କମାଣ୍ଡର ଅଦ୍ଦିତ୍ୟ ସିଂ ଗତ ଏପ୍ରିଲ ୧୯ ତାରିଖରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ ଯେ ପୋଲିସ ଏ ସଂକ୍ରାନ୍ତରେ କେସ ନଂ ୧୧୮/୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଖୋର୍ଦ୍ଧାଏସପି ସାଗରୀକା ନାଥଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଆଇ ଆଇ ସି ଜୟ ପ୍ରକାଶ ପରିଡାଙ୍କ ନେତୃତ୍ୱରେ ଏକ ଟିମ ସଙ୍ଗେ ସଙ୍ଗେ ଚଢ଼ାଉ କରି ନାଭାଲ ଛକ ସ୍ଥିତ ଏକ ଭଡା ଘରୁ ଏହି ଦୁର୍ନୀତିରେ ସମ୍ପୃକ୍ତ ଅଭିଯୁକ୍ତ ଜଣେ ପୂର୍ବତନ ସେନା ଅଧିକାରୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା ।

ତେବେ ଏହି ମାମଲାରେ ଆଣ୍ଡାମାନ ଓ ନିକୋବର ଆଇ ଏନ ଏସ କେଶରୀରେ କାର୍ଯ୍ୟରତ ଆଉ ଦୁଇଜଣ ସେନା ଅଧିକାରୀ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଥିଲା । ଅଭିଯୁକ୍ତ କ୍ରିଷ୍ଣାକାନ୍ତ ସାଇନି ଛୁଟିରେ ନିଜ ଘର ରାଜସ୍ଥାନକୁ ଯାଇଥିବା ବେଳେ ଗତ ମେ ୧ତାରିଖରେ ବାଲୁଗାଁ ପୋଲିସର ଏକ ଟିମ ଯାଇ ସେଠାରୁ ତାଙ୍କୁ ଗିରଫ କରିଥିଲେ । ଅନ୍ୟତମ ଅଭିଯୁକ୍ତ ଗୁଞ୍ଜୁ କୁମାରକୁ ଗିରଫ ନିମନ୍ତେ ଆଇ ଆଇ ସି ପରିଡା ଏବଂ ଟିମ ସପ୍ତାହେ ତଳେ ଆଣ୍ଡାମାନ ଓ ନିକୋବର ଗସ୍ତ କରିଥିଲେ ।

## ଦୁଇ ଦିନିଆ ଜିଲ୍ଲା ସର୍ବୋଦୟ ସଂକଳ୍ପ ଶିବିର ଉଦ୍ଯାପିତ

କୋଣାର୍କ, (ସବ୍ୟୁ): କୋଣାର୍କ ଏନଏସି କଲ୍ୟାଣ ମଣ୍ଡପ ଠାରେ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ଜିଲ୍ଲା ସର୍ବୋଦୟ ସଂକଳ୍ପ ଶିବିର ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଉପାଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଯୋଗଦେଇ କ୍ଷମତା ବିକେନ୍ଦ୍ରୀକରଣ ଏବଂ ୭୩ତମ ସଂଶୋଧନ ଉପରେ ପୁରୀ ଜିଲ୍ଲା ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର କର୍ମକର୍ତ୍ତା ଓ ସଭ୍ୟ ସଭ୍ୟା ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ପରେ ପରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବସନ୍ତ ମଲ୍ଲିକ ଯୋଗଦେଇ ସାମାଜିକ ନ୍ୟାୟ ଉପରେ ତାଲିମ ପ୍ରଦାନ କରିଥିଲେ। ଏହା ପରେ ରାଜନୈତିକ ବିଶେଷଜ୍ଞ ବିଜୟ କୁମାର ବହିଦାର ସଂକଟରେ ଭାରତର ସ୍ୱପ୍ନ ଉପରେ ତାଲିମ ପ୍ରଦାନ କରିଥିବା ବେଳେ ସଂଗଠନର ଉପାଧ୍ୟକ୍ଷ ଉମା ବଲ୍ଲଭ ରଥ ଗୋଷ୍ଠୀ ସ୍ତରୀୟ କାର୍ଯ୍ୟକଳାପ ଉପରେ ସଭ୍ୟ ସଭ୍ୟା ଓ କର୍ମକର୍ତ୍ତା ମାନଙ୍କୁ ବିଶଦ ଭାବରେ ବୁଝାଇଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଜିଲ୍ଲା ସଭାପତି ବିପିନ ବିହାରୀ ମହାନ୍ତି, ନିହାର ରଞ୍ଜନ ବେଉରା, ଲୋକନାଥ ବେହେରା, ମନୋଜ କୁମାର ସ୍ୱାଇଁ, ବିରଂଚି ନାରାୟଣ ପତି, ସ୍ୱାଧୀନ ନାୟକ, ଚନ୍ଦନ ଲେଙ୍କା, ରବି ବେହେରା, ପ୍ରତାପ କାଣ୍ଡି ସମେତ ବିଭିନ୍ନ ବ୍ଲକରୁ ଆସିଥିବା ସଦସ୍ୟ ସଦସ୍ୟାମାନଙ୍କୁ ନେଇ ଚନ୍ଦ୍ରଭାଗା ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମସ୍ତିଷ୍କ ବିକୃତ ମହିଳାଙ୍କ ଗଳିତ ଶବ ଉଦ୍ଧାର

କାକଟପୁର (ସବ୍ୟୁ): କାକଟପୁର ଥାନା ଅଧିନସ୍ଥ ଲତାହରଣ ଗ୍ରାମ୍ୟ ସନ୍ନିକଟ ଖୋଲା ପଡିଆ ଠାରେ ଏକ ଗଳିତ ମୃତ ଦେହକୁ କାକଟପୁର ଥାନା ପୋଲିସ ଠାବ କରି ପୁରୀ ସାଇଣ୍ଟିଫିକ ଟିମ ଜରିଆରେ ଛାନଭିନ କରିଛି ।ଖବର ନେବାରେ ଜଣାପଡିଛି ଯେ ଉକ୍ତ ମହିଳା ଜଣଙ୍କ ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ତାଳଦା କୁଳସାହିର ହାରାମଣି ବିଶ୍ୱାଳ (୭୫) ବୋଲି ତାଙ୍କ ପୁଅ କଳ୍ପତରୁ ଶବ ଚିହ୍ନଟ କରିବାପରେ ପ୍ରକାଶ କରିଛନ୍ତି। ପୁରୀ ସାଇଣ୍ଟିଫିକ ଅଫିସର ଆଦିତ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ସହିତ କାକଟପୁର ଥାନା ଆଇଆଇସି ଉମେଶ ସାହୁ, ଏସଆଇ ପ୍ରିୟଦର୍ଶିନୀ ବରାଳ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ କରିବାପରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଥିଲେ । ଏ ସଂକ୍ରାନ୍ତରେ କାକଟପୁର ଥାନା ପକ୍ଷରୁ ଏକ ଅପମର୍ତ୍ତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି। ଏଠାରେ ପ୍ରକାଶ ଥାଉକି ମୃତା ହାରାମଣି ମାନସିକ ବିକୃତ ଥିବାବେଳେ ସେ ୧୫ ଦିନ ହେ ନିଖୋଜ ଥିବା ତାଙ୍କ ପୁଅ କଳ୍ପତରୁ ପ୍ରକାଶ କରିଥିଲେ ।

## ଚିପ୍ସ ବୋଝେଇ ୮ ହାଇୱା ଜବତ



ଆଠଗଡ଼ , (ସବ୍ୟୁ) : ଆଠଗଡ଼ ସହର ଦେଇ ପ୍ରତିଦିନ ବେଆଇନ ଭାବରେ ଚାଲାଣ ହେଉଛି ଲଘୁ ଖଣିଜ ସମ୍ପଦାବାଲି ମାଙ୍କଡା ପଥର ଚିପ୍ସ ସବୁକୁ ବେଆଇନ ଭାବରେ ବୋଝେଇ କରି ନିଆ ଯାଉଛି।ଲଘୁ ଖଣିଜ ସମ୍ପଦର ନିୟନ୍ତ୍ରଣ ଦାଇତ୍ୱ ରାଜ୍ୟ ଖଣି ବିଭାଗ ହାତକୁ ଗଲା ପରେ ଏହି ବେଆଇନ ଚାଲାଣ କରା ଯାଉଥିବା ବେଳେ ଆଠଗଡ଼ ପ୍ରଶାସନ ପକ୍ଷରୁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ଯାଉ ନ ଥିବା ଅଭିଯୋଗ ହୋଇ ଆସୁଥିଲା।

ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ତରଫରୁ କେତେବେଳେ କେମିତି ଏହି ବେଆଇନ ଗାଡ଼ି ଗୁଡ଼ିକ ଜବତ ହେଉଥିବା ବେଳେ ଶନିବାର ଦିନ ଆଠଗଡ଼ ପୋଲିସ ପକ୍ଷରୁ ଏହିଭଳି ଆଠଟି ବେଆଇନ ବୋଝେଇ ହାଇୱା ଜବତ କରା ଯାଇ ଥିବା ଜଣାପଡିଛି। ଏହି ଗାଡ଼ି ଗୁଡ଼ିକ ଢେଙ୍କାନାଳ ଅଞ୍ଚଳର ବିଭିନ୍ନ କ୍ରସରରୁ ଚିପ୍ସ କୁ ବେଆଇନ ଭାବରେ ବୋଝେଇ କରି ଚାଲାଣ କରୁଥିଲେ। ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତି ଥାନା ଅଧିକାରୀ ସୁମତି ମହାନ୍ତିଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇ ରାଜ୍ୟ ସରକାରଙ୍କ ପରିବହନ ବିଭାଗ କଟକଙ୍କୁ ହସ୍ତାନ୍ତର କରା ଯାଇଥିଲା। ପରିବହନ ବିଭାଗ ପକ୍ଷରୁ ଉକ୍ତ ଗାଡି ଗୁଡ଼ିକ ଠାରୁ ୨ ଲକ୍ଷ ୭୪ ହଜାର ୯୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା କଟକ ଜିଲ୍ଲା ପରିବହନ ନିରୀକ୍ଷକ ରଞ୍ଜନ କୁମାର ଦୋରା ସୂଚନା ଦେଇଛନ୍ତି।

## ଆସନ୍ତା ରଜରେ ବେଳାଭୂମି ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ

ଅସ୍ତରଙ୍ଗ,(ସବ୍ୟୁ) :ପୁରୀ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅସ୍ତରଙ୍ଗର ବେଳାଭୂମି ସାହିତ୍ୟ ସଂସଦର ପ୍ରସ୍ତୁତି ଏକ ବୈଠକ ବୁଧବାର ଦିନ ସଂସଦର ସଭାପତି ଚିତ୍ତ ରଞ୍ଜନ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପିର ଯାହାନିଆଁ ଙ୍କ ନିକଟରେ ଅନୁଷ୍ଠିତ ହୋଇ ଯାଇଛି।ଏହି ଆଲୋଚନା ଚକ୍ରରେ ଆସନ୍ତା ମାସ ରଜ ସମୟରେ ଜୁନ ୧୪ ଇ ୧୫ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହବ ବୋଲି ନିଷ୍ପତି ନିଆଗଲା। ପ୍ରଥମ ଦିବସ ରେ ରଜ ଉପରେ କିଛି କାର୍ଯ୍ୟକ୍ରମ ମହିଳା ମାନଙ୍କ ପାଇଁ ରହିଥିବା ବେଳେ, ସାଂସ୍କୃତିକ କାର୍ଯ୍ୟକ୍ରମମାନ ରହିଛି।ଦ୍ୱିତୀୟ ଦିବସ ତଥା ପନ୍ଦର ତାରିଖ ଦିନ ସାହିତ୍ୟ ଆଶର,ତଥା ଆଲୋଚନା ଚକ୍ର ସମ୍ବର୍ଦ୍ଧନା ସଭା ଆଦି ରହଛି। ରଜ କୁଇନ ତଥା ଝୋଟି, ହୁଳହୁଳି, ରଜ ପାନ, ଆରିସା ପିଠା ଆଦି ପ୍ରତିଯୋଗୀ ତାରେ ଯେଉଁ ମାନେ ଭାଗ ନେଇଥିବେ ସେମାଙ୍କ ମଧ୍ୟରୁ ପ୍ରଥମ ଦ୍ୱିତୀୟ ତୃତୀୟ ଙ୍କୁ ମଧ୍ୟ ସମ୍ମାନୀତ କରିଯିବ ବୋଲି ସଂସଦର ସମ୍ପାଦକ ବରିଷ୍ଠ ସାମ୍ବାଦିକ ଦୁଃସାଶନ ନାୟକ ପ୍ରକାଶ କରିଛନ୍ତି । ସମସ୍ତ କାର୍ଯ୍ୟକ୍ରମର ତଦାରଖ ଓ ମନିଟରିଙ୍ଗି କରିବା ପାଇଁ ବ୍ୟଙ୍ଗ କବି ସମ୍ପଦ ରଥ, ସଂଯୋଜକ ଶୋଭାକାର ବେହେରା, ରମେଶ ସାହୁ, ସରପଞ୍ଚ ଖିରୋଦ କାଣ୍ଡି, ପ୍ରତାପ ନାୟକ, ବିଚିତ୍ର ବିଶ୍ୱାଳ ପ୍ରମୁଖ ରହିଛନ୍ତି। ଏହି ବୈଠକରେ ଶିକ୍ଷକ ହୃଦାନନ୍ଦ ଶାସମଲ, ତ୍ରିଲୋଚନ ବିଶ୍ୱାଳ, ସାମ୍ବାଦିକ ଆର୍ତତ୍ରାଣ ମହାନ୍ତି, ବିଦେଶୀ ବିଶ୍ୱାଳ, ଟୁକୁ ବେହେରା, ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ନିମାପଡା,(ସବ୍ୟୁ) : ଶନିବାର ନିମାପଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିମାପଡା ପୂର୍ଣ୍ଣେଶ୍ୱରୀଙ୍କ ମନ୍ଦିର ନିକଟରୁ ବାହାରି ବଜାର ପରିକ୍ରମା କରି ନିକଟସ୍ଥ ଦିଘାଳେ। ନିଳକଣ୍ଠେଶ୍ୱର ମନ୍ଦିର ନିକଟରେ ପହଂଚିଥିଲା । ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରରେ ପୁରୀ ଜିଲ୍ଲା ଭାଜପା ସଭାପତି ଦେବେନ୍ଦ୍ର ନାଥ ତରାଇ, ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ପ୍ରାକ୍ତନ ବିଧାୟକ ବେଣୁଧର ସେଠୀ,ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ,ଉପାଧ୍ୟକ୍ଷ ସନ୍ତୋଷ ଦାଶ,ବ୍ଲକ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା,ଏନ୍ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଗୋପ ବ୍ଲକ ଅପାଧ୍ୟକ୍ଷ ବନରଂଜନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ବିଶ୍ୱହିନ୍ଦୁ ପରିଷଦର ଆବାହକ ଉମାଶଙ୍କର ଆଚାର୍ଯ୍ୟ, ତହସିଲଦାର ମନୋଜ ପ୍ରଧାନ, ଡଃ. ଅଭିଜିତ ଷଡଙ୍ଗୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ । ପଲଗାମ ଆତଙ୍କୀ ହମଲା ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ଥାନର ଆତଙ୍କବାଦୀଙ୍କ ଆଡ୍ଡା ଏବଂ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ କଡା ଆଭିମୁଖ୍ୟ ଗ୍ରହଣ କରିଥିଲେ । ଅପରେସନ ସିନ୍ଦୁର ମାଧମରେ ଭାରତୀୟ ସେନା ନିଜର ପରାକ୍ରମ ଦେଖାଇଥିବାରୁ ଆମେ ଦେଶ ବାସୀ ଗର୍ବିତ ବୋଲି ଏହି ତ୍ରିରଙ୍ଗା ଶୋଭାଯାତ୍ରରେ ସାମିଲ ହୋଇଥିବା ଦେଶ ପ୍ରେମୀ ମାନେ କହିଥିଲେ । ଏହି ଶୋଭାଯାତ୍ରରେ ବହୁ ସଂଖ୍ୟାରେ ମହିଳା, ପୁରୁଷ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଇନଜୀବୀ, ବରିଷ୍ଠ ନାଗରିକ ପ୍ରମୁଖ ଭାଗ ନେଇଥିଲେ ।

## ବସ୍ଷ୍ଟାଣ୍ଡ ଡ୍ରେନ୍ ମରଣ ଯନ୍ତା ଓ ନର୍କ କୁଣ୍ଡ

ସାକ୍ଷୀଗୋପାଳ ,(ସବ୍ୟୁ) : ଗତ ୨୦୧୫ ମସିହାରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ଶ୍ରୀକ୍ଷେତ୍ର ପୁରୀ ଧାମକୁ ଭକ୍ତ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନାକୁ ଦୃଷ୍ଟିରେ ରଖି ୨୦୧୨ ମସିହାରେ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥକୁ ଚାରି ଥାକିଆ ରାସ୍ତାରେ ପରିଣତ କରିବାକୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସମୟରେ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଠାରେ ଅଣ୍ଡର ପାସ ନିର୍ମାଣ ହୋଇଥିଲା । ଅଣ୍ଡର ପାସର ଉଭୟ ପାର୍ଶ୍ୱରେ ଅବସ୍ଥିତ ଉଭୟ ରାଜପଥର ଉଭୟ ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ନିମନ୍ତେ ୨ ଗୋଟି ଡ୍ରେନ ନିର୍ମାଣ କରା ଯାଇଅଛି । ଡ୍ରେନ ନିର୍ମାଣର ୧୦ ବର୍ଷ ପରେ ମଧ ଆଜି ପର୍ଯ୍ୟନ୍ତ ଏହି ଡ୍ରେନ ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ ।

୫ ଫୁଟ ଗଭୀର ଓ ୫ ଫୁଟ ଓସାରରେ ନିର୍ମିତ ଏହି ଡ୍ରେନ ଉପରେ ଆଜି ପର୍ଯ୍ୟନ୍ତ ସ୍ଲାବ ପଡିବା ସମ୍ପୂର୍ଣ୍ଣ ହୋଇ ପାରିନାହିଁ ।ସ୍ଲାବ ପଡ଼ି ନ ଥିବା ସ୍ଥାନ ମାନଙ୍କରେ ଷଣ୍ଢ, ଗାଈ, ଛେଳି ଓ ମେଣ୍ଢା ଆଦି ପ୍ରାଣୀ ମାନେ ଖସି ପଡି ଆହତ ହେଉଛନ୍ତି । ସେହିପରି ଅଳିଆ ଆବର୍ଜନା ପଡି ଏହି ଡ୍ରେନ ପୋତି ହୋଇ ପଡ଼ିଲାଣି । ସାକ୍ଷୀଗୋପାଳ ବସଷ୍ଟାଣ୍ଡ, ଡାକ ଘର, ଜଳସମ୍ପଦ ବିଭାଗ ଆଇ ବି, ଜୟ ପୁର ଛକ, ପ୍ରାଣୀ ଚିକିତ୍ସାଳୟ, ସାନ କାଞ୍ଜିଆ ଗ୍ରାମ ମୁଣ୍ଡରେ ଓ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥଳ ଆଦି ଅନେକ ସ୍ଥାନରେ ଅଳିଆ, ଆବର୍ଜନା, ପଚା ପରିବା ଓ କୁକୁଡ଼ା ମାଂସ ବିକ୍ରୟ ପରେ ଅବଶିଷ୍ଟ କୁକୁଡ଼ା ପର, କୁକୁଡ଼ା ଗୋଡ଼ ଓ ଅନ୍ୟ ବର୍ଜ୍ୟ ବସ୍ତୁ ନିୟମିତ ପଡୁଅଛି । ଏହି ସ୍ଥାନ ମାନଙ୍କରେ ପୂତି ଗନ୍ଧ ମୟ ପରିବେଶ ସୃଷ୍ଟି ହୋଇଛି। ସାକ୍ଷୀଗୋପାଳ ଏକ ପୌରାଣିକ, ଐତିହାସିକ ଓ ଆଧୁନିକ ସମୟରେ ଏକ ପ୍ରସିଦ୍ଧ ସ୍ଥାନ । ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ, ଐତିହାସିକ ବକୁଳ ବନ ଓ ବନ ବିଦ୍ୟାଳୟ ପରିଦର୍ଶନ ନିମନ୍ତେ ଦୈନିକ ହଜାର ହଜାର ଭକ୍ତ ଗବେଷକ, ପରିଦର୍ଶକ ଓ ସ୍ଥାନୀୟ ଜନସାଧାରଣଙ୍କ ଯିବାଆସିବା ଲାଗି ରହିଅଛି ।ସାକ୍ଷୀଗୋପାଳ ପ୍ରବେଶର ମୁଖ୍ୟ ରାସ୍ତାରେ ଏହି ପୂତି ଗନ୍ଧମୟ ପରିବେଶରେ ସମସ୍ତେ ନାକରେ ରୁମାଲ ଦେଇ କିମ୍ବା ନାକ ବନ୍ଦ କରି ଯିବାଆସିବା କରୁଛନ୍ତି । ଏହି ଅଣ୍ଡର ପାସର ଉଭୟ ପାର୍ଶ୍ୱରେ ଅନେକ ନୂତନ କଲୋନୀ ଗଢି ଉଠିଅଛି ।ସ୍ୱଳ୍ପ ସ୍ଥାନରେ ବହୁତଳ ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ ହୋଇଛି। ଏହି ନୂତନ କଲୋନୀ ବାସିନ୍ଦାଙ୍କ ନିମନ୍ତେ ବ୍ୟବହୃତ ବର୍ଜ୍ୟ ଜଳ ଓ ପାଇଖାନା ଟାଙ୍କି ଜଳ ଗଛିତ ରଖିବା କିମ୍ବା ବିଶୋଧନ କରିବା ନିମନ୍ତେ କୌଣସି ସ୍ଥାନ କିମ୍ବା ବିଶୋଧନ ପ୍ରକଳ୍ପ ନିର୍ମାଣ ହୋଇ ନାହିଁ । ଅଣ୍ଡର ପାସର ଉଭୟ ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ନିମନ୍ତେ ନିର୍ମିତ ଏହି ଡ୍ରେନ ମଧ୍ୟକୁ ଏହି କଲୋନୀ ବାସିନ୍ଦା ମାନେ ପ୍ରାୟ ୨୦୦ ମିଟର ଲମ୍ବ ଗାତ ଖୋଳି ପାଇପ ପକାଇ ଦେଇଛନ୍ତି। ଏହି ପାଇପ ଯୋଗେ ସେମାନେ ବ୍ୟବହୃତ ବର୍ଜ୍ୟ ଜଳ ଓ ପାଇଖାନା ଟାଙ୍କି ପାଣି ଛାଡି ଦେଉଛନ୍ତି । ଫଳରେ ଏହି ଡ୍ରେନ ବର୍ତ୍ତମାନ ନର୍କ କୁଣ୍ଡରେ ପରିଣତ ହୋଇଛି। ଏହି ଡ୍ରେନ ପାର୍ଶ୍ୱ ବାସିନ୍ଦା ଓ ବ୍ୟବସାୟୀ ମାନେ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ପଡିଲେଣି । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ପାଇପ ସଂଯୋଗ କରି ପାଇଖାନା ଜଳ ଓ ବର୍ଜ୍ୟ ଜଳ ଛାଡି ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଯୋଜନାର ଧଜିଆ ଉଡାଉଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବୀ ହୋଇଛି।

### ନାବାଳିକା ଦୁଷ୍କର୍ମ ଘଟଣା

## ଫେରାର ଅଭିଯୁକ୍ତ ଗିରଫ

ପିପିଲି,(ସବ୍ୟୁ) : ପିପିଲି ଥାନା ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ଜଣେ ୭ମ ଶ୍ରେଣୀ ନାବାଳିକା ଛାତ୍ରୀ ପ୍ରତି ହୋଇଥିବା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଫେରାର ରହିଥିବା ବେଳେ ୧୭ଦିନ ପରେ ପିପିଲି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ହେଲେ ରାକେଶ ମହାରଣା(୩୧) ବୋଲି ପୋଲିସ ଠାରୁ ସୁଚନା ମିଳିଛି । ଗିରଫ ପରେ ତାକୁ ପୁରୀ ପୋକ୍ସ କୋର୍ଟରେ ହାଜର କରଯାଇଥିଲା । ସେଠାରେ ଜାମିନୀ ନାମାଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ସୁଚନା ଥାଉକି ଏପ୍ରିଲ ୩୦ ତାରିଖ ଦିନ ନାବାଳିକା ପ୍ରତି ଦୁଷ୍କର୍ମ ହୋଇଥିବା ନେଇ ତାର ମା ପିପିଲି ଥାନାରେ ଅଭିଯୋଗ କରିଥିଲେ । ପିପିଲି ଥାନାରେ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରଯାଇଥିବା ବେଳେ ଘଟଣା ଦିନ ଠାରୁ ଅଭିଯୁକ୍ତ ଫେରାର ରହିଥିଲା । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବୀ କରି ମହିଳା କଂଗ୍ରେସ ନେତ୍ରୀ ନିରୁପମା ପାତ୍ର ପିପିଲିରେ ଏକ ସାମ୍ବାଦିକ ସମ୍ମିଳନୀ କରିବା ସହ ପିପିଲି ଏସଡିପିଓ ଏବଂ ଥାନା ଅଧିକାରୀଙ୍କ ଉପରେ ପିଡିତା ପରିବାରଙ୍କୁ ନେଇ ଚାପ ପ୍ରୟୋଗ କରିଥିଲେ । ଶେଷରେ ପିପିଲି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ ।

## ବୀର ଯବାନଙ୍କ ସମ୍ମାନ ପାଇଁ ବାଇକ୍ ଶୋଭାଯାତ୍ରା

ବାଲୁଗାଁ,(ସବ୍ୟୁ) : ଅପରେସନ ସିନ୍ଦୁରରେ ସାମିଲ ହୋଇ ଭାରତୀୟ ଯବାନ ମାନଙ୍କର ବୀରତ୍ୱ ପାଇଁ ପାକିସ୍ତାନ ଆତଙ୍କୀ ମାନଙ୍କୁ ଦୃଢ଼ ଜବାବ ଦେବା ସହିତ ପାକିସ୍ତାନ ମୁଣ୍ଡ ନୁଆଇଁ ଥିଲା ।ଏହି ପରିପ୍ରେକ୍ଷୀରେ ବୀର ଯବାନ ମାନଙ୍କ ସମ୍ମାନ ପାଇଁ ଗୁରୁବାର ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଶାଳ ବାଇକ ରାଲିର ଆୟୋଜନ କରାଯାଇଥିଲା ।ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଓ ନଗରପାଳ ସୁକାନ୍ତି ପାଇକରାୟଙ୍କ ପୁତ୍ର ତଥା ଯୁବ ସଂଗଠକ ସନ୍ତୋଷ କୁମାର ପାଇକରାୟଙ୍କ ମିଳିତ ନେତୃତ୍ୱରେ ସମସ୍ତ କର୍ମଚାରୀ ଏବଂ ବାଲୁଗାଁ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ,ବ୍ୟବସାୟ ପ୍ରତିଷ୍ଠାନ ,ଦଳଗତ ନିର୍ବିଶେଷରେ ସମସ୍ତ ନେତୃବୃନ୍ଦ ଯୋଗଦେଇ ଜୟ ଯବାନ ଓ ଜୟ ଭାରତ ଧ୍ୱନିଦେଇ ବାଲୁଗାଁ ଥାନାଠାରୁ ବାଇକ ରାଲି ମାଧ୍ୟମରେ ନଗର ପରିକ୍ରମା କରିଥିଲେ ।ଜୟ ଯବାନ ନାରାରେ ବାଲୁଗାଁ ପ୍ରକମ୍ପିତ ହୋଇଥିଲା ବେଳେ ଶେଷ ପର୍ଯ୍ୟାୟରେ ଚିଲିକାକୂଳରେ ରାଲି ପହଞ୍ଚି ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ବୀରଯବାନ ମାନଙ୍କ ଉଦ୍ଦେଶ୍ୟରେ ଅତିଥିମାନେ ବିରତ୍ୱର ଗାଥା ବର୍ଣ୍ଣନା କରିଥିଲେ।


## ଆର୍ଟ ଅଫ ଗିଭିଂ ଦିବସ ପାଳିତ

ସାକ୍ଷୀଗୋପାଳ ,(ସବ୍ୟୁ) : ଆଚାର୍ଯ୍ୟ ହରିହର ଶିଶୁଭବନ , ସାକ୍ଷୀଗୋପାଳ ପରିସରରେ ପ୍ରଫେସର ଡ଼ା ଅଚ୍ୟୁତ ସାମନ୍ତ ଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ନ୍ତଜାତିକ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି।ଏହି ଦିବସର ଅନୁଚିନ୍ତା ଭଲ ପଡୋଶୀ କାର୍ଯ କ୍ରମରେ ମୁଖ୍ୟ ଅତିଥି ଭାବରେ ସତ୍ୟବାଦୀର ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ,ସମ୍ମାନିତ ଅତିଥି ଭାବରେ ସତ୍ୟବାଦୀ ଥାନାର ଭାରପ୍ରାପ୍ତ ଅଧିକାରୀ ବିଜୟ କେତନ ବେହେରା, ଶିଶୁ ମଙ୍ଗଳ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ , ଅନୁଷ୍ଠାନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଯୋଗଦେଇ ଆଜି ଦିବସର ଅନୁଚିନ୍ତା ଉପରେ ଆଲୋଚନା କରିଥିଲେ। ଆଚାର୍ଯ୍ୟ ହରିହର ଶିଶୁଭବନ ର କୁନି କୁନି ପିଲାମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସୁବୋଧ କୁମାର ସ୍ୱାଇଁ , ମିନାକ୍ଷୀ ବାରିକ , ଶୁଭ୍ରଜିତା ଶୁଭଦର୍ଶିନୀ , ଜ୍ୟୋତିରାଣୀ ମିଶ୍ର ,ଶାନ୍ତନୁ କୁମାର ସାହୁ , ଶାନ୍ତିଲତା ଚୌଧୁରୀ ,କବିତା ପାତ୍ର , ଲକ୍ଷ୍ମୀ ଧର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଶାସନର ଉଦାସୀନତା : ମିଳୁନି ବର୍ଦ୍ଧିତ ଭତ୍ତା

ଖଣ୍ଡପଡା,(ସବ୍ୟୁ) : ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ବର୍ଦ୍ଧିତ ହାରରେ ମାସିକ ୩୫୦୦ ଟଙ୍କା ପ୍ରଦାନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ହେଲେ ତୃଣମୂଳସ୍ତରରେ ପ୍ରଶାସନର ଉଦାସୀନତା ଯୋଗୁଁ ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ଗ୍ରାମର ଭିନ୍ନକ୍ଷମ ଓ ୮୦ ବର୍ଷରୁ ଉର୍ଦ୍ଧ କେତେକ ବ୍ୟକ୍ତି ଏବେବି ବର୍ଦ୍ଧିତ ହାରରେ ଭତା ଟଙ୍କା ନପାଇ ପ୍ରତିମାସରେ ୧୦୦୦ଟଙ୍କା ଲେଖାଁଏ ଭତା ପାଉଥିବା ଜଣାପଡିଛି । ଖଳିସାହି ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ସୁଦର୍ଶନ ସାହୁ(୭୧), ବଡସାହିର ଗିରୀଧାରୀ ମାଝୀ(୮୨) ଓ ବଢେଇସାହିର ପଂଚେଇ ମହାପାତ୍ର(୮୧)ଙ୍କ ସମେତ ଆଉ କିଛି ବୃଦ୍ଧ, ବୃଦ୍ଧା ବର୍ଦ୍ଧିତ ହାରରେ ଭତା ଟଙ୍କା ପାଉନଥିବା ଜଣାପଡିଛି । ବର୍ଦ୍ଧିତ ହାରରେ ଭତା ପାଇବାରୁ ବଂଚିତ ହିତାଧିକାରୀମାନେ ଖଳିସାହି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଜଣାପଡିଛି । ଏଥିପ୍ରତି ଖଣ୍ଡପଡା ବିଡିଓ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ




ନୟାଗଡ଼, (ସବ୍ୟୁ) : ନୟାଗଡ଼ ଠାରେ ଗ୍ରୀଷ୍ମକାଳୀନ ଚେସ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଚେସ ଆସୋସିଏସନ ଏବଂ ଓଡ଼ିଶା ଚେସ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଦୀର୍ଘ ୧୨ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଏହି ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଉଦଘାଟନ କରିଛନ୍ତି। ଶିବିରରେ ୬୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଚେସ ଖେଳ ମାନସିକ ତଥା ବୌଦ୍ଧିକ ବିକାଶରେ ସହାୟକ ହୋଇଥିବା ଅତିଥିମାନେ ପ୍ରକାଶ କରିଥିଲେ।

ଆଗାମୀ ଦିନରେ ଚେସ ଖେଳ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ସହଯୋଗ କରିବ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏଠାରେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଏବଂ କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ପ୍ରମୁଖ ଯୋଗଦାନ କରି ଚେସ ଖେଳାଳୀ ଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ ଯୋଗଦାନ କରି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଚେସ ସଂଘ ସଭାପତି ଭାଗିରଥି ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦଘାଟନ ସଭାରେ କୋଷାଧ୍ୟକ୍ଷ ତାରୁନ ଖାଁ, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ସାହୁ, ରାଜ୍ୟ ଚେସ ସଂଘ କାର୍ଯ୍ୟକାରୀ ସଦସ୍ୟ ରିତେଶ ରଥ, ସହ ସମ୍ପାଦକ ଉମାକାନ୍ତ ମିଶ୍ର, ସଦସ୍ୟ ଧିରେନ ପ୍ରଧାନ, ଭିକାରି ଚରଣ ଦାସ,ଅଜିତ କୁମାର ମିଶ୍ର, ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଶିକ୍ଷକ ଭାବେ ଜୟ ପ୍ରକାଶ ବୈରୀଗଞ୍ଜନ, ଶିଶିର କୁମାର ନାୟକ, ବାଲାରସେନ ପାତ୍ର ଏବଂ ପ୍ରଦ୍ୟୁମ୍ନ ନନ୍ଦ ପ୍ରମୁଖ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ରୋଜାଲିନ ମିଶ୍ର, ଚିତ୍ତରଞ୍ଜନ ପ୍ରଧାନ, ମଂଜିତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଣାସ ମହାବିଦ୍ୟାଳୟରେ ଆର୍ଟ ଅଫ୍ ଗିଭିଙ୍ଗ ପାଳିତ




କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀ ତଥା କର୍ମଚାରୀଙ୍କୁ ନେଇ ଅଧ୍ୟକ୍ଷ ଡ଼ମ୍ବୁରଧର ଛୁଆଳସିଂହଙ୍କ ନେତୃତ୍ୱରେ ଦ୍ୱାଦଶତମ ଆର୍ଟ ଅଫ୍ ଗିଭିଙ୍ଗ ପାଳିତ ହୋଇଯାଇଛି ।

ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ମହେନ୍ଦ୍ର ରଣସିଂହ ଯୋଗ ଦେଇ ସାରଗର୍ଭକ ଅଭିଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ଜେନା ମହାଭାରତର ଅନେକ ଉଦାହରଣ ବିଷୟରେ ଆଲୋଚନା କରିଥିଲେ। ଅଧକ୍ଷ ଡମ୍ବୁରଧର ଛୁଆଳସିଂହ ଆର୍ଟ ଅଫ୍ ଗିଭିଙ୍ଗ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅଧାପକ ନିରଞ୍ଜନ ସ୍ୱାଇଁ, ପ୍ରଭାସ ମଙ୍ଗରାଜ, ଗଙ୍ଗାଧର ମହାପାତ୍ର, ଗଦାଧର ଶତପଥୀ ଓ ପ୍ରେମାନନ୍ଦ ଜାଲି ପ୍ରମୁଖ ଉପସ୍ଥିତ ଥିଲେ।

## ଚୁଲି ନିଆଁରୁ ଜଳିଗଲା ୨ ବଖରା

ଗଣିଆ,(ସବ୍ୟୁ) :ଶନିବାର ଅପରାହ୍ନରେ ଗଣିଆ ବ୍ଲକ ଅନ୍ତର୍ଗତ ରାସଙ୍ଗ ପଞ୍ଚାୟତର ଡଙ୍କାରିସାହି ଗ୍ରାମରେ ନିଆଁ ଲାଗି ୨ବଖରା ଘର ଭସ୍ମୀଭୁତ ହୋଇଯାଇଛି। ମିଳିଥିବା ସୁଚନା ଅନୁସାରେ ଡଙ୍କାରିସାହି ଗ୍ରାମର ରୋହିତ ସେଠୀଙ୍କ ଘରେ ରୋଷେଇ କରୁଥିବା ସମୟରେ ହଠାତ ଚୁଲୀରୁ ନିଆଁ ଉଠି ଚାଳକୁ ଧରିଥିଲା। ଚାହୁଁ ଚାହୁଁ ନିଆଁ ଏତେ ଶୀଘ୍ର ବ୍ୟାପୀଗଲାଯେ ଆୟତ କରିବା ଅସମ୍ଭବ ହୋଇପଡ଼ିଲା । ଖବର ପାଇ ଘଟଣାସ୍ଥଳରେ ଗଣିଆ ଦମକଳ ବାଭାଗର କର୍ମଚାରୀମାନେ ପଂହଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ । ନିଆଁ ଏତେ ପ୍ରଖର ଥିଲା ଯେ ସେଥିରେ ଘରର ଆସବାବପତ୍ର, ଚାଉଳ, ମୁଗ, ଧାନ, ବାଦାମ, ସୁନା ରୁପା, ଟଙ୍କା, ମୋବାଇଲ, ଟିଭି, ଆଲମାରୀ ସମେତ ନଗଦ ୬୦୦୦୦/- ଟଙ୍କା ସବୁ ପୋଡ଼ି ପାଉଁଶ ହୋଇଯାଇଛି । ରାଜସ୍ୱ ବିଭାଗ ତରଫରୁ ତହସିଲଦାର ପ୍ରତିବାଳା ରଣା, ରାଜଶୋ ନୀରୀକ୍ଷକ ସୁଶାନ୍ତ କୁମାର ବାରିକ ପଂହଚି କ୍ଷୟକ୍ଷତିର ଆକଳନ କରିଥିଲେ । ତାଙ୍କୁ କ୍ଷତି ପୁରଣ ପ୍ରଦାନ କରିବା ସହିତ ବ୍ଲକ ପ୍ରଶାସନ ତରଫରୁ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

ସମୟ

# ସିମଲା ରାଷ୍ଟ୍ରପତି ନିବାସରେ



ଡ. ମନୋରମା ବିଶ୍ୱାଳ ମହାପାତ୍ର

ଭ୍ରମଣ ଅନୁଭୂତି

ପିଲାଦିନେ ସିମଲା ସମ୍ପର୍କରେ କେତେ ଗପ ଶୁଣିଛି । ପରି ରାଇଜର କାହାଣୀ ପରି ଏଇ ସିମଲା । ଆଖି ଅପହଞ୍ଚ ପାହାଡ଼ ଉପରେ ପାହାଡ଼ । ପାହାଡ଼ର ପାଦଦେଶଠାରୁ ହଜାର ହଜାର ଫୁଟ ଉପରେ ଏଇ ସମରହିଲ୍-ରାଷ୍ଟ୍ରପତି ନିବାସ। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଅକ୍ଟୋବର ୨୦, ୧୯୬୫ ମସିହାରେ ଏହି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍‌ସଡ୍ ଷ୍ଟଡ଼ି ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ । ଏହା ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ଶିକ୍ଷାବିଭାଗ ଦ୍ୱାରା ପରିଚାଳିତ । ଭାରତବର୍ଷର ବିଭିନ୍ନ ସ୍ଥାନରୁ ଶିଳ୍ପୀ, କବି ଏବଂ ପ୍ରତିଭାବାନ୍ ବ୍ୟକ୍ତିମାନେ ଗବେଷଣା ନିମନ୍ତେ ଏଠାକୁ ଆସନ୍ତି । ଏହି ଆଡ୍‌ଭାନସ୍ ସେଣ୍ଟରରେ ସେମାନଙ୍କ ରହିବା ନିମନ୍ତେ ସବୁ ପ୍ରକାରର ସୁବନ୍ଦୋବସ୍ତ କରାଯାଇଥାଏ । କେବଳ ଲେଖିବା ଏବଂ ପଢ଼ିବା ପାଇଁ ଏଭଳି ଉପଯୁକ୍ତ ସ୍ଥାନ ଭାରତବର୍ଷରେ ଅନ୍ୟ କେଉଁଠି ଥିବାପରି ମନେହୁଏ ନାହିଁ । ସକାଳ ସାଢ଼େ ଆଠରୁ ଲାଇବ୍ରେରୀ ଏବଂ ରିଡଂରୁମ୍ ଖୋଲିଯାଏ । ମଝିରେ କେବଳ ଲଞ୍ଚବ୍ରେକ୍ ଗୋଟାଏ ଘଣ୍ଟା । ଲାଇବ୍ରେରୀରେ ରହିଛି ଇଣ୍ଟରନେଟ୍ ଥିବା କମ୍ପ୍ୟୁଟର । ସମଗ୍ର ପୃଥିବୀ ସହିତ ସଂପର୍କ ଯୋଡ଼ିବା ଯନ୍ତ୍ର । ସିବାଲିକ ପର୍ବତମାଳା ସମଗ୍ର ସିମଲା ସହରକୁ ଘେରି ରହିଛି । ଏହି ପର୍ବତମାଳାରେ କୁଲି ଏବଂ ମଲି ପର୍ବତ ଦେଖାଯାଏ । ଅତି ଚମତ୍କାର ଏହି ପର୍ବତମାଳାର ସୌନ୍ଦର୍ଯ୍ୟ । ବିଲାତର ଲୋକମାନେ ଏହି ପର୍ବତ ପ୍ରତି ଆକର୍ଷିତ ହୋଇଥିଲେ । ସେହି ସମୟରୁ ସିମଲାକୁ ସେମାନେ ସମର କ୍ୟାପିଟାଲ ଭାବରେ ମାନ୍ୟତା ଦେବାକୁ ମନେ କଲେ । ଏହି 'ସମରହିଲ୍' ବା ରାଷ୍ଟ୍ରପତି ନିବାସର ସ୍ଥପତି ଭାବରେ ହେନେରୀ ଇର୍‌ଉଇନ୍‌ଙ୍କ ନାମ ସ୍ମରଣୀୟ । କି ଚମତ୍କାର ଏହାର ସ୍ଥାପତ୍ୟ । ସିବାଲିକ୍ ପର୍ବତମାଳା ନାଁ ଅନୁସାରେ ଯେଉଁ Toy Train (ଖେଳନା ଟ୍ରେନ୍)ଟି ଏଠାରୁ ବିଭିନ୍ନ ପାର୍ବତ୍ୟ ସହର ସହିତ ଯୋଗାଯୋଗ କରୁଛି, ତାହା 'ସିବାଲିକ୍' ନାମରେ ଏହା ନାମିତ । ମୁଁ ଦିଲ୍ଲୀରୁ ଚଣ୍ଡିଗଡ଼ ଏବଂ ତା ପରେ ସିବାଲିକ୍‌ରେ ସିମଲା ଯାଇଥିଲି । ଏହି ଖେଳନା ଟ୍ରେନ୍‌ଟି ପ୍ରକୃତରେ ଗୋଟିଏ ଖେଳନା ପରି । ସାରା ଟ୍ରେନ୍‌ଟି ଶୀତତାପ ନିୟନ୍ତ୍ରିତ । ଅଭିଜାତ ଚେୟାରମାନଙ୍କରେ ଆବୃତ ପ୍ରତି କମ୍ପାର୍ଟମେଣ୍ଟ । ପର୍ବତ କଟା ହୋଇ ଟ୍ରେନ୍ ଲାଇନ୍ ତିଆରି ହୋଇଛି । ଅଙ୍କାବଙ୍କା ସଂକୀର୍ଣ୍ଣ ଟନେଲ୍ । ଖୁବ୍ ରୋମାଞ୍ଚକର ।

ଏହି ଅନ୍ଧାରିଆ ଟନେଲ୍ ସବୁକୁ ଇଲେକ୍‌ଟ୍ରିସିଟି ଦ୍ୱାରା ଆଲୋକିତ କରାଯାଇଛି । ସେହି ଟନେଲ୍ ଭିତର ଦେଇ ଟ୍ରେନ୍ ଯାଉଥିଲାବେଳେ ଖୁବ୍ ଆମୋଦପ୍ରମୋଦ ମନେହୁଏ । ଟ୍ରେନ୍ ରାସ୍ତା ଦୁଇ ପାଖରେ ନିଘଞ୍ଚ ଜଙ୍ଗଲ । ଜଙ୍ଗଲରେ ନାଁ ନ ଜଣା ଫୁଲମାନଙ୍କର ଅପୂର୍ବ ସମ୍ଭାର । କେତେକେତେ ପାର୍ବତ୍ୟ ଷ୍ଟେସନ୍‌ରେ ଟ୍ରେନ୍ ଅଟକୁଛି । ପାଞ୍ଚ ଛଅଟି ଡବା ଦ୍ୱାରା ସଂଯୁକ୍ତ ଏଇ ଟ୍ରେନ୍ । ଟ୍ରେନ୍ କେତେବେଳେ ତୀଖ ପାହାଡ଼ ଉପରେ ଚଢ଼ିଯାଉଛି ତ ପୁଣି କେତେବେଳେ ତଳକୁ ଓହ୍ଲାଇ ଆସୁଛି । ଖୁବ୍ ଆମୋଦଦାୟକ ଏଇ ଟ୍ରେନ୍ ଯାତ୍ରା । ସେପ୍ଟେମ୍ବର ମାସର ଶେଷ ବର୍ଷା କେତେବେଳେ କେମିତି ମଝିରେ ମଝିରେ ବର୍ଷିଯାଉଛି । ବର୍ଷା ଭିଜା ଫୁଲର ବାସ୍ନା ଆସି ନାକରେ ବାଜୁଛି । ଖୁବ୍ ଚମତ୍କାର ଏହି ମନମତାଣିଆ ମହକ । ଏହି ମହକରେ ମନପ୍ରାଣ ଉତ୍‌ଫୁଲିତ ହୋଇ ଉଠୁଛି । କିନ୍ତୁ କାଲ୍‌କାରୁ ବା ଦିଲ୍ଲୀରୁ ଯଦି ଜଣେ କାର ଯୋଗେ ସିମଲା ଆସିବ ତାକୁ ଅଧିକ ସମୟ ଲାଗିବନି । ଚଣ୍ଡିଗଡ଼ରୁ ସିମଲା ମାତ୍ର ତିନିଘଣ୍ଟାର ବାଟ । ପାଇନ ବଣର ଆସ୍ତରଣ ଭେଦ କରି କେତେ ଶୃଙ୍ଗ ମୁଣ୍ଡ ଟେକିଛି । ଆକାଶ ସ୍ପର୍ଶ ସବୁ ଶୃଙ୍ଗ । ସିମଲାର ଭାଇସରାୟ ହାଉସ୍ ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ନିବାସ ନାମରେ ନାମିତ ହୋଇଛି । ରାଷ୍ଟ୍ରପତି ନିବାସରେ ଇତିହାସ ଆଜି ମୂର୍ତ୍ତିମନ୍ତ ହୋଇଉଠିଛି । ସୁଦୂର ଅତୀତକୁ ମନ ଆପେ ଆପେ ଚାଲିଯାଉଛି । ବିଶ୍ୱାସଘାତକ ମିରଜାଫର୍ ଓ କୂଟଚକ୍ରାନ୍ତକାରୀ ଲର୍ଡକ୍ଲାଇବ । ବ୍ରିଟିଶର୍ସମାନଙ୍କର ସ୍ୱର୍ଦ୍ଧିତ ଚାହାଣୀ। କାଳଗର୍ଭରେ ଆଜି ସବୁ ନିଶ୍ଚିହ୍ନ ହୋଇଯାଇଛି ।

Indian Institute of Advanced Study Centre ଦ୍ୱାରା ନିମନ୍ତ୍ରିତ ହୋଇ ଭିଜିଟିଂ ସ୍କଲାର ଭାବରେ ମୁଁ ସିମଲା ଯାଇଥିଲି ଗୋଟିଏ ସପ୍ତାହ ପାଇଁ । ସିମଲା ଷ୍ଟେସନରୁ ସେମାନଙ୍କ ଡ୍ରାଇଭର ଆସି ମୋତେ ରାଷ୍ଟ୍ରପତି ନିବାସକୁ ନେଇଯାଇଥିଲା । ଟ୍ରେନ୍‌ରେ ସାଧାରଣତଃ ଛଅ ଘଣ୍ଟା ଲାଗେ ସିମଲାରେ ପହଞ୍ଚିବା ପାଇଁ ।

ରାଷ୍ଟ୍ରପତି ନିବାସରେ ଏଇ କେତେ ଦିନର ରହଣୀ ଜଣେ ଗବେଷକ ଭାବରେ ଯେଉଁ ସମ୍ମାନ ସେମାନେ ମୋତେ ଦେଲେ ତାହା ମୋ ଅଧ୍ୟାପକ ଜୀବନର ସର୍ବଶ୍ରେଷ୍ଠ ସ୍ୱୀକୃତି ବୋଲି ମୁଁ ମନେକରୁଛି । ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ବୋଲି ଜୀବନରେ କେବେ ଅନୁତାପ କରିନାହିଁ । ଜୀବନରେ ଯେଉଁ ମାତୃଭାଷାକୁ ମୁଁ ବଡ଼ ବୋଲି ବରଣ କରିଛି, ତାହାକୁ ସବୁ ଭାବରେ ମୁଁ ବରେଣ୍ୟ କରିଛି । ଜଣେ ଭାଷା ସାହିତ୍ୟର ଅଧ୍ୟାପକ ଭାବରେ ନିମନ୍ତ୍ରିତ ହୋଇ ଏଠାକୁ ଆସିବାର ସୁଯୋଗ ପାଇଛି । ଓଡ଼ିଆ ଲୋକ ସାହିତ୍ୟ ଉପରେ ଲିଖିତ ଭାଷଣ ଦେବା ପାଇଁ । ମୋ ଚେତନା ଭିତରକୁ ବାରମ୍ବାର ଇତିହାସ ପଶି ଆସୁଛି । ବହୁ ସୌଭାଗ୍ୟ ଥିଲେ ଏପରି ସୁଯୋଗ ମିଳେ ଜୀବନରେ । ସିମଲା ନାମରେ ତାତ୍ପର୍ଯ୍ୟ ଖୋଜୁ ଖୋଜୁ ଜାଣିଲି 'ଜାକ୍‌କୋ' ପାହାଡ଼ (୮୦୫୦ ଉଚ୍ଚ)ରେ ଜଣେ ସନ୍ନ୍ୟାସୀ ଥିଲେ । ସେ ଶାଗୁଆ ପଥରରେ ଗୋଟାଏ ଗୃହନିର୍ମାଣ କରିଥିଲେ । ଏହା 'ସିମଲା'ର ପ୍ରଥମ ଗୃହ । ତାଙ୍କର ଏହି 'ଶ୍ୟାମାଳୟ' ନାମରୁ ସିମଳା ହେଲା ବୋଲି କୌଣସି କୌଣସି ପଣ୍ଡିତ ମତବ୍ୟକ୍ତ କରିଥାଆନ୍ତି ।

ଆଉ କାହା କାହା ମତରେ (ଶ୍ୟାମଳା) ଦୁର୍ଗା ଏହି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ । କାଳିକାରୁ ଯେପରି କାଲ୍‌କା ହୋଇଛି, ଶ୍ୟାମଳାରୁ ସେହିପରି 'ସିମଳା' ହେବା ସମ୍ଭବ । ସିମଳାରୁ ପ୍ରସିଦ୍ଧ କୁଲୁ ଉପତ୍ୟକା ୧୪୭ ମାଇଲ ଏବଂ ମସୋରୀ ୧୫୨ ମାଇଲ ।

Indian Institute of Advanced Study Centre ଭାରତ ତଥା ଭାରତ ବାହାରର ସ୍କଲାରମାନଙ୍କୁ ନିମନ୍ତ୍ରଣ କରିଥାଏ । ପ୍ରାଚ୍ୟ ଏବଂ ପାଶ୍ଚାତ୍ୟର ଭାବବିନିମୟ ସିମଳା ମାଧ୍ୟମରେ ହୋଇଥାଏ । ଏହା ବ୍ୟତୀତ ବିଶ୍ୱବିଖ୍ୟାତ ପଣ୍ଡିତ ବ୍ୟକ୍ତି, କବି, ଲେଖକମାନେ ଆସି ବକ୍ତୃତା ଦେଇ ଥାଆନ୍ତି । ସମଗ୍ର ଦେଶରୁ ଫେଲୋମାନେ ନିର୍ବାଚିତ ହୋଇ ଏଠି ଗବେଷଣା କରିଥାନ୍ତି । ନୃତତ୍ତ୍ୱ, ଇତିହାସ, ସମାଜ ବିଜ୍ଞାନ, କଳା ଏବଂ ସାହିତ୍ୟ ଏହିସବୁ ବିଷୟ ଏଥିରେ ଅନ୍ତର୍ଭୁକ୍ତ । ପରିଦର୍ଶକ ଅଧ୍ୟାପକ, ଫେଲୋ ଓ ଲେକଚରର ଏହି ତିନି ଶ୍ରେଣୀର ଗବେଷକ ଏଠାକୁ ଆସିଥାଆନ୍ତି । ଏଠାକାର ପାଠାଗାର ଖୁବ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ସକାଳ ଆଠଟାରୁ ରାତି ଆଠଟା ପର୍ଯ୍ୟନ୍ତ ପାଠାଗାର ଖୋଲା ରହେ ଏବଂ ସ୍କଲାରମାନେ ପଢ଼ାପଢ଼ି କରନ୍ତି ।

ମୁଁ ରାଷ୍ଟ୍ରପତି ନିବାସରେ ଅତିଥି ଭାବରେ ଗୋଟାଏ ସପ୍ତାହ ଥିଲି। ସେମାନଙ୍କର ଆତିଥ୍ୟର ପଟାନ୍ତର ନାହିଁ। ସକାଳ ସାତଟାରେ ବ୍ରେକ୍‌ଫାଷ୍ଟ ଏବଂ ଚା' ଖାଇ ଲାଇବ୍ରେରୀର ରିଡିଂ ରୁମ୍‌କୁ ଆସୁଥିଲି। ରିଡିଂରୁମ୍‌ରେ ପ୍ରତ୍ୟେକ ସ୍କଲାରମାନଙ୍କ ପାଇଁ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍‌ର ସୁବନ୍ଦୋବସ୍ତ ଥିଲା । ରହିଥିବା ସବୁ ସ୍କଲାରମାନେ ଗୋଟିଏ ସ୍ଥାନରେ ଲଞ୍ଚ ଏବଂ ଡିନର ଖାଉଥିଲୁଁ । କନ୍ନଡ଼ର ବିଖ୍ୟାତ ଲେଖକ ପ୍ରଫେସର ହେଗଡ଼େ, ଆମ ସହିତ ଖାଇବା ପାଇଁ ମଝିରେ ମଝିରେ ଖାଇବା ଟେବୁଲରେ ଏକାଠି ହେଉଥିଲେ । ସେ ଜଣେ ବର୍ଷିୟାନ ଖ୍ୟାତନାମା କନ୍ନଡ଼ ଲେଖକ । ସେ ନ୍ୟାସନାଲ୍ ଫେଲୋ ଭାବରେ ନିର୍ବାଚିତ ହୋଇ ସେଠାରେ ରହୁଥିଲେ । ବହୁ ପୁସ୍ତକର ସ୍ରଷ୍ଟା ସେ ଥିଲେ ।

ସିମଲାରେ ଆମ ପାରିବାରିକ ବନ୍ଧୁ ଡ. ମୁକ୍ତିକାନ୍ତ ମହାପାତ୍ରଙ୍କ ସୁକନ୍ୟା ଗୌରୀ ମହାପାତ୍ର ହିମାଚଳ ପ୍ରଦେଶର ଏକାଉଣ୍ଟାଣ୍ଟ ଜେନେରାଲ ଭାବରେ ସିମଲାରେ ଅବସ୍ଥାପିତ ଥିବାରୁ ମଝିରେ ମଝିରେ ସେ ମୋତେ ତାଙ୍କ ଘରେ ଲଞ୍ଚ କିମ୍ବା ଡିନର ଖାଇବା ପାଇଁ ନିମନ୍ତ୍ରଣ କରୁଥିଲା । ଉଠାଣି ଗଡ଼ଣି ପାହାଡ଼ି ରାସ୍ତାରେ ଅନଭ୍ୟସ୍ତ ଭାବରେ ଚାଲିବା ମୋ ପକ୍ଷରେ କଷ୍ଟକର ଥିବାରୁ ଗୌରୀ ତା ଡ୍ରାଇଭରକୁ ପଠାଇ ମୋତେ ଡାକି ନେଇ ଯାଉଥିଲା । ହିମାଚଳ ପ୍ରଦେଶର ଲୋକମାନେ ମୁଖ୍ୟତଃ ଖୁବ୍ ସରଳ ପ୍ରକୃତିର । ସେମାନଙ୍କ ସହ କଥା ହେଲାବେଳେ ମୋତେ ଖୁବ୍ ଆନନ୍ଦ ଲାଗୁଥିଲା । କାରଣ ସରଳତା ସବୁବେଳେ ମୋତେ ମୁଗ୍ଧ କରେ । ଅଥଚ ଅନେକ ସମୟରେ ଏହି ସରଳ ପ୍ରକୃତି ନିମନ୍ତେ ମୋତେ ଅନେକ ଥର ଠକାମୀର ଶିକାର ହେବାକୁ ପଡ଼ିଛି । ସିମଲାରେ କିଛି ଉଲେନ୍ ଜିନିଷ କିଣିବା ପାଇଁ ଗୌରୀକୁ ପଚାରିଲି । ଅଗଷ୍ଟ ମାସର ଶେଷରେ ମଧ୍ୟ ଖୁବ୍ ଥଣ୍ଡା ସେଠାରେ ଥାଏ । ମୁଁ କେବଳ ଗୋଟାଏ ସ୍ୱେଟର ସାଙ୍ଗରେ ନେଇଥିଲି । ତେଣୁ ଶୀତ ହେତୁ ଆଉ କିଛି ଶୀତଲୁଗା କିଣିବା ଦରକାର ପଡ଼ିଲା । ଗୌରୀ ତା ଡ୍ରାଇଭର ଏବଂ ଅଡର୍‌ଲିକୁ ମୋ ସାଙ୍ଗରେ ପଠାଇ କିଣାକିଣିରେ ସାହାଯ୍ୟ କଲା । ସିମଲାର ଦୋକାନ ସବୁକୁ 'ମଲ୍' କୁହାଯାଏ । କେତେ ଜାତି ଜାତି ସ୍ୱେଟର, କାର୍ଡିଗାନ୍, ସାଲ୍ ପ୍ରଭୃତି ସୁସଜ୍ଜିତ ହୋଇ ରହିଥାଏ। ସିମଲା ସେଓ ଏତେ ସୁନ୍ଦର ଭାବରେ ଗଦା ହୋଇଥାଏ ଯେ ଜଣେ ମୁଗ୍ଧ ନ ହୋଇ ରହିପାରିବ ନାହିଁ, ସିମଲା ସେଓ କୋଡ଼ିଏ ଟଙ୍କା କିଲୋ । ଇଚ୍ଛା ହେଲେ ମଧ୍ୟ ଆଣିବା ସମ୍ଭବ ନୁହେଁ । କାରଣ ମୁଁ ତ ଆଉ ସିଧା ଭୁବନେଶ୍ୱର ଆସୁନାହିଁ । ସିମଲାରୁ ଦିଲ୍ଲୀ ଯିବି । ଝିଅ ପାଖରେ ଦୁଇଦିନ ରହି ଭୁବନେଶ୍ୱର ଫେରିବି । ଝିଅ ପାଇଁ କେତୋଟି ସେଓ ଏବଂ ପରୀ ପାଇଁ ପେଣ୍ଟିଂ ସରଞ୍ଜାମ କିଣି ଫେରିଲି । ମୁକ୍ତିକାନ୍ତ ବାବୁ ଏବଂ ମୋ ସ୍ୱାମୀ ପିଲାଦିନେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ସାଙ୍ଗ ହୋଇ ପଢୁଥିଲେ। ଏହା ଭିତରେ ଜୀବନର ନାନା ଉଠାଣି ଗଡ଼ାଣି ମଧ୍ୟରେ ବି ସେ ଦୁଇଜଣଙ୍କର ବନ୍ଧୁତ୍ୱ ସେମିତି ରହିଛି । ମୁକ୍ତିବାବୁ ବୃତ୍ତିରେ ଜଣେ ଡାକ୍ତର ଏବଂ ତାଙ୍କ ପତ୍ନୀ ମଧ୍ୟ ଡାକ୍ତର । ପଞ୍ଜାବୀ ଝିଅକୁ ବିବାହ କରି ସେ ବହୁ ବର୍ଷ ଚଣ୍ଡୀଗଡ଼ରେ ରହିଲେ ଏବଂ ସେଠାରେ ଘର ତିଆରି ମଧ୍ୟ କଲେ । ତାଙ୍କ ଝିଅ ଗୌରୀ ଜେ.ଏନ୍.ୟୁର ଛାତ୍ରୀ ଥିଲା ଏବଂ ପରବର୍ତ୍ତୀ ସମୟରେ ଆଇ.ଏଡ୍ ପାଇ ଭାରତର ବିଭିନ୍ନ ସ୍ଥାନରେ ରହିଛି । ଏବେ ହିମାଚଳ ପ୍ରଦେଶର ରାଜଧାନୀ ସିମଲାରେ ଦୁଇବର୍ଷ ହେବ ପୋଷ୍ଟିଂ ହୋଇଛି ତା'ର । ଏହା ଭିତରେ ସେ ବହୁ ସୁନାମ ମଧ୍ୟ ଅର୍ଜନ କରିପାରିଛି । ଆମେ ପ୍ରାୟ ବେଶୀ ସମୟ ଚାକିରି କାରଣରୁ ଭୁବନେଶ୍ୱରରେ ହିଁ ରହିଛୁ । ଦିନ ସରିଗଲା ବେଳେ ପିଲାଦିନ କଥା ବେଶୀ ବେଶୀ ମନେପଡୁଛି। ସମଗ୍ର ରାଷ୍ଟ୍ରପତି ନିବାସଟି କାଠରେ ତିଆରି । ଉପର ମହଲାରେ ଅତିଥିମାନଙ୍କ ନିମନ୍ତେ ରହିବା ଘର । ତଳେ ଲାଇବ୍ରେରୀ, ରିଡିଂରୁମ୍, କନଫରେନ୍‌ସ ହଲ ଇତ୍ୟାଦି । ଉପର ଘର ଗୁଡ଼ିକ ଆକୃତିରେ ପ୍ରକାଣ୍ଡ । ତା ଭିତରେ ବୈଠକଖାନା ଏବଂ ଶୋଇବା ଘର । ବୈଠକ ଖାନା, ଶୋଇବା ଘର ସହିତ ଯୁକ୍ତ ଏବଂ ସେଥିରେ ଫାୟାର ପ୍ଲେସ୍ ମଧ୍ୟ ରହିଛି ।

ଏତେବଡ଼ ଘରେ ମୁଁ ଏକୁଟିଆ ରହିବି । ଡର ଲାଗିବା ସ୍ୱାଭାବିକ । କିନ୍ତୁ ମୋ ପାଖଘରେ ରହୁଥିଲେ ଜଣେ ମହିଳା ଜେ.ଏନ୍.ୟୁ.ର ପ୍ରଫେସର । ଭାରି ଶୁନ୍‌ଶାନ୍ । ନୀରବ ନିସ୍ତବ୍ଧ । ପାହାଡ଼ର ଏତେ ଉପରେ ରାଷ୍ଟ୍ରପତି ନିବାସ । ମାଙ୍କଡ଼ମାନେ ବାଲକୋନିକୁ ଚାଲିଆସନ୍ତି । ଏଣୁ ଦୁଆର କିମ୍ବା ଝରକା ଖୋଲା ନ ରଖିବା ନିରାପଦ । ବହୁତ ରାତି ପର୍ଯ୍ୟନ୍ତ ପଢ଼ିଲି ଏବଂ ଲେଖିଲି । ରାତି ଦୁଇଟା ପରେ ସାମାନ୍ୟ ଛାଇନିଦ ଲାଗିଛି କି ନାହିଁ, ମୋତେ ଜଣାଗଲା ବହୁଦିନ ତଳେ ଗ୍ରୀସ୍‌ରେ ଦେଖିଥିବା ଜଣେ ଝିଅଟିର ଚେହେରା ସହିତ ମିଶୁଥିବା ଝିଅଟିଏ ଯେମିତି ଝରକା ଆରପାଖରେ ଛିଡ଼ାହୋଇ ବାରମ୍ବାର କରାଘାତ କରୁଛି ଭିତରକୁ ଆସିବାପାଇଁ । ହଠାତ୍ ନିଦ ଭାଙ୍ଗିଗଲା । ଡର ମଧ୍ୟ ଲାଗିଲା। ଏଠି ଭୂତପ୍ରେତ ଅଛନ୍ତି ନା କଣ ? ବିଲାତର ଲୋକମାନେ ଏଠାରେ ଆଗରୁ ରହୁଥିଲେ । ସେମାନଙ୍କ ଭିତରୁ ହୁଏତ କୌଣସି ଜଣେ ଝିଅଟିର ଅପମୃତ୍ୟୁ ହୋଇଥିବ । ଏବେ ବି କ'ଣ ତା ଆତ୍ମା ଏଠି ଘୁରିବୁଲୁଛି ? ନାନା ପ୍ରକାର ଉଦ୍‌ବେଗ ଏବଂ ଭୟରେ ଆଉ ନିଦ ହେଲାନି । ଏହା ପରେ ଆଉ କୌଣସି ସ୍ୱର ଶବ୍ଦ ନଥିଲା । ସେତେବେଳେ ଈଶ୍ୱରଙ୍କ ନାଁ ସ୍ମରଣ କରି କିଛି ଲେଖିବି ଭାବିଲି । ରାତି ସେତେବେଳେ ତିନିଟା ବାଜିବ । ଅଗଷ୍ଟ-ସେପ୍ଟେମ୍ବର ମାସରେ ଏଠାରେ ଶୀତଦିନ । ତଥାପି ଭୋର ହେବାପାଇଁ ଆହୁରି ଦୁଇଘଣ୍ଟା ବାକି । ଶ୍ରୀମାଙ୍କର 'ଚିରନ୍ତନି' ବହିଟିକୁ ପଢ଼ିବାରେ ଲାଗିଲି । ଜୀବନରେ ବହୁ ଅନୁଭୂତି, ସଂସାରର ବହୁ ଯନ୍ତ୍ରଣା ଜର୍ଜରିତ ମୁହୂର୍ତ୍ତକୁ କିପରି ଜଣେ ଅତିକ୍ରମ କରିବ ତାହାର ବିଷଦ ବର୍ଣ୍ଣନା ଏ ବହିଟି ଭିତରେ ମୂର୍ତ୍ତିମନ୍ତ ହୋଇଛି । କ୍ରମଶଃ ଆକାଶ ରକ୍ତରଞ୍ଜିତ ହୋଇଉଠିଲା । ଉଦ୍‌ବେଗ ଭିତରେ ଦୁଇଘଣ୍ଟା କଟିଗଲା । ଅଦୂରରେ କୁଲୁ ଉପତ୍ୟକା । ମେଘ ସବୁ ଜମାଟ ବାନ୍ଧିଛି ପର୍ବତ ଶିଖରରେ । ଚାରିଆଡ଼େ ପାଇନ୍ ବନର ନୀଳ ଆସ୍ତରଣ । ଏପରି ଅପରୂପ ସୁଷମା ଆଗରୁ କେବେ ଦେଖିଛି ବୋଲି ମନେପଡୁନି । ସେଥର କାଠମାଣ୍ଡୁ ଯାଇଥିଲା ବେଳେ ହିମାଳୟର ଏଇପରି ଏକ ବିରଳ ଦୃଶ୍ୟ ଆଖିରେ ପଡ଼ିଥିଲା ସୂର୍ଯ୍ୟୋଦୟର ଦୃଶ୍ୟ ।

ବ୍ରେକ୍‌ଫାଷ୍ଟ ଖାଇ ପ୍ରସ୍ତୁତ ହେବାକୁ ପଡ଼ିବ । 'ସିମଲା ରେଡ଼ିଓ ଷ୍ଟେସନ୍‌ରେ ଆଜି ମୋର ଏକ ଇଣ୍ଟରଭ୍ୟୁ ରେକର୍ଡିଂ ଅଛି । ମୋତେ ଇଂଲିଶ ନୁହେଁ ହିନ୍ଦୀରେ କହିବାକୁ ହେବ । ହିନ୍ଦୀରେ କଥାବାର୍ତ୍ତା କରିବାରେ ମୋର ସେତେଟା ଦକ୍ଷତା ନାହିଁ । ପିଲାଦିନେ ହିନ୍ଦୀସାରଙ୍କ କ୍ଲାସରେ ଅମନଯୋଗୀ ଥିବା ହେତୁ ଆଜି ଏଇ ଅବସ୍ଥା । ତଥାପି ଚଳାଇ ନେଇ ପାରିବି । ରେଡ଼ିଓ ଷ୍ଟେସନକୁ ଯିବା ପାଇଁ ଗୌରୀ ଗାଡ଼ି ପଠାଇବ । ପାହାଡ଼ର ଚାରିଆଡ଼େ ସେଣ୍ଟ୍ରାଲ୍ ଏ.ସି. । ପାହାଡ଼ ଉପରକୁ ଉଠିବା ଏବଂ ଓହ୍ଲାଇବା ଖୁବ୍ ଚମତ୍କାର ଅନୁଭୂତି । ଟିକିଏ ଅସାବଧାନ ହେଲେ ତଳେ ଆସି ପଡ଼ିଯିବାର ସମ୍ଭାବନା ।

ଆଜି ଗୁରୁବାର। ଆଜି ଭିଜିଟିଂ ଫେଲୋ ଭାବରେ ମୋର ସେମିନାରର ଦିନ । ମୋ ପେପର ପଢ଼ିସାରିଲା ପରେ ପ୍ରଶ୍ନବାଣରେ ଜର୍ଜରିତ ହେବାକୁ ପଡ଼ିବ । ସେଥିପାଇଁ ମୋତେ ପ୍ରସ୍ତୁତ ହେବାକୁ ପଡ଼ିବ । କନ୍ନଡ଼ ପ୍ରଫେସର ବାଲଚନ୍ଦ୍ର ଭି. ନାମାଡ଼େ ସେମିନାର ପରିଚାଳନା କରୁଥିଲେ । ପ୍ରଫେସର ବାଲଚନ୍ଦ୍ର ଭି. ନାମାଡ଼େ ମରାଠି ଭାଷାର ଔପନ୍ୟାସିକ, କବି ଓ ସମାଲୋଚକ । ସେ ୧୯୩୮ ମସିହାରେ 'ସାଙ୍ଗଭି' ଗାଁରେ ଜନ୍ମ ହୋଇଥିଲେ । ଯେତେ ଭଲ କବି କିମ୍ବା ଲେଖକ ସମସ୍ତଙ୍କ ଜନ୍ମ ପ୍ରାୟ ଗାଁରେ ହିଁ ହୋଇଥାଏ । ଅନ୍ୟମାନଙ୍କ ଭିତରେ ଜେ.ଏନ୍.ୟୁ. ପ୍ରଫେସର ମିସେସ୍ ଘୋଷ ଓ ଉସମାନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ସେନ୍ ପ୍ରଭୃତି ଉପସ୍ଥିତ ଥିଲେ ।

ସେମିନାର ଶେଷରେ ଚା' ବିରତି । ଯେଉଁମାନେ ଫେଲୋ ଭାବରେ ବିଭିନ୍ନ ସ୍ଥାନରୁ ଏଠାକୁ ଆସିଛନ୍ତି, ସମସ୍ତେ ଉପସ୍ଥିତ ଥିଲେ । ସେମିନାର ଗୃହଟି ମଧ୍ୟ ଖୁବ୍ ସୁନ୍ଦର । ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ନେହେରୁ ଓ କବିଗୁରୁ ରବୀନ୍ଦ୍ର ନାଥଙ୍କ ଫଟୋ ସେମିନାର ଗୃହର କାନ୍ଥ ମଣ୍ଡନ କରୁଛି । ସବୁସ୍ଥାନରେ ସତେଜ ଫୁଲର ସମ୍ଭାର। ସେ ସିଡ଼ି ପାହାଚ ହେଉ ବା ଲାଇବ୍ରେରୀ ହେଉ, ସବୁଠାରେ ବିଦେଶୀ ଫୁଲ ଆଉ ଫୁଲ । ମନ ଆପେ ଆପେ ସତେଜ ହୋଇଯାଏ ।

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର-୭୫୧୦୧୩,**
**ମୋ-୦୯୪୩୭୦୧୧୦୦୩**

## କବିତା

### କୋଣାର୍କର ଦୁଃଖ

ରଂଜିତ ସେନାପତି

ତମେ ମତେ ଶିଳାପଦ୍ମ କହିପାର
କିମ୍ବା କହିପାର,କୋଟି କଙ୍କାଳ ଭଗ୍ନ ବୁକୁର
ସ୍ତୁପ
ହେଲେ ମୁଁ ଜାଣେ,..!
କ୍ରମଶଃ ଲିଭିଆସୁଥିବା ଶିଳାଲିପିଟିଏ ମୁଁ
ପ୍ରସ୍ତର ଗାତ୍ରରେ ଲେଖା
ଅନେକ ବିସ୍ମୟର ଏକ ପ୍ରାଚୀନ ମହାକାବ୍ୟ ।
ସୂର୍ଯ୍ୟଦେବଙ୍କ ପୂଜାର ମନ୍ଦିର
ଖାଲି ନୁହେଁ ମୁଁ
ବରଂ ବାରଶହ ବଢ଼େଇଙ୍କ ସ୍ୱପ୍ନର ହାଡ଼ରେ
ଫୁଟିଥିବା ପେଣ୍ଠାଏ ବଉଳ
ଯାହା କେଉଁ ଅଦିନ କୁହୁଡ଼ିର ପ୍ରଭାବରେ
କିଛି ପଡ଼ିଯାଇଛି ତ ଆଉ କିଛି ଝଡ଼ିଯାଇଛି,
ସ୍ୱେଦ ଆଉ ଅଶ୍ରୁରେ ଜର୍ଜରିତ
ବ୍ୟଥାତୁର ଶିଳ୍ପୀର ବିରଳ ଭାସ୍କର୍ଯ୍ୟ
ଥରେ କାନ ପାର ଦେଖ ତ !
କେଉଁଠି ନା କେଉଁଠି
ତମକୁ ଶୁଭୁଥିବ କା'ର ଉଃ...,
କିଛି ଗୋଟେ ଭାଙ୍ଗି ଯାଇଥିବାର ଶବ୍ଦ ।
କେମିତି କହିବି ମୁଁ
ଗୋଟିଏ ନିଷ୍ପ୍ରାଣ ଶିଳାର ବି ଜୀବନ ଥାଏ
ସେ ବି ଭୋଗିପାରେ ଦୁଃଖ
ଆଉ ମାଗିପାରେ
ତା' ଛିନ୍ନ ଅସ୍ତିତ୍ୱର ମୌନ,
ଅଥଚ ଗମ୍ଭୀର କୈଫିୟତ
ହେଲେ ସେ'ସବୁ ଦେବ ବା କିଏ..!
ଏଠି ତ, ପଥରକାନ୍ଥରେ
ଅନେକ କଣା
ଯେଉଁଠି ଖାଲି ଯା' ଆସ କରେ କାଁ ଭାଁ
ଦଲ୍‌କାଏ ଦକ୍ଷିଣା ପବନ
ପବନର କୋଉ ଦେହଥାଏ, ନା ଥାଏ ହୃଦୟ
ଯିଏ ଅନୁଭବ କରିବ ମୋ ଦେହସାରା
ରହିଥିବା ଆଘାତର କ୍ଷତଚିହ୍ନ !
ଆଃ...କି କଷ୍ଟ ଭୋଗୁଥିବେ ସତରେ
ମତେ ଧନାଢ୍ୟ କରିଦେଇଥିବା
କେତେ କେତେ ବିଶୁ ମହାରଣା,ପୁଣି ଶିବେଇ
ସାମନ୍ତରାଏ
ବ୍ୟସ୍ତ ହୁଅନି ଜମା...!
ଆରାଧ୍ୟ ସୂର୍ଯ୍ୟଦେବଙ୍କର ବନ୍ଦନା ମୁଁ କରେଁ
ପ୍ରତି ସକାଳର ସୂର୍ଯ୍ୟୋଦୟ
ଆଡକୁ ମୋର ଯାତ୍ରା,
ସବୁ ସ୍ମୃତିର ଇମାରତ ଭାଙ୍ଗିଗଲା ପରେ ବି
ତଥାପି ମୁଁ ରହିଥିବି
ଖିଏ ଇତିହାସ ହୋଇ
ଯେମିତି ଲୀନ ହୋଇ ବି ଅକ୍ଷୁଣ୍ଣ ରହିଛି
ସମୁଦ୍ର ଗର୍ଭରେ ଦିବ୍ୟନଗରୀ ଦ୍ୱାରିକା ।

**ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ,ପଟ୍ଟାମୁଣ୍ଡାଇ**
**ମୋ-୮୯୧୭୫୬୮୧୮୦**

## ସଜ ଗୋଲାପ ଅନ୍ତରାଳେ

ସୁନନ୍ଦା ମହାନ୍ତି

ଗଳ୍ପ

ସେଦିନ ସଜ ଗୋଲାପର ଆକର୍ଷଣରେ ଗୋଲାପ ଚାରା କିଣିବାକୁ ଯାଇ ନିଶିକାନ୍ତ ଦେଖିଥିଲା ସେ ଅଦ୍ଭୁତ ସାଇନବୋର୍ଡ । ସହରର ଗଳି କନ୍ଦି ରାସ୍ତାରେ ଓ ବଜାରରେ ଅନେକ ସାଇନବୋର୍ଡ ଭିତରୁ କୋଉଠି କୋଉ ଡକ୍ଟର, କିଏ କାନ, ନାକ, ଗଳା, ନାସା ଡାକ୍ତର ହେଲେ ଏ ସ୍ୱପ୍ନର ଡକ୍ଟର ଲେଖା ସାଇନ ବୋର୍ଡ ଦେଖି କିଛି ବୁଝି ହେଉନଥିଲା ନିଶିକାନ୍ତଙ୍କୁ । ଶୁଣୁ ଶୁଣୁ ଓ ବୁଝୁ ବୁଝୁ ସ୍ୱପ୍ନ ଦେଖୁଥିବା ଫଳ, ସ୍ୱପ୍ନରେ ଦେଖିବାକୁ ଚାହୁଁଥିବା ବ୍ୟକ୍ତି, ପ୍ରାକୃତିକ ବା କୃତ୍ରିମ ବସ୍ତୁ ଓ ପଦାର୍ଥକୁ ସ୍ୱପ୍ନରେ ଆଣିବାର ସହଜ ମାର୍ଗ ପାଇଁ କଣ ସବୁ କରାଯାଇପାରେ ଏସବୁର ଥେରାପି ପ୍ରଦାନ କରୁଥିବା ମହିଳା ଡକ୍ଟର ଅଭିପ୍ସା ବାନାର୍ଜୀଙ୍କ ଚର୍ଚ୍ଚା ସହର ସାରା । ନିଶିକାନ୍ତ ଜାଣେ ସ୍ୱପ୍ନ ଏକ ସାମୟିକ ମନର ଭ୍ରମ ଓ ସମୟର ଛଳନା ଛଡା ଆଉ କିଛି ନୁହେଁ. ତା ଛଡା ଏଯାଏଁ ସେ ଜାଣିଛି ଯେ ଯେଉଁମାନେ ସ୍ୱପ୍ନ ଦେଖନ୍ତି ସେମାନଙ୍କୁ ଭଲ ନିଦ ହୁଏନାହିଁ ଅର୍ଥାତ୍ ଆଖିର ଗହଣା ନିଦ ଭିତରେ ସ୍ୱପ୍ନ ଏକ ଏମିତି ଅଳଙ୍କାର ଯାହା ଶୋଇବାରେ ବ୍ୟାଘାତ ସୃଷ୍ଟି କରେ ମଣିଷର । ପ୍ରଥମରୁ ସାଇନ ବୋର୍ଡ ଦେଖି ଘୃଣା କରୁଥିବା ନିଶିକାନ୍ତ କିନ୍ତୁ ଦିନେ ସେହି ଡକ୍ଟରଙ୍କ ଦ୍ୱାରସ୍ଥ ହୋଇ ଲାଇନ ଲଗେଇବ ଜାଣିନଥିଲା ନିଜେ ।

ଡାକ୍ତର ଅଭିପ୍ସାଙ୍କୁ ଦେଖୁ ଦେଖୁ ଚମକି ପଡିଥିଲା ନିଶିକାନ୍ତ । ତଥାପି ସ୍ଥାନ, କାଳ, ପାତ୍ରର ମର୍ଯ୍ୟଦା ରଖି ତା ପାଳି ପଡିବା ଯାଏଁ ଅପେକ୍ଷା କଲା ନିଶିକାନ୍ତ । ତାକୁ ଦେଖି ଡକ୍ଟର ଦୁଇ ଚାରୋଟି ପ୍ରଶ୍ନ ପଚାରିଥିଲେ କେବଳ । ତାହା ଥିଲା ବୟସ, ଶିକ୍ଷା, ଯୋଗ୍ୟତା ସହ ଇଚ୍ଛା । ସବୁ ସ୍ପଷ୍ଟ ଶୁଣି ସାରିଲା ପରେ ଅଭିପ୍ସା ଦେବୀ କହୁଥିଲେ ଚମତ୍କାର ।

ଆପଣ ନିଶ୍ଚୟ ଅଧା ଦେଖା ସ୍ୱପ୍ନ ଦେଖାକୁ ପୁରା କରିବାକୁ ଚାହିଁ ଆସିଛନ୍ତି ମୋ ପାଖକୁ । ରାତିରେ ଠିକ ବାରଟା ପରେ କେହି ଜଣେ କରାଘାତ କରେ ଆପଣଙ୍କ କବାଟରେ । ଶୁଭେ ଠକ ଠକ ଠକ ।

ଆଉ ଆପଣ ଜାଣିବାକୁ ଚାହାଁନ୍ତି କିଏ ସେହି ଛାୟା? କାହାର ସେ ପାଉଁଜି ସ୍ୱର, କାହାର ସେ ଛମ ଛମ ପାଦ. ଠିକ କହୁଛି ନା ନିଶିକାନ୍ତ ! ଚମକି ପଡିଲା ନିଶିକାନ୍ତ । ଭାବିଲା ସ୍ୱପ୍ନ ଥେରାପି ସହ ଏ ନାରୀ କଣ ମନସ୍ତତ୍ୱବିତ ନା କଣ ! ସେ କେମିତି ଜାଣିଲେ ନିଶିକାନ୍ତ ତାଙ୍କ ସ୍ୱପ୍ନର ନାୟିକାଙ୍କୁ ଖୋଜି ବୁଲୁଛନ୍ତି. ଖାଲି ସ୍ୱପ୍ନରେ ନୁହେଁ, ବରଂ ମରମ ତଳେ ଅତୀତ ଯେ ମରେନା । ସେଇ ତନୁପାତେଳି କ୍ଲାସମେଟ ଝିଅଟା, ଯାହାଠୁ ନୋଟ କରିବା ବାହାନରେ ରଫ ଖାତା ନେଇ ଫେରେଇଲାବେଳେ ସେ ନିଜ ମନକଥା ଲେଖିଦେଇଥିଲେ ତା ଖାତାରେ କିନ୍ତୁ ଅନେକ ଦିନ ପରେ ରୁନୁ ଠାରୁ କିଛି ଉତ୍ତର ନପାଇ ବାଧ୍ୟ ହୋଇ ପଚାରିଥିଲେ ଗୋଟେ ନିରୋଳା ମୁହୂର୍ତ୍ତରେ ରୁନୁକୁ, ପଢ଼ିଲ ମୁଁ ଯାହା ଲେଖିଥିଲି । ଝିଅଟି ଆଶ୍ଚର୍ଯ୍ୟ ହୋଇ କହିଥିଲା କଣ ପଢିଥାନ୍ତି, କୋଉଠୁ? ତୁମ ରଫ ଖାତାରୁ, ମୁଁ ଯାହା ଲେଖିଥିଲି ଫେରେଇଲାବେଳେ । କଣ ଲେଖିଥିଲ? ଇତିହାସ, ଭୂଗୋଳ, ସାହିତ୍ୟ ନା ଗଣିତ ସୂତ୍ର ! ମୁଁ ତ ତାକୁ ସୁନୁପାଞ୍ଝୁଡ଼ି ବାଲାକୁ ଦେଇସାରିଛି । ନିଶିକାନ୍ତ କହିବାକୁ ଯାଇ କହିପାରିନଥିଲା କଣ କଲ ତୁମେ । ଇତିହାସ, ଭୂଗୋଳ, ସାହିତ୍ୟ, ବିଜ୍ଞାନ ସହିତ ଗଣିତ ସୂତ୍ର ଫେଣ୍ଟି ମୁଁ ଲେଖିଥିଲି 'ଆଇ ଲଭ ୟୁ' । ହେଲେ ଉଚ୍ଚାରିତ ତିନି ଶବ୍ଦ ନିଜ ହୃଦୟରେ ରହିଗଲା ପଛେ କହିହୋଇନଥିଲା ରୁନୁକୁ କେବେ, ନା ନିରୋଳାରେ ନା ଗହଳିରେ ।

ବାପାଙ୍କ ବଦଳି ସହ ନବମ ଶ୍ରେଣୀ ପ୍ରେମକୁ ସେଇଠି ସେମିତି ଆଧାରେ ଛାଡି ଉଚ୍ଚଶିକ୍ଷା ପରେ ରୁନୁ ସନ୍ଧାନରେ ଅନେକ ଘୁରି ବୁଲି ଥିଲେ ବି ତାର ପତ୍ତା ନଥିଲା । ଶୂନ୍ୟରେ ମିଳାଇ ଯାଇଥିଲା ଯେମିତି ସେ । ସେହିଦିନ ରାତିରେ କିନ୍ତୁ ସ୍ୱପ୍ନରେ ରୁନୁର ଛାୟା ସ୍ପଷ୍ଟ ହେଲା । ହେଲେ ଏ ତ ଡକ୍ଟର ଅଭିପ୍ସା ବାନାର୍ଜୀ ହଁ ବିଧବା ଅଭିପ୍ସା ମୁଣ୍ଡରେ ଯଦି ଟିକିଲି ବା ନାଲି ସିନ୍ଦୁର ପିନ୍ଧେଇ ଦିଆଯାଇପାରନ୍ତା ସେ ଟିକିଲି ନାଇ ଠିକ ରୁନୁ ପରି ଓ ସନ୍ଦୁର ନାଇ ଠିକ୍ ପରିଣିତା ବଧୂ ବେଶରେ ଅଭିପ୍ସା ପରି ଦେଖାଯାଉଥାଆନ୍ତା ।

ହଁ ଠିକ୍ ଅଭିପ୍ସା ବାନାର୍ଜୀ ଭଳି । ଆରେ ଏ ତ ସେହି ସ୍ୱପ୍ନର ଛାୟା ସୁନ୍ଦରୀ । ଯିଏ ପ୍ରତିଦିନ ସ୍ୱପନେ ଆସି ଗୋପନେ ଯାଏ । ଏଣିକି ତେଣିକି ଯୁଆଡେ ଦେଖିଲେ ଅଭିପ୍ସା ଦେଖାଯାଉଥିଲେ । ରାତି ଥାଉ ଥାଉ ଉଠି ନିଶିକାନ୍ତ ନିତ୍ୟକର୍ମ ବଢ଼େଇ ମୁଠେ ସଜ ଗୋଲାପ ସହିତ ଦୌଡୁଥିଲା ଅଭିପ୍ସା ବାନାର୍ଜୀ ଦୁଆର ବାଡେଇବାକୁ ହେଲେ ଅଭିପ୍ସା ତ ଅଭିପ୍ସା ସାଇନବୋର୍ଡ ବି ନ ଥିଲା ଦୁଆରେ । ଆଞ୍ଜୁଳିରେ ଥିବା ମୁଠାକ ସଜ ଗୋଲାପ କିନ୍ତୁ ଭାରି ସତେଜ ଦିଶୁଥିଲା ବାସ ଓ ରଙ୍ଗରେ ।

**ସାକ୍ଷୀଗୋପାଳ**
**ପୁରୀ , ମୋ-୯୦୪୦୯୭୭୩୨୭**

# ତ୍ରିକାଳଦର୍ଶୀ ବୈଷ୍ଣବ କବି ଅଚ୍ୟୁତାନନ୍ଦ ଦାସ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଅଚ୍ୟୁତାନନ୍ଦ ଦାସ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ନେମାଳ ପାଖରେ ଥିବା ତିଳକଣା ଗାଁରେ ମାତା ପଦ୍ମାବତୀ ଓ ପିତା ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରୁ ଜନ୍ମଲାଭ କରିଥିଲେ । ଅଚ୍ୟୁତାନନ୍ଦ ଦାସ ତାଙ୍କ ବଂଶ ବିଷୟରେ ବର୍ଣ୍ଣନା କରିବାବେଳେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପିତା ପୁରୀର ଜଗନ୍ନାଥ ମନ୍ଦିରରେ ନିୟୋଜିତ କରଣ ସେବାୟତ ହୋଇଥିବାବେଳେ ତାଙ୍କ ଜେଜେବାପା ଗୋପୀନାଥ ମହାନ୍ତି ଗଜପତି ରାଜାମାନଙ୍କର ମୁଖ୍ୟ ଉପଦେଶକାର ଛାମୁ କରଣ ଭାବରେ କାର୍ଯ୍ୟରତ ଥିଲେ । ଅଚ୍ୟୁତାନନ୍ଦ ନିଜ ରଚନା ଶୂନ୍ୟସଂହିତାରେ ସେ ପୂର୍ବ ଜନ୍ମରେ ସୁଦାମା ହୋଇଥିବାର ଉଲ୍ଲେଖ କରିଛନ୍ତି ।

ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ୧୬ଶ ଖ୍ରୀ.ର ପ୍ରାରମ୍ଭ ବେଳକୁ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ଜଣେ ଯୋଗକଳ୍ପା ଓ ତ୍ରିକାଳଦର୍ଶୀ ବୈଷ୍ଣବ କବି । ତାଙ୍କ ରଚିତ ୧୦୦ ମାଳିକା ମଧ୍ୟରୁ ଭବିଷ୍ୟ ମାଳିକା, ଜାଇଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା ଆଦି ଖୁବ୍ ଲୋକାଦୃତ । ସେ ନିଜ ରଚନା ଶୂନ୍ୟସଂହିତାରେ ଆତ୍ମପରିଚୟ ଦେଇ ଲେଖିଛନ୍ତି ଯେ ସେ ପୂର୍ବ ଜନ୍ମରେ ସୁଦାମ ଥିଲେ । ଓଡ଼ିଆ ଭାଷାରେ ଯୋଗ, ପୁରାଣ ଓ ଆଗତ ଭବିଷ୍ୟ ଉପରେ ଆଧାରିତ ୩୬ଟି ସଂହିତା, ୭୮ଟି ଗୀତା, ୧୦୦ଟି ମାଳିକା, ଅନେକ ଭଜନ, ଚଉପଦୀ ଏବଂ ଜଣାଣ ଏହିପରି ପାଖାପାଖି ୧୬୦,୦୦୦ ପଦ୍ୟାବଳୀ ସେ ରଚନା କରିଯାଇଛନ୍ତି ।

ଏହା ସହିତ ସେ ଅନେକ ଭଜନ ଚୌପଦୀ ଲେଖିଛନ୍ତି । ଯୋଗ, ଜ୍ୟୋତିଷ, ଦର୍ଶନ, ବାସ୍ତୁ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଆୟୁର୍ବେଦ ତଥା ଏହିପରି ଅନେକ ବିଷୟ ଏବଂ ବିଦ୍ୟାରେ ତାଙ୍କର ପାରଦର୍ଶିତା ଥିବାରୁ ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ 'ମହାପୁରୁଷ' ଭାବେ ଲୋକେ ଅଭିହିତ କରନ୍ତି । ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ଭଳି କଠିନ ଦାର୍ଶନିକ ବିଷୟଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଲେଖିଛନ୍ତି । ଅଚ୍ୟୁତାନନ୍ଦ ନିରାକାର ଭଜନର ମହତ୍ତ୍ୱ ବିଷୟରେ ବାରମ୍ବାର ଲେଖିଛନ୍ତି । ସେ ଲେଖିଛନ୍ତି –

*ମୋହ ଶପଥ ତୋତେ ଆହୋ ବାବୁ /ଏ ଭଜନ ସୂତ୍ର ସୂତ୍ରେ ଭଜିବୁ । କିଏ କାହାର ମିଥ୍ୟା ଯେ ସଂସାର / ଆପେ ତରିଲେ ଆଉ କେ କାହାର । ଆପକୁ ଆପେ ଚିହ୍ନିଲେରେ ବାବୁ / କାଳେ କାଳେ ଅଜାମର ହୋଇବୁ । ସୁଖେ ପାରିହେବୁ ଭବସାଗର / ବୁଲିଗଲା ପ୍ରାୟେ ଯିବ ଶରୀର ।*

ତାଙ୍କ ନିଜ ଲେଖାରୁ ତାଙ୍କର ଚୈତନ୍ୟଙ୍କ ସହ କିପରି ଭେଟ ହୋଇଥିଲା ବର୍ଣ୍ଣନା ରହିଛି । ସେ ଲେଖିଛନ୍ତି ଯେ –

*'ଚୈତନ୍ୟ ଗୋସାଇଁ ବିଜେ କରିଛନ୍ତି ବଡ଼ଦାଣ୍ଡରେ ଯେ ଆସି /ପିତାଙ୍କ ସଙ୍ଗରେ ଦର୍ଶନ କଲି ମୁଁ ଚରଣେ ପଡ଼ିଲି ଝାସି ।'*

ଅଚ୍ୟୁତାନନ୍ଦଙ୍କ ୩୦୦୦ ଭକ୍ତ ବା ଶିଷ୍ୟ ଥିଲେ । ଏହି ଭିତରୁ ଉତ୍ତମ ଶିଷ୍ୟ ୫୦୦ । ପ୍ରାଚୀକୂଳରେ ଅଚ୍ୟୁତଙ୍କ ୧,୦୦୦ ଭକ୍ତ ଥିଲେ । ଅନନ୍ତପୁର ଶାସନର ଶର୍ମା ଦ୍ୱିଜବର, ପ୍ରାଚୀ କୂଳର ଦାସ ମହାପାତ୍ର, ଗଣେଶ ପତି, ଗଣକକୁଳ କାହ୍ନୁଙ୍କ ପୁତ ପରୀକ୍ଷିତ, ଯାଜପୁର ବନ୍ଧୁ ମହାନ୍ତି ଆଦି ଦାସଙ୍କ ପ୍ରମୁଖ ଶିଷ୍ୟ ଥିଲେ । ସେ ସମୟରେ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ରାଜା ଥିଲେ । ଦାସଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଓ ଶୂନ୍ୟଭଜନ କି ପ୍ରକାର ତାହା ଜାଣିବା ଲାଗି ଅଚ୍ୟୁତଙ୍କ ସହ ଅନେକ କଟାଳ କଲେ । ବ୍ରାହ୍ମଣମାନେ ଏହା ଶୁଣି ଉପହାସ କଲେ । ଦାସଙ୍କର ଉପହାସ ପ୍ରତି ଭ୍ରୁକ୍ଷେପ ନ ଥିଲା । ଦାସେ ରାଜାଙ୍କ ଆଜ୍ଞା ପାଇ ସଙ୍କଟରେ ପଡ଼ିଲେ ମାତ୍ର ଶେଷକୁ ପରୀକ୍ଷା ହେବା ସ୍ଥିର କରାଗଲା । ପୁରୀ ସହରର ବାଙ୍କି ମୁହାଁଣ ନିକଟସ୍ଥ ଶୂନ୍ୟ ବାମ୍ପିଠାରେ ପରୀକ୍ଷା ହେଲା । ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହୋଇ ଓ ସେହି ସ୍ଥାନରେ ବାସ କରିବା ଲାଗି ଅଚ୍ୟୁତଙ୍କୁ ଆଜ୍ଞା ଦେଲେ ।

ଅଦ୍ୟାବଧି ଏହି ସ୍ଥାନରେ ଗୋଟିଏ ମଠ ରହିଛି ଯାହାର ନାମ ଗୋପାଳ ମଠ । ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ଭଳି କଠିନ ଦାର୍ଶନିକ ବିଷୟଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଲେଖିଛନ୍ତି । ତାଙ୍କ ରଚନା ମଧ୍ୟରେ ହରିବଂଶ ପୁରାଣ, ଆଗତ-ଭବିଷ୍ୟ ମାଳିକା, ଜାଇଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା, ଗୁରୁଭକ୍ତି ଗୀତା, ବ୍ରହ୍ମ ଏକାକ୍ଷର ଗୀତା, ଶୂନ୍ୟ ଗୀତା,, କୈବର୍ତ୍ତ ଗୀତା, କଳିଯୁଗ ଗୀତା, ଗରୁଡ଼ ଗୀତା, ଶୂନ୍ୟ ସଂହିତା, ଅଣାକାର ସଂହିତା, ବଟ ସଂହିତା, ଛାୟା ସଂହିତା,, ବୀଜ ସଂହିତା, ବ୍ରହ୍ମ ସଂହିତା, ନିତ୍ୟ ରାହାସ, ମହାନିତ୍ୟ ରାହାସ, ଶୁନ୍ୟ ରାହାସ, କଳ୍ପ ଟୀକା, ଚନ୍ଦ୍ରକଳ୍ପ ଟୀକା, ପଦ୍ମକଳ୍ପ ଟୀକା, ଷୋଡ଼ଶ ପଟଳ, ଗୋପାଳଙ୍କ ଓଗାଳି ଓ ଲଉଡ଼ି ଖେଳ ଆଦି ଖୁବ୍ ଉଚ୍ଚାଙ୍ଗ ଆଉ ଲୋକାଦୃତ ।

ଅଚ୍ୟୁତାନନ୍ଦ ଦାସ ଲେଖିଛନ୍ତି –

*'ତିଳକଣାରେ ମୁଁ ଜନମ ହୋଇଲି କେହି ନ ଚିହ୍ନିଲେ ମୋରେ /ଅଗଣିତ ବୋଲି ମାତା ଡାକୁଥାନ୍ତି ଅନ୍ନ ନ ମିଳଇ ଘରେ । ବେନି ଭ୍ରାତ ମୋର ଏକ ଯେ ଭଗିନୀ ତ୍ରିପୁର ଗ୍ରାମରେ ବାସ / ଏମନ୍ତ ମୋ ମାତା ପିଅର ବଞ୍ଚନ୍ତି ଗ୍ରାମରେ କରି ନିବାସ । ନାମ ମୋ ଅଚ୍ୟୁତ ଦାସ ଯେ ବିଖ୍ୟାତ ନେମାଳ ଗ୍ରାମରେ ଥାଇ / ଏବେ ଶୂଦ୍ରକୁଳେ ଜନମ ଲଭିଛି ପ୍ରଭୁଙ୍କ ଆଜ୍ଞାରୁ ମୁହିଁ ।'*

ଏହି ଉଦ୍ଧୃତି ଅନୁସାରେ ସେ ତିଳକଣା ଗ୍ରାମରେ ଜନ୍ମ ହୋଇଥିଲେ । ମାତା ତାଙ୍କୁ 'ଅଗଣି' ବୋଲି ଡାକୁଥିଲେ । ତାଙ୍କର ଦୁଇ ଭାଇ ଓ ଗୋଟିଏ ଭଉଣୀ ଥିଲେ ଓ ସେ ଶୂଦ୍ର କୁଳରେ ଜନ୍ମିତ । ପୁନଃ ସେ ନିଜ ମାତା ପିତାଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି –

*'ଦୀନବନ୍ଧୁ ନାମ ଖୁଣ୍ଟିଆ ଶୂଦ୍ରର କୁଳରେ ହୋଇବୁ ଜାତ/ବାଞ୍ଛିଲାର ଫଳ ନୋହିବ ବିଫଳ ପ୍ରି ଅଂଶେ ଲାଭ ପୁତ୍ର । ଖୁଣ୍ଟିଆ ଦୀନବନ୍ଧୁ ନାମେ ବୋଲିଣ ପଦ୍ମାବତୀ ନାମେ ନାରୀ / ପ୍ରଭୁ ଆଜ୍ଞା ଘେନି ପ୍ରବେଶ ହୋଇଲି ଗର୍ଭେଣ ମୁହିଁ ତାହାରି । ଦଶମାସ ଦଶ ଦିବସ ମଧ୍ୟରେ ଶୁକ୍ଳ ମାଘ ଏକାଦଶୀ/ ଜନମ ଲଭନ୍ତେ ପିତା ମୋ ଦେଖନ୍ତେ ଅପୁତ୍ରିକ ଦୋଷଧ୍ୱଂସୀ । କେ ବୋଲେ ଅନାମ ଅଗଣି ତ ନାମ କେ ବୋଲେ ଅନନ୍ତ ହରି/ ମାତା ପିତା ମୋତେ ଡାକିଲେ ନିଶ୍ଚୟ ଅଚ୍ୟୁତ ଯେ ନାମ ଧରି ।'*

ଅଚ୍ୟୁତାନନ୍ଦ ଜାତିଭେଦରେ ବିଶ୍ୱାସ ରଖୁନଥିଲେ ସେଥିପାଇଁ ସେ ଲେଖିଲେ –

*'ହେଲେ ଜାତି ହୀନ ନାହିଁ ତହିଁ ମାନ ଶ୍ରୀକୃଷ୍ଣ ବାସନା ଥାଏ*
*କଳିକତରା ଯେ ପଙ୍କରେ ବୁଡ଼ିଲେ ପଙ୍କ ନ ଲାଗଇ ଦେହେ!*

ଓଡ଼ିଶାର ଏହି ବରେଣ୍ୟ ବ୍ୟକ୍ତି ତଥା ମହାପୁରୁଷ ଜ୍ୟୋଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଦେହତ୍ୟାଗ କରିଥିଲେ । ତାଙ୍କ ଅମ୍ଳାନ କୃତି ଯୁଗ ଯୁଗ ପାଇଁ ତାଙ୍କୁ ଅମର କରି ରଖିଛି ଆଉ ରଖିଥିବ ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ – ୯୯୩୮୯୦୬୦୭୦**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୋଭିଡ୍...

ସତର୍କ କରାଇ ଦିଆଯାଇଛି ଯେ ଅତିରିକ୍ତ ୭ଲକ୍ଷ ଜନ୍ମକାଳୀନ ମୃତ୍ୟୁ ହେଉଥିଲେ ହେଁ ୫ ବର୍ଷ ମଧ୍ୟରେ ୮ ନିୟୁତ ଶିଶୁଙ୍କ ମୃତ୍ୟୁ ଘଟୁଛି । ହୃଦ୍‌ରୋଗ, ଷ୍ଟ୍ରୋକ୍, କ୍ୟାନ୍‌ସର ଓ ମଧୁମେହ ଏବେ ଏକ ଜଣାଶୁଣା ରୋଗ ହୋଇଛି । ୭୦ ବର୍ଷ ମଧ୍ୟରେ ଲୋକ ବିଶ୍ୱରେ ଏହାର ଶିକାର ହେଉଛନ୍ତି । ଏହି ମୃତ୍ୟୁ ସଂଖ୍ୟା ଖରାପ ଜୀବନ ଶୈଳୀ, ଟବାକୋ ଓ ଆଲ୍‌କୋହଲ୍ ବ୍ୟବହାର ଯୋଗୁ ବଢୁଛି । ସେହିଭଳି ମାନସିକ ସ୍ୱାସ୍ଥ୍ୟ ସ୍ଥିତି ବିଗିଡ଼ିଛି । ଏହି ସମୟ ମଧ୍ୟରେ ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟକର୍ମୀଙ୍କ ସଂଖ୍ୟା ହ୍ରାସ ପାଉଛି । ୨୦୩୦ ସୁଦ୍ଧା ୧୧.୧ ନିୟୁତ ହେବ ବୋଲି ଆକଳନ କରାଯାଇଛି । ସେହିଭଳି ମେଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୨୦୧୫ ପରେ ବଢ଼ିଛି । ଶିଶୁମାନଙ୍କ ଟିକାକରଣ ମଧ୍ୟ ପଛକୁ ଆସିଛି । ପୁଷ୍ଟିହୀନତା, ବିପଜ୍ଜନକ ସ୍ଥିତିରେ ଜୀବନ ବିତାଇବା, ବାୟୁ ପ୍ରଦୂଷଣ ଆଦି ସମସ୍ୟା ଅଳ୍ପ ଆୟକାରୀ ରାଷ୍ଟ୍ରରେ ଦେଖିବାକୁ ମିଳୁଛି । ହୁ ପକ୍ଷରୁ ସତର୍କ କରାଇ ଦିଆଯାଇଛି ଯେ ଅନ୍ତରାଷ୍ଟ୍ରୀୟ ସାହାଯ୍ୟ କିଛିବର୍ଷ ହେବ ହ୍ରାସ ପାଇଛି । ସରକାରଙ୍କୁ କୁହାଯାଇଛି ଯେ ଏ କ୍ଷେତ୍ରରେ ଜରୁରୀ ପଦକ୍ଷେପ ନିଆଯିବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣନ୍ତୁ ।

## ଭାରତ-ପାକ୍...

ଲସ୍କର-ଏ-ତୋଏବା ଏବଂ ହିଜିବୁଲ ମୁଜାହିଦ୍ଦିନ ଭଳି ଆତଙ୍କବାଦୀ ସଂଗଠନ ଗୁଡ଼ିକୁ ଟାର୍ଗେଟ୍ କରିଥିଲା । ପାକିସ୍ତାନ ଓ ପିଓକେରେ ଥିବା ୧୦୦ ଆତଙ୍କବାଦୀଙ୍କୁ ନିପାତ କରିବାକୁ ଭାରତୀୟ ସେନା ସକ୍ଷମ ହୋଇଥିଲା ।

## ବିନା ଅନୁମତିରେ...

ମାମଲାର ଶୁଣାଣି ଜୁନ୍ ୨୩କୁ ଧାର୍ଯ୍ୟ ହୋଇଛି ଛଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଗତ ଏପ୍ରିଲ ୨୭ ତାରିଖରେ ଓସିଏସ୍ସି-୨୦୨୩ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେଉଥିଲା । ସେହିଦିନ ପ୍ରତ୍ୟେକ ଅପ୍ସନାଲ୍ ବିଷୟକୁ ନେଇ ଦୁଇଟି ସିଟିଂରେ ପରୀକ୍ଷା ହୋଇଥିଲା । ପ୍ରଥମ ସିଟିଂରେ ପେପର-୧ ଏବଂ ଦ୍ୱିତୀୟ ସିଟିଂରେ ପେପର-୨ ବିଷୟରେ ପରୀକ୍ଷା ହେଉଥିଲା । କିନ୍ତୁ ଅନ୍ଥ୍ରୋପୋଲୋଜୀ ବିଷୟ ପରୀକ୍ଷାରେ ପ୍ରଥମ ସିଟିଂରେ ପେପର-୧ ପ୍ରଶ୍ନପତ୍ର ଦେବା ପରିବର୍ତ୍ତେ ଦ୍ୱିତୀୟ ପେପରର ପ୍ରଶ୍ନପତ୍ର ଦିଆଯାଇଥିଲା । ଏକଥା ଜଣାପଡ଼ିବା ପରେ ପରୀକ୍ଷା ଚାଲୁ ରହିଥିଲା । କିନ୍ତୁ ଦ୍ୱିତୀୟ ସିଟିଂରେ ପ୍ରଶ୍ନପତ୍ର-୧ର ପରୀକ୍ଷା ହୋଇଥିଲା । ଏନେଇ ଆନ୍ଥରୋପୋଲଜି କିଛି ଆଶାୟୀ ପ୍ରାର୍ଥୀ ଓପିଏସ୍ସି କର୍ତ୍ତୃପକ୍ଷଙ୍କୁ ଭେଟି ଏହି ଘଟଣା ସଂକ୍ରାନ୍ତରେ ଜଣାଇଥିଲେ । ଫଳରେ ଓପିଏସ୍‌ସି କର୍ତ୍ତୃପକ୍ଷ ଆନ୍ଥ୍ରୋପୋଲୋଜି ପରୀକ୍ଷା ଆଉ ଏକ ଦିନକୁ ସ୍ଥିର କରିଥିଲେ । ଚଳିତମାସ ୧୪ ତାରିଖରେ ଏହି ପରୀକ୍ଷା ସାନି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଏଭଳି ନିଷ୍ପତ୍ତି କୁ ବିରୋଧ କରି ଆବେଦନକାରୀମାନେ ହାଇକୋର୍ଟକୁ ଆସିଥିଲେ । ସେମାନେ ଯୁକ୍ତିରେ ଦର୍ଶାଇଥିଲେ ଯେ, ଯଦି କେବଳ ଆନ୍ଥ୍ରୋପୋଲୋଜି ପେପରରେ ଦ୍ୱିତୀୟ ଥର ପରୀକ୍ଷା ପାଇଁ ପ୍ରାୟ ୧୫ଦିନ ସମୟ ଦିଆଯାଉଛି ଏହାଦ୍ୱାରା ସେହି ବିଷୟର ପିଲାମାନେ ଭଲ ପରୀକ୍ଷା ଫଳ କରିବାର ସମ୍ଭାବନା ରହିଛି । ଏନେଇ ସେମାନେ ୨୦୧୯ରେ ଏହିଭଳି ଏକ ତ୍ରୁଟି କଥା ଅଦାଲତଙ୍କ ନଜରକୁ ଆଣିଥିଲେ । ସେହିବର୍ଷ ମନୋବିଜ୍ଞାନ ବିଷୟରେ ଦ୍ୱିତୀୟ ଥର ପାଇଁ ପରୀକ୍ଷା ହୋଇଥିଲା । ଫଳରେ ପ୍ରଥମ ୨୫ଜଣ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ କେବଳ ମନୋବିଜ୍ଞାନରୁ ୧୨ଜଣ ପ୍ରାର୍ଥୀ ଏଥିରେ ଥିବାର ଜଣାପଡ଼ିଥିଲା । ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ଶଶି...

କରୁନାହାନ୍ତି ? ତେବେ ଶଶି ଥରୁର କହିଛନ୍ତି ଯେ ସର୍ବଦଳୀୟ ପ୍ରତିନିଧି ପାଇଁ ଭାରତ ସରକାର ତାଙ୍କୁ ନିମନ୍ତ୍ରଣ କରି ତାଙ୍କୁ ସମ୍ମାନିତ କରିଛନ୍ତି । ଯେତେବେଳେ ଦେଶର ସ୍ୱାର୍ଥ ପ୍ରସଙ୍ଗ ଆସିବ ମୋର ଆବଶ୍ୟକତା ପଡ଼ିବ, ମୁଁ କୌଣସି ବିଷୟ ଚାହିଁବି ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି । ଶ୍ରୀ ମାଳବ୍ୟ ପୁଣି କହିଛନ୍ତି ଯେ ସୟଦ ନାସିର ହୁସେନଙ୍କ ନାମ କଂଗ୍ରେସ ଦେବା ଆଶ୍ଚର୍ଯ୍ୟଜନକ । ପୂର୍ବରୁ ସେ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ । ସେହିଭଳି ଗୌରବ ଗୋଗେଇ ମଧ୍ୟ ପାକିସ୍ତାନ ଗସ୍ତରେ ଯାଇଥିଲେ । ସରକାର ଏବେ ଏକତାର କାର୍ଡ଼ ଖେଳିଛନ୍ତି । ଏହି ପ୍ରତିନିଧି ଦଳରେ ବିଜେପିର ରବିଶଙ୍କର ପ୍ରସାଦ, ବୈଜୟନ୍ତ ପଣ୍ଡା, ଜେଡିୟୁର ସଂଜୟ ଝା, ଡିଏମ୍‌କେର କାନି ମୋଝୀ, ଏନ୍‌ସିପି (ଏସ୍‌ପି)ର ସୁପ୍ରିୟା ସୋଲେ, ଶିବସେନାର ଶ୍ରୀକାନ୍ତ ସିନ୍ଦେ ରହିଛନ୍ତି ।

## ପିସିସି...

ପ୍ରଧାନଙ୍କ ସମେତ ୧୦ ଜଣଙ୍କୁ ସାଧାରଣ ସମ୍ପାଦକ କରାଯାଇଥିବାବେଳେ ୧୨ ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ସତ୍ୟଜିତ୍ ଗମାଙ୍ଗଙ୍କୁ ସୋସିଆଲ ମିଡିଆର ମୁଖ୍ୟ କରାଯାଇଥିବାବେଳେ ଉପାଧ୍ୟକ୍ଷ ଭାବେ ସନ୍ତୋଷ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି ।

## ରାଜଧାନୀରେ...

ଖରା ଦିନରେ ଏହା ଏକ ଚିନ୍ତାର କାରଣ ପାଲଟିବାର ସମ୍ଭାବନା ରହିଛି ।

ବିଜ୍ଞାନ ଭିତ୍ତିକ ଗବେଷଣକୁ ଲକ୍ଷ୍ୟ କଲେ କେବଳ କଟକ-ଭୁବନେଶ୍ୱର ନୁହେଁ, ବରଂ ଦେଶର ରାଜଧାନୀ ଦିଲ୍ଲୀ ମଧ୍ୟ ନିକଟ ଅତୀତରେ ଅର୍ଥାତ ୧୧ ଅପ୍ରେଲ ୨୦୨୫ରେ ଏମିତି ପାଣିପାଗ ପରିସ୍ଥିତି ପ୍ରଭାବରେ ପ୍ରଭାବିତ ହୋଇଛି । କେବଳ ଦିଲ୍ଲୀ ନୁହେଁ, ପୂର୍ବରୁ କୋଲକାତା ଏବଂ ହାଇଦ୍ରାବାଦ ପରି ସହରଗୁଡିକ ଏମିତି ସ୍ଥିତି ଦେଇ ଗତିକରିଛି । ସେହିପରି ଆଜି ମଧ୍ୟ ଏକ ୮୬୮ କିମିର କାଳବୈଶାଖୀ ସାରା ପଶ୍ଚିମବଙ୍ଗ ଅଞ୍ଚଳକୁ ପ୍ରଭାବିତ କରିଥିବା ବେଳେ କଲିକତା ପହଞ୍ଚିବା ବେଳକୁ ସହରୀକରଣ ଜନିତ ଉଷ୍ମ ଦ୍ୱୀପ ପ୍ରଭାବରେ ଏହା ଦୁର୍ବଳ ହୋଇଥିଲା । ପୁଣି ଅତିକ୍ରମ ପରେ ଶକ୍ତିଶାଳୀ ହୋଇ ଉଠିଥିଲା ।

ସହରଗୁଡ଼ିକ ନିଜର ଆଖପାଖ ଅଞ୍ଚଳ ଅପେକ୍ଷା ଅଧିକ ଗରମ ଶୁଷ୍କ ହୋଇଥାଏ । ଯାହା ଫଳରେ ଏକ ଉତ୍ତପ୍ତ ସ୍ଥିର ବାୟୁ ପିଣ୍ଡ ସୃଷ୍ଟି ହୋଇ ବାୟୁମଣ୍ଡଳର ୨ରୁ ୪ କିମି ଉଚ୍ଚତା ଯାଏଁ ରହିଥାଏ । ଏହି ଶୁଷ୍କ ସ୍ଥିର ବାୟୁ ବଳୟରେ ଧୂଳି କଣା ସହ ଅନ୍ୟାନ ଛୋଟ ଛୋଟ କଣିକା ପର୍ଯ୍ୟାପ୍ତ ମାତ୍ରାରେ ସଙ୍ଘଟିତ ହୋଇଥାଏ । ଯେତେବେଳେ କାଳବୈଶାଖୀ କିମ୍ୱା ବଜ୍ରପାତର ଏହି ବଳୟ ନିକଟତର ହୁଏ, ଏହି ବଳୟର ସ୍ଥିରତା ଏହା କାଳବୈଶାଖୀ ସହ ଜଡିତ ବାୟୁର ଉପରମୁହାଁ ପ୍ରବାହ ଏବଂ ଆର୍ଦ୍ରତା ଯୋଗାଣକୁ ବାଧା ସୃଷ୍ଟି କରିଥାଏ । କିମ୍ବା ଅତ୍ୟଧିକ ଧୂଳିକଣା ସହ ଶୁଷ୍କ ବାୟୁର ଉପସ୍ଥିତି ହେତୁ କାଳବୈଶାଖୀ ସହ ଏହାର ମିଶ୍ରଣ ହେତୁ ବଜ୍ରପାତ ପ୍ରାୟତଃ ସହରାଞ୍ଚଳ ପାଖକୁ ଆସିବା ସମୟରେ ଦୁର୍ବଳ ହୋଇଯାଏ । ଉଷ୍ମ ଦ୍ୱୀପ ପ୍ରଭାବ ସହରାଞ୍ଚଳ ଏବଂ ଆଖପାଖ ଗ୍ରାମାଞ୍ଚଳ ମଧ୍ୟରେ ତାପମାତ୍ରା ପାର୍ଥକ୍ୟ ସୃଷ୍ଟି କରେ । ଯାହା ବଜ୍ରପାତ ଶକ୍ତିଶାଳୀ ହେବା ସୃଷ୍ଟି ହେବା ପ୍ରକ୍ରିୟା ଏବଂ ବୃଷ୍ଟିପାତକୁ ପରିବର୍ତ୍ତନ କରିପାରେ । ଏହା ସହିତ ସହରାଞ୍ଚଳରେ ଧୂଳିକଣା ମେଘ ସୃଷ୍ଟିକାରୀ କଣିକା ଭାବରେ କାର୍ଯ୍ୟ କରି ବୃଷ୍ଟିପାତକୁ ପ୍ରଭାବିତ କରିପାରେ । ଶେଷରେ ଦୁର୍ବଳ ବଜ୍ରପାତର କାରଣ ହୋଇଥାଏ । ଏହା ସହର ମୁହାଁ ଅଗ୍ରସର ସମୟରେ ଝଡ଼କୁ ନିଷ୍କ୍ରିୟ କିମ୍ୱା ବିଲୁପ୍ତ ଅବା ବିଭାଜିତ କରିପାରେ । ସହରାଞ୍ଚଳ ପରିବେଶ ସହିତ ଜଡିତ କାରକଗୁଡ଼ିକର ମିଶ୍ରଣ ଯୋଗୁଁ କେତେବେଳେ ବଜ୍ରପାତ ସହରଗୁଡ଼ିକ ମଧ୍ୟରେ ବିଭକ୍ତ ହୋଇଥାଏ କିମ୍ୱା ସହର ଚାରିପଟେ ଘୂରିଥିବା ଦେଖାଯାଏ ।

## ଦୋଷୀକୁ...

ଓ ଝାରସୁଗୁଡ଼ା ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରି ଅଭିଯୁକ୍ତ ଅଜିତକୁ ଗିରଫ କରି ବ୍ରଜରାଜନଗର ଥାନା କେଶ୍ ନଂ ୦୯୩ ଦଫା ନଂ ୧୩୭(୧)(ବି)୧୧୫(୨),୩୫୧(୨) ବିଏନଏସ ଆଣ୍ଡ ୬ ପୋକ୍ସୋ ବଳରେ କୋର୍ଟ ଚାଲାଣ କରିଥିଲେ। ସରକାରୀ ଓକିଲ ପୃଥ୍ୱୀରାଜ ସିଂଦେଓ ଏହି ମୋକଦ୍ଦମାରେ ଅଭିଯୁକ୍ତ ଅଜିତକୁ ଦୋଷୀ ସାବ୍ୟସ୍ତ କରିବାକୁ ଅତିରିକ୍ତ ଜିଲ୍ଲା ଦୈରାଜଜଙ୍କ ପାଖରେ ସମସ୍ତ ସାକ୍ଷ୍ୟ ପ୍ରମାଣ ପ୍ରଦାନ କରିଥିଲେ। ଶନିବାର ୧୭ ତାରିଖ ଅତିରିକ୍ତ ଜିଲ୍ଲା ଦୈରାଜଜ ପୂଜା ଷଡ଼ଙ୍ଗୀ ଏହି ମକଦ୍ଦମାରେ ଅଭିଯୁକ୍ତ ଅଜିତ କୁ ଦୋଷୀ ସାବ୍ୟସ୍ତ କରି ରାୟ ଶୁଣାଇ ୨୫ ବର୍ଷ କାରାଦଣ୍ଡାଦେଶରେ ଦଣ୍ଡାଦେଶ ଶୁଣାଇଛନ୍ତି।

## ଜାତୀୟ...

ସୃଷ୍ଟି ହୋଇଥିବା ସ୍ଥାଣୁତା ଦୂର କରି ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ସରକାର ଯତ୍ନବାନ ହେବେ ବୋଲି ବୈଠକରେ ଆଶା ବ୍ୟକ୍ତ କରାଯାଇଥିଲା । ଓଡିଶାରେ ୨୦୧୫ ରୁ ୨୦୨୪ ମଧ୍ୟରେ ଶିଳ୍ପ ବିକାଶ କ୍ଷେତ୍ରରେ ଆସିଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ପ୍ରକାଶିତ ଆଇସିଆର୍‌ଏ ରିପୋର୍ଟ ଉପରେ ଆଲୋଚନା କରାଯାଇ ସନ୍ତୋଷ ବ୍ୟକ୍ତ କରାଯାଇଥିଲା ଏବଂ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାର ଶିଳ୍ପ ବିକାଶ ଦିଗରେ ନେଇଥିବା ପଦକ୍ଷେପ ପାଇଁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ସୂଚନାଯୋଗ୍ୟ ଯେ ଆଇସିଆର୍‌ଏ ରିପୋର୍ଟ ଇନ୍‌ଭେଷ୍ଟମେଣ୍ଟ ଇନ୍‌ଫରମେସନ୍ ଆଣ୍ଡ କ୍ରେଡିଟ୍ ରେଟିଂ ଏଜେନ୍ସି ଅନୁଯାୟୀ ଦେଶର ୧୯ ଟି ରାଜ୍ୟ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଓଡିଶା ଜିଏସ୍‌ଭିଏରେ ସର୍ବୋଚ୍ଚ ୧୦ ପ୍ରତିଶତ ହାସଲ କରିଥିବା ବେଳେ ୨୦୧୫ ରୁ ୨୦୨୪ ମଧ୍ୟରେ ୭ ପ୍ରତିଶତରୁ ଅଧିକ ଜିସିଭିଏ ହାସଲ କରିଥିଲା ।

କିନ୍ତୁ ବର୍ତ୍ତମାନର ବିଜେପି ସରକାର ସମୟରେ ରାଜ୍ୟରେ ଆର୍ଥିକ ଓ ଶିଳ୍ପ ବିକାଶର ବେଗ ନିମ୍ନମୁଖୀ ହୋଇଥିବାରୁ ବୈଠକରେ ଉଦ୍ବେଗ ପ୍ରକାଶ କରାଯାଇଥିଲା । ରାଜନୈତିକ ଫାଇଦା ପାଇଁ ଟିକସ ଦାତାଙ୍କର ଅର୍ଥକୁ କେବଳ ରଙ୍ଗ ପରିବର୍ତ୍ତନ ଓ ବିଜେଡି ସରକାର ସମୟର ଯୋଜନାର ନାମ ପରିବର୍ତ୍ତନରେ ଅପବ୍ୟୟ ନ କରି ବିଜେପି ସରକାର ରାଜ୍ୟର ଆର୍ଥିକ ବିକାଶ ପ୍ରତି ଗୁରୁତ୍ୱର ସହ କାର୍ଯ୍ୟ କରିବା ପାଇଁ ବୈଠକରେ ଦାବୀ କରାଯାଇଥିଲା ।

ବିଜ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ପରିଚାଳନା ଓ ସାଙ୍ଗଠନିକ ପୁନର୍ବିନ୍ୟାସ ସୁରୁଖୁରୁରେ ସମ୍ପୂର୍ଣ୍ଣ ହୋଇ ଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା ଏବଂ ଆଗାମୀ ଦିନରେ ଦଳର ଅନ୍ୟ ପଦବୀ ପୂରଣ ଦିଗରେ ଦଳର ସଭାପତିଙ୍କୁ ପୂର୍ଣ୍ଣ ସମର୍ଥନ ଜ୍ଞାପନ କରାଯାଇଥିଲା । ଭବିଷ୍ୟତର ରାଜନୈତିକ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଦଳର ବିଭିନ୍ନ ଶାଖା ମଜବୁତ୍ କରିବା ସହିତ ଦଳକୁ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ ରଖିବା ପାଇଁ ରାଜନୈତିକ ବ୍ୟାପାର କମିଟି କାର୍ଯ୍ୟ କରିବ ବୋଲି ସଭାପତି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ ।

## ଶୃଙ୍ଖଳିତ...

ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରଥ ଯାତ୍ରା ନୀତିକାନ୍ତିକୁ ନେଇ ସବିଶେଷ ଆଲୋଚନା କରାଯାଇଥିଲା । ପୁରୀ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟପ୍ରଶାସକ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ତ୍ରୁଟି ଶୂନ୍ୟ ରଥଯାତ୍ରା କରିବା ନେଇ ସେବାୟତ ମାନଙ୍କ ସହଯୋଗ ରହିବ ବୋଲି ମତ ଦେଇଛନ୍ତି ।

ଆଗାମୀ ଜୁନ ୧୧ ତାରିଖ ଦେବସ୍ନାନ ପୂର୍ଣ୍ଣିମା ପଡୁଥିବାବେଳେ ଏହା ପରଠାରୁ ମହାପ୍ରଭୁଙ୍କର ଅଣସର ନୀତି ଅନୁଷ୍ଠିତ ହେବ । ଏହି ଗୁପ୍ତ ନୀତି ପ୍ରାୟ ୧୬ ଦିନ ଧରି ଚଳିତ ବର୍ଷ ପଡୁଥିବାରୁ ଶୃଙ୍ଖଳିତ ଭାବେ ଏହି ନୀତିକୁ ସମ୍ପାଦନ କରିବା ସହ ରଥଯାତ୍ରା ଶୃଙ୍ଖଳିତ କରିବା ନେଇ ଆଜି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦଇତାପତି ନିଯୋଗ ସଭାପତି, ସହ ସମ୍ପାଦକ ସମେତ ବଳଭଦ୍ର ଓ ସୁଭଦ୍ରାଙ୍କ ଦୁଇ ବାଡ଼ଗ୍ରାହୀ ଉପସ୍ଥିତ ରହିଥିଲେ । ମହାପ୍ରଭୁଙ୍କର ପହଣ୍ଡି ନୀତି ଶୃଙ୍ଖଳିତ କରିବା ସହ ରଥଯାତ୍ରା, ବାହୁଡାଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେ ଭଳି ଗୁରୁତ୍ୱପୂର୍ଣ୍ଣ ଦିନ ମାନଙ୍କରେ ନୀତିକୁ ସୁରୁଖୁରୁରେ କରିବା ନେଇ ସବିଶେଷ ଆଲୋଚନା ହୋଇଥିଲା । ଦଇତାପତି ମାନଙ୍କ ସହ ବୈଠକ ପରେ ପୂଜାପଣ୍ଡା ନିଯୋଗ ସହିତ ମଧ୍ୟ ଶୃଙ୍ଖଳିତ ତଥା ନୀତି ପୂର୍ଣ୍ଣ ଭାବେ ରଥଯାତ୍ରା କରିବା ନେଇ ଆଲୋଚନା ହୋଇଥିବାବେଳେ ସମସ୍ତ ପ୍ରକାର ସହଯୋଗ ସେବାୟତ ମାନଙ୍କ ପକ୍ଷରୁ ଦିଆଯିବ ବୋଲି ସେବାୟତ ମାନେ ପ୍ରତିଶୃତି ପ୍ରଦାନ କରିଥିଲେ ।

## ଦଳୀୟ...

ଗୃହ ବିଭାଗ ଆଲୋଚନା ବେଳେ ବିଧାନସଭାରେ ଦଳ ରହୁନାହିଁ । ଯେଉଁ ବାଟରେ ହେଉପଛେ ବିଜେପି ବିଜେଡିକୁ ମ୍ୟାନୁକୁଲେଟ୍ କରି ଜିତିଗଲା । ସମୀକ୍ଷା ନହେଲେ କେମିତି ଜଣାପଡିବ । ଯେଉଁ ପ୍ରାର୍ଥୀ ଛିଡା ହେବାକୁ ଚାହୁଁନଥିଲା, ଲୋକ ସମ୍ପର୍କ ନଥିଲା ତାଙ୍କୁ କିଭଳି ଟିକେଟ ଦିଆଗଲା । ଲୋକେ ଆଲୋଚନା କରୁଛନ୍ତି ଜାଣିଶୁଣି ହାରିବା ନିମନ୍ତେ ବିଜେପି ସାଙ୍ଗରେ ବିଜେଡି ବ୍ୟବସ୍ଥା କରିଥିଲା । ସେହିଭଳି ଶଶି ଭୂଷଣ ବେହେରା କହିଛନ୍ତି ଯେ ପରିଚାଳନାଗତ ତ୍ରୁଟି ଯୋଗୁ ନିର୍ବାଚନ ହାରିଲୁ । ବିଜେଡି ଯୁବବର୍ଗଙ୍କୁ ସୁଯୋଗ ଦେଉ ହେଲେ ଅଭିଜ୍ଞଙ୍କ ପରାମର୍ଶକୁ ଅଣଦେଖା ନ କରୁ । କିଛିଦିନ ପୂର୍ବରୁ ଦଳରେ ଯେଉଁ ବିବାଦ ଉଠିଥିଲା ଏହା ଉପରେ ସଭାପତି ଠିକଣା ନିଷ୍ପତ୍ତି ନେବେ ବୋଲି ଲୋକ ଆଶା କରିଥିଲେ । ଆମେ ହାରିଲେ ସୁଦ୍ଧା ଅଧିକ ପ୍ରତିଶତ ଭୋଟ୍ ପାଇଛୁ । ସମୀକ୍ଷା ହେବା ଦରକାର । ଏତେସବୁ ପରେ ବି କାହିଁକି ହାରିଲୁ ।


TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

TN.TPWODL/MK/O/SER/2500000959 Date. 19.05.2025

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

Rate Contract for Meter Installation and Associated Services for 2 years.

Interested bidders are to submit Tender Participation Fee and Authorization Letter through email on or before 28th May 2025, 18:00Hrs, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head-Contracts & Procurement



MARKFED - ODISHA
OLD STATION ROAD
BHUBANESWAR - 751006

Ref. No. .......................... Date : ..........................

MARKFED-ODISHA
OFFICE OF THE AREA OFFICE, SAMBALPUR
Contact No. 9938384466
No. 38 Dt. 17.05.2025

SEALED TENDER CALL NOTICE

MARKFED invites Sealed Tender Call Notice from adhoc Rake Clearing & Transport Contractor in Odisha, Sambalpur City Rake Point for Clearing of 50 Kg/45Kg weight fertilizer in HDPE bags received from Rail Rakes at Sambalpur Railhead. Reputed & Financially Sound Contractor with minimum 5 (five) year experience in Fertilizer Rake Clearing are required to apply. The details Terms & Condition along with Tender Paper may be obtained from Area Office, MARKFED, Sambalpur from 19.05.2025 to 26.05.2025 in between 11 A M to 4 PM and submit the same on or before dt 30.05.2025 by 4 PM. beside government holiday .The sealed tender will be open on 31.05.2025 at 11.30 AM .

N.B. The Selection Committee for Selection of Transport Contractor reserved the right to cancel/reject the Tender at any time without assigning any reason.

Sd/- Area Manager
MARKFED, Sambalpur



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
OFFICE OF THE PARADEEP MUNICIPALITY, PARADEEP
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po-Paradeep, Dist- Jagstsinghpur (Odisha), Pin-754142

C-345

e-Procurement Notice

| | | |
|---|---|---|
| Tender Call Notice No. | : | 1980 / Dt. 14.05.2025 |
| Bid Identification No. | : | EO/PDPM/W_01/2025-26 |
| Tender ID | : | 2025_ORULB_11344.60 |
| Nature of Works | : | Civil Works |
| Number of Works | : | 130 |
| Tender Value | : | Rs. 1.92 lakh to Rs. 16.95 lakh |
| Available Period | : | Dt. 19.05.2025 from 10.00 hrs. to dt. 31.05.2025 17.00 hrs. |
| Tender Opening Date | : | Dt. 02.06.2025 at 11.00 AM |

Bidders are requested to read the NIT & DTCN at www.tendersodisha.gov.in carefully and participate with their Supplier/Manufacturer/license with valid Registration Certificate before the closing date.

Sd/- Executive Officer
Paradeep Municipality

OIPR : 13120/11/0042/2526



OFFICE OF THE NOTIFIED AREA COUNCIL, ASKA (GANJAM)
(E-mail : askanac@gmail.com, Ph. No: - 06822-273068
Letter No-2414(1) Date : 15.05.25

EXPRESSION OF INTREST/QUOTATION CALL NOTICE

C-340 : Executive officer on behalf of Aska NAC . Dist. Ganjam is inviting expression of interest from IT companies /individuals/any other agency having relevant certificates and past experience for the following work.

1) To provide an ICT based integrated SWM monitoring system for management of SWM system of ASKA NAC.

The quotation should furnish the rate for the work as mentioned above. Preference shall be given to the IT companies and agencies who have already rendered similar type of services to various ULBs of Govt, of Odisha .The sealed envelope indicating EOI indicating paper cost of Rs.2360/-(Need to be purchased from office ) & EMD 3% of contract value will be deducted in each RA Bill . The EOI should reach to NAC office by Regd. Post or Speed Post or by hand on or before date 28.05.2025 up to 2 PM and same will be opened on 29.05.2025 at 10.30 AM in the presence of quotationer or their authorized representatives.

The quotation received beyond the schedule date and time will not be considered. Bid Evaluation Process.The detailed Tender Document is available at office.

Bid will be evaluated through Technical & Financial evaluation. A technical evaluation will be conducted bin form presentation to verify the bidders capabilities for executing the project. The Financial bid will be opened for the technically qualified Bidders.

The undersigned reserves the right to reject any or all of the EOI proposal without assigning any reason thereof.

Sd/- Executive Officer
NAC, Aska

OIPR : 13181/11/0014/2526



ଓଡ଼ିଶା ସରକାର
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
A-174
ଆଖୁଆପଦା ଜଳସେଚନ ବିଭାଜନ
ଇମେଲ - akp.irrigationdivision@gmail.com

'e' Procurement Notice No. 02/2025-26

1. କାର୍ଯ୍ୟର ନାମ : କେନାଲ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୧୪ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୪.୪୮ ଲକ୍ଷ ରୁ ୧୮.୧୮ ଲକ୍ଷ
4. ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No. 17254/WE Dated. 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ ।
6. ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
   I. Procurement Officer : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
   II. ଅନଲାଇନ Bidding ର ସମୟସୀମା : ତା. ୧୯.୦୫.୨୦୨୫ ଦିବା ୧୦ ଘଟିକା ରୁ ତା. ୨୮.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ।
   III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା. ୨୯.୦୫.୨୦୨୫ ଦିବା ୧୧.୩୦ ।
   IV. Transparent Lottery ର ତାରିଖ ଓ ସମୟ : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା. ୦୬.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି : www.tendersorissa.gov.in.

ସ୍ୱା/- ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ,
ଆଖୁଆପଦା

OIPR : 32548/11/0003/2526



ଓଡ଼ିଶା ସରକାର
T-22
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା. ୧୯.୦୫.୨୦୨୫ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା. ୧୬.୦୫.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0119/2526



AFFIDAVIT

By virtue of an affidavit sworn before Executive Magistrate BHUBANESWAR, 02-05-2025 I, JAMBIKA ROUT, Address AT-BALAKATI, PO-BALAKATI, P.S.-AUL, BLOCK-AUL, DIST-KENDRAPARA, PIN-754219 declare that I have changed my name from JAMUNA ROUT to JAMBIKA ROUT. Henceforth I shall be known as JAMBIKA ROUT for all purposes.

(JAMBIKA ROUT)



AFFIDAVIT

By virtue of an affidavit sworn before the Executive Magistrate Baripada, Dist-Mayurbhanj, I, Sk Anish Alli, son of Sk Amrup Alli, aged 34, resident of AT-Chipat Astia, PO/PS-Bhanjpur, Dist- Mayurbhanj, Pin-757002, Aadhaar Card No. 7304-4719-8151, declare that this affidavit no. 3178, dated. 16.05.2025. That my Aadhaar card name has wrongly mentioned as Sekh Yusuph Alli and my date of birth is 28.12.1975 instead of Sk Anish Alli and date of birth is 25.06.1991. That now I want to correct my name and date of birth as per my birth certificate as Sk Anish Alli and my date of birth is 25.06.1991. I hereby affirm that I shall be known as Sk Anish Alli for all purposes.

Sd/- Sk Anish Alli



Government of Odisha
E-mail ID- sectcrb_2006@yahoo co in
Tel/Fax-0671-2301751/2302751
OFFICE OF THE CHIEF CONSTRUCTION ENGINEER
CUTTACK (R&B) CIRCLE, CUTTACK
('e' - PROCUREMENT NOTICE )
B-130
Bid Identification No.CCE.Ctc.(R&B) 2 /2025-26.

1. The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road and Building works as mentioned below.
2. No. of work : 05 Nos:
3. Nature of work : Road and Building works
4 Class of contractor : 'A' Class & Special Class
5. Tender paper cost : Rs. 10000/-(online)
6. Available of bid document in the web site. : From 29.05.2025 to 17.30 Hours of 12.06.2025
7. Date of opening of bid : Dt.13.06.2025 at 11.00 Hours
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

Sd/- Chief Construction Engineer
Cuttack (R&B) Circle

OIPR : 34012/11/0036/2526



OFFICE OF THE MUNICIPAL COUNCIL : GUNUPUR
e-procurement Notice
Tender Reference No. GUN-MUN-70/2025-26
C-338
No. 855 Dt. 16.05.2025

| | | | |
|---|---|---|---|
| 01. | Total Nos. of Works | : | 03 nos. of Civil Works |
| 02. | Approximate Estimated Cost (including GST 18%) | : | Rs. 62,65,930/- Rs. 84,27,810/- |
| 03. | Period of Completion | : | Three (03) - Six (06) Months. |
| 04. | Date & Time of availability of Bid Document in the Portal | : | 10.00 Hrs. of Dt. 19.05.2025 to 17.00 Hrs. of Dtd. 06.06.2025 for Online Bidding |
| 05. | Last date / Time for receipt of bids in the portal | : | 17.00 Hrs. of Dt. 06.06.2025 |
| 06. | Name and address of the Officer Inviting Bids | : | Executive Officer, Gunupur Municipality |
| 07. | Date of opening of Bids | : | 11.00 Hrs. on Dtd. 09.06.2025 |
| 08. | Further details can be seen from the e-Procurement Portal | : | www.tendersodisha.gov.in |
| 09. | Further Addendum/Corrigendum if any will be hosted in the above website. | | |

Sd/- Executive Officer
Gunupur Municipality

OIPR : 13104/11/0014/2526



ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ
OFFICE OF THE MUNICIPAL COUNCIL, TITILAGARH
Deptt. of Housing & Urban Development, Govt, of Odisha)
C-333
At/Po.Ps.Titilagarh, Dist.Balangir-767033, e-mail:titilagarhmunicipality@gmail.com
e - Procurement Notice : BID IDENTIFICATION No: TIG-MPL-12-2025
No-1381//Dtd.l5.05.2025

The Executive Officer, Titiiagarh Municipality on behalf of Governor of Odisha invites Percentage rate bid in double cover system in ONLINE MODE for the construction of works detailed in the table below from "A" & "Special" Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Name of the Work : Const, of new Office Building Building, Titlagarh
2. No. of tender : 1 No.
3. Estimate Cost : Rs.5.24 (crore)
4. Class of Contractor : "A" & "Special Class"
5. Date & Time of availability in Portal : From Dt.20.05.2025, 10.00 A.M. to Dt.09.06.2025 up to 05.00 P.M.
6. Last Dt.& time for deposit of fee & Documents By Regd. Post only. : Dt.12.06.20025 at 5.00 PM
7. Date of opening Bid : Dt.13.06.2025 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd/- Executive Officer,
Titilagarh Municipality

OIPR : 13095/11/0025/2526



GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)
"e" Procurement Notice-1 / 2025-26
A-187
BID IDENTIFICATION NO.SAL-BDK-1 -P1 OF 2025-26

1. Name of work : Maintenance of Canal and Embankment (River & Saline) works
2. Class of Contractor : Varies from "C" Class to "B"Class
3. No of works : 8Nos (Details as per NIT available in website)
4. Value of Work : Rs. 49.00 Lakhs to 10.27 lakhs
5. Time of Completion : 4 to 6 Calendar Months .
6. Type of Bid : Percentage Bid.
7. Summary for key dates is provided below.

| Procurement Officer | Bid Identification No. | Availability of tender for online bidding | | Date & time of opening Bid |
|---|---|---|---|---|
| | | From | To | |
| Superintending Engineer, Salandi Canal Division, Bhadrak | SAL-BDK-1 P1 OF 2025-26 | 22.05.2025 at 11.00 A.M. | 05.06.2025 UPTO 1.00 P.M. | 06.06.2025 at 11.00 A.M. |

Further details can be seen from the website http.//www.tendersodisha.gov.in / www.dowrodisha.gov.in
Any addendum/ Corrigendum/ Cancellation to the above notice will be published in this web site only.

Sd/- Superintending Engineer
Salandi Canal Division, Bhadrak

OIPR : 32005/11/0006/2526



BeDA
BRAHMAPUR DEVELOPMENT AUTHORITY
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in. e-mail: bedaengineers@gmail.com
Phone No.0680 2292797
NATIONAL COMPETITIVE BIDDING THROUGH e-PROCUREMENT
Invitation for Bids (IFB)
CAD-442
No.176/BeDA (Engg.), Dt.16.05.2025

| Sl. No. | Name of work | Bid Identification No. | Estimated cost (Rs. In Lakh) | Class of Contractor | Period of completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Infrastructure Development of Water Sports Complex at Sonapur, Ganjam. | EM-BeDA-12/2025-26 | 244.48 | "B" Class or Equivalent | 09 (Nine) Calendar Months | 19.05.202 5 10.00 Hours | 09.06.202 5 17.30 Hours | Engineer Member, Brahmapur Development Authority Courtpeta, Brahmapur, 760004 |
| 2 | Infrastructure at Sea Beaches for easy access to the differently abled people at Gopalpur, Ganjam. | EM-BeDA-13/2025-26 | 21.18 | "C" Class or Equivalent | 06 (Six) Calendar Months | 19.05.202 5 10.00 Hours | 09.06.202 5 17.30 Hours | |

- All corrigendum and addenda shall be published in official website only.
- The Bidder shall have to participate in ON LINE bidding only.
- Late date for seeking clarification - Dt.30.05.2025 up to 17.30 Hours
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on Dt. 10.06.2025 at 11 Hours.

Sd/- ENGINEER MEMBER
Brahmapur Development Authority,
Brahmapur

OIPR : 13086/11/0006/2526



ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

# ଜୁନ୍ ୧୧ରୁ ଜନତା ମଇଦାନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ଜୁନ ମାସରେ ନୂଆ ସରକାର ଗଠନ ହେବାର ଏକ ବର୍ଷ ପୂର୍ତ୍ତି ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ବର୍ଷକ ମଧ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା, ବିଭିନ୍ନ ବିଭାଗରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ରାଜ୍ୟର ବିକାଶର ଧାରାକୁ ଆଗକୁ ନେବା ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ ଆଗାମୀ ଜୁନ୍ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସଂପର୍କରେ ପ୍ରଶାସନିକ ସ୍ତରରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।



ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାର୍ଯ୍ୟାନ୍ୱୟନ ଏବଂ ବହୁବିଧ କଲ୍ୟାଣକାରୀ ଯୋଜନାରେ ସଂପର୍କରେ ଜନସଚେତନତା ସୃଷ୍ଟି ଉପରେ ଏହି କାର୍ଯ୍ୟକ୍ରମ ସବୁ ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ ସାଧାରଣ ସଭା ଏବଂ ବିକାଶ ମେଳା ପ୍ରଦର୍ଶନୀ ଜୁନ୍ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଜିଲ୍ଲାସ୍ତରରେ ତିନିଦିନିଆ ସଭା ଓ କାର୍ଯ୍ୟକ୍ରମ ଏବଂ ଜିଲ୍ଲା ପ୍ରଶାସନ ଏବଂ ଓରମାସ ସହଯୋଗରେ ୫ ଦିନ ଧରି ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଭୁବନେଶ୍ୱର ଜନତା ମଇଦାନ ଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତି କାର୍ଯ୍ୟକ୍ରମରେ ବିଷୟଭିତ୍ତିକ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ଲକ ସ୍ତରରେ ସୂଚନା, ଶିକ୍ଷା ଓ ଯୋଗଯୋଗ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ ।ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ସଫଳତାକୁ ସ୍ଥାନିତ କରି ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଏକ ପୁସ୍ତିକା ପ୍ରକାଶ ପାଇବ ।

ପ୍ରକାଶ ପାଇବାକୁ ଥିବା ଏହି ପୁସ୍ତିକାରେ ମହିଳା ସଶକ୍ତିକରଣ ଓ ମିଶନ ଶକ୍ତି, କୃଷି, କୃଷକ ଓ ଜଳସେଚନ, ଶିଳ୍ପ ତଥା ଶିଳ୍ପ ଭିତ୍ତିକ ନିଯୁକ୍ତି, ଓଡ଼ିଆ ଅସ୍ମିତା ଓ ଶ୍ରୀମନ୍ଦିର, ଜନ କୈନ୍ଦ୍ରିକ ଶାସନ ପରିଚାଳନା, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସଂପର୍କରେ ଗୁରୁତ୍ୱ ରହିବ । ରାଜ୍ୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ସଂପର୍କରେ ମଧ୍ୟ ଏଥିରେ ସ୍ଥାନିତ ହେବ । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପରିପ୍ରେକ୍ଷୀରେ ବିଭିନ୍ନ ଓ କଲେଜରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କି କି ସ୍ୱପ୍ନ ରହିଛି । ସେ ସଂପର୍କରେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ ।

# ପୁରୀ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସହରର ବିଭିନ୍ନ ସାହି ପରିକ୍ରମା

ପୁରୀ (ସବ୍ୟୁ): ଆସନ୍ତା ଦେବ ସ୍ନାନ ପୂର୍ଣ୍ଣିମା ଓ ରଥ ଯାତ୍ରା କିପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ । ସାଧାରଣ ଲୋକଙ୍କ ଯାତାୟାତ ଯେପରି ଅସୁବିଧା ନ ହେବ । ଶ୍ରୀମନ୍ଦିର ଚତୁର ପାର୍ଶ୍ୱରେ ଥିବା ସାହି ବାସିନ୍ଦା ଓ ବଡ ଦାଣ୍ଡକୁ ଯୋଗା ଯୋଗ କରୁ ଥିବା ବିଭିନ୍ନ ସାହି ବାସିନ୍ଦା ମାନେ ରଥ ଯାତ୍ରା ଓ ଦେବ ସ୍ନାନ ପୂର୍ଣ୍ଣିମା ସମୟରେ ଯେପରି ହଇରାଣ ନ ହେବେ । ଟ୍ରାଫିକ ବ୍ୟବସ୍ଥା ଯେପରି ଶୃଙ୍ଖଳିତ ହେବ ସେନେଇ ଜିଲ୍ଲା ଏସପି ବିନୀତ କୁମାର ଅଗ୍ରୱାଲ ଗତ କିଛି ଦିନ ହେଲା ସହରର ବିଭିନ୍ନ ସାହି ଗଳି କନ୍ଦି ପଦରେ ଚାଲି ଚାଲି ବୁଲି ଲୋକଙ୍କ ସମସ୍ୟା ଓ ଫିଡ ବ୍ୟାକ ଗ୍ରହଣ କରୁଛନ୍ତି । ଏସପି ଶ୍ରୀ ଅଗ୍ରୱାଲ ବାଲି ସାହି, ଖୁଣ୍ଟିଆ ସାହି, ନାରୀ ସେବା ସଦନ ରୋଡ, ଦୋଳ ମଣ୍ଡପ ସାହି, ମୋଚି ସାହି ଛକ, ସମୁଦ୍ର କୂଳ ଚୈତନ୍ୟ ଛକ ଆଦି ବୁଲି ଲୋକଙ୍କ ସହିତ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ମୁଖ୍ୟତଃ ଟ୍ରାଫିକ ସମସ୍ୟା, ବିଭିନ୍ନ ସାହି ଗୁଡିକରେ ମାତ୍ରାଧିକ ଅଟୋ ରିକ୍ସା ଚାଳନା ଓ ରାସ୍ତା ଅବରୋଧ ଉଠା ଦୋକାନ ବଜାର ଆଦି ଯୋଗୁଁ ସାଧାରଣ ଜୀବନଯାତ୍ରାରେ ବାଧା ସୃଷ୍ଟି ହେଉ ଥିବା ନେଇ ଲୋକମାନେ ଏସପି ଶ୍ରୀ ଅଗ୍ରୱାଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏସପି ଶ୍ରୀ ଅଗ୍ରୱାଲଙ୍କ ଆଜିର ଗସ୍ତ ସମୟରେ ଟାଉନ ଥାନା ଇନ୍ସପେକ୍ଟର ଗୋକୁଳ ଦାସ, ସିଂହ ଦ୍ୱାର ଥାନା ଇନ୍ସପେକ୍ଟର ଶେତ ପଦ୍ମା ଦାସ, ସମୁଦ୍ର କୂଳ ଥାନା ଇନ୍ସପେକ୍ଟର ମାନସ ଚକ୍ର, ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଥିବା ଅଧିକାରୀ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଘନଶ୍ୟାମ ହେମ୍ବ୍ରମଙ୍କ ସମେତ ବହୁ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିବା ଦେଖାଯାଇଛି ।



# ୧୨ତମ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ

କଟକ (ସବ୍ୟୁ) : ସମଗ୍ର ବିଶ୍ୱରେ ବେଶ୍ ଉତ୍ସାହର ସହିତ ପାଳିତ ହୋଇଯାଇଛି ୧୨ତମ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ । ଓଡ଼ିଶାର ସମସ୍ତ ଜିଲ୍ଲା ସମେତ ୩୫ଟି ସହର, ଭାରତର ବିଭିନ୍ନ ସହର ସହ ବିଶ୍ୱର ପ୍ରାୟ ୨୨୦ଟି ଦେଶରେ ଏହାକୁ ପାଳନ କରାଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି 'ନେବରଗୁଡ଼'– ଅର୍ଥାତ ପଡ଼ୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା । ୨୦୧୩ ମସିହା ମେ ମାସ ୧୭ ତାରିଖରେ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ପରିକଳ୍ପିତ ଏହି ପ୍ରୟାସ କ୍ରମେ ବିଶ୍ୱବ୍ୟାପକ ହୋଇପାରିଛି । କଟକରେ ମଧ୍ୟ ପାଳିତ ହୋଇଛି ଆର୍ଟ ଅଫ୍ ଗିଭିଂ ଦିବସ । ଏହି ଅବସରରେ ଟାଉନ ହଲ ଠାରେ ଏକ ସୁନ୍ଦର୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କଟକ ଡିସିପି ଋଷିକେଶ ଖିଲାରୀ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ୍ ସିନ୍ଦେ, ବାରବାଟି କଟକ ବିଧାୟିକା ସୋଫିଆ ଫିରୋଦୌଷ, କଟକ ମହାନଗର ନିଗମ ମେୟର ସୁବାସ ସିଂହ ଯୋଗ ଦେଇଥିଲେ । ଆର୍ଟ ଅଫ ଗୀଭିଂ କଟକ ଶାଖାର ସଂଯୋଜକ ଜିତେନ୍ଦ୍ର ପଟ୍ଟନାୟକ ନିମନ୍ତ୍ରିତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ କଳିଙ୍ଗ ଟିଭିର ଜୋନାଲ୍ ହେଡ ବିଭୂତି ଭୂଷଣ ସାହୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୟ ଜଗନ୍ନାଥ ସେବା ସମିତି, ସ୍ୱପ୍ନ ଫାଉଣ୍ଡେସନ, ଶିବ ଶକ୍ତି ଗୋ ସେବା ସମିତି, ଶ୍ରୀ ହରି ଫାଉଣ୍ଡେସନ, ଜୟ ଜଗନ୍ନଥ ମହାସଂଘ, ସମର୍ପଣ ପରିବାର, ସିଲଭର ସିଟି କଟକ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ, ହେଲ୍ପ ଦି ହ୍ୟୁମାନିଟି ଆଦି ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କଟକ ସହର ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ ଆରମ୍ଭ କରାଯାଉଥିବା, ଆର୍ଟ ଅଫ ଗିଭିଙ୍ଗ ର ବିଚାର ଏବଂ ଦର୍ଶନ ପ୍ରତିଟି ମଣିଷ ପାଖରେ ପହଞ୍ଚି ପାରିଲେ ସମାଜରେ ଏକ ବଡ଼ ସକାରାତ୍ମକ ପରିବର୍ତ୍ତନ ସମ୍ଭବ ହୋଇ ପାରିବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା ।




ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

## ଗଣଦୁଷ୍କର୍ମ ପୀଡିତାଙ୍କ ଅନୁକମ୍ପା ରାଶି ଠକିନେଲେ

# ଲାଲବାଗ ଥାନାରେ ୩ ମହିଳାଙ୍କ ବିରୋଧରେ ମାମଲା

କଟକ,(ସବ୍ୟୁ): ଦୁଷ୍କର୍ମ ପୀଡିତାଙ୍କୁ ମିଳିଥିବା ଅନୁକମ୍ପା ରାଶିକୁ ଯୋଜନାବଦ୍ଧ ଭାବେ ଠକିନେଇଛନ୍ତି । କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ପରିଚୟ ଦେଇ ୩ ଜଣ ମହିଳା ଏଭଳି ଠକାମୀ କରିଛନ୍ତି । ସରକାରୀ ସହାୟତାରେ ନିଜ ଭାଗ ଥିବା କହି ପୀଡିତାଙ୍କ ପାଖରୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ଠକିନେଇଛନ୍ତି । ଏ ବିଷୟ ଜାଣିବା ପରେ ପୀଡିତା ଲାଲାବାଗ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ସମ୍ପୃକ୍ତ ୩ ମହିଳାଙ୍କୁ ଗିରଫ କରିବାକୁ ଚଢ ଜାରି ରଖିଛି । ତେବେ ଏହି ଘଟଣା ପଛରେ ଏକ ର୍ୟାକେଟ୍ କାମ କରୁଥିବା ପୁଲିସ ସନ୍ଦେହ କରୁଛି । ଏହି ର୍ୟାକେଟ୍‌ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ସମ୍ପୃକ୍ତ ଦଲାଲମାନେ ଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

ନରସିଂହପୁର ଥାନା ଅଞ୍ଚଳର ଜଣେ ମହିଳା ଗତ ୨୦୨୦ ମସିହାରେ ନାବାଳିକା ଥିଲେ । ସେହି ସମୟରେ ନରସିଂହପୁର ଥାନା ଅଞ୍ଚଳର ୫ ଜଣ ଯୁବକ ତାଙ୍କୁ ଅପହରଣ କରିନେଇ ଗଣବଳାତ୍କାର କରିଥିଲେ । ଏହି ଘଟଣା ପରେ ପୀଡିତା ଉଦ୍ଧାର ହୋଇ ବିଡାନାସୀ ବସୁନ୍ଧରାରେ ରହିଥିଲେ । କିଛି ମାସ ସେ ନିଜ ଘରକୁ ଫେରିଯାଇଥିଲେ । ଏହି ମାମଲାରେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହା ମଧ୍ୟରେ ପୁଲିସ ତଦନ୍ତ ସାରି ପୂର୍ଣ୍ଣାଙ୍ଗ ଚାର୍ଜସିଟ ଦାଖଲ କରିବା ପରେ ମାମଲାର ବିଚାରପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ଆଇନ ଅନୁସାରେ, ବଳାତ୍କାର ପୀଡିତାଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଥାଏ । ଏହି ବ୍ୟବସ୍ଥା ଅନୁସାରେ ଗତ ମାର୍ଚ୍ଚ ମାସରେ ପୀଡିତାଙ୍କ ବ୍ୟାଙ୍କ ଖାତାକୁ ୩ ଲକ୍ଷ ୭୫ ହଜାର ଟଙ୍କା ଆସିଥିଲା । ପୀଡିତାଙ୍କ ଅଭିଯୋଗ ଅନୁସାରେ, ଟଙ୍କା ଆସିବାର କିଛି ଦିନ ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ୩ ଜଣ ମହିଳା ଅଧିକାରୀ ତାଙ୍କୁ ଲଗାତାର ଫୋନ କରୁଥିଲେ । ଏପରିକି ଟଙ୍କା ଆସିବାର ଗୋଟିଏ ଦିନ ପୂର୍ବରୁ ମଧ ଉକ୍ତ ମହିଳା ଅଧିକାରୀମାନେ ଫୋନ କରିଥିଲେ । ମିଳିବାକୁ ଥିବା ଅନୁକମ୍ପା ରାଶିରୁ ସେମାନଙ୍କ ଭାଗ ପ୍ରାୟ ୧ଲକ୍ଷ ଟଙ୍କା ରହିଛି । ଟଙ୍କା ପାଇବା ପରେ ତୁରନ୍ତ ୧ଲକ୍ଷ ଟଙ୍କା ଫେରାଇଦେବାକୁ ସେମାନେ କହିଥିଲେ । ପ୍ରକୃତ କଥା ଜାଣିନଥିବାରୁ ପୀଡିତା ଏଥିରେ ସହମତି ପ୍ରକାଶ କରିଥିଲେ । ଟଙ୍କା ଆସିବା ଦିନ ତାଙ୍କୁ ଉକ୍ତ ମହିଳା ଫୋନ କରି ୨ଟି ଫୋନ ପେ' ନମ୍ବର ଦେଇଥିଲେ । ସେଥିରେ ୪୯ ହଜାର କରି ୨ ଥରରେ ପୀଡିତା ଟଙ୍କା ପଠାଇଥିଲେ । ଏହାର ପରଦିନ ଉକ୍ତ ମହିଳା ଫୋନ କରି ଜଣାଇଲେକି, ଆଉ ୨ ହଜାର ଟଙ୍କା ରହିଗଲା ଓ କାଗଜପତ୍ର କାମ ପାଇଁ ୧ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ତେଣୁ ୩ ହଜାର ଟଙ୍କା ପଠାଇବାକୁ ମହିଳା ଜଣକ କହିଥିଲେ । ଏହାପରେ ପୀଡିତା ପୁଣି ୩ ହଜାର ଟଙ୍କା ଏକ ଫୋନ ପେ'ରେ ପଠାଇଥିଲେ । ଏହି ଘଟଣା ଘଟିବାର କିଛି ଦିନ ପରେ ପୀଡିତାଙ୍କ ମନରେ କାହିଁକି ସନ୍ଦେହ ହୋଇଥିଲା । ତାଙ୍କର ଜଣେ ସମ୍ପର୍କୀୟ କଟକରେ ରହୁଛନ୍ତି । ତାଙ୍କୁ ଫୋନ କରି ଏସବୁ ବିଷୟରେ ଜଣାଇଥିଲେ । ତେବେ ଟଙ୍କା ଆଉ କେହି ନେଇପାରିବେନି ବୋଲି ସମ୍ପର୍କୀୟ ଜଣକ ଜଣାଇଥିଲେ । ଏହା ଜାଣିବା ପରେ ପୀଡିତା ତୁରନ୍ତ ଉକ୍ତ ମହିଳା ଅଧିକାରୀଙ୍କୁ ଫୋନ କରି ଟଙ୍କା ବିଷୟ ପଚାରିଥିଲେ । ହେଲେ ମହିଳା ଅଧିକାରୀମାନେ ପୀଡିତାଙ୍କ ଫୋନ ନମ୍ବରକୁ ବ୍ଲକ କରିଦେଇଥିଲେ । ଏଭଳି ସ୍ଥିତିରେ ଠକାମୀର ଶିକାର ହୋଇଥିବା ଆଶଙ୍କା କରି ପୀଡିତା ଆଜି ଲାଲବାଗ ଥାନାକୁ ଆସି ଏତଲା ଦେଇଛନ୍ତି । ଟଙ୍କା ଠକିଥିବା ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ବୋଲି ପରିଚୟ ଦେଇଥିବାରୁ ସେ ସ୍ଥାନୀୟ ଥାନା ତଥା ଲାଲବାଗରେ ଏତଲା ଦେଇଥିଲେ । ତତସହିତ ପ୍ରମାଣ ସ୍ୱରୂପ ଅନଲାଇନ ଟଙ୍କା ଦେଣନେଣର ସ୍କ୍ରିନସଟ ଏବଂ ଅନ୍ୟାନ୍ୟ କିଛି ତଥ୍ୟ ପ୍ରଦାନ କରିଛନ୍ତି । ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ୩ ଜଣ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମୋବାଇଲ ନମ୍ବର ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ କରୁଛି । ମାତ୍ର ସମସ୍ତଙ୍କ ଫୋନ ନମ୍ବର ବନ୍ଦ ଥିବା ଜଣାପଡିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ତାଲିକା ଯାଞ୍ଚ ପରେ ଠକେଇ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇପାରିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି । ଅଭିଯୋଗକାରିଣୀ ଗତ ୪ ମାସ ପୂର୍ବେ ନୟାଗଡରେ ବିବାହ କରିଥିବା ଜଣାପଡିଛି ।

# ଓଜନ ହ୍ରାସରେ ସହାୟକ ହେଉଥିବା ସ୍ୱାସ୍ଥ୍ୟକର ଜଳଖିଆ ବିକଳ୍ପ

ଭୁବନେଶ୍ୱର, (ସବ୍ୟୁ): ଭୋକ ଲାଗିବା ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଆକର୍ଷିତ ହେବା ଏକ ସାଧାରଣ କଥା । ତେଣୁ ଭୋକ ସମୟରେ ସ୍ନାକ୍ସ ଖାଇବା ଭୁଲ ନୁହେଁ ବରଂ ସଠିକ ସ୍ନାକ୍ସ ବାଛିବା ଆପଣଙ୍କର ଓଜନ ହ୍ରାସ ଯାତ୍ରାରେ ଅଧିକ ସହାୟକ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଏମବିବିଏସ ଏବଂ ନ୍ୟୁଟ୍ରିସିଅନିଷ୍ଟ ଡ଼କ୍ଟର ରୋହିଣୀ ପାଟିଲ ଆଲମଣ୍ଡ, ଫଳ ତଥା ପନିପରିବା ଭଳି ପୋଷଣଯୁକ୍ତ ଖାଦ୍ୟଗୁଡ଼ିକୁ ନିୟନ୍ତ୍ରିତ ପରିମାଣରେ ସେବନ କରିବା ଲାଗି ପରାମର୍ଶ ଦେଇଛନ୍ତି । ଆଲମଣ୍ଡ ସମେତ ଏହି ବୁଦ୍ଧିମାନ ସ୍ନାକିଙ୍ଗ ବିକଳ୍ପଗୁଡ଼ିକ ଭୋକ ଦୂର କରିବା ସହିତ ଅତ୍ୟାବଶ୍ୟକୀୟ ପୋଷଣ ପ୍ରଦାନ କରନ୍ତି ଯାହା ଆପଣଙ୍କୁ ସନ୍ତୁଷ୍ଟି ଏବଂ ଶକ୍ତି ପ୍ରଦାନ କରେ । ଏଥିପାଇଁ ସେ କିଛି ସ୍ୱାସ୍ଥ୍ୟକର ଜଳଖିଆ ବିକଳ୍ପ ସମ୍ପର୍କରେ କହିଛନ୍ତି ଯାହା ଆପଣଙ୍କର ଏହି ଓଜନ ହ୍ରାସ ଯାତ୍ରାରେ ଆପଣଙ୍କୁ ସନ୍ତୁଷ୍ଟ ରଖିବା ସହିତ ସୁସ୍ଥତାରେ ବାନ୍ଧି ଧରି ରଖିପାରିବ ।

ଆଲମଣ୍ଡ ପ୍ରୋଟିନ, ମ୍ୟାଗନେସିୟମ, ଭିଟାମିନ ଇ ତଥା ଜିଙ୍କ ଭଳି ୧୫ଟି ଜରୁରୀ ପୌଷ୍ଟିକ ତତ୍ତ୍ୱରେ ଭରପୂର ଅଟେ । ଏହାର କୁରୁକୁରିଆ ସ୍ୱାଦ ଆପଣଙ୍କୁ ସନ୍ତୁଷ୍ଟି ପ୍ରଦାନ ସହିତ ଯିବା ଆସିବା ସମୟରେ ଆପଣଙ୍କର ଭୋକର ପ୍ରତିବନ୍ଧକକୁ ଦୂର କରିଥାଏ । ଆଲମଣ୍ଡ ହୃଦୟ ସ୍ୱାସ୍ଥ୍ୟ, ତ୍ୱଚା ସ୍ୱାସ୍ଥ୍ୟ ଏବଂ ପରିପୂର୍ଣ୍ଣତାରେ ସାହାଯ୍ୟ କରେ ଯାହା ଓଜନ ହ୍ରାସ ପରିଚାଳନା ପାଇଁ ଉପଯୁକ୍ତ ହୋଇଥାଏ । ଡ଼କ୍ଟର ରୋହିଣୀ ପାଟିଲ ବିଶେଷ ଭାବରେ କାଲିଫର୍ଣ୍ଣିଆ ଆଲମଣ୍ଡ ଖାଇବା ପାଇଁ ପରାମର୍ଶ ଦେଇଛନ୍ତି ଯାହା ପ୍ରାକୃତିକ ପ୍ରୋଟିନ, ସ୍ୱାସ୍ଥ୍ୟକର ଚର୍ବି ଏବଂ ତନ୍ତୁ ରେ ଭରପୂର ହୋଇ ରହିଛି ଏବଂ ଏହା ଅଧିକ ସମୟ ପର୍ଯ୍ୟନ୍ତ ପେଟଭରା ଅନୁଭବ ପ୍ରଦାନ କରିଥାଏ । ଏହା ମଧ୍ୟ ବହୁବିଧ ଉପଯୋଗୀ ଯାହାକୁ ଆପଣ ବିଭିନ୍ନ ଉପାୟରେ ଖାଇପାରିବେ ।

# ସମାଜସେବୀଙ୍କ ପରଲୋକ



ଭୁବନେଶ୍ୱର, (ସବ୍ୟୁ) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଦାଉଦ୍ ପୁର ପଞ୍ଚାୟତ ଅନ୍ତର୍ଗତ ନାହଲପୁର ଗ୍ରାମର ସମାଜସେବୀ ସରୋଜ କୁମାର ମହାପାତ୍ରଙ୍କ ହୃଦଘାତରେ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ଶ୍ରୀ ମହାପାତ୍ର ଜଣେ ସମାଜସେବା କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଧର୍ମ ପତ୍ନୀ ଓ ପୁଅ ବୋହୂ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଦାଉଦ୍‌ପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ଏକ ଶୋକାକୁଳ ପରିବେଶରେ ଚିତ୍ରୋତ୍ପଳା ନଦୀଶର୍ଯ୍ୟାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଚନ୍ଦନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ବହୁ ସମାଜସେବୀ ଓ ଆତ୍ମୀୟସ୍ୱଜନ ଶୋକ ପ୍ରକାଶ କରିଥିଲେ।

# ଭୁବନେଶ୍ୱରରେ ମିତ୍ର କ୍ୟାଫେର ନୂଆ ଆଉଟଲେଟ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : କଲିନାରୀ ବ୍ରାଣ୍ଡ ମିତ୍ର କ୍ୟାଫେ ଏକ ବଡ ସମାରୋହ ଓ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ମଧ୍ୟରେ ଭୁବନେଶ୍ୱରରେ ଏହାର ବହୁପ୍ରତିକ୍ଷୀତ ଆଉଟଲେଟ୍‌ର ଉଦ୍‌ଘାଟନ କରିଛି। ପଟିଆସ୍ଥିତ କିଟ୍‌ରୋଡଠାରେ ଅବସ୍ଥିତ ଏହି ନୂଆ ଆଉଟଲେଟ ପଶ୍ଚିମବଙ୍ଗ ବାହାରେ ବ୍ରାଣ୍ଡର ସମ୍ପ୍ରସାରଣ କ୍ଷେତ୍ରରେ ଆଉ ଏକ ସଫଳତାକୁ ଚିହ୍ନିତ କରିଛି। ଏହି ଉଦ୍‌ଘାଟନୀ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି, ଖାଦ୍ୟପ୍ରେମୀ, ବିଶ୍ୱସ୍ତ ଗ୍ରାହକ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ ଯେଉଁମାନେକି ଏହି ଅବସରକୁ ପାଳନ କରିବା ପାଇଁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପିଢି ସହ ମିତ୍ର କ୍ୟାଫେର ଗଭୀର ସାଂସ୍କୃତିକ ଓ ଖାଦ୍ୟପେୟ ସଂଯୋଗର ପ୍ରତିଫଳନ ଦେଖିବାକୁ ମିଳିଥିଲା । ଏଠାରେ ଫିସ କୋବିରାଜି, ଫିସ ଡାଏମଣ୍ଡ ଫ୍ରାଏ, ମଟନ କଟଲେଟ, ମଟନ କୋବିରାଜି, ପ୍ରନ କୋବିରାଜି, ତନ୍ଦୁର ବେକ୍‌ଟି, ବୋରିସାଳି ଇଲିସି, ପଟୁଦି, ବସନ୍ତି ପୁଲାଓ, କସା ମାଂସ ଏବଂ ଦାବ ଚିଙ୍ଗୁଡ଼ି ଭଳି ସୁସ୍ୱାଦୁ ବ୍ୟନ ଉପଲବ୍ଧ ରହିଛି । ଏକ ପ୍ରିୟ ବନ୍ଧୁତାକୁ ସମ୍ମାନ ଜଣାଇବା ପାଇଁ ୧୯୧୦ରେ ସୁଶିଲ ଚନ୍ଦ୍ର ରୟଙ୍କ ଦ୍ୱାରା ସ୍ଥାପିତ ମିତ୍ର କ୍ୟାଫେ ହେଉଛି କୋଲ୍‌କାତାର ଆଇକୋନିକ 'କ୍ୟାବିନ କଲ୍ଚର'ର ଏକ ପ୍ରତୀକ। ବର୍ତମାନ ଏହି ବ୍ରାଣ୍ଡ ତାଙ୍କ ପୁଅ ଓ ମିତ୍ର କ୍ୟାଫେର ନିର୍ଦ୍ଦେଶକ ତାପସ ରୟଙ୍କ ଦ୍ୱାରା ପରିଚାଳିତ ହେଉଛି ଯିଏକି ଏହାର ବିରାସତକୁ ଆଗକୁ ବଢାଉଛନ୍ତି । ଏହାର ସିଗ୍ନେଚର ବେଙ୍ଗଲି, ଇଣ୍ଡିଆନ, ଚାଇନିଜ ଓ ତନ୍ଦୁରୀ ଡିସ୍‌ଗୁଡିକ ପାଇଁ ପରିଚିତ ମିତ୍ର କ୍ୟାଫେ ଏକ ସମର୍ପିତ ପ୍ରଶଂସକ ଆଧାର ସୃଷ୍ଟି କରିଛି ଯାହା ବିଭିନ୍ନ ଅଂଚଳରେ ପରିବ୍ୟାପ୍ତ ରହିଛି। ଏହି ଅବସରରେ ମିତ୍ର କ୍ୟାଫେର ଜଣେ ପ୍ରବକ୍ତା କହିଛନ୍ତି, 'ଏହି ଉଦ୍‌ଘାଟନ ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରିଛି। ଭୁବନେଶ୍ୱର ହେଉଛି ଏକ ସହର ଯାହା ଗୁଣାତ୍ମକ ଖାଦ୍ୟ ଓ ସାଂସ୍କୃତିକ ଐତିହ୍ୟକୁ ଗୁରୁତ୍ୱ ଓ ସମ୍ମାନ ଦେଇଥାଏ ଏବଂ ଆମେ ଏହି ଚମତ୍କାର ସମୁଦାୟକୁ ସେବା ପ୍ରଦାନ କରିବା ପାଇଁ ଉତ୍ସାହିତ ଅଛୁ । ଏହି ନୂଆ ରେଷ୍ଟୁରାଂଟ ୧୬ ତାରିଖ ୨୦୨୫ରୁ ପରିଚାଳନା ଆରମ୍ଭ କରିବ।

## ସାବିତ୍ରୀ ଲାଗି ଚାନ୍ଦି ଭଣ୍ଡାରର 'ସଙ୍ଗମ' କଲେକ୍ସନ

# ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତି

ଭୁବନେଶ୍ୱର, (ସବ୍ୟୁ): ସାବିତ୍ରୀ ଉପଲକ୍ଷେ ରୁପା ଗହଣାର ଏକ୍ସକ୍ଲୁସିଭ ଶୋ'ରୁମ୍ ଚାନ୍ଦି ଭଣ୍ଡାର ଆଣିଛି 'ସଙ୍ଗମ' କଲେକ୍ସନ । ଚମତ୍କାର ଜିକନ୍ ପଥର, ସୂକ୍ଷ୍ମ ମୁକ୍ତା ଏବଂ ଜଟିଳ ଅକ୍ସିଡାଇଜ୍ଡ ଡିଟେଲିଂରେ ସୁସଜ୍ଜିତ ମଙ୍ଗଳସୂତ୍ରଗୁଡ଼ିକ ବିବାହର ଅନନ୍ତ ପବିତ୍ରତାର ପ୍ରତୀକ ଏବଂ ନାରୀର ସୁନ୍ଦର ଶକ୍ତିକୁ ପରିପ୍ରକାଶ କରୁଛି । ସର୍ବୋତ୍ତମ ଗହଣା ସହିତ ଆହୁରି ଅଧିକ କିଛି ପ୍ରଦାନ କରୁଛି ଚାନ୍ଦି ଭଣ୍ଡାର । ହଲମାର୍କ ରୁପା ବାସନକୁସନ ଠାରୁ ଆରମ୍ଭ କରି ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ୍ ରୁପା ଆଇଟମ୍ ଚାନ୍ଦି ଭଣ୍ଡାର ଉପଲବ୍ଧ କରୁଛି । ମହିଳାମାନଙ୍କ ପାଇଁ ଜିକନଚିତ ନେକ୍ସ, ଚୁଡ଼ି, ମୁଦି, କାନଫୁଲ, ବ୍ରେସଲେଟ୍ ଏବଂ ଆଙ୍କୁଟ ଭଳିକି ଭଳି ସମ୍ଭାର ଏଠାରେ ରହିଛି । ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କି ରେଞ୍ଜ୍ ଉପଲବ୍ଧ । ଚାନ୍ଦି ଭଣ୍ଡାର ମଧ୍ୟ ପରିବର୍ଜିତ ଲାଇଫ୍‌ଷ୍ଟାଇଲ୍ ବର୍ଗର ଶୁଭାରମ୍ଭ କରିଛି । ଏଥିରେ ରୁପାରେ ପ୍ରସ୍ତୁତ ୱାଇନ୍ ଗ୍ଲାସ, ହ୍ୱିସ୍କି ଗ୍ଲାସ ଏବଂ ବଟଲ୍ ରହିଛି । ଏହି କଲେକ୍ସନରେ ସୁନ୍ଦର ଟି' ସେଟ୍, ଉଡେନ୍ ସିଲଭର-ୱାର୍କ ଟ୍ରେ ଏବଂ ପ୍ରିମିୟମ୍ ଉପହାର ସାମଗ୍ରୀ ରହିଛି ।



ଏଥର ସାବିତ୍ରୀରେ ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପଖସା ହଂସ କୁହିଛନ୍ତି, ଚାନ୍ଦି ଭଣ୍ଡାରରେ ଆମେ ପ୍ରତ୍ୟେକ ମହିଳାଙ୍କ ଭୂମିକାର ଶକ୍ତି, ଅନୁଗ୍ରହ ଏବଂ ଗୁରୁକୁ ସ୍ୱୀକୃତି ଦେଇ ସାବିତ୍ରୀର ମହତ୍ତ୍ୱକୁ ସମ୍ମାନ ଦେଉଛୁ । ଆମ କଲେକ୍ସନ ମହିଳାଙ୍କୁ ସମ୍ପୂର୍ଣ୍ଣ ଏବଂ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଛି । ଏହା ସେମାନଙ୍କ ଅନନ୍ୟ ପରିଚୟ ଏବଂ କାଳଜୟୀ ଶୋଭାଙ୍କୁ ପରିପ୍ରକାଶ କରିବ । ସାବିତ୍ରୀ ଅବସରରେ ଗ୍ରାହକଙ୍କ ଖୁସିକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଆକର୍ଷଣୀୟ ରିହାତି ପ୍ରଦାନ କରୁଛି । ଗ୍ରାହକ ଚଳିତମାସ ୧୭ରୁ ୨୬ ତାରିଖ ଯାଏ ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ ୨୦% ରିହାତି ପାଇପାରିବେ । ବର୍ଷ ବର୍ଷ ଧରି ଗ୍ରାହକଙ୍କ ଠାରୁ ପାଇଥିବା ସମର୍ଥନ ଏବଂ ପ୍ରେମକୁ ସମ୍ମାନ ଜଣାଇ ଏ ଅଫର ପ୍ରଦାନ କରାଯାଉଛି । ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ଚେନ୍ ଷ୍ଟୋରଛ ୨୦୧୩ରେ ଏକ ସ୍ୱତନ୍ତ୍ର ସିଲଭର ଷ୍ଟୋର ଭାବେ ଏହା ସମଗ୍ର ରାଜ୍ୟରେ ୨୩ରେ ପହଞ୍ଚିଛ । ଭୁବନେଶ୍ୱରର ରଘୁନାଥପୁର, ସହିଦ ନଗର, ପଟିଆ, ରସୁଲଗଡ, ଜନପଥ, ସୌଭାଗ୍ୟନଗର, ନୟାପଲ୍ଲୀ ଏବଂ ଲୁଇସ୍ ରୋଡ୍, କଟକର କ୍ୟାଣ୍ଟନମେଣ୍ଟ ରୋଡ ଓ ସିଡିଏ, ରାଉରକେଲା, ଅନୁଗୁଳ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ବାରିପଦା, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, ଭଦ୍ରକ ଏବଂ ନୟାଗଡରେ ଏହାର ଷ୍ଟୋର ରହିଛି । ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ରୁପା ଉତ୍ପାଦ ଯୋଗାଇବା, ଜୀବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ୍, କ୍ରୟ ପୂର୍ବରୁ ପରଖିବା, ଭ୍ୟାଲ୍ୟୁ ଫର୍ ମନି ଏବଂ ହଲମାର୍କଯୁକ୍ତ ଓ କ୍ୱାଲିଟି ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶ୍ରୁତି ।

## କାଳବୈଶାଖୀ ବର୍ଷା ପ୍ରଭାବହୀନ କାହିଁକି?

# ସହରାଞ୍ଚଳ ତାପ ଦ୍ୱୀପ ପ୍ରଭାବ

ଭୁବନେଶ୍ୱର (ସବ୍ୟୁ): ଉତ୍ତାପ ଶୋଷଣ ଏବଂ ଉଷ୍ମ ବାୟୁକୁ ଫସାଇ ରଖିବା ଭଳି ନିର୍ମାଣ ସାମଗ୍ରୀ ଏବଂ ବାୟୁ ପ୍ରଦୂଷଣ ପରି କାରଣ ଯୋଗୁଁ ସହରଗୁଡ଼ିକ ସାଧାରଣତଃ ଆଖପାଖ ଗ୍ରାମାଞ୍ଚଳ ଅପେକ୍ଷା ଶୁଷ୍କ ଏବଂ ଉଷ୍ମ ହୋଇଥାଏ । ଏହି ସ୍ଥାନୀୟ ତାପ ଏକ ଉଷ୍ମ ଦ୍ୱୀପ ପ୍ରଭାବ ସୃଷ୍ଟି କରିପାରେ, ଯାହା ସହର ଏବଂ ଆଖପାଖ ଅଞ୍ଚଳ ମଧ୍ୟରେ ବାୟୁ ଚାପରେ ପାର୍ଥକ୍ୟ ସୃଷ୍ଟି କରେ । ଏହି ଚାପ ପାର୍ଥକ୍ୟ ବଜ୍ରପାତ ସହ ଜଡିତ ଉପରମୁହାଁ ପ୍ରବାହକୁ ବିଚଳିତ କିମ୍ବା ପୁନଃନିର୍ଦ୍ଦେଶିତ କରିପାରେ । ଯାହା ସମ୍ଭାବ୍ୟ ଭାବରେ ଝଡ଼କୁ ବିଭାଜିତ କିମ୍ବା ଦିଗ ପରିବର୍ତ୍ତନ କରିଥାଏ ।

**ଆର୍ଦ୍ରତା ଉଣ୍ଣ ଏବଂ ପବନ ଢାଞ୍ଚା**

ସହରୀ ତାପ ଦ୍ୱୀପରେ ଉଷ୍ମ, ଶୁଷ୍କ ବାୟୁ କେତେକ ସମୟରେ ଏକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରିପାରେ । ଏକ ବିକାଶଶୀଳ ପର୍ଯ୍ୟାୟ ସ୍ଥିତିରେ ବଜ୍ରପାତକୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହ କୁ କମ କରି ଦେଇଥାଏ । ସହରର କୋଠା ଏବଂ ଅନ୍ୟାନ୍ୟ ଗଠନ ସ୍ଥାନୀୟ ପବନ ଢାଞ୍ଚା ସୃଷ୍ଟି କରିପାରେ । ଯାହା ଝଡ଼ର ଗତି ଏବଂ ଦିଗକୁ ପ୍ରଭାବିତ କରିଥାଏ । ଏହି ପବନ ଢାଞ୍ଚା ମଧ ଆଖପାଖ ଅଞ୍ଚଳରୁ ଆର୍ଦ୍ରତା ଟାଣିପାରେ । କେତେକ ସମୟରେ ଝଡ଼କୁ ଶକ୍ତିଶାଳୀ କିମ୍ବା ଦୁର୍ବଳ କରିପାରେ ।

**ସୀମା ପୃଥକୀକରଣ**

କେତେବେଳେ ଏକ ଥଣ୍ଡା ସମ୍ମୁଖଭାଗ କିମ୍ବା ସ୍ଥିର ସମ୍ମୁଖଭାଗ ଭଳି ଏକ ସୀମା ସହରର ଦକ୍ଷିଣରେ ଉପସ୍ଥିତ ରହିପାରେ । ପ୍ରଭାବଶାଳୀ ଭାବରେ ଝଡ଼ରୁ ଆର୍ଦ୍ରତା ଉତ୍ସକୁ ଅବରୋଧ କରିପାରେ । ଏହି ସୀମା ଦକ୍ଷିଣକୁ ଆର୍ଦ୍ରତାକୁ ଚାପି ଦେଇପାରେ । ଯାହା ଫଳରେ ଅଞ୍ଚଳ ଶୁଷ୍କ ହୋଇଯାଏ ଏବଂ ଝଡ଼ ଆସିବା ସମୟରେ ଦୁର୍ବଳ କିମ୍ବା ବିଭାଜିତ ହୋଇଯାଏ । ଯଦିଓ ସହରାଞ୍ଚଳ ପରିବେଶ ବିଭିନ୍ନ ଉପାୟରେ ବଜ୍ରପାତକୁ ପ୍ରଭାବିତ କରିପାରେ । ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରତ୍ୟେକ ବଜ୍ରପାତର ସମାନ ଭାବରେ ପ୍ରଭାବିତ ହୁଏ ନାହିଁ । ଏବଂ ଏହା ସହରାଞ୍ଚଳରେ ସବୁବେଳେ ବିଭାଜିତ କିମ୍ବା ବିଚ୍ଛିନ୍ନ ହେବାର ଏକ ସରଳ ଘଟଣା ନୁହେଁ । ଯାହାର ଉଦାହରଣ ସ୍ୱରୂପ ଗତ ୪–୫ ଧରି ଲଗାତାର ଭାବେ ଟ୍ୱିନ ସିଟିରେ ବାଦଲ ସୃଷ୍ଟି ହେଉଥିଲେ ବି ବର୍ଷା ସୃଷ୍ଟି କରିବାରେ ବିଫଳ ହେଉଛି । ଫଳ ସ୍ୱରୂପ ଗୁଳୁଗୁଳିରୁ ନିସ୍ତାର ମିଳୁ ନାହିଁ ।


# ପାକ୍ ଗୁପ୍ତଚର ଅଭିଯୋଗରେ ୟୁଟ୍ୟୁବର ଜ୍ୟୋତି ଗିରଫ



**ନୂଆଦିଲ୍ଲୀ:** ହରିୟାଣାର ୟୁ-ଟ୍ୟୁବର ଜ୍ୟୋତି ମାଲହୋତ୍ରା ପାକିସ୍ତାନକୁ ଗପ୍ତ ତଥ୍ୟ ମାମଲାରେ ଗରିଫ ହୋଇଛନ୍ତି । ଜ୍ୟୋତିଙ୍କ ସହ ଆଉ ୬ ଜଣ ପାକିସ୍ତାନୀ ଏଜେଣ୍ଟଙ୍କୁ ଗୁପ୍ତ ତଥ୍ୟ ପ୍ରଦାନରେ ସଂପୃକ୍ତ ନେଇ ଗିରଫ କରାଯାଇଛି । ଜ୍ୟୋତି ଟ୍ରାଭେଲ୍ ୱିଥ୍ ଜୋ ଏକ ୟୁଟ୍ୟୁବ୍ ଚ୍ୟାନେଲ ଚଳାଉଥିଲେ । ଏହାର ୩ଲକ୍ଷ ୭୭ହଜାର ଫଲୋୟର୍ସ ଅଛନ୍ତି ।

ଅଭିଯୋଗ ଅନୁଯାୟୀ ଜ୍ୟୋତି ମାଲହୋତ୍ରା ପାକିସ୍ତାନ ହାଇକମିଶନରେ କାର୍ଯ୍ୟରତ ଦାନିସ୍ ନାମକ ଜଣେ ଅଧିକାରୀଙ୍କ ସହ ସମ୍ପର୍କରେ ଥିଲେ । ଏହି ଅଧିକାରୀ ଜଣଙ୍କ ଜ୍ୟୋତିଙ୍କୁ ପାକିସ୍ତାନ ପଠାଇଥିଲା । ଏହି ଗୁପ୍ତଚର ବୃତ୍ତି ମାମଲାରେ ପଞ୍ଜାବ ଏବଂ ହରିୟାଣାର ମାଲେରକୋଟଲା ମୋଟ ୬ ପାକିସ୍ତାନୀ ଗୁପ୍ତଚରଙ୍କୁ ଗିରଫ କରାଯାଇଛି । ଜ୍ୟୋତି ଗତବର୍ଷ ପୁରୀ ଆସିଥିଲେ । ଜଗନ୍ନାଥ ମନ୍ଦିର ଓ ପୁରୀ ସମୁଦ୍ରକୂଳ ଭିଡିଓ ଅପଲୋଡ଼ କରିଥିଲେ । ଗତବର୍ଷ ମଧ ସେ କାଶ୍ମୀର ଯାଇଥିଲେ । ଶ୍ରୀନଗରର ବନାଇହାଲକୁ ମଧ ଟ୍ରେନ୍‌ରେ ଯିବାର ଭିଡିଓ ଅପ୍‌ଲୋଡ଼ କରିଥିଲେ । ପାକିସ୍ତାନ ସହ ତାଙ୍କର ସମ୍ପର୍କ ୨୦୨୫ ମେ ୧୩ ପରେ ବୃଦ୍ଧି ପାଇଥିଲା ।

# ସାଧାରଣ ଲୋକଙ୍କୁ ନେଇ ଯାଉଥିବା ବସ ଉପରେ ଡ୍ରୋନ ହମଲା



**ନୂଆଦିଲ୍ଲୀ:** ସାଧାରଣ ଲୋକଙ୍କୁ ନେଇ ଯାଉଥିବା ଗୋଟିଏ ବସ୍ ଉପରେ ହୋଇଛି ଡ୍ରୋନ ହମଲା । ୟୁକ୍ରେନର ନର୍ଦ୍ଦନ ସୁମୀ ଅଞ୍ଚଳରେ ରୁଷ ପକ୍ଷରୁ ସାଧାରଣ ଲୋକଙ୍କ ବସକୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି । ଆକ୍ରମଣରେ ବସଟି ପୂରା ଛିନଛତ୍ର ହୋଇଯାଇଥିବା ବେଳେ ୯ ଜଣ ୟୁକ୍ରେନ ନାଗରିକଙ୍କ ମୃତ୍ୟୁ ହୋଇଛି । ସେହିପରି ଆଉ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଟେଲିଗ୍ରାମରେ ସୁମୀ ରିଜନାଲ ମିଲିଟାରୀ ଆଡମିନଷ୍ଟ୍ରେସନ ଗୋଟିଏ ବିବୃତି ଜାରି କରି ସାଧାରଣ ଲୋକଙ୍କ ଉପରେ ଏହା ଗୋଟିଏ ନିନ୍ଦନୀୟ ଆକ୍ରମଣ ବୋଲି କହିଛନ୍ତି ।

ପ୍ରଶାସନ କହିଛି, ରୁଷ ପକ୍ଷରୁ ସାଧାରଣ ଲୋକଙ୍କୁ ନେଇ ଯାଉଥିବା ଗୋଟିଏ ବସ୍ ଉପରେ ହୋଇଥିବା ଅତ୍ୟନ୍ତ କାପୁରୁଷପଣ ହମଲା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବସରେ ଥିବା ୧୩ ଜଣଙ୍କ ମଧ୍ୟରୁ ୯ ଜଣଙ୍କ ମୃତ୍ୟୁ ହୋଇଛି । ଆଉ ୪ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ବସରେ ଥିବା ଲୋକମାନେ ସୁମୀ ଆଡ଼କୁ ଯାଉଥିବା ବେଳେ ବିଲୋପିଲ୍ଲିୟା ଠାରେ ଏହାକୁ ଡ୍ରୋନ ଦ୍ୱାରା ଟାର୍ଗେଟ କରାଯାଇଥିଲା । ରୁଷ ସେନା ସାଧାରଣ ଲୋକଙ୍କୁ ଟର୍ଗେଟ କରି ଏପରି ହମଲା କରିଥିଲା ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ।

୨୦୨୨ ଫେବୃଆରୀ ୧୪ରୁ ରୁଷ ଓ ୟୁକ୍ରେନ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗି ରହିଛି । ପ୍ରାୟ ୩ ବର୍ଷ ପରେ ଦୁଇ ଦେଶ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରଥମଥର ପାଇଁ ଶୁକ୍ରବାର ତୁର୍କୀର ଇସ୍ତାନବୁଲରେ ସିଧାସଳଖ ପରସ୍ପର ସହ କଥା ହୋଇଥିଲେ । ହେଲେ ଏହି ଶାନ୍ତି ଆଲୋଚନାର କିଛି ଘଣ୍ଟା ପରେ ହିଁ ରୁଷ ଡ୍ରୋନ ଦ୍ୱାରା ୟୁକ୍ରେନର ସାଧାରଣ ଲୋକଙ୍କ ଉପରେ ହମଲା କରିଛି ।

ଶୁକ୍ରବାର ଶାନ୍ତି ଆଲୋଚନା ବେଳେ ଦୁଇ ଦେଶ ବନ୍ଦୀ ଅଦଳବଦଳ ସମ୍ପର୍କରେ ବିସ୍ତୃତ ଭାବେ କଥା ହୋଇଛନ୍ତି । କିନ୍ତୁ ଯୁଦ୍ଧ ବିରତି ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ । ଆଲୋଚନା ପରେ କିଭ ପକ୍ଷରୁ କୁହାଯାଇଥିଲା ଯେ ସେମାନେ ବିବାଦର ସମାଧାନ ପାଇଁ ଗୋଟିଏ ସର୍ତ୍ତହୀନ ଯୁଦ୍ଧ ବିରତି ଚାହୁଁଥିଲେ । କିନ୍ତୁ ରୁଷ ଏହାକୁ ମାନିବାକୁ ରାଜି ନାହିଁ । ରୁଷ ପ୍ରଥମେ ୧ ହଜାର ବନ୍ଦୀ ଅଦଳବଦଳ ବାବଦରେ କଥା ହେବାକୁ ଚାହୁଁଛି । ଏହି କାରଣରୁ ଶାନ୍ତି ଆଲୋଚନାରେ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ ।

# ଭାରତର ପ୍ରଚଣ୍ଡ ଆକ୍ରମଣକୁ ପାକ୍ ପ୍ରଧାନମନ୍ତ୍ରୀଙ୍କ ସ୍ୱୀକାର



**କରାଚୀ:** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ପ୍ରଥମଥର ପାଇଁ ଭାରତୀୟ ସେନାର ପ୍ରଚଣ୍ଡ ହମଲାକୁ ସ୍ୱୀକାର କରିଛନ୍ତି । ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନା ପାକିସ୍ତାନର ପ୍ରମୁଖ ଏୟାର ବେସକୁ ଧ୍ୱଂସ କରିଥିବା ଶରିଫ ମାନିଛନ୍ତି । ମେ' ୧୦ ତାରିଖ ଭୋର ସମୟରେ ଭାରତ କରିଥିବା ହମଲା ଯୋଗୁ ତାଙ୍କ ନିଦ ହଜିଥିଲା । ଭୋର ୨.୩୦ରେ କେମିତି ଭାରତର ହମଲା ସମ୍ପର୍କିତ ଖବର ତାଙ୍କ ପାଖରେ ପହଞ୍ଚିଥିଲା, ସେକଥା ପ୍ରଥମଥର ପାଇଁ ଶରିଫ ସମସ୍ତଙ୍କୁ ଜଣାଇଛନ୍ତି ।

ପହଲଗାମ ନରସଂହାର ପରେ ଭାରତୀୟ ସେନା ମେ' ୭ରେ ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା । ହେଲେ ପାକିସ୍ତାନ ସେନା ଆତଙ୍କବାଦୀଙ୍କ ସମର୍ଥନରେ ଭାରତର ସାମରିକ ପ୍ରତିଷ୍ଠାନ ଓ ଜନବସତିକୁ ଟାର୍ଗେଟ କରିବାରୁ ଦୁଇ ଦେଶ ମଧ୍ୟରେ ୪ ଦିନ ଧରି ଯୁଦ୍ଧ ପରିସ୍ଥିତି ଦେଖାଯାଇଥିଲା ।

ପାକିସ୍ତାନର ଡ୍ରୋନ ଓ ମିସାଇଲ ହମଲାର ଜବାବ ଦେବାକୁ ଭାରତୀୟ ସେନା କାଉଣ୍ଟର ଆଟାକ କରିଥିଲା । ଏଥିରେ ପାକିସ୍ତାନର ପ୍ରମୁଖ ସହର ଓ ଏୟାରବେସ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ଭାରତ ଏହାର ସ୍ୟାଟେଲାଇଟ ଛବି ଜାରି କରିଥିଲେ ହେଁ ପାକିସ୍ତାନ ଏହାକୁ ସ୍ୱୀକାର କରୁ ନଥିଲା । କିନ୍ତୁ ପ୍ରଥମଥର ପାଇଁ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶରିଫ ଭାରତୀୟ ସେନାର ହମଲାକୁ ସ୍ୱୀକାର କରିଛନ୍ତି ।

ଶୁକ୍ରବାର ପାକିସ୍ତାନର ଇସଲାମାବାଦରେ ଆୟୋଜିତ ଗୋଟିଏ କାର୍ଯ୍ୟକ୍ରମରେ ଶରିଫ କହିଛନ୍ତି ଯେ ତାଙ୍କୁ ରାତି ୨.୩୦ରେ ଆର୍ମି ମୁଖ୍ୟ ଜେନେରାଲ ଆସୀମ ମୁନିର ଭାରତର ଅପରେସନ ସମ୍ପର୍କରେ ନିଦରୁ ଉଠାଇ ଖବର ଦେଇଥିଲେ । ଇସଲାମାବାଦରେ ସେ କହିଛନ୍ତି, ଜେନେରାଲ ମୁନିର ବ୍ୟକ୍ତିଗତ ଭାବେ ମୋତେ ୧୦ ତାରିଖ ଭୋର ୨.୩୦ରେ ଗୋଟିଏ ସୁରକ୍ଷିତ ଫୋନ ଲାଇନରେ ଯୋଗାଯୋଗ କରିଥିଲେ । ଏହି ଫୋନରେ ସେ ମୋତେ ଭାରତ ତା'ର ବାଲାଷ୍ଟିକ ମିସାଇଲ ମାଡ଼ କରିଥିବା କଥା ଜଣାଇଥିଲେ । କିଛି ମିସାଇଲ ନୁର ଖାନ ଏୟାରବେସ ଓ ଅନ୍ୟ କିଛି ସ୍ଥାନରେ ମାଡ଼ ହୋଇଥିବା ସେ ଅବଗତ କରାଇଥିଲେ । ଏହା ଅତ୍ୟନ୍ତ ଚିନ୍ତାର ମୁହୂର୍ତ୍ତ ଥିଲା ।

ନୁର ଖାନ ଏୟାରବେସ୍ ରାୱଲପିଣ୍ଡି ଓ ଇସଲାମାବାଦ ମଧ୍ୟରେ ରହିଛି । ପାକିସ୍ତାନର ଏୟାର ଅପରେସନରେ ନୁର ଖାନ ଏୟାରବେସ୍ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ପୂର୍ବରୁ ଏହା ଚକଲାଲା ଏୟାବେସ ଭାବେ ଏହା ପରିଚିତ ଥିଲା । ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଏହି ଏୟାରବେସକୁ ଟାର୍ଗେଟ କରାଯାଇଥିଲା ।

ବିଜେପି ଆଇଟି ସେଲ ମୁଖିଆ ଅମିତ ମାଲବ୍ୟ ନିଜ ଏକ୍ସ ଆକାଉଣ୍ଟରେ ଶରିଫଙ୍କ ସ୍ୱୀକାରୋକ୍ତିର ଭିଡିଓକୁ ପୋଷ୍ଟ କରିଛନ୍ତି । ସେ କହିଛନ୍ତି, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ନିଜେ ସ୍ୱୀକାର କରିଛନ୍ତି ଯେ ଜେନେରାଲ ଆସୀମ ମୁନିର ତାଙ୍କୁ ରାତି ଭୋର ୨.୩୦ରେ ଫୋନ କରି ଭାରତ ନୁର ଖାନା ଏୟାରବେସ ଓ ଅନ୍ୟ ଠିକଣାରେ ବୋମା ବର୍ଷଣ କରିବା କଥା ଜଣାଇଥିଲେ । ପାକିସ୍ତାନ ଭିତରେ ଷ୍ଟ୍ରାଇକ ହୋଇଥିବା ଖବର ଶୁଣି ପ୍ରଧାନମନ୍ତ୍ରୀଙ୍କ ନିଦ ମଧରାତ୍ରରେ ହଜି ଯିବା କଥା ଥରେ ଗଭୀର ଭାବେ ଚିନ୍ତା କରନ୍ତୁ । ଏହି କଥା ହିଁ ଅପରେସନ ସନ୍ଦୂରର ପ୍ରଭାବକୁ ଦର୍ଶାଉଛି ।

ପାକିସ୍ତାନ ପୂର୍ବରୁ ଦାବି କରିଥିଲା ଯେ ଦେଶର ଜେଏଫ-୧୭ ଯୁଦ୍ଧ ବିମାନ ପଞ୍ଜାବର ଆଦମପୁର ଏୟାର ବେସରେ ଥିବା ଏସ-୪୦୦ ଏୟାର ଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରି ଦେଇଥିଲା । କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ସେଠାକୁ ଯାଇ ଫଟୋ ଉଠାଇବା ସହ ନିଜ ବ୍ୟାକଗ୍ରାଉଣ୍ଡରେ ଏସ୍-୪୦୦କୁ ଜାଣିଶୁଣି ରଖିବା ପାକିସ୍ତାନର ସବୁ ମିଛକୁ ପର୍ଦ୍ଦାଫାସ କରିଥିଲା ।

ପାକିସ୍ତାନ ଆହୁରି ଦାବି କରିଥିଲା ଯେ ଭାରତ ଅପରେସନ ସିନ୍ଦୂର ବେଳେ ସାଧାରଣ ଜନବସତିକୁ ଟାର୍ଗେଟ କରିଥିଲା। ହେଲେ ପାକିସ୍ତାନର ସିନ୍ଧ ପ୍ରଦେଶର ମୁଖ୍ୟମନ୍ତ୍ରୀ ନିଜେ ନିଶ୍ଚିତ କରିଛନ୍ତି ଯେ ଭାରତ ଭୋଲାରି ଏୟାରବେସ ଉପରେ ଆକ୍ରମଣ କରିଥିଲା । ଏଥିରେ ୬ ଜଣ ବାୟୁ ସେନା କର୍ମଚାରୀ ପ୍ରାଣ ହରାଇଛନ୍ତି । ଏହି ସ୍ୱୀକାରୋକ୍ତି ପ୍ରମାଣ କରିଛି ଯେ ଭାରତ କେବଳ ପାକିସ୍ତାନର ସାମରିକ ଠିକଣାକୁ ଟାର୍ଗେଟ କରିଥିଲା ।

# ଓୱେସୀ କହିଲେ- ସୁଧୁରିବନି ଆମ ପଡୋଶୀ

**ନୂଆଦିଲ୍ଲୀ:** ହାଇଦ୍ରାବାଦ ସାଂସଦ ତଥା ଏଆଇଏମଆଇମ ନେତା ଅସଦୁଦ୍ଦିନ ଓବେସୀ ଶନିବାର ହଜ ଯାଉଥିବା ଶ୍ରଦ୍ଧାଳୁଙ୍କୁ ପାକିସ୍ତାନ ନିମନ୍ତେ ପ୍ରାର୍ଥନା (ଦୁଆ) କରିବାକୁ ନିବେଦନ କରିଛନ୍ତି । ହାଇଦ୍ରାବାଦ ନାମପଲ୍ଲୀସ୍ଥିତ ହଜ ହାଉସ୍‌ରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଛନ୍ତି ଆମ ପଡୋଶୀ ଦେଶ ସୁଧୁରିବନି । ଆପଣମାନେ ହଜକୁ ଯାଉଛନ୍ତି ଦୁଆ କରିବେ ଆଲ୍ଲାହ ତା ଲାଞ୍ଜକୁ ସିଧା କରନ୍ତୁ, ନଚେତ ସମୟ ଆସିଲେ ଆମକୁ ତା ଲାଞ୍ଜୁଡ ସିଧା କରିବାକୁ ପଡିବ । ଓବେସୀ କହିଛନ୍ତି ହଜ୍ କେବଳ ଏକ ଧାର୍ମିକ ଯାତ୍ରା ନୁହେଁ ବରଂ ଏକ ଗଭୀର ଆଧ୍ୟାତ୍ମିକ ସାଧନା । ସେ ତୀର୍ଥ ଯାତ୍ରୀଙ୍କୁ ଆଗ୍ରହ କରିଛନ୍ତି ଯେ ସେମାନେ ଏହି ଯାତ୍ରାକୁ ଧୈର୍ଯ୍ୟ, ବିନମ୍ରତା ଓ ଆଧ୍ୟାତ୍ମିକତାରେ ଭରପୂର କରନ୍ତୁ । କାର୍ଯ୍ୟକ୍ରମରେ ଓବେସୀ ପହଲଗାମ କାଣ୍ଡକୁ ନେଇ ପାକିସ୍ତାନକୁ କଡ଼ା ସମାଲୋଚନା ମଧ କରିଛନ୍ତି । କହିଛନ୍ତି ଏହି ଆକ୍ରମଣ ଭାରତରେ ସାମ୍ପ୍ରଦାୟୀକ ଉତ୍ତେଜନା ସୃଷ୍ଟି ଉଦ୍ଦେଶ୍ୟରେ କରାଯାଇଥିଲା । ଏହା ସତ୍ତ୍ୱେ ଭାରତୀୟ ସମାଜ ପାକିସ୍ତାନର ଏହି ଷଡ଼ଯନ୍ତ୍ରକୁ ବିଫଳ କରିଦେଇଛନ୍ତି ।

ବିରୋଧୀ ଦଳ ନେତା ହୋଇଥିଲେ ବି ଓବେସୀ ଏହି ପ୍ରସଙ୍ଗରେ ପାକିସ୍ତାନକୁ ସମାଲୋଚନା କରି ଜାତୀୟ ଏକତାର ପରିଚୟ ଦେଇଛନ୍ତି । ବିଜେପି ନେତା ରାଜୀବ ଚନ୍ଦ୍ରଶେଖର ମଧ ଓବେସୀ ଓ କଂଗ୍ରେସ ନେତା ଶଶି ଥରୁରଙ୍କ ଦେଶ ଭକ୍ତିର ଉଚ୍ଚ ପ୍ରଶଂସା କରିଛନ୍ତି । କହିଛନ୍ତି ବିଚାରଧାରା ଭିନ୍ନ ହେବା ସତ୍ତ୍ୱେ ସେମାନେ ସଂକଟ ସମୟରେ ରାଜନୀତିକୁ ଛାଡି ଦେଶ ସହିତ ଛିଡା ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଭାରତ ସରକାର ୨୨ ଅଥବା ୨୩ ମେରେ ବିଭିନ୍ନ ଦଳର ବଛାବଛା ସାଂସଦଙ୍କୁ ବିଦେଶ ପଠାଇବାକୁ ଯୋଜନା କରିଛନ୍ତି । ସର୍ବଦଳୀୟ ପ୍ରତିନିଧି ମଣ୍ଡଳ ୧୦ ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ଆମେରିକା, ବ୍ରିଟେନ, କତର, ୟୁଏଇ ଓ ଆଫ୍ରିକା ଆଦି ଦେଶକୁ ଗସ୍ତ କରିବେ ଓ ଆତଙ୍କବାଦକୁ ନେଇ ପାକିସ୍ତାନର ଗୁମର ଖୋଲିବେ । ଏହି ଡେଲିଗେସନର ଉଦ୍ଦେଶ୍ୟ ବିଦେଶୀ ସରକାରମାନଙ୍କ ସମ୍ମୁଖରେ ଆତଙ୍କବାଦ ଉପରେ ଭାରତର ପକ୍ଷ ରଖାଯିବ । ଏହି କାର୍ଯ୍ୟକ୍ରମକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ସଂଯୋଜନା କରୁଛନ୍ତି ।

# ଆପରେ ଗଡ଼ବଡ଼: ଇସ୍ତଫା ଦେଇ ୧୩ କାଉନସିଲର ଗଢ଼ିଲେ ନୂଆ ଦଳ

**ନୂଆଦିଲ୍ଲୀ:** ଦିଲ୍ଲୀରେ କ୍ଷମତାଚ୍ୟୁତ ହୋଇଥିବା ଆପକୁ ଆଉ ଏକ ବଡ଼ ଝଟକା ଲାଗିଛି । ଏକାସାଙ୍ଗରେ ଦଳର ୧୩ ଜଣ କାଉନସିଲର ଇସ୍ତଫା ଦେଇଛନ୍ତି । ସେମାନେ ଆପ୍ ଛାଡ଼ି ଥିବା ବେଳେ ନିଜର ସ୍ୱତନ୍ତ୍ର ଦଳ ଗଠନ କରିଥିବା ଘୋଷଣା କରିଛନ୍ତି । ବିଦ୍ରୋହୀ ନେତାଙ୍କ ମଧ୍ୟରେ ମୁକେଶ ଗୋଏଲ ରହିଛନ୍ତି । ଏକଦା ସେ ଦିଲ୍ଲୀ ମହାନଗର ନିଗମରେ ଗୃହର ନେତା ଭାବେ କାମ କରୁଥିଲେ । ଶନିବାର ଗୋଏଲଙ୍କ ନେତୃତ୍ୱରେ ବିଦ୍ରୋହୀ ନେତାମାନେ ପ୍ରଥମେ ଆପରୁ ଇସ୍ତଫା ଦେଇଥିଲେ । ଏହାପରେ ସେମାନେ ଇନ୍ଦ୍ରପ୍ରସ୍ଥ ବିକାଶ ପାର୍ଟି ଗଠନ କରିଥିବା ଘୋଷଣା କରିଛନ୍ତି । ଫେବୃଆରୀ ମାସରେ ଅନୁଷ୍ଠିତ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ବେଳେ ଗୋଏଲ ଆପ୍ ଟିକେଟରୁ ଆଦର୍ଶ ନଗରରୁ ଲଢ଼ିଥିଲେ । କିନ୍ତୁ ତାଙ୍କୁ ହାରିବାକୁ ପଡ଼ିଥିଲା । ଏବେ ସେ ଆପରୁ ଇସ୍ତଫା ଦେଇଛନ୍ତି । ଗତ ଥରର ମହାନଗର ନିଗମ ନିର୍ବାଚନ ପୂର୍ବରୁ ଏହି ନେତାମାନେ କଂଗ୍ରେସ ଛାଡ଼ି ଆପରେ ଯୋଗ ଦେଇଥିଲେ । ୨୫ ବର୍ଷ ହେଲା କାଉନସିଲର ଭାବେ ନିର୍ବାଚିତ ହୋଇ ଚାଲିଥିବା ଗୋଏଲ ପ୍ରଥମେ କଂଗ୍ରେସରେ ଥିଲେ । କିନ୍ତୁ ୨୦୨୧ରେ ସେ ଆପକୁ ଚାଲି ଆସିଥିଲେ । ଏବେ ସେ ଅନ୍ୟ ସହଯୋଗୀ ନେତାମାନଙ୍କ ସହ ମିଶି ନୂଆ ଦଳ ଗଠନ କରିଛନ୍ତି । ଫେବୃଆରୀ ମାସରେ ଆପ୍ ବିଧାନସଭା ନିର୍ବାଚନରେ ବିଜେପି ଠାରୁ ହାରିଥିଲା । ଏହାପରେ ଆପ୍ ମାର୍ଚ୍ଚ ମାସରେ ସାଂଗଠନିକ ପରିବର୍ତ୍ତନ କରିଥିଲା । ଦିଲ୍ଲୀ ୟୁନିଟର ସଭାପତି ଭାବେ ସୌରଭ ଭରଦ୍ୱାଜଙ୍କୁ ନିଯୁକ୍ତି କରାଯାଇଥିଲା । ସେହିପରି ମନୀଷ ସିସୋଦିଆ ପଞ୍ଜାବର ଆପ ମୁଖିଆ ହୋଇଛନ୍ତି । ଗୋପାଲ ରାଏ ଗୁଜରାଟ ଇନ ଚାର୍ଜ ଓ ସନ୍ଦୀପ ପାଠକଙ୍କୁ ଛତିଶଗଡ଼ର ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି ।

# ରାହୁଲଙ୍କ ପ୍ରଶ୍ନ: କେତୋଟି ଯୁଦ୍ଧ ବିମାନ ହରାଇଛି ଭାରତ

## ତଥ୍ୟକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି: ବୈଦେଶିକ ମନ୍ତ୍ରଣାଳୟ



**ନୂଆଦିଲ୍ଲୀ:** ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି । ଅପରେସନ୍ ସିନ୍ଦୂର ସମୟରେ ବାୟୁସେନା କେତୋଟି ଯୁଦ୍ଧ ବିମାନ ହରାଇଛି ବୋଲି ସେ ବୈଦେଶିକ ମନ୍ତ୍ରୀଙ୍କ ବୟାନ ଆଧାରରେ ସରକାରଙ୍କୁ ଘେରିଛନ୍ତି । ଆକ୍ରମଣ ପୂର୍ବରୁ ସରକାର ପାକିସ୍ତାନକୁ କାହିଁକି ସୂଚନା ଦେଲେ ବୋଲି ସେ ପଚାରିଛନ୍ତି । ଏହା ଏକ ଅପରାଧ ବୋଲି ସେ କହିବା ସହ କିଏ ତାଙ୍କୁ ଅନୁମତି ଦେଲା ବୋଲି ପ୍ରଶ୍ନ କରିଛନ୍ତି ।

ଅପରପକ୍ଷରେ ବୈଦେଶିକ ମନ୍ତ୍ରଣାଳୟ ତଥ୍ୟକୁ ଭୁଲ୍ ଭାବେ ଉପସ୍ଥାପନ କରୁଛ ବୋଲି ଉଲ୍ଲେଖ କରିଛନ୍ତି । ବୈଦେଶିକ ମନ୍ତ୍ରୀ ଡ. ଏସ୍ ଜୟଶଙ୍କର କହିଥିଲେ ଯେ ଆମେ ଆରମ୍ଭରୁ ହିଁ ପାକିସ୍ତାନକୁ ଚେତାବନୀ ଦେଇଥିଲୁ ଯାହା ସ୍ପଷ୍ଟ ଭାବରେ ଅପରେସନ୍ ସିନ୍ଦୂର ଆରମ୍ଭ ହେବାପରେ ପ୍ରାରମ୍ଭିକ ପର୍ଯ୍ୟାୟ ଏହାକୁ ଅପରେସନ୍ ସିନ୍ଦୂର ଆରମ୍ଭ ହେବା ପୂର୍ବରୁ ଭୁଲ୍ ଭାବେ ବର୍ଣ୍ଣନା କରାଯାଇଛି । ତଥ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି । ରାହୁଲ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି ଯେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପାକିସ୍ତାନରୁ ତା' ମାଟିରେ ଥିବା ଆତଙ୍କୀ ସଂଗଠନ ସମ୍ପର୍କରେ ସୂଚନା ଦିଆଯାଇଥିଲା । ସରକାର କହିଥିଲେ ଯେ ସେନା ଉପରେ ଆକ୍ରମଣ ନୁହେଁ ଏହା କେବଳ ଆତଙ୍କୀ ଭିତ୍ତିଭୂମି ଉପରେ । ଯେତେବେଳେ ଅପରେସନ୍ ଆରମ୍ଭ ହେଲା ଆମେ ପାକିସ୍ତାନକୁ ବାର୍ତ୍ତା ଦେଇ କହିଥିଲୁ ଯେ ଆମେ କେବଳ ଆତଙ୍କୀ ସଂଗଠନ ଉପରେ ଆକ୍ରମଣ କରିବୁ । ଏହା କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ । ତେବେ ପିଆଇବି ପକ୍ଷରୁ ଫ୍ୟାକ୍ଟ ଚେକ୍ ୟୁନିଟି ପକ୍ଷରୁ କୁହାଯାଇଛି ଯେ ମନ୍ତ୍ରୀ ଏଭଳି କିଛି ମନ୍ତବ୍ୟ ଦେଇନାହାନ୍ତି, ତାଙ୍କୁ ଭୁଲ୍ ଭାବେ ଉପସ୍ଥାପନ କରାଯାଉଛି ।

# ବାଂଲାଦେଶରେ ଅଣ୍ଡା ସଙ୍କଟ



**ଢାକା:** ଚିକେନ ମହଙ୍ଗା ହେବ ନା ଅଣ୍ଡା ? ସରଳ ଉତ୍ତର ହେଉଛି ଚିକେନ! କିନ୍ତୁ ବର୍ତ୍ତମାନ ବାଂଲାଦେଶରେ ସବୁକିଛି ଓଲଟପାଲଟ ହେବାରେ ଲାଗିଛି । ଦେଶରେ ଅଣ୍ଡାର ମୂଲ୍ୟ ଆକାଶଛୁଆଁ ହୋଇଛି । ତେବେ ଚିକେନ ଦର ଅପକ୍ଷାକୃତ କମ୍ ରହିଛି । ଢାକାର ପ୍ରମୁଖ ପନିପରିବା ବଜାର ରାମପୁରା, ମାଲିବାଗ, ଖିଲଗାଓଁ ତାଲତାଲା ଏବଂ ସେଜୁନବାଗିଚାରେ ପରିସ୍ଥିତି କିଛିଟା ଭିନ୍ନ ଦେଖାଯାଉଛି ।

ଗୋଟିଏ ସପ୍ତାହ ମଧ୍ୟରେ ଅଣ୍ଡାର ମୂଲ୍ୟ ପ୍ରତି ଡଜନରେ ୧୦ ଟଙ୍କା ବୃଦ୍ଧି ପାଇଛି, ଯେତେବେଳେ ବ୍ରଏଲର ଚିକେନର ମୂଲ୍ୟ ୧୦ ରୁ ୨୦ ଟଙ୍କା ହ୍ରାସ ପାଇଛି । ସେହି ସମୟରେ, ପନିପରିବା ଦର ଏବେ ବି ଅଧିକ ଅଛି, କେବଳ କିଛି ପନିପରିବା ଦର କମ୍ ରହିଛି ।

ଅଣ୍ଡା, ଯାହାକୁ ଏକ ଶସ୍ତା ପ୍ରୋଟିନ୍ ଭାବ ଦେଶରେ ବିବେଚନା କରାଯାଉଥିଲା, ଏବେ ସାଧାରଣ ଲୋକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ବର୍ତ୍ତମାନ ବଡ଼ ବଜାରରେ ଅଣ୍ଡା ପ୍ରତି ଡଜନ ୧୪୦ ଟଙ୍କା ଏବଂ ସ୍ଥାନୀୟ ଅଞ୍ଚଳରେ ୧୪୫ ଟଙ୍କାରେ ବିକ୍ରି ହେଉଛି, ଯେତେବେଳେ ଗୋଟିଏ ସପ୍ତାହ ପୂର୍ବେ ଏହି ମୂଲ୍ୟ ୧୩୦-୧୩୫ ଟଙ୍କା ଥିଲା ।

ମାଲିବାଗ ବଜାରର ଅଣ୍ଡା ହୋଲସେଲଙ୍କ ଅନୁସାରେ ଚାଷୀମାନେ ବହୁତ ମାସ ଧରି କ୍ଷତି ସହୁଛନ୍ତି । ଏଥର ଯଦି ମୂଲ୍ୟ ଟିକେ ବୃଦ୍ଧି ପାଇଛି, ତେବେ ଏହା ସେମାନଙ୍କ ପାଇଁ ଜରୁରୀ ଥିଲା । ଅନେକ ଫାର୍ମ ବନ୍ଦ ହୋଇ ଯାଇଛି । ସାଧାରଣତଃ ବର୍ଷା ଋତୁରେ ଅଣ୍ଡାର ମୂଲ୍ୟ ବୃଦ୍ଧି ପାଏ, କିନ୍ତୁ ଏଥର ମୂଲ୍ୟ ବହୁତ ଦିନ ଧରି କମ୍ ରହିଥିଲା ।

ଅଣ୍ଡା ମହଙ୍ଗା ହୋଇଥିବାବେଳେ, ଚିକେନର ମୂଲ୍ୟ ହ୍ରାସ ପାଇଛି । ବ୍ରଏଲର ଚିକେନ ଏବେ କିଲୋ ପ୍ରତି ୧୬୦ ଟଙ୍କାରୁ ୧୮୦ ଟଙ୍କାରେ ବିକ୍ରି ହେଉଛି, ଯାହା ଗତ ସପ୍ତାହ ତୁଳନାରେ ୧୦-୨୦ ଟଙ୍କା କମ୍ । ପନିପରିବା ବଜାରର ଅବସ୍ଥା ଏବେ ବି ଖରାପ ରହିଛି ।


କିଛି ଗ୍ରୀଷ୍ମକାଳୀନ ପନିପରିବା ପୋଟଳ, ଛଚିନ୍ଦ୍ରା କିଲୋ ପ୍ରତି ୪୦-୬୦ ଟଙ୍କାରେ ବିକ୍ରି ହେଉଛି । ଯେତେବେଳେ ଟମାଟ କିଲୋ ପ୍ରତି ୫୦-୬୦ ଟଙ୍କା ରହିଛି । ଲୋକେ କହିଛନ୍ତି ଯେ, ଗ୍ରୀଷ୍ମକାଳୀନ ପନିପରିବାର ଯୋଗାଣ ବୃଦ୍ଧି ପାଇଛି, ତେଣୁ ଦର ଟିକିଏ ହ୍ରାସ ପାଇଛି । କିନ୍ତୁ ଯଦି ବର୍ଷା ହୁଏ ତେବେ ଦର ବଢ଼ିବାର ଆଶଙ୍କା ରହିଛି ।

# ବ୍ରହ୍ମୋସ୍ କିଣିବାକୁ ଆଗ୍ରହ ଦେଖାଇଲେ ୧୫ ଦେଶ




**ନୂଆଦିଲ୍ଲୀ:** ଭାରତ ଏବଂ ପାକିସ୍ତାନ ମଧ୍ୟରେ ନିକଟରେ ହୋଇଥିବା ସାମରିକ ସଂଘର୍ଷରେ, ବିଶ୍ୱ ଭାରତର ପ୍ରତିରକ୍ଷା ଉତ୍ପାଦର ଶକ୍ତି ଦେଖିଥିଲା । ଭାରତ ପାକିସ୍ତାନ ଉପରେ ୧୫ଟି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯାହା ୧୧ଟି ବାୟୁସେନା ଘାଟିକୁ ଧ୍ୱଂସ କରିଥିଲା । ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ବ୍ରହ୍ମୋସର ଏହି ବିନାଶକାରୀ ସଫଳତା ବିଶ୍ୱକୁ ଦେଖାଇ ଦେଇଛି ଯେ ଭାରତ ଆଉ ବିଦେଶୀ ପ୍ରତିରକ୍ଷା ଉତ୍ପାଦ ଉପରେ ନିର୍ଭରଶୀଳ ନୁହେଁ ବରଂ ଦେଶରେ ତିଆରି ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଶତ୍ରୁକୁ ପଛକୁ ହଟାଇ ପାରିବ । ଏହି ସଂଘର୍ଷ ପରେ ବିଶ୍ୱରେ ବ୍ରହ୍ମସର ଚାହିଦା ବଢିଯାଇଛି । ପ୍ରାୟ ୧୫ରୁ ଅଧିକ ଦେଶ ଏହାକୁ କିଣିବାକୁ ଆଗ୍ରହ ଦେଖାଇଛନ୍ତି । ଇତି ମଧ୍ୟରେ ଫିଲିପାଇନ୍ସ ଭାରତରୁ ବ୍ରହ୍ମସ କିଣିବାକୁ ୨୦୨୨ରେ ୩୭.୪ କୋଟି ଡଲାରର ଏକ ଚୁକ୍ତି କରିଥିଲା ଓ ଭାରତ ଏହାର ଯୋଗାଣ ଆରମ୍ଭ କରିଦେଇଛି । ପ୍ରାୟ ୧୫ରୁ ଅଧିକ ଦେଶ ଏହାକୁ କିଣିବାକୁ ଆଗ୍ରହ ଦେଖାଇଛନ୍ତି । ଇତି ମଧ୍ୟରେ ଫିଲିପାଇନ୍ସ ଭାରତରୁ ବ୍ରହ୍ମସ କିଣିବାକୁ ୨୦୨୨ରେ ୩୭.୪ କୋଟି ଡଲାରର ଏକ ଚୁକ୍ତି କରିଥିଲା ଓ ଭାରତ ଏହାର ଯୋଗାଣ ଆରମ୍ଭ କରିଦେଇଛି । ସେହିପରି ଭିଏତନାମ ବି ଏହାକୁ କିଣିବାକୁ ଆଲୋଚନା ଚଳାଇଛି । ସେପଟେ ଏ ନେଇ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ବି ଆଲୋଚନା ଚାଲିଛି ଏବଂ ଖୁବ୍ ଶୀଘ୍ର ବ୍ରହ୍ମୋସ କ୍ଷେପଣାସ୍ତ୍ର ସମ୍ପର୍କରେ ଚୁକ୍ତି ଚୂଡ଼ାନ୍ତ ହୋଇପାରେ । ଏହା ବ୍ୟତୀତ ଭିଏତନାମ ତାର ସେନା ଏବଂ ନୌସେନା ପାଇଁ ବ୍ରହ୍ମୋସ କ୍ଷେପଣାସ୍ତ୍ର କିଣିବାକୁ ମଧ ଯୋଜନା କରୁଛି । ଏହି ଦେଶଗୁଡ଼ିକ ବ୍ୟତୀତ ଥାଇଲ୍ୟାଣ୍ଡ, ସିଙ୍ଗାପୁର, ବ୍ରୁନେଇ, ବ୍ରାଜିଲ, ଚିଲି, ଆର୍ଜେଣ୍ଟିନା, ଭେନେଜୁଏଲା, ଇଜିପ୍ଟ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କତାର ଏବଂ ଓମାନ ଭଳି ଦେଶ ମଧ ଏଥିରେ ଆଗ୍ରହ ଦେଖାଇଛନ୍ତି ।

# ଭାରତ କାହା ସହ ଶତ୍ରୁତା କରେ ନାହିଁ: ମୋହନ ଭାଗବତ



**ନାଗପୁର:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଗଠନ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଅପରେସନ୍ ସିନ୍ଦୁର ବିଷୟରେ ଏକ ବଡ଼ ବିବୃତ୍ତି ଦେଇଛନ୍ତି । ପାକିସ୍ତାନର ନାମ ନ ନେଇ ମୋହନ ଭାଗବତ କହିଛନ୍ତି ଯେ ଭାରତର କାହା ସହିତ ଶତ୍ରୁତା ନାହିଁ, କିନ୍ତୁ ତଥାପି ଯଦି କେହି କିଛି କରିବାକୁ ସାହସ କରେ, ତେବେ ଭାରତ ଉଚିତ ଜବାବ ଦେବାକୁ ପଛାଇବ ନାହିଁ ।

ସେ କହିଥିଲେ, ଭାରତ ସର୍ବଦା ଏହାର ପଡ଼ୋଶୀ ଦେଶମାନଙ୍କ ପାଇଁ ବଡ଼ ଭାଇର ଭୂମିକା ଗ୍ରହଣ କରିଆସିଛି ଏବଂ ସର୍ବଦା ଏହାର ପଡ଼ୋଶୀ ଦେଶମାନଙ୍କୁ ସାହାଯ୍ୟ କରିଆସିଛି । ଏହା ସତ୍ତ୍ୱେ, ଭାରତ କେବେ ବଡ଼ ଭାଇ ହେବାର ଗର୍ବ କରେ ନାହିଁ ଏବଂ ବଡ଼ ଭାଇ ଭାବରେ କର୍ତ୍ତବ୍ୟ ପାଳନ କରିବା ସମୟରେ ସାନମାନଙ୍କୁ ପରାମର୍ଶ ଦେଇଥାଏ । ସଂଘର ପ୍ରମୁଖ ମୋହନ ଭାଗବତ ଶନିବାର ରାଜସ୍ଥାନ ଜୟପୁରରେ ଏହି କଥା କହିଛନ୍ତି ।

ମୋହନ ଭାଗବତ କହିଥିଲେ, ସମଗ୍ର ବିଶ୍ୱକୁ ମାନବ ଧର୍ମ ଶିକ୍ଷା ଦେବା ଭାରତର କର୍ତ୍ତବ୍ୟ, କାରଣ ଭାରତ ସର୍ବଦା ଏକ ମାନବ-ଆଧାରିତ ଧର୍ମକୁ ଅନୁସରଣ କରିଆସିଛି । କିନ୍ତୁ ଏଥିପାଇଁ ଶକ୍ତି ଆବଶ୍ୟକ । ସେ କହିଥିଲେ ଯେ ଭାରତ କାହାକୁ ଘୃଣା କରେ ନାହିଁ, କିନ୍ତୁ ଯେତେବେଳେ ଆପଣଙ୍କ ପାଖରେ ଶକ୍ତି ଥାଏ ସେତେବେଳେ ବିଶ୍ୱ ପ୍ରେମ ଏବଂ କଲ୍ୟାଣର ଭାଷା ଶୁଣେ । ସେ କହିଥିଲେ, ବିଶ୍ୱ କେବଳ ସେତେବେଳେ ତୁମର କଥା ଶୁଣେ ଯେତେବେଳେ ଏହାକୁ ଅନୁଭବ ହୁଏ ଯେ ତୁମେ ଶକ୍ତିଶାଳୀ । ଏହା ବିଶ୍ୱର ପ୍ରକୃତି ଏବଂ ଏହି ପ୍ରକୃତିକୁ ପରିବର୍ତ୍ତନ କରାଯାଇପାରିବ ନାହିଁ । ତେଣୁ, ବିଶ୍ୱ କଲ୍ୟାଣ ପାଇଁ ଆମକୁ ଶକ୍ତିଶାଳୀ ହେବାକୁ ପଡିବ ଏବଂ ସମୟ ସମୟରେ ବିଶ୍ୱ ଆମର ଶକ୍ତି ଦେଖୁଛି ଏବଂ ଆମ ଦ୍ୱାରା ପ୍ରଭାବିତ ମଧ ହେଉଛି ।

# ଆୟର କହିଲେ ଏହା ଆଇପିଏଲ୍, ଭଲ କରି ମନେ ରଖ



ନୂଆଦିଲ୍ଲୀ,୧୭।୫ (ଏଜେନ୍ସି): ୮ ଦିନର ବିରତି ପରେ ପୁଣି ଆରମ୍ଭ ହୋଇଛି ଆଇପିଏଲ୍ । ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି ଯୋଗୁଁ ଅଧିକାଂଶ ବିଦେଶୀ ଖେଳାଳି ସ୍ୱଦେଶ ଫେରି ଯାଇଥିଲେ । ଏବେ ପୁଣିଥରେ ଆଇପିଏଲ୍ ଆରମ୍ଭ ହୋଇଛି । ଅନେକ ଖେଳାଳି ଦେଶ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବା କିମ୍ବା ବ୍ୟକ୍ତିଗତ କାରଣରୁ ଭାରତ ଫେରିନାହାନ୍ତି । ତେଣୁ ଆଇପିଏଲ୍ ଦଳ ଗୁଡିକର ସନ୍ତୁଳନ ବିଗିଡିଛି । ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶ୍ରେୟାସ ଆୟର କହିଛନ୍ତି ବିଦେଶୀ ଖେଳାଳି ନଆସିଲେ କୌଣସି ଫରକ ପଡ଼ିବ ନାହିଁ । କାରଣ ଏହା ଆଇପିଏଲ୍ । କିଛି ବିଦେଶୀ ଖେଳାଳି ଆଇପିଏଲ୍‌ରେ ଭାଗ ନେବାକୁ ଫେରିଥିବା ବେଳେ ଆଉ କିଛି ଆସି ନାହାନ୍ତି । ପ୍ରାୟ ସବୁ ଦଳରେ ଏମିତି ସମସ୍ୟା । ଫଳରେ ଆଇପିଏଲ୍‌ର ଅବଶିଷ୍ଟ ୧୭ଟି ମ୍ୟାଚରେ ଦଳ ମାନଙ୍କ ଚୂଡାନ୍ତ ଏକାଦଶରେ ପରିବର୍ତ୍ତନ ଦେଖିବାକୁ ମିଳିବ । ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଖେଳୁଥିବା ଅଷ୍ଟ୍ରେଲିଆର ମାର୍କସ ଷ୍ଟୋଇନିସ୍ ଏପର୍ଯ୍ୟନ୍ତ ଦଳରେ ଯୋଗଦେଇନାହାନ୍ତି । ଯୋଶ ଇଂଲିସ୍ ଓ ମାର୍କୋ ଜନସେନ୍ କେବେ ଆସିବେ ତାହା ସ୍ପଷ୍ଟ ହୋଇନାହିଁ । ଏସବୁ ଭିତରେ ଅଧିନାୟକ ଶ୍ରେୟାସ ଆୟର କହିଛନ୍ତି । ମନେ ରଖନ୍ତୁ ଏହା ଆଇପିଏଲ । କେହି ଆସିଲେ କିମ୍ବା ନଆସିଲେ କିଛି ଫରକ୍ ପଡେ ନାହିଁ । ଜୁନ୍ ୧୧ରୁ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ଆରମ୍ଭ ହେବ । ଅଷ୍ଟ୍ରେଲିଆ ଓ ଦ.ଆଫ୍ରିକା ମୁହାଁମୁହିଁ ହେବେ । ଏହି କାରଣରୁ ଅଧିକାଂଶ ଅଷ୍ଟ୍ରେଲିଆ ଓ ଦ.ଆଫ୍ରିକା ଖେଳାଳି ଆଇପିଏଲ୍‌ର ଶେଷ ଭାଗରେ ଯୋଗଦେଇନାହାନ୍ତି । ଆଉ କିଛି ଖେଳାଳି ମେ ୨୬ ତାରିଖରେ ସ୍ୱଦେଶ ଫେରିଯିବେ । ଅନ୍ୟପଟେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ । ତେଣୁ ଦୁଇ ଦେଶର ଖେଳାଳି ଭାରତ ଫେରିବା ଆଶା କମ୍ ରହିଛି । ଏହି ଅନିଶ୍ଚିତତା ମଧ୍ୟରେ ଶ୍ରେୟାସ ଆୟର ସବୁ ଖେଳାଳିଙ୍କୁ ଦମ୍‌ଦାର ସନ୍ଦେଶ ଦେଇଛନ୍ତି ।

**ଆଇପିଏଲ୍ ମହାସମର**

# ବର୍ଷାରେ ଧୋଇଗଲା ବେଙ୍ଗାଲୁରୁ-କୋଲକାତା ମ୍ୟାଚ

ବେଙ୍ଗାଲୁରୁ,୧୭।୫ (ଏଜେନ୍ସି): ବେଙ୍ଗାଲୁରୁର ଏମ୍ ଚିନାସ୍ୱାମୀ ଷ୍ଟାଡିୟମ୍‌ରେ ବେଙ୍ଗାଲୁରୁ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ ପ୍ରବଳ ବର୍ଷା ଯୋଗୁଁ ଧୋଇ ଯାଇଛି । ସନ୍ଧ୍ୟା ୭.୩୦ ମିନିଟରେ ମ୍ୟାଚ ଆରମ୍ଭ ହେବାର ଥିଲା । ଲଗାଣ ବର୍ଷା କାରଣରୁ ଟସ୍ ବିଳମ୍ବିତ ହୋଇଥିଲା । ୮.୩୦ ମିନିଟ୍‌ରେ ପଡ଼ିଆ ଶୁଖାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ବର୍ଷାର ମାତ୍ରା ବଢ଼ିବାରୁ ରାତି ୧୦.୩୦ରେ ମ୍ୟାଚ ବାତିଲ ଘୋଷଣା ହେବା ସହ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି । ୨ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ଲାଭ କରିଛନ୍ତି । ବେଙ୍ଗାଲୁରୁ ୧୨ ମ୍ୟାଚରୁ ୧୭ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷ ସ୍ଥାନକୁ ଉଠିଛି । ଆଉ ଗୋଟିଏ ମ୍ୟାଚର ଫଳାଫଳ ସହ ବେଙ୍ଗାଲୁରୁ ପ୍ଲେ ଅଫ୍‌ରେ ସ୍ଥାନ ପକ୍କା କରିବ । କୋଲକାତା ପାଇଁ ସଂକଟ ବଢ଼ି ଯାଇଛି । ଦଳ ୧୩ ମ୍ୟାଚରୁ ୧୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି । ଆଉ ଗୋଟିଏ ମ୍ୟାଚ ବାକିଥିବାରୁ କୋଲକାତାର ପ୍ଲେ ଅଫ୍ ଆଶା ଏକପ୍ରକାର ଶେଷ ହୋଇଛି ବୋଲି କୁହାଯାଇପାରେ । ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ଥିବା ବେଳେ ଗୁଜରାଟ ଟାଇଟନ୍ସ ୧୧ ମ୍ୟାଚରୁ ୧୬ ପଏଣ୍ଟ ସହ ଦ୍ୱିତୀୟ, ପଞ୍ଜାବ ୧୧ ମ୍ୟାଚରୁ ୧୫ ପଏଣ୍ଟ ସହ ତୃତୀୟ, ମୁମ୍ବାଇ ୧୨ ମ୍ୟାଚରୁ ୧୪ ପଏଣ୍ଟ ସହ ଚତୁର୍ଥ ଏବଂ ଦିଲ୍ଲୀ ୧୧ ମ୍ୟାଚରୁ ୧୩ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି । ଏପର୍ଯ୍ୟନ୍ତ ଆଇପିଏଲ୍-୨୦୨୫ରେ ୩ଟି ଦଳ ପ୍ଲେ ଅଫ୍ ଦୌଡ଼ରୁ ବାଦ ପଡିସାରିଛନ୍ତି । ଅପରପକ୍ଷରେ ଗୋଟିଏ ବି ଦଳ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିନାହାନ୍ତି । ଚେନ୍ନାଇ ସୁପରକିଙ୍ଗ୍ସ, ରାଜସ୍ଥାନ ରୟାଲ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ବାଦ ପଡିଛନ୍ତି । ପ୍ଲେ ଅଫ୍ ଦୌଡ଼ରେ ଗୁଜରାଟ ଟାଇଟନ୍ସ, ରାୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ପଞ୍ଜାବ କିଙ୍ଗ୍ସ, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ କୋଲକାତା ନାଇଟ ରାଇଡର୍ସ ରହିଛନ୍ତି ।



**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୨ | ୮ | ୩ | ୧୭ |
| ଗୁଜରାଟ | ୧୧ | ୮ | ୩ | ୧୬ |
| ପଞ୍ଜାବ | ୧୧ | ୭ | ୩ | ୧୫ |
| ମୁମ୍ବାଇ | ୧୨ | ୭ | ୫ | ୧୪ |
| ଦିଲ୍ଲୀ | ୧୧ | ୬ | ୪ | ୧୩ |
| କୋଲକାତା | ୧୩ | ୫ | ୬ | ୧୨ |
| ଲକ୍ଷ୍ନୌ | ୧୧ | ୫ | ୬ | ୧୦ |
| ସନ୍‌ରାଇଜର୍ସ | ୧୧ | ୩ | ୭ | ୭ |
| ରାଜସ୍ଥାନ | ୧୨ | ୩ | ୯ | ୬ |
| ଚେନ୍ନାଇ | ୧୧ | ୩ | ୯ | ୬ |

**ଆଜିର ମ୍ୟାଚ**

| ରାଜସ୍ଥାନ-ପଞ୍ଜାବ | ଦିଲ୍ଲୀ- ଗୁଜରାଟ |
|---|---|
| ସମୟ: ଅପରାହ୍ନ ୩.୩୦ | ସମୟ: ରାତି ୭.୩୦ |
| ସ୍ଥାନ: ଜୟପୁର | ସ୍ଥାନ: ଦିଲ୍ଲୀ |


ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟଷ୍ଟାର

# କଳିଙ୍ଗ ଷ୍ଟାଡିୟମ୍‌ରେ ଟିସିଏଲ୍



ଭୁବନେଶ୍ୱର,୧୭।୫ (ସବ୍ୟୁ): ରଘୁନାଥ ପ୍ରଧାନ ଫାଉଣ୍ଡେସନ୍ ଏବଂ ପିସ୍ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଟ୍ରାନ୍ସପ୍ଲାଣ୍ଟ ଚାମ୍ପିଅନ୍ସ ଲିଗ୍ (ଟିସିଏଲ୍) ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଙ୍ଗ ପ୍ରତ୍ୟାରୋପଣକାରୀ, ଅଙ୍ଗଦାତା, ଅଙ୍ଗଦାତାଙ୍କ ପରିବାର ସଦସ୍ୟ, ମେଡ଼ିକାଲ କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଟିସିଏଲ ପ୍ରତିଯୋଗିତାରେ ରିଲେ ରେସ୍, ଜୁମ୍ବା ସେସନ୍, ମାନସିକ ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ହେଲ୍‌ଥ ଭିଲେଜ୍ ହସ୍ପିଟାଲ ପକ୍ଷରୁ ଆୟୋଜନ କରାଯାଇଥିଲା । ୧୦୦ରୁ ଅଧିକ ଅଙ୍ଗଦାନ କରିଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିଥିଲେ । ଏନ୍‌ଜିଓ ମଦର୍ସର ପ୍ରତିଷ୍ଠାତା ଟିଏନ୍ ପଣ୍ଡାଙ୍କୁ ଜୀବନବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ମଣିଷ ଶରୀରରେ ଅଙ୍ଗର ଆବଶ୍ୟକତା ଓ ଅଙ୍ଗଦାନ କରୁଥିବା ଅଙ୍ଗଦାତାଙ୍କୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ବିଭୂଷ ଭୂଷଣ ଜେନା, ବିଧାୟକ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦୋହା ଡାଇମଣ୍ଡ ଲିଗ୍‌ରେ ନୀରଜଙ୍କ ନୂଆ ରେକର୍ଡ



ନୂଆଦିଲ୍ଲୀ,୧୭।୫ (ଏଜେନ୍ସି): ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ଦୋହା ଡାଇମଣ୍ଡ ଲିଗ୍‌ରେ ଜାଭେଲିନ୍ ଫିଙ୍ଗି ନୂଆ ରେକର୍ଡ କରିଛନ୍ତି । ନୀରଜ ଚୋପ୍ରା ନିଜର ତୃତୀୟ ପ୍ରୟାସରେ ୯୦.୨୩ ମିଟର ଜାଭେଲିନ୍ ଫିଙ୍ଗି ଏହି ରେକର୍ଡ କରିଛନ୍ତି । ସେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଜର୍ମାନୀର ଭେଟେରାନ ଜୁଲିଆନ୍ ୱେବର ୯୧.୦୬ ମିଟର ଥ୍ରୋ କରି ପ୍ରଥମ ସ୍ଥାନରେ ରହିଛନ୍ତି । ୱେବର ନିଜର ଷଷ୍ଠ ପ୍ରୟାସରେ ସଫଳତା ହାସଲ କରିଛନ୍ତି । ନୀରଜଙ୍କ ବ୍ୟତୀତ ଭାରତର ଅନ୍ୟତମ ଖେଳାଳି ଓଡ଼ିଶାର କିଶୋର ଜେନା ୭୮୬୦ ମିଟର ଫିଙ୍ଗି ଅଷ୍ଟମ ସ୍ଥାନରେ ରହିଥିଲେ ।

ନୀରଜ ପ୍ରଥମ ପ୍ରୟାସରେ ୮୮.୪୪ ମିଟର ଜାଭେଲିନ୍ ଥ୍ରୋ କରିଥିଲେ । ଦ୍ୱିତୀୟ ପ୍ରୟାସ ଫାଉଲ ହୋଇଥିଲା । ତୃତୀୟ ପ୍ରୟାସରେ ସେ ୯୦.୨୩ ମିଟର ଫିଙ୍ଗି ଥିଲେ । ପ୍ରଥମଥର ନୀରଜ ନିଜ କ୍ୟାରିୟରରେ ୯୦ ମିଟର ଅତିକ୍ରମ କରିଛନ୍ତି । ଏଥିସହ ନୀରଜ ଜାଭେଲିନ୍ ଥ୍ରୋରେ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି । ଭାରତରେ ଅନ୍ୟ କୌଣସି ଜାଭେଲିନ୍ ତାରକା ୯୦ ମିଟର ଅତିକ୍ରମ କରିନାହାନ୍ତି ।

### ଫାଓ ୟୁଥ ଲିଗ

# ଫାଓ ଏକାଡେମୀ ବିଜୟୀ

ଭୁବନେଶ୍ୱର,୧୭।୫ (ସବ୍ୟୁ): କଟକ ମଙ୍ଗଳାବାଗ ସ୍ଥିତ ବୋଷ କମ୍ପ୍ଲେକ୍ସ ପରିସରରେ ଜାରି ରହିଥିବା ୧୭ ବର୍ଷରୁ କମ୍ ଫାଓ ୟୁଥ୍ ଲିଗ୍‌ରେ ଶନିବାର ଫାଓ ଏକାଡେମୀ ୨-୦ ଗୋଲ୍‌ରେ ଇଲେଭେନ୍ ବ୍ରାଇଟ୍‌ଷ୍ଟାରକୁ ହରାଇଛି । ଏହି ମ୍ୟାଚରେ ଫାଓ ଏକାଡେମୀର ଯୁବରାଜ ରାୟ ୨୭ ମିନିଟ୍ ଓ ଈଶାନ କୁଜୁର ୫୮ ମିନିଟରେ ଗୋଲ୍‌ସ୍କୋର କରିଥିଲେ । ଦ୍ୱିତୀୟ ମ୍ୟାଚରେ ମଙ୍ଗଳା କ୍ଲବ୍ ଓ ୱାଏଏଫ୍‌ସି ଚୌଦ୍ୱାର ପରସ୍ପରକୁ ଭେଟିଥିଲେ । ୱାଇଏଏଫ୍‌ସି ଚୌଦ୍ୱାର ଦଳ ୩-୦ ଗୋଲ୍‌ରେ ମଙ୍ଗଳା କ୍ଲବ୍‌କୁ ଧରାଶାୟୀ କରିଛି । ବିଜୟୀ ଦଳର ଗଜେନ୍ଦ୍ର ନାୟକ ୨୪ ତମ ମିନିଟ୍, ପ୍ରଭାକର ବାସ୍କେ ୩୪ତମ ମିନିଟ୍ ଓ କମଲ ଲୋଚନ ସାହୁ ୬୭ତମ ମିନିଟ୍‌ରେ ଗୋଲ୍ କରିଥିଲେ ।

### ଆର୍ଜେଣ୍ଟିନାରେ ଚତୁଃରାଷ୍ଟ୍ରୀୟ ହକି

# ଭାରତୀୟ ଜୁନିୟର ମହିଳା ଦଳ ଘୋଷିତ

ନୂଆଦିଲ୍ଲୀ,୧୭।୫ (ଏଜେନ୍ସି): ଆର୍ଜେଣ୍ଟିନାରେ ମେ ୨୫ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଆର୍ଜେଣ୍ଟିନା, ଉରୁଗୁଏ, ଚିଲି ଓ ଭାରତକୁ ନେଇ ଏକ ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ପ୍ରତିଯୋଗିତା ହେବାକୁଯାଉଛି । ଶନିବାର ହକି ଇଣ୍ଡିଆ ପକ୍ଷରୁ ଏକ ୨୪ ଜଣିଆ ଭାରତୀୟ ଜୁନିୟର ମହିଳା ହକି ଦଳ ଘୋଷଣା କରାଯାଇଛି । ଆଗାମୀ ଡିସେମ୍ବରରେ ଏଫ୍‌ଆଇଏଚ୍ ଜୁନିୟର ହକି ମହିଳା ବିଶ୍ୱକପ୍ ହେବ । ଏହା ପୂର୍ବରୁ ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡିକ ବିଶ୍ୱକପ୍ ପ୍ରସ୍ତୁତି ଆରମ୍ଭ କରିଛି । ଭାରତୀୟ ଦଳ ଚତୁଃରାଷ୍ଟ୍ରୀୟ ପ୍ରତିଯୋଗିତାର ଅନ୍ୟ ୩ଟି ଦଳ ସହ ଦୁଇଟି ଲେଖାଏଁ ମ୍ୟାଚ ଖେଳିବ । ଭାରତୀୟ ଜୁନିୟର ଦଳର ନେତୃତ୍ୱ ନେବେ ଗୋଲ୍‌କିପର ନିଧି । ହିନା ବାନୁଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି । ଦ୍ୱିତୀୟ ଗୋଲ୍‌କିପର ଭାବେ ଏନ୍‌ଜେଲ ହର୍ସ ରାଣୀମିଞ୍ଜ ଦଳରେ ସ୍ଥାନ ପାଇଛନ୍ତି । ବିଦ୍ୟାଶ୍ରୀ ଭି ଷ୍ଟାଣ୍ଡବାଏ ଦଳରେ ସ୍ଥାନ ପାଇଛନ୍ତି । ଡିଫେଣ୍ଡର ବର୍ଗରେ ମମିତା ଓରାମ, ଲାଲଫାଙ୍ଗଲୁଆଙ୍ଗି, ମନିଷା, ପୂଜା ସାହୁ, ପାର୍ବତୀ ଟପ୍ପୋ, ନନ୍ଦିନୀ ସାକ୍ଷୀ ଶୁକ୍ଲା ଅଛନ୍ତି । ମିଡଫିଲ୍ଡରେ ପ୍ରିୟଙ୍କା ଯାଦବ, ଅନିଶ ସାହୁ, ରଜନୀ କେରକେଟା, ବିନିମା ଧାନ, ଖଇଡେମ୍, ସିଲିମା ଚାନୁ, ସଞ୍ଜନା ହୋରୋ, ସୁପ୍ରିୟା କୌର, ପ୍ରିୟଙ୍କା ଡୋଗ୍ରା ଅଛନ୍ତି । ମିଡ଼ଫିଲ୍ଡର୍ସ ହୁଦା ଖାନ୍, ମୁନୁମୁନି ଦାସଙ୍କୁ ଷ୍ଟାଣ୍ଡବାଏ ଭାବେ ରଖାଯାଇଛି । ଫରୱାର୍ଡରେ ହିନା ବାନୋ, ସୋନମ, ସୁଖବୀର କୌର, ଗୀତା ଯାଦବ, ଲାଲରିନ୍ ପୁନି, କନିକା ସିୱଚ ଓ କର୍ମନପ୍ରୀତ କୌର ସ୍ଥାନ ପାଇଛନ୍ତି । ୨୫ ତାରିଖରେ ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ଭାରତ ପ୍ରଥମ ମ୍ୟାଚରେ ଚିଲିକୁ ଭେଟିବ ।

# ଆର୍‌ସିବି ଫାଇନାଲକୁ ଗଲେ ମୁଁ ଆସିବି: ଡିଭିଲିୟର୍ସ

ନୂଆଦିଲ୍ଲୀ,୧୭।୫ (ଏଜେନ୍ସି): ଚଳିତ ବର୍ଷ ଆଇପିଏଲ୍‌ରେ ବେଙ୍ଗାଲୁରୁର ପ୍ରଦର୍ଶନ ଜମାଣିଆ ରହିଛି । ଦଳ ପ୍ଲେ ଅଫ୍ସର ନିକଟତର ହୋଇଛି । ଏଦୃଷ୍ଟିରୁ ବେଙ୍ଗାଲୁରୁ ପାଖରେ ପ୍ରଥମଥର ଆଇପିଏଲ୍ ଟ୍ରଫି ଜିତିବାର ସୁଯୋଗ ରହିଛି । ଆର୍‌ସିବିର ପୂର୍ବତନ ବ୍ୟାଟର ଏବି ଡିଭିଲିୟର୍ସ ଖୁସି ବ୍ୟକ୍ତ କରି କହିଛନ୍ତି ଯଦି ଦଳ ଫାଇନାଲରେ ପହଞ୍ଚେ ତେବେ ମୁଁ ନିଶ୍ଚିତ ଭାବେ ଷ୍ଟାଡିୟମ୍‌କୁ ଆସି ଫାଇନାଲ ମ୍ୟାଚ ଉପଭୋଗ କରିବି । ବିରାଟ କୋହଲିଙ୍କ ଟ୍ରଫି ଉଠାଇବା ଖୁସି ଅନ୍ୟ କେଉଁଠାରେ ମିଳିବ ନାହିଁ । ମୁଁ ବେଶି କିଛି ବର୍ଷ ଉଦ୍ୟମ କରିଥିଲେ ମଧ୍ୟ ଶେଷରେ ନିରାଶ ହେଉଛି । ଅନେକଥର ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଆମେ ଟ୍ରଫି ଜିତି ପାରିନାହୁଁ । ଏଥର ସୁଯୋଗ ହାତଛଡା ନକରିବା ପାଇଁ ଡିଭିଲିୟର୍ସ ଆର୍‌ସିବି ଖେଳାଳିଙ୍କୁ କହିଛନ୍ତି । ଚଳିତ ସଂସ୍କରଣରେ ଆରସିବି ୧୧ ମ୍ୟାଚରୁ ୮ ବିଜୟ ହାସଲ କରି ୧୬ ପଏଣ୍ଟ ପାଇଛି । ଆଉ ଗୋଟିଏ ବିଜୟ ଦଳକୁ ପ୍ଲେ ଅଫ୍ସରେ ପ୍ରବେଶ କରାଇବା ପାଇଁ ଯଥେଷ୍ଟ ହେବ । ଦିନ କେଇଟା ଆଗରୁ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ଭାରତ ଓ ପାକିସ୍ତାନ ମଧ୍ୟରେ ଆତଙ୍କବାଦକୁ ନେଇ ଉତ୍ତେଜନା ପୂର୍ଣ୍ଣ ସ୍ଥିତି ସୃଷ୍ଟି ହେବାରୁ ଆଇପିଏଲ୍‌କୁ ସାମୟିକ ଭାବେ ସ୍ଥଗିତ କରାଯାଇଥିଲା । ପୁଣିଥରେ ୧୭ ତାରିଖରୁ ଆଇପିଏଲ୍ ବିଗୁଲ ବାଜିଛି ।

## ଏସୀୟ ଅଭିଜ୍ଞତା ନେଇ ଫେରିଲେ ଆର୍ଯ୍ୟନ, ରଞ୍ଜିତ



ଭୁବନେଶ୍ୱର,୧୭।୫ (ସବ୍ୟୁ): ଓଡ଼ିଶା ହ୍ୟାଣ୍ଡବଲ ଖେଳ ପ୍ରଚାର ପ୍ରସାରର ବହୁ ପଛରେ ପଡିଥିଲେ ମଧ୍ୟ ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଅନ୍ତର୍ଜାତୀୟସ୍ତରରେ ପହଞ୍ଚିଥିବା ଆର୍ଯ୍ୟନ ବ୍ରାହ୍ମଣ ଓ ରଞ୍ଜିତ ମହାନ୍ତି ଏସୀୟ ଅଭିଜ୍ଞତା ନେଇ ଫେରିଛନ୍ତି । ଓମାନରେ ଅନୁଷ୍ଠିତ ଏସୀୟ ପୁରୁଷ ବିଚ ହ୍ୟାଣ୍ଡବଲରେ ଜାତୀୟ ଦଳରୁ ଦୁହେଁ ପ୍ରତିନିଧିତ୍ୱ କରିଥିଲେ । ଚଳିତ ମାସ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଓମାନ୍‌ର ମସ୍କଟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଆର୍ଯ୍ୟନ ୨୦୨୨ରେ ଯୁବ ବିଚ ହ୍ୟାଣ୍ଡବଲ (ଇରାନ) ଭାରତୀୟ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଅଂଶଗ୍ରହଣ କରିଥିଲେ । ଆର୍ଯ୍ୟନ ଓ ରଞ୍ଜିତଙ୍କୁ ବିମାନ ବନ୍ଦରରେ ଓଡ଼ିଶା ହ୍ୟାଣ୍ଡବଲର ଖେଳାଳି ଓ ପ୍ରଶଂସକମାନେ ପୁଷ୍ପଗୋଛ ଦେଇ ଶୁଭେଚ୍ଛା ଜଣାଇଥିଲେ ।

### ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

# ଭାଗ ନେବ ଓଡ଼ିଶା ମହିଳା ଦଳ



ଭୁବନେଶ୍ୱର,୧୭।୫ (ସବ୍ୟୁ): ଓଡ଼ିଶା ବିଚ ମହିଳା ଫୁଟବଲ ଦଳ ଆଗାମୀ ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଅଂଶଗ୍ରହଣ କରିବ । ଏହି ପ୍ରତିଯୋଗିତା ଡାମନଡ୍ୟୁରେ ୧୯ ତାରିଖରୁ ଆରମ୍ଭ ହେବାକୁଯାଉଛି । ତେଣୁ ଶନିବାର ଓଡ଼ିଶା ଦଳ ଓ ସପୋର୍ଟିଂ ଷ୍ଟାଫ୍ ଦାମନଡ୍ୟୁ ଗସ୍ତ କରିଛନ୍ତି । ଓଡ଼ିଶା ଦଳରେ ୧୨ ଜଣଙ୍କୁ ଚୟନ କରାଯାଇଛି । ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶାର ସମ୍ପାଦକ ଆଶୀର୍ବାଦ ବେହେରା ଓ ଫାଓର ସମସ୍ତ କର୍ମକର୍ତ୍ତା ଖେଳାଳି ଓ ଅଫିସିଆଲଙ୍କୁ ଶୁଭକାମନା ଜଣାଇଛନ୍ତି ।


**ଓଡ଼ିଶା ମହିଳା ଦଳ:** ସାକ୍ରୋ ହେମ୍ବ୍ରମ୍, ସସ୍ମିତା ପରିଡା, ଆକାଶୀ ନାୟକ, ଶିବାନୀ ମୁଣ୍ଡାରୀ, ସୁଲେଖା କଅଁର, ଅଙ୍କିତା ନାୟକ, ଯଶୋଦା ମୁଣ୍ଡା, ଜ୍ୟୋସ୍ନା ମୁଣ୍ଡାରୀ, ସତ୍ୟବତୀ ଖଡିଆ, ଲକ୍ଷ୍ମୀପ୍ରିୟା ଲେଙ୍କା, ସୁଭଦ୍ରା ସାହୁ, କୁନି ମୁଣ୍ଡା, ମୁଖ୍ୟ କୋଚ ଗୀତାଞ୍ଜଳୀ ଖୁଣ୍ଟିଆ, ମ୍ୟାନେଜର-ଗୋମତୀ ବାରା, ଫିଜିଓ ସୁଚିତ୍ରା ସ୍ୱାଇଁ ।

# ବୁମରାଙ୍କୁ ଅଧିନାୟକ କର ନାହିଁ: ରବି ଶାସ୍ତ୍ରୀ

ନୂଆଦିଲ୍ଲୀ,୧୭।୫ (ଏଜେନ୍ସି): ରୋହି ଶର୍ମା ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବା ପରେ ଏବେ ଭାରତୀୟ ଦଳର ଅଧିନାୟକ କିଏ ହେବ ସେ ନେଇ ଚର୍ଚ୍ଚା ଲାଗି ରହିଛି । ଜାତୀୟ ଦଳର ଅଧିନାୟକ ଦୌଡ଼ରେ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଓ ଯୁବ କ୍ରିକେଟ୍‌ର ଶୁଭମନ ଗିଲ୍ ରହିଛନ୍ତି । ଗିଲ୍ ଯୁବ କ୍ରିକେଟ୍‌ର ହୋଇଥିବାରୁ ତାଙ୍କୁ ଅଧିନାୟକ କରିବାକୁ ପ୍ରସ୍ତାବ ଆସୁଛି । ସେହିପରି ଆଉ କିଛି ଭେଟେରାନ୍ କ୍ରିକେଟ୍‌ର ଯଶପ୍ରୀତ ବୁମରାଙ୍କ ମତ ରଖିଛନ୍ତି । ଏସବୁ ଭିତରେ ସମସ୍ତଙ୍କୁ ଚକିତ କଲା ଭଳି ବୟାନ ଦେଇଛନ୍ତି ରବି ଶାସ୍ତ୍ରୀ । ଆଇସିସି ରିଭ୍ୟୁ କାର୍ଯ୍ୟକ୍ରମର ହୋଷ୍ଟ ସଞ୍ଜନା ଗଣେଶନଙ୍କ ସହ କଥା ହେବା ବେଳେ ଶାସ୍ତ୍ରୀ ଖୋଲା ଖୋଲି ଭାବେ କହିଛନ୍ତି ଯେ, ସେ ବୁମରାଙ୍କୁ ଅଧିନାୟକ ଭାବେ ଦେଖିବାକୁ ଚାହୁଁ ନାହାନ୍ତି । ଭବିଷ୍ୟତରେ ଦୃଷ୍ଟିରେ ରଖି ବିସିସିଆଇଙ୍କୁ ଅଧିନାୟକ ଚୟନ କରିବାକୁ ପଡିବ । ଏପରି ସ୍ଥିତିରେ ବୁମରାଙ୍କୁ ଅଧିନାୟକ ଚାପରେ ବାନ୍ଧିବାକୁ ସେ ବାରଣ କରିଛନ୍ତି ।

ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ପରେ ଯଶପ୍ରୀତ ହେଉଛନ୍ତି ଅଧିନାୟକ ପଦ ହାସଲ କରିବାର ହକ୍‌ଦାର । ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ମୁଁ ଚାହୁଁ ନାହିଁ ଯେ, ଯଶପ୍ରୀତଙ୍କୁ ଅଧିନାୟକ କରାଯାଉ । ତାଙ୍କୁ ଅଧିନାୟକ କଲେ ଆମେ ଜଣେ ବୋଲରଙ୍କୁ ହରାଇ ଦେବ ।

ନିକଟରେ ବୁମରା ବ୍ୟାକ୍ ଇଞ୍ଜୁରୀର ସମ୍ମୁଖୀନ ହୋଇଥିଲେ । ବର୍ଡର ଗାଭାସ୍କର ଟ୍ରଫି ବେଳେ ସେ ଆହତ ହୋଇଥିଲେ । ଏଥିପାଇଁ ତାଙ୍କୁ ଚାମ୍ପିଅନ୍ସ ଟ୍ରଫିରେ ଦେଖିବାକୁ ମିଳିନଥିଲା । ୩ ମାସ ଯାଏ ସେ କ୍ରିକେଟ୍‌ରୁ ଦୂରେଇ ରହିଥିଲେ । ଏବେ ବୁମରା ଗୁରୁତର ଆହତ ସମସ୍ୟାରୁ ଫେରିଛନ୍ତି । ସେ ଆଇପିଏଲ ଖେଳୁଛନ୍ତି । କାରଣ



ଏହା ୪ ଓଭର ବିଶିଷ୍ଟ ମ୍ୟାଚ ଏବେ ଆମେ ଟେଷ୍ଟ କ୍ରିକେଟ୍‌କୁ ଆସିବା । ଟେଷ୍ଟରେ ତାଙ୍କୁ ୧୦ରୁ ୨୦ ଓଭର ପର୍ଯ୍ୟନ୍ତ ବୋଲିଂ କରିବାକୁ ପଡିବ । ସେହିପରି ସେ ଅଧିନାୟକ ହେଲେ ଅତିରିକ୍ତ ଚାପରେ ରହିବେ । ଅତିରିକ୍ତ ଚାପ ଓ ଦାୟିତ୍ୱ ଲଦିବା ଅପେକ୍ଷା ଯୁବ ତାରକା ଶୁଭମନ ଗିଲ କିମ୍ବା ରିଷଭ ପନ୍ତଙ୍କୁ ଟେଷ୍ଟ ଅଧିନାୟକ ପଦ ଦିଆଗଲେ ଭଲ ହେବ ବୋଲି ଶାସ୍ତ୍ରୀ କହିଛନ୍ତି । ଏବେ ଠାରୁ ଜଣେ ଅଧିନାୟକଙ୍କୁ ଗଢ଼ିବାକୁ ହେବ । ମୋ ମତରେ ଗିଲ୍ ଅଧିନାୟକ ପାଇଁ ଚମତ୍କାର ପ୍ରାର୍ଥି ତାଙ୍କୁ ସୁଯୋଗ ଦିଆଯାଉ । ତାଙ୍କୁ ଏବେ ୨୫ ବର୍ଷ । ଆଗାମୀ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇପାରିବେ । ଦଳରେ ରିଷଭ ପନ୍ତ ବି ଅଛନ୍ତି । ତେଣୁ ମୁଁ ଭାବୁଛି ଏହି ଦୁଇ ଖେଳାଳି ଅଧିନାୟକ ପଦ ପାଇଁ ଉପଯୁକ୍ତ ପ୍ରାର୍ଥୀ । କାରଣ ସେମାନଙ୍କ ବୟସ ଖୁବ୍ କମ୍ । ସେହିପରି ସେମାନେ ଗୋଟିଏ ଦସନ୍ଧିରୁ ଅଧିନାୟକ ସମୟ ଖେଳିପାରିବେ । ଏଦୃଷ୍ଟିରୁ ସେମାନଙ୍କୁ ସୁଯୋଗ ଦିଆଯାଉ ।


**ସୂଚନା**

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି